# ତୃତୀୟ ନୟନ



ମହାପାତ୍ର
ପ୍ରଦୀପ କୁମାର

ଓଡ଼ିଆ ଭାଷାରେ ସର୍ବ ପ୍ରଥମ •

**ରାଜଶ୍ରୀ ପକେଟ ବୁକ୍ସ**

୭/୧୫୩

ସ୍ୱୟଂପୂର୍ଣ୍ଣ ରହସ୍ୟ ଉପନ୍ୟାସ

# ତୃତୀୟ ନୟନ

ମହାପାତ୍ର ଯତୀନ୍ଦ୍ରକୁମାର

ପ୍ରକାଶକ :
ପ୍ରାଣକୃଷ୍ଣ ଦାସ
ରାଜଶ୍ରୀ ପ୍ରକାଶନୀ
୫ଏ, ନୂରମହମ୍ମଦ ଲେନ୍
କଲିକତା-୯ ।

ମୁଦ୍ରଣ :
କଳିଙ୍ଗ ମୁଦ୍ରଣୀ
୫ଏ, ନୂରମହମ୍ମଦ ଲେନ୍
କଲିକତା-୯ ।

ପ୍ରଚ୍ଛଦ ଶିଳ୍ପୀ :
ମନ୍ମଥ ସେନ୍ ।

ପ୍ରଥମ ପ୍ରକାଶ :
ଅଗଷ୍ଟ - ୧୯୬୭ ।

ମୂଲ୍ୟ :
ଦୁଇଟଙ୍କା ।

# ଉତ୍ସର୍ଗ ପତ୍ର

0/143

ଶୁଭକାଂକ୍ଷୀ

ପ୍ରତିମା ଦିଦିଙ୍କ

ହାତରେ....

ଷ୍ଟିଲ ଟାଉନ୍‌ସିପ୍
ରାଉରକେଲା } ସନ୍ତାଷ

TRUTIYA NAYANA

A MYSTERY NOVEL

BY

*Mohapatra Jatindra Kumar*

**Price - Rs 2-00**

ନଂ ୦/୧୪୩

# ମୁଖ-ଶାଳା

ଆମାର ପ୍ରିୟ ପାଠକ-ପାଠିକା ମାନଙ୍କୁ ଏଇ ଗ୍ରନ୍ଥଟି ଦେବାବେଳେ ଭାବୁଛି, କିଏ କେଉଁ ଭାବରେ ଏହାକୁ ଗ୍ରହଣ କରିବେ । ମୋ ନିଜ ଜୀବନର ଅମୀମାଂସିତ ଜିଜ୍ଞାସା ଏଥିରେ ପ୍ରତିଫଳିତ ହୋଇଥିଲେ ବି, ମୁଁ ଜାଣେ ଏହି ଜିଜ୍ଞାସା ଏକାନ୍ତ ଭାବେ ମୋର ବ୍ୟକ୍ତିଗତ ନୁହେଁ । କେବଳ ମୁଁ ନୁହେଁ --ଅ-ନେ-କେ ଇମିତି ଭାବୁଥିବେ, ଅନେକଙ୍କ ମନରେ ଏଇଭଳି ପ୍ରଶ୍ନ ଉଠୁଥିବ ।

ଯୋଉ ସମସ୍ୟା ଦେଖା ଦେଇଛି ନନ୍ ସାବୀନାର ଜୀବନରେ, ଫାଦର ଲିଓନାର୍ଡ ମନରେ, ତାହାର ପ୍ରକୃତ ଉତ୍ତର ଭେଲେଣ୍ଟାଇନ୍‌ର ଚପଳତା ଭିତରୁ କେହି ହୁଏତ ଖୋଜି ବାହାର କରିବାକୁ ଚେଷ୍ଟା କରି ପାରନ୍ତି ।

ଈଶ୍ୱରଙ୍କଠାରେ ସମ୍ପୂର୍ଣ୍ଣ ଆତ୍ମ-ସମର୍ପଣର ପ୍ରକୃତ ଅର୍ଥ କ'ଣ, ତା' ନେଇ ମତଭେଦ ରହିବା ସ୍ୱାଭାବିକ । ମାନସିକ ଶାନ୍ତି ଖୋଜିବା ପାଇଁ ସନ୍ନ୍ୟାସ-ବରଣ କରିନେବା ପଳାୟନବାଦ କି ନୁହେଁ ତାହା ମଧ୍ୟ ତର୍କସାପେକ୍ଷ । କାମନାର ବିନାଶରେ ଦୁଃଖର ବିନାଶ— ଏଇ ବାଣୀ ମଣିଷକୁ ପ୍ରଗତି ପଥରେ ଆଗେଇ ନେବାର ଉପଯୋଗୀ କି ନାଁ, ତାହା ନେଇ ତ ଯୁକ୍ତିର ଶେଷ ନାହିଁ ।

—ଡଃ ନୟନ

ଦେହ-ବାଦକୁ କେହି ଯେପରି ଏହି ଉପନ୍ୟାସର ଆତ୍ମା ବୋଲି ନ ଭାବନ୍ତି । ନାରକୀୟ ହତ୍ୟା-କାଣ୍ଡ ଓ ପାପାଚାରର ବିଭତ୍ସ ବର୍ଣ୍ଣନା ଯଦିଓ ଏଥିରେ ରହିଛି, ସେଥିପାଇଁ କିନ୍ତୁ ଲେଖକଙ୍କୁ ରୁଚିହୀନତାର ଅଭିଯୋଗରେ ଅଭିଯୁକ୍ତ କରିବା ପୂର୍ବରୁ ବିଜ୍ଞ ସମାଲୋଚକମାନଙ୍କୁ ଅନୁରୋଧ, ସେମାନେ ନିଶ୍ଚୟ ମନେ ପକାଇବାକୁ ଚେଷ୍ଟା କରିବେ ଯେ ସାହିତ୍ୟରେ ହାସ୍ୟ, କାରୁଣ୍ୟ, ବୀର ଓ ଶୃଙ୍ଗାର ପ୍ରଭୃତି ଯେତେ ଗୁଡ଼ିଏ ସ୍ୱୀକୃତ 'ରସ' ରହି ଆସିଛି...ତା' ଭିତରେ 'ବିଭତ୍ସ' ମଧ୍ୟ ଅନ୍ୟତମ ରୂପେ ଗଣ୍ୟ ।

ଆତଙ୍କ ଓ ରୋମାଞ୍ଚ ( terror and suspense ) ମଣିଷର ସ୍ନାୟୁକୁ ଅଯଥା ଉତ୍ତେଜିତ କରାଇଥାଏ, ତେଣୁ ତାହା ଅସ୍ୱାସ୍ଥ୍ୟକର ବୋଲି ଯୋଉମାନେ କହନ୍ତି, ସେମାନେ ଜାଣିଥିବେ ବୀର, କାରୁଣ୍ୟ ଓ ଅନ୍ୟାନ୍ୟ ପ୍ରଭୃତି ରସ ମଧ୍ୟ ତାହାହିଁ କରିଥାଏ । ଔଚିତ୍ୟର ବିକାଶ ସାହିତ୍ୟରେ ନ ହେଲେ ସାହିତ୍ୟ-ଅସାର୍ଥକ ଏହି ମତବାଦକୁ ମୁଁ ସମ୍ପୂର୍ଣ୍ଣ ଅସ୍ୱୀକାର କରେ । ଯାହା ହେବା 'ଉଚିତ୍' ନୁହେଁ, ଯାହା ହେବା 'ସ୍ୱାଭାବିକ', ତାହାହିଁ ପରିବେଷଣ କରିବା ମୋର ଉଦ୍ଦେଶ୍ୟ । 'ଆଦର୍ଶ-ବାଦ' ନୁହେଁ 'ମନୁଷ୍ୟ-ବାଦ' ...ସମସ୍ତ ଦୋଷ ଦୁର୍ବଳତା ଓ ଭଲ ମନ୍ଦର ସମ୍ମିଶ୍ରଣରେ ଗଠିତ ମନୁଷ୍ୟଙ୍କ ମନୁଷ୍ୟ ପରି ଦେଖାଇବାହିଁ ମୋର ଉଦ୍ଦେଶ୍ୟ । ଦସ୍ୟୁ ରତ୍ନାକର ମହର୍ଷି ବାଲ୍ମୀକୀରେ ପରିଣତ ହେବା ଯେପରି ସମ୍ଭବ, ମହର୍ଷି ବାଲ୍ମୀକି ମଧ୍ୟ ସେହିପରି ଦସ୍ୟୁ ରତ୍ନାକରରେ ପରିଣତ ହେବା ଅସମ୍ଭବ ନୁହେ ପାପର ଫଳ ଭୋଗ କରିବାକୁହିଁ ପଡ଼େ । ଅହଂକାର ମହାପାପ ଏବଂ କୌଣସି କିଛିକୁ ନେଇ ଅହଂକାର କରିବାକୁ ଗଲେ ପତନ ହେ ଅନିବାର୍ଯ୍ୟ—ଏହା ପ୍ରମାଣିତ ସତ୍ୟ । ଯୋଉମାନେ ଈଶ୍ୱର-ବିଶ୍ୱାସ ସେମାନେ ଏହା ସ୍ୱୀକାର କରିବେ—ଯୋଉମାନେ ଇତିହାସର ଛାତ୍ର

ମାନେ ବି । ରାମାୟଣ ଯୁଗରୁ ଆଜିଯାଏ ଏହାରି ପ୍ରମାଣ ଅଛି—ରାଜନୀତି, ସାହିତ୍ୟ, ସାମାଜିକ ଜୀବନ, ବ୍ୟକ୍ତିଗତ ଓ ଷ୍ଟିଗତ ତଥା ଆନ୍ତର୍ଜାତିକ···ବିଭିନ୍ନ କ୍ଷେତ୍ରରେ ଆମେ ତ ଖୁଛୁ, ଯେପରି ଦେଖି ଆସିଛୁ ଅସାଧୁତାର ନୈତିକ ପରାଜୟ ।···

ାର ହୃଦ୍‌ବୋଧ ହୋଇଛି ଯେ ନିଜର ଭଲ-ପଣିଆକୁ ନେଇ ଂକାର କରିବା ଦୋଷାବହ ଯେପରି ଦୋଷାବହ କ୍ଷମତା, ଶକ୍ତି, ଓ ପ୍ରଭୁତ୍ୱ ପ୍ରଭୃତିକୁ ନେଇ ଅହଂକାର କରିବା ।

ନଶୀଳ ସାହିତ୍ୟ କେବଳ ଧନର ସମବଣ୍ଟନ ଓ ମେହନତି ିଏ କଥା କହିବ ଏଥିରେ ମୋର ବିଶ୍ୱାସ ନାହିଁ । ସମାଜବାଦ ଓ ରବାଦ ଯେ ପରସ୍ପରର ବିରୋଧି ଏହା ମୁଁ ଅବିଶ୍ୱାସ କରେ । ଯାହା ଉପଲବ୍ଧି କରୁଛି ତାହା ମୁଁ ବିନୟର ସହିତ ନିଷ୍ଠୟ ାଣ କରିବି । ସମାଜବାଦର ଭୁଲ ଅର୍ଥ କରି କେହି ଯଦି ଏହାକୁ ରବାଦ ବିରୁଦ୍ଧରେ ପରିଚାଳିତ କରେ ତାହାର ବିରୋଧ ମୁଁ ଏଚ୍ ନିଷ୍ଠୟ କରିବି—ଇଶ୍ୱରବାଦକୁ ସେହିପରି କେହି ଯଦି ାଜବାଦ ବିପକ୍ଷରେ ଏକ ଆୟୁଧ ରୂପେ ବ୍ୟବହାର କରିବାକୁ ହେଁ, ମୁଁ ତାହାର ମଧ୍ୟ ତୀବ୍ର ପ୍ରତିବାଦ କରିବି ।

ାର ଏହି ଲେଖାଟି ଅତି ଧୀର-ମନ୍ଥର ଗତିରେ ଚାଲିଥିଲା । ବନ୍ଧୁ ଶ୍ରୀଯୁକ୍ତ ମହେଶ୍ୱର ପଣ୍ଡାଙ୍କ ବାରମ୍ବାର ଅନୁରୋଧ ଏହାକୁ ାନ୍ୱିତ କରି ନ ଥିଲେ ଏତେ ଶୀଘ୍ର ଏହା ଶେଷ ହୋଇ ପାରି ାନ୍ତା । ତେଣୁ ତାଙ୍କପ୍ରତି ମୋର ଅଶେଷ ଧନ୍ୟବାଦ ।

ଶେଷରେ ମୋର ଏକାନ୍ତ ଶ୍ରଦ୍ଧେୟା କୁମାରୀ ସୌଦାମିନୀ ଲଲ, ଡ. ଏ
(ରଣପୁରଗଡ଼), ଏହି ବହିର ଅଧିକାଂଶ ଅଂଶ ଲେଖିବାରେ ମୋ
ଯୋଉ ଭଳି ଭାବେ ସାହାଯ୍ୟ-ସହଯୋଗ ଦେଇଛୁ, ସେଥିପାଇଁ ତା
ଧନ୍ୟବାଦ ଜଣାଇବାର ଆବଶ୍ୟକତା ଯେ ମୁଁ ଅନୁଭବ କରୁନାହିଁ—
ଏତକ ସ୍ୱୀକାର କରିବା ତା'ପ୍ରତି ମୋର ଏକାନ୍ତ କର୍ତ୍ତବ୍ୟ ବୋ
ମନେକରେ ।

ବିନୀତ

ଲେଖକ

0112/32/1

ବହୁ ଦିନ ତଳର କଥା । ସେତେବେଳେ ମୁଁ ଡାଲ୍‌ଟନ୍‌ଗଞ୍ଜରେ ଥାଏ ।

ନୂଆ ଚାକିରି । ଡେରାଡୁନ୍‌ରୁ ପାଶ୍‌ କରି ଆସିବା ପରେ ପୋଷ୍ଟିଂ ହୋଇ ଥିଲି ହଜାରିବାଗ୍‌ରେ । ପ୍ରୋବେ... ରିୟଡ୍‌ଟା ସେଇଠି କଟିବା ପରେ ଏଠିକି ଆସି ଡ଼ି. ଏଫ୍‌. ଓ. ଚାର୍... ର୍ଜ ନେଇଛି ।

ବଣ-ଜଙ୍ଗଲ ପ୍ରତି ଏକ ଅରୂପ ଭାବ ମନ ଭିତରେ ବଦ୍ଧମୂଳ ହୋଇଥିଲା ଖୁବ୍‌ ପିଲା ଦିନୁ ।

ଦାସ୍ତରେ ପଢ଼ି ଅନ୍ୟ କୌଣସି ଲାଇନ୍‌ରେ ସୁବିଧା ନ ମିଳିବାରୁ ଶେଷରେ ସେଇ ବିଦ୍ୟା ପଢ଼ିବାକୁ ହେଲା । ଚାକିରି କରିବାକୁ ହେଉଛି ଏଇ ବିଭାଗରେ । ଡିଭିଜନାଲ୍‌ ଫରେଷ୍ଟ ଅଫିସର ହେଲି ମୁଁ । ନ୍ମଭୂମି ବାଲେଶ୍ୱରର ସେଇ ସମତଳ ଭୂଇଁ, ନରମ ଭିଜା-ମାଟିର ମୁର୍କ ଗନ୍ଧ, ସୁବିସ୍ତୃତ ଧାନକ୍ଷେତ···ଯାହା ମୋର ଅତି ପ୍ରିୟ, ସେସବୁ ଠାରୁ ଅନେକ ଦୂରରେ, ସୁଦୂର ଦକ୍ଷିଣ ବିହାରର ଏକ ଟହେଳିତ ଅରଣ୍ୟାଞ୍ଚଳ ଭିତରେ ଏକାକୀ ଏଠି ପଡ଼ିଛି ।

ଡାଲ୍‌ଟନ୍‌ଗଞ୍ଜ ଛୋଟ ସହର । ଅଳ୍ପ କେତେ ଜଣ ଜିଲ୍ଲାସ୍ତରୀୟ ସରକାରୀ କର୍ମଚାରୀଙ୍କ ଭିତରେ ମୁଁ ଜଣେ । କଥାବାର୍ତ୍ତା ବା ସାମାଜିକ-ସୌଜନ୍ୟ ପାଇଁ ପ୍ରଥମେ ପ୍ରଥମେ ବିଶେଷ କାହାରିକି ପାଉ

ନଥିଲି । ସେମାନେ ହୁଏତ ମୋର ମନୋମତ ନ ଥିଲେ କିମ୍ବା ମୁଁ
ହୁଏତ ସେମାନଙ୍କ ପସନ୍ଦ ଅନୁଯାୟୀ ନଥିଲି । କିନ୍ତୁ ପରେ
ଯୋଉମାନଙ୍କ ସାଙ୍ଗରେ ମୋର ଖୁବ୍ ବନ୍ଧୁତା ହୋଇଗଲା, ସେଇ
ମାନଙ୍କ କଥା ବର୍ତ୍ତମାନ ଆରମ୍ଭ କରେଁ ।

ସିଂହଭୂମିର ପୋଡାହାଟ ରାଜବଂଶୀୟ ବୀରେଶ୍ୱର ସ୍ରେଷ୍ଟରାମ
ଯାହାଙ୍କ ସାଙ୍ଗରେ ସବୁବେଳେ ମୋର ଅଫିସିଆଲ୍ କାରବାର, ସେ
ଜଣେ ଫରେଷ୍ଟ କଣ୍ଟ୍ରାକ୍ଟର । ବୟସ ପ୍ରାୟ ପଚାଶ ପାଖାପାଖି ; ଯଦିଓ
ଦେଖିଲେ ଏତେଟା ମନେ ହୁଏନା । ପରିବାର ନେଇ ରହନ୍ତି
ମୋ ଅଫିସ୍ ପାଖକୁ ଲାଗି ତାଙ୍କ ଘର ।

ଡକ୍ଟର ଖାଁ, ବୟସ ପଚାଶ ଟପିଲାଣି । ବାଳ ଗୋଟି
ହେଲେ ପାଚି ନାହିଁ । ସବୁବେଳେ ଫର୍ତ୍ତି ମିଜାସ୍‌ରେ ଆଆନ୍ତି
ଖୁଆସ କରନ୍ତିନ । ପ୍ରାଇଭେଟ୍ ପ୍ରାକ୍‌ଟିସ୍‌ର ସୁବିଧା ପାଇଁ ମଟର
ସାଇକେଲ୍ ଟିଏ ଅଛି । ଖୁବ୍ ଲୋକପ୍ରିୟ । ମୁହଁରେ ସବୁବେଳେ
ହସ ଲାଗି ରହିଥାଏ । ଯାଙ୍କୁ ଦେଖିଲେଇ ଅଧାଅଧି ରୋଗ
କମିଯାଏ ରୋଗୀମାନଙ୍କର ।

ଏ ଦୁହିଁଙ୍କ ଛଡ଼ା ଅନ୍ୟ ଜଣକ ତତ୍‌କାଳୀନ ବଙ୍ଗଳାର ଜଣେ
ଉଦୀୟମାନ ତରୁଣ ଲେଖକ, ଯାହାଙ୍କ ନାମ ଏଠାରେ
ପ୍ରକାଶ କରୁନ, କାରଣ ସେ ଏହା ଭିତରେ ଖୁବ୍ ବିଖ୍ୟାତ ହୋଇ
ଉଠିଲେଣି । ଭଦ୍ରଲୋକ ସ୍ଥାନୀୟ ସ୍କୁଲରେ ଶିକ୍ଷକତା କରୁଥିଲେ
ଆଉ କବିତା ବି ଲେଖୁଥିଲେ । ଆମ ଚାରି ଜଣଙ୍କ ଭିତରେ ଧୋ
ପଞ୍ଜାବୀ କେବଳ ସେଇ ଏକା ପିନ୍ଧୁଥିଲେ ।

ଆମମାନଙ୍କ ଭିତରେ ମୁଁ ଆଉ ସେଇ କବି ଜଣକ ଅବିବାହିତ
ଥିଲୁ । ଡାକ୍ତର ବାବୁ ବିପତ୍ନୀକ । ପିଲାମାନେ ତାଙ୍କ
ହଜାରିବାଗ୍‌ରେ ରହି ପଢୁଛନ୍ତି । ଆଉ ବୀରେଶ୍ୱର ସ୍ରେଷ୍ଟରାମ
ତାଙ୍କର ସ୍ଥୂଳାଙ୍ଗିନୀ ସହଧର୍ମିଣୀ···ବୁଲେଟି ଝିଅ··ଉଜୋଟି ପୁଅ·

ଗୋଟାଏ ଘୋଡ଼ା···ଦୁଇଟି କୁକୁର···ଦୁଇଟି ମୟୂର ଏବଂ ଗୋଟିଏ ମାଈ ହରିଣକୁ ନେଇ ଘୋର ସଂସାରୀ ବ୍ୟକ୍ତି ହେଲେ ମଧ୍ୟ ଜଣେ ନିପୁଣ ଶିକାରୀ ।

ଅଧିକାଂଶ ଅବସର ସମୟ ଆମର ଡାକ୍ତର ବାବୁଙ୍କ ଘରେ ତାସ୍ ଖେଳି କଟୁଥିଲା । କେବେ କେବେ ମୋ ବାଂଲୋରେ ବି । ଟ୍ରିଂ ଗୁଳିଗୋଳା, ଜୀପ୍ ମିଳିଥାଏ ମୋତେ । ସେଇ ଜୀପ୍ ଅବଶ୍ୟ ଶିକାର ପାଇଁ ମଧ୍ୟ ବ୍ୟବହାର କରୁଥିଲୁ ଆମେ । କବି ଭଦ୍ରଲୋକ କେବଳ ଅରଣ୍ୟର ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଯାଉଥିଲେ ଆମ ସାଙ୍ଗରେ । ଜ୍ୟୋତ୍ସ୍ନା ରାତିରେ ବଣ, ପାହାଡ଼ ଆଉ ଝରଣା କେଡ଼େ ଅପୂର୍ବ ଶୋଭା ଧାରଣ କରେ, ସେକଥା କେବଳ ତାଙ୍କର ସାଙ୍ଗରେ ଯିବା ଫଳରେଇ ବୋଧହୁଏ ଆମର ଶିକାରୀ ମନ ଅନୁଭବ କରି ପାରିଲା । ନିଜେ କେବେହେଲେ ବନ୍ଧୁକ ସ୍ପର୍ଶ କରୁ ନଥିବା ସେଇ ଅହିଂସ କବି ଯେ କିନ୍ତୁ ବେଶ୍ ମାଂସାଶୀ, ତାହାର ପ୍ରମାଣ ମିଳୁଥିଲା ରନ୍ଧନ ପଟୁ ଡାକ୍ତରବାବୁଙ୍କ ବଂଗଳାରେ ଆମର ଭୋଜନ ପର୍ବ ବେଳେ ।

ବୀରେଶ୍ୱରଙ୍କ ଘରକୁ ପ୍ରଚୁର ପରିମାଣ ମାଂସ ପଠାଇ ଦିଆ ଯାଉଥିଲା । ପାଖ ପଡ଼ିଶାର ଅନ୍ୟ କେତେକଙ୍କ ଘରକୁ ବି । ଆମର ଭୋଜିଟା କିନ୍ତୁ ଡାକ୍ତର ବାବୁଙ୍କ ଘରେ । ତା'ର କାରଣ, ସେ ନିଜେ ରାନ୍ଧି ଖୁଆଇଲେ ଯାଇ ତୃପ୍ତି ପାଉଥିଲେ । ତାଙ୍କ ରାନ୍ଧୁଣିଆ କଟାକଟି ସବୁକିଛି କରିଦିଏ । ଅନ୍ୟ ସବୁ ବି ସେଇ ରାନ୍ଧେ । କିନ୍ତୁ ମାଂସଟା ଡାକ୍ତର ହାଁ ସ୍ୱୟଂ । ଉଷ୍ଟର୍ଓ୍ୱାର୍ ଖୋଲି ଦେଇ, ଗୋରା ତକ୍ ତକ୍ ଖାଲି ଟ୍ରାଉଜର୍ ଦେହରେ ଚୁଲି ପାଖରେ କଉଚୁଲି ଧରି ଓଠରେ ସିଗାରେଟ୍ ଗୁଞ୍ଜି ସେ ଯେତେବେଳେ ବସି ଯାଆନ୍ତି···ଆଉ ତା'ପରେ ପରେ ସେଠାରୁ ବିଚିତ୍ର ଶବ୍ଦ ସହିତ ତାଳ ଦେଇ ଯୋଉ ବିଭିନ୍ନ ପ୍ରକାର ସୁଗନ୍ଧ ସବୁ ସୃଷ୍ଟି ହୁଏ···ଏବଂ ଧୈର୍ଯ୍ୟ ଧରି ବେଶ୍ କିଛି

ସମସ୍ତ ଅପେକ୍ଷା କରିବା ପରେ ନାସା କର୍ତ୍ତୃକ ବିବାଦ ଭାଙ୍ଗିବା ପାଇଁ ଜିହ୍ୱା ଯାହା ସ୍ପର୍ଶ କରେ···ସେଇ ଉପାଦାନଟିର ସମକକ୍ଷ କୌଣସି ଉପାଦେୟ ବସ୍ତୁ ଗ୍ରାଣ୍ଡ୍ ହୋଟେଲ୍‌ର ରାଜକୀୟ ବଙ୍କ୍ୱେଟ୍‌ରେ ବି ପରିବେଷିତ ହେଉଥିବ କି ନାହିଁ !

ନୂଆ ନୂଆ ଦେଶକୁ ଶିକାର କରି ଯିବାର ଝୁଙ୍କ ଥିଲା ବୀରେଶ୍ୱର ଗ୍ରେଟସିଂହଙ୍କର । ତେଣୁ, କେବେ କେବେ ଆମକୁ ଖାଲି ହାତରେ ବି ଫେରିବାକୁ ହେଉଥିଲା । ସବୁଠାରେ ଶିକାର ମିଳେନି, ସବୁ ଜଙ୍ଗଲରେ ମିଳେନି । ପ୍ରତ୍ୟେକ ଥର ନୂଆ ଶିକାର ସ୍ଥଳୀ ଆବିଷ୍କାର କରିବାକୁ ଚେଷ୍ଟା କରୁଥିଲେ ସେ । ବୀରେଶ୍ୱରଙ୍କର ଏହି ବିଚିତ୍ର ଖିଆଲ୍‌ରେ ଆମେମାନେ ମନେ ମନେ ଟିକିଏ ବିରକ୍ତ ଯେ ହେଉ ନ ଥିଲୁ ତା' ନୁହେଁ କିନ୍ତୁ ସେ ଏକଜିଦିଆ ଲୋକ ଥିବାରୁ କିଛି କହି ହେଉ ନଥିଲା ।

କେବଳ ମୋ ଏରିଆ ନୁହେଁ, ଆହୁରି ଦୂର ଦୂରାନ୍ତକୁ ବି ଆମେ ଗାଡ଼ି ନେଇ ଚାଲି ଯାଉଥିଲୁ । ରାତାରାତି ଫେରି ଆସୁଥିଲୁ ମଧ୍ୟ । ଅବଶ୍ୟ ଭାରତର ଅଲିଖିତ ନିୟମ ଅନୁଯାୟୀ ଯେକୌଣସି ଡି.ଏଫ୍.ଓ. ପାଇଁ କୌଣସି ଏରିଆ ନିଷିଦ୍ଧ ଅଞ୍ଚଳ ନଥିଲା । ଗୋଟିଏ ଗୋଟିଏ ରାତିରେ ଅଶୀ ମାଇଲ୍ ପର୍ଯ୍ୟନ୍ତ ବି ଆମେ ବୁଲିଛୁ । ଅନେକ ଝରଣା, ଅଣ୍ଡ ଭୁଇ ପାହାଡ଼ିଆ ଘାଟି ରାସ୍ତା, ଅସଂଖ୍ୟ ଚେକ୍ ଗେଟ୍, ଛୋଟ ବଡ଼ ବିପଦ ଆପଦ ଏଇ ସବୁର ସମଷ୍ଟି ହେଲା ଶିକାରର ବୈଚିତ୍ର୍ୟ !

ମୋ ଏରିଆରେ ହାତୀ ନାହିଁ କି ବାଘ ନାହିଁ ; ଖାଲି କେବଳ ଏକମାତ୍ର ହିଂସ୍ରଜନ୍ତୁ ଯାହା କେବେ କ୍ୱଚିତ୍ ଦେଖା ପଡ଼ନ୍ତି । ବନ୍ଧୁକରେ ଆମେ ଖାଲି ଶିକାର କରିନୁ । ଥରେ ଗୋଟାଏ ମାରିଥିଲୁ, ତା' ବି···ନିତାନ୍ତ ଅନିଚ୍ଛା ସତ୍ତ୍ୱେ । ଆମ ଦ୍ରୁତଗାମୀ ଗାଡ଼ିର ତଳ ତଳେ ପଶିଗଲା ବିଚରା ରାସ୍ତା ଅତିକ୍ରମ କରି ଯାଉଥିବା ବେଳେ···

ଅସାବଧାନତା ବଶତଃ । ବରନ୍ତୁ ସେ ଏଠି ନାହାନ୍ତି । ଖାଲି ଦୁଇଶ
ଏମ୍ବର ଆଉ ବୁଟ୍ଟସ ।

ଷ୍ଟେଟ୍‌ସମ୍ୟାନ୍ ଖଣ୍ଡିକ ଧରି ଷୀରେଣ୍ଟର ଶ୍ରେଷ୍ଠସ୍ତୁ ଆସି ହୁଅନ୍ତେ । ହସି ହସି କହୁଲେ, ଦେଖ ଡ଼.ଏଫ୍.ଓ ସାହେବ୍ ! ମଜାର ଦ୍ୱନ୍ଦମାର୍ !! ବାଘ ଉପରେ ଗତ ଦଶଦିନ ଧରି ଆଲୋଚନା ଚାଲିଥିଲା ଏଇ କାଗଜରେ 'ସମ୍ପାଦକଙ୍କୁ ପତ୍ର' ସ୍ତମ୍ଭରେ । ଜଣେ ଲେଖେ ଶିକାର ଚଠି ଲେଖିଥିଲେ, ତମେ ଲକ୍ଷ୍ୟ କରିଥିବ ।—'ପୋଲ ଫୁଟ୍‌ରୁ ବେଶୀ ଲମ୍ବର ବାଘ ନାହିଁ...' ବୋଲି କେହି ଲେଖିଥିଲେ ଅନ୍ୟ ଜଣେ ପ୍ରତିବାଦ କରିଛି... 'ନାଁ ନାଁ । ଅଠର ଫୁଟ୍ ଲମ୍ବ ବାଘ ମୁଁ ନିଜେ ଗତବର୍ଷ ଶିକାର କରିଥିଲି !' ଅନ୍ୟ କେହି ମନ୍ତବ୍ୟ ଦେଇଛି ତା' ଉପରେ, 'ଲାଞ୍ଜକୁ ମିଶାଇ ଅଠର ଫୁଟ୍ ହୋଇ ପାରେ ; ବାଦ୍ ଦେଲେ ହେବନି ।'

ହଁ ତ ।...ପଢ଼ିଥିଲି, ଆଜି ପୁଣି କଣ ? ଉତ୍ସୁକ ହୋଇ କାଗଜଟା ଟାଣି ନେଲି ମୁଁ ।

ଏଇ...ଏଇଠି ଦେଖ, ଆଜି ପୁଣି ଆଉ ଖଣ୍ଡେ ଚଠି ।

ପଢ଼ି ଦେଖିଲି । ଲେଖା ହୋଇଛି...ସମ୍ପାଦକ ମହାଶୟ, ମୋ ଦୀର୍ଘ କୋଡ଼ିଏ ବର୍ଷର ଶିକାରୀ ଜୀବନରେ ମୁଁ ଛଅ ଫୁଟରୁ ବେଶୀ ଲମ୍ବର ମଣିଷ ଦେଖିନି । ମଥାର ଟୋପି ଓ ଜୋତାର ହିଲ୍ ମିଶାଇ ମାତ୍ର ଛଅ ଫୁଟର ଜଣେମାତ୍ର ମଣିଷ ଏପର୍ଯ୍ୟନ୍ତ ମୁଁ ଦେଖିଛି । ଏଇ ନିକଟକାଳର ଘଟଣା । କିନ୍ତୁ ସେ ମୋ ଲଙ୍ଗ୍-ଜମ୍ପ୍ ର ଦୂରତ୍ୱ ଭିତରେ ନ ଥିବାରୁ ତାକୁ ଶିକାର କରି ପାରିଲିନି । ମୋର ଧାରଣା, ଟୋପି ଓ ଜୋତା ବାଦ୍ ଦେଲେ ସେଇ ମଣିଷଟି ମଧ୍ୟ ଛଅ ଫୁଟ୍‌ର ବେଶୀ ହୋଇ ନ ଥାନ୍ତା ।

ଆପଣଙ୍କର

ବଶଂବଦ 'ମହାବଳ ବାଘ'

ହୋ ହୋ ହୋଇ ହସି ଉଠିଲି ମୁଁ । ବାସ୍ତବିକ୍ ଚମତ୍କାର ହ୍ୟୁମର୍ !!

ଡାକ୍ତର ବାବୁଙ୍କ ମଟର ସାଇକେଲ୍ ଶୁଭିଲା ଗେଟ୍ ପାଖରେ । ଇଂଜିନ୍ ବନ୍ଦ କରି ଠେଲି ଠେଲି ଭିତରକୁ ଆଣି ରଖିଦେଲେ ଗାଡ଼ିଟାକୁ । କ'ଣ ଖବର ?

ଆସନ୍ତୁ ଆସନ୍ତୁ ଡାକ୍ତର ବାବୁ ! ପଢ଼ନ୍ତୁ, ମଜା ଜିନିଷ !

ଷ୍ଟେଟ୍ସମ୍ୟାନ୍‌ଟା ବଢ଼େଇ ଦେଲି ତାଙ୍କ ହାତକୁ ।

ପୁଣ୍ଡାଶି ଆଣି ମାଂସ ଚପ୍ ଆଉ କଫି ଥୋଇ ଦେଇଛି ଟେବୁଲ୍ ଉପରେ । ଆମେ ତିନିହେଁ ତା'ର ସଦ୍‌ବ୍ୟବହାର କରିବାକୁ ଯାଉଛୁ, ଜିତ ବାବୁ ଆସି ପହଞ୍ଚିଗଲେ । ତାଙ୍କ ପାଇଁ ଆଉ ଗୋଟିଏ ପ୍ଲେଟ୍ ଆସିଲା, କଫି କପେ ବି । ଖୁବ୍ ହସ ଚାଲିଲା, ସେଇ 'ସମ୍ପାଦକଙ୍କୁ ପତ୍ର'ଟି ନେଇ ।

ଆଲୋଚନାର ଗତି ଶେଷରେ ଘୁରିଲା ଅନ୍ୟ ଆଡ଼କୁ । ବୀରେଶ୍ୱର ପ୍ରସ୍ତାବ କଲେ, ବାଘ ଶିକାରରେ ଯିବାପାଇଁ । ପ୍ରକୃତରେ କିନ୍ତୁ ବାଘ ଶିକାରର ପ୍ରତ୍ୟକ୍ଷ ଅଭିଜ୍ଞତା କାହାରି ନାହିଁ । ବୀରେଶ୍ୱର ବାଘ ଶିକାରର ଗପ ଶୁଣିଛନ୍ତି, ଡାକ୍ତର ବାବୁ ଶିକାରୀଙ୍କ ସମ୍ପର୍କରେ ଆସିଛନ୍ତି । ଜିତ ବାବୁ ବାଘ ସମ୍ବନ୍ଧରେ କମ୍ବା ତାହାକୁ ଶିକାର କରିବାର କୌଶଳ ବିଷୟରେ କିଛି ହେଲେ ଜାଣନ୍ତି ନାହିଁ । ଆଉ ଶେଷରେ ମୁଁ ; ମୁଁ କେବଳ ଜିମ୍ କାର୍‌ବେଟ୍‌ଙ୍କ 'ମ୍ୟାନ୍ ଇଟରସ ଅଫ୍ କୁମାୟୁନ୍' ବହିଟି ପଢିଛି ।

ଶେଷରେ ଦେଖାଗଲା, ଆମମାନଙ୍କର ବାଘ ସମ୍ବନ୍ଧରେ ଅଭିଜ୍ଞତା କେବଳ ଚିଡ଼ିଆଖାନା ଓ ସର୍କସ ଉପରେଇ ପର୍ଯ୍ୟବସିତ ।

ତଥାପି ବୀରେଶ୍ୱରଙ୍କ ଜିଦ୍, ବାଘ ଶିକାରରେ ଯିବାକୁ ହେବ ଆମେ ତିନିହେଁ ବି ତାଙ୍କ ସାଙ୍ଗରେ ମାତି ଗଲୁ । ଠିକ୍ ହୋଇଗଲା, ଆସନ୍ତା ଶନିବାର ସନ୍ଧ୍ୟାରେ ଆମେ ବାହାରିବୁ ।

ଭଲ ଗାଡ଼ି, ଭଲ ସ୍ପଟ୍ ଲାଇଟ୍ ଆଉ ଭଲ ବନ୍ଧୁକ ଆମର ଅଛି । ଯାହା ଦରକାର ଥିଲା, ତାହା କେବଳ ଅନ୍ୟ ଜଣେ ନିପୁଣ ଶିକାରୀ ଶିକାରୀର ସାହାଯ୍ୟ ।

କିନ୍ତୁ ସେହି ସାହାଯ୍ୟ ଶେଷ ପର୍ଯ୍ୟନ୍ତ ପାଇ ପାରିଲୁନି ଆମେ । ପାଖ ଆଖରେ ସେପରି କେହି ନ ଥିଲେ । ମାତ୍ର ଡାକ୍ତର ବାବୁ ଆଉ ବୀରେଶ୍ୱରଙ୍କ ଅତ୍ୟଧିକ ଆଗ୍ରହ ଆମ ଦୁହିଁଙ୍କ ପକ୍ଷରେ ଏଡ଼ାଇ ଦେବା ଦୁଃସାଧ୍ୟ । ବାହାରିଲୁ ଶେଷରେ । ମୋ ମନରେ କୌତୁହଳ ପରିବର୍ତ୍ତେ କୌତୁକହିଁ ବରଂ ବେଶୀ ପରିମାଣରେ ଥିଲା, କିପରି ଏମାନେ ବାଘ ଶିକାର କରିବେ ଦେଖାଯାଉ ।

ବରଫ୍ ମିଶା ଥଣ୍ଡା ପାଣି, ଫ୍ଲାସ୍କ ଭରି ଘନ ଦୁଗ୍ଧର କଫି, ସାଣ୍ଡୱିଚ ଆଉ ସିଝା ଅଣ୍ଡା ଯଥେଷ୍ଟ ପରିମାଣରେ ସିଗାରେଟ୍ ସହ ଆମେ ଚାରିଜଣ ସ୍ପଟ ଲାଇଟ୍ ଓ ଗୁଳି ବନ୍ଧୁକ ଧରି ଗାଡ଼ି ଛାଡ଼ିଲୁ ଯେତେବେଳେ, ସେତେବେଳକୁ କିନ୍ତୁ ବେଶ ଡେରି ହୋଇ ଯାଇଛି । ସାତଟାରେ ବାହାରିବାର ପ୍ରବଳ ପ୍ରଚେଷ୍ଟା ସତ୍ତ୍ୱେ ପ୍ରୋଗ୍ରାମ ପଛେଇ ଯାଇଛି ରାତି ନଅକୁ ।

ଜିପ୍ ଛୁଟିଲା । ଡ୍ରାଇଭିଂ କରୁଛି ମୁଁ ନିଜେ । କିବି ବସିଛନ୍ତି ମୋ ପାଖରେ । ପଛ ପଟେ ସ୍ପଟ୍ ଲାଇଟ୍ ଆଉ ବନ୍ଧୁକ ନେଇ ସେ ଦୁହେଁ ।

ପୁରା ସ୍ପିଡରେ ଗାଡ଼ି ଛାଡ଼ିଛି ମୁଁ ଫରେଷ୍ଟ ରୋଡ଼ ଉପରେ । ଅନେକ ଦୂର ଯିବା ପରେ ମୋ ଏରିଆର ଶେଷ ଚେକ୍-ଗେଟ୍ ପାର ହେଲୁ । ଏଣିକି ଏଇ ଯୋଉ ନୂଆ ରାସ୍ତାଟି···ଏଟା କୋଉ ଆଡ଼କୁ ଯାଇଛି ମୋତେ ଜଣା ନାହିଁ । ବୀରେଶ୍ୱର ଖବର ନେଇ ବୁଝିଛନ୍ତି, ଏ ରାସ୍ତା କୁଆଡ଼େ ବିହାର ଓଡ଼ିଶାର ସୀମାନ୍ତରେ ଅବସ୍ଥିତ ଏକ ନିବିଡ଼ ଓ ବ୍ୟାପକ ଅରଣ୍ୟ-ଅଞ୍ଚଳ ଭିତରକୁ ଯାଇଛି, ଯୋଉଠି ମହାବଳ ମିଳିବାର ସମ୍ଭାବନା ।

ଜଙ୍ଗଲ ଭିତରେ ସର୍ପିଳ ଗତିରେ ବଙ୍କେଇ ବଙ୍କେଇ ଚାଲି ଯାଇଛି କଚା ରାସ୍ତା । ବେଶ୍ ଉଚ୍ଚାଣି ପଡୁଛି ବର୍ତ୍ତମାନ । ଉଠି ଯାଉଛି ଜିପ୍ । ଅନେକେ ଦୂର ଆସିଲୁଣି । କିନ୍ତୁ କ'ଣ ହୋଇଛି ଆଜି କେଜାଣି, କୌଣସି ଜୀବଜନ୍ତୁର ପତ୍ତା ନାହିଁ ! ଅନୁକୂଳଟା ବିଗିଡ଼ି ଗଲା ପରା ! ଦୁଇ ପାଖରେ ହାତ ଛନ୍ଦାଛନ୍ଦି ଶାଳ-ପିଆଶାଳର ନିବିଡ଼ ବଣ । ଖାଲି ବଣ ଆଉ ବଣ । ବଡ଼ ବଡ଼ ଘାସ ବୁଦା, ରାସ୍ତା ଉପରକୁ ମାଡ଼ି ଯାଇଚି ଲତା-ଗୁଳ୍ମ । କିଛିଦୂର ଯିବା ପରେ ଉଠାଣି ପଡ଼ିଲା । ଏଣିକି ଅସଂଖ୍ୟ ବାଉଁଶ ଗଛର ଜଟିଳ ସମାବେଶ । ପବନରେ ବାଉଁଶ ସବୁ ଦୋହଲି ଦୋହଲି କେଁ କଟର୍ ଶବ୍ଦ ହେଉଚି । ଏଇ ଏରିଆରେ ନିଶ୍ଚୟ ବାଘ ରହିବାର କଥା ! କହୁ କହୁ ବନ୍ଧୁକ ଉଠାଇଲେ ବୀରେଶ୍ୱର । ଡାକ୍ତରବାବୁଙ୍କ ହାତର ସ୍ପଟ୍ ଲାଇଟ୍ ଅତ୍ୟୁଜ୍ଜ୍ୱଳ ଆଲୋକ-ରଶ୍ମି ବୁଣି ବୁଣି ଚାରିଆଡେ ଶିକାର ଖୋଜି ଘୂରି ବୁଲିବାକୁ ଲାଗିଲା । ଜିପ୍‌ର ଗତି କମ୍ କରି ଦେଇଛି ମୁଁ । ଆସ୍ତେ ଆସ୍ତେ ଉପରକୁ ଉଠୁଛି । ଉଠାଣି ଶେଷ ହେବା ପରେ ଆହୁରି ଘୋର ଜଙ୍ଗଲ ।

ଜିପ୍ ରୋକି ସିଗାରେଟ୍ ଧରେଇ ନେଲି । ଟିକେ ଆଗେଇ ଦେଲି କବିଙ୍କ ଆଡ଼କୁ । ସେ ବି ଧରେଇଲେ । ସ୍ପଟ୍ ଲାଇଟ୍ ଜିପ୍ ସାମନା ରାସ୍ତା ଉପରେ ସ୍ଥିର ରହି ଯାଇଛି ! ବାଘର ପାହୁଲା ଚିହ୍ନ ! କାହାରି ମୁହଁରେ କଥା ନାହିଁ ଆଉ । ଆମେ ବର୍ତ୍ତମାନ ଠିକ୍ ଯେପରି ଏକ ଚରମ କ୍ଲାଇମେକ୍ସର ମୁହାମୁହିଁ ହେବାକୁ ଯାଉଛୁ ! ଆମ ଦୁଇ ପାଖରେ ଥିବା ଯେ କୌଣସି ଗଛ କିମ୍ବା ବୁଦା ଉହାଡ଼କୁ ହୁଏତ ଲୁଚି ବସିଥିବା ଜନ୍ତୁଟା ଏଇ ମୁହୂର୍ତ୍ତରେ ହଠାତ୍ ଲମ୍ଫ ଦେବ ଆମ ଉପରକୁ ।

ନାଁ । । କିଛି ଜଣା ପଡୁନ । ପାହୁଲା ଚିହ୍ନ ରାସ୍ତା ଅତିକ୍ରମ କରି ଚାଲି ଯାଇଛି । ଆଉ ଟିକିଏ ଆଗକୁ ଗଲୁ । ଦେଖା ଗଲା ଭଙ୍ଗା

ସାଇନ୍‌ବୋର୍ଡ । କ'ଣ ଲେଖା ଥିଲା ପଢ଼ି ହେଉନି ଆଦୌ । ତଳ ଆଡ଼କୁ ତିନୋଟି ରାସ୍ତା ।

ଡାକ୍ତର ବାବୁ କହିଲେ, କହେ ଗ୍ରେଟରାସ୍ତ ! କୁଆଡ଼େ ଯିବା ? ରାସ୍ତା ତ ତିନିଟା । ନାଁ କ'ଣ କହୁଛ ଡ଼ି, ଏଫ୍, ଓ, ସାହେବ ।

ମୁଁ କ'ଣ ଜାଣେ ଭାଇ ? ସିଗାରେଟ୍‌ରେ ଟାଣ ଦେଇ ଧୂଆଁ ଛାଡ଼ି କହିଲି, ଯୋଉଆଡ଼େ କହିବ ଚାଲିବ ।

ଜହ୍ନ ସେତେବେଳେ ଧବ୍‌ବଳସ୍ତରେ ଝଟୁଛି । ପବନ ବହୁଛି ଅଳ୍ପ ଅଳ୍ପ ବୃକ୍ଷ-ଲତା ଶାଖା-ପତ୍ରର ରନ୍ଧ୍ର ଜାଲରେ ବନ-ମର୍ମର ସୃଷ୍ଟି କରି । ତା' ସହିତ ବି ଝିଲି ବୋଲୁଛି । ଗ୍ରୀଷ୍ମ ରାତିର ଶୁନ୍‌ଶାନ ବଣ-ଭୂଇଁ ।

ମୁଁ ଠିକ୍ ଜାଣେ, ବୀରେଶ୍ୱରଙ୍କ କଣ୍ଠରେ ଦୃଢ଼ତା ; ଡାହାଣ ଆଡ଼କୁ ଯାଇଥିବା ରାସ୍ତାଟାଇ ସେଇ ଜଙ୍ଗଲକୁ ଯାଇଛି ।

ଚାଲ ତା'ହେଲେ ସେଇ ଆଡ଼େ । ଜିପ୍ ମୁହଁ ବୁଲେଇଲି । ଏ ପର୍ଯ୍ୟନ୍ତ ଯେଉଁ ରାସ୍ତା ଦେଇ ଆସିଲୁ ତା'ଠାରୁ ଏଇ ବାଟଟିର ଅବସ୍ଥା ତ ବରଂ ଭଲ ବୋଲି ମନେ ହେଉଛି । ଦୁଦାଲିଆ ବଡ଼ ବଡ଼ ଘାସବଣ ବେଶୀ ଏଠି ଆମ ଦୁଇ ପାଖରେ । ଜିପ୍‌ରେ ଗିଟି ହୋଇ ଦେହରେ ବାଜୁଛି ।

ଘାସ ଖାଇବା ପାଇଁ ହରିଣ ଏଠି ରହୁଥିବେ । ତେଣୁ ସେମାନଙ୍କୁ ଖାଇବା ପାଇଁ ବାଘ ଏଠାରେ ଥିବାର ସମ୍ଭାବନା···ମନ୍ତବ୍ୟ ଦେଲେ କବି ବନ୍ଧୁ ।

ଡାକ୍ତରବାବୁ ହତାଶ ହେଲାଭଳି କହିଲେ, ବାଘ କାହିଁ ନା ହରିଣ କାହିଁ ! ଆଜି ଖାଲି ପେଟ୍ରୋଲ ପୋଡ଼ିବା ସା'ର୍···

ଡାକ୍ତରମାନେ ବଡ଼ ହତାଶବାଦୀ ; ମୁଁ ଗମ୍ଭୀର ହେବାର ଚେଷ୍ଟା କଲି, ନାଁ କ'ଣ କହୁଛ ଗ୍ରେଟରାସ୍ତ ?

ମିଳବ, ମିଳବ…! ଖାରେଣ୍ଟର ଆଶ୍ୱାସ ଦେଲେ ଆମକୁ । ଧୈର୍ଯ୍ୟ ଦରକାର ।

କବ କହିଲେ, ତା' ଠିକ୍ । ଧୈର୍ଯ୍ୟ ଖୁବ୍ ତିକ୍ତ ; କିନ୍ତୁ ତା'ର ଫଳ ବଡ଼ ମଧୁର ।

ଖଡ଼୍ ଖଡ଼୍ ଶବ୍ଦରେ କିଛି ଗୋଟାଏ ଗଛ ଗହଳି ଭିତରେ ପଶିଗଲା ପରି ମନେ ହେଲା । ସଚକିତ ହୋଇ ଉଠିଲେ ସମସ୍ତେ । ଟର୍ଚ୍ଚ୍ ଲାଇଟ୍‌ର ଆଲୁଅ ବୁଲିଲା ଗୁରିଆଡ଼େ । ବନ୍ଧୁକର ନଳୀ ବ । କାହିଁ କିଛି ଦିଶୁନାହିଁ !

ଉଁଃ ! ଏ କି ଦୁର୍ଗନ୍ଧ ! ଇଏ ତ ବାଘ ଦେହର ବାସ୍ନା !

ନାଁ ଡାକ୍ତର ବାବୁ, ଏ ଗୁଲୁର ।

ଶ୍ରେଷ୍ଠସ୍ୱାସ୍ଥ୍ୟଙ୍କ ଉତ୍ତରରେ ହାଇ ତୋଳିଲେ ଡାକ୍ତର । ନିଦ ଆସିଲାଣି ତାଙ୍କୁ । ଜିପ୍ ଆହୁରି ଆଗକୁ ଯିବା ପରେ ରାସ୍ତା ଉପରେ ଏ କ'ଣ…!!

ବିରାଟ ଗୋଟାଏ ସମ୍ବର । ରକ୍ତାକ୍ତ ଦେହ । ବେକ ଭାଙ୍ଗି ପଡ଼ିଛି । ଧୂଳିରେ ଲଟ୍‌ପଟ । ପେଟ ଚିରି ଯାଇଛି । ଅନ୍ତନାଡ଼ୀ ବାହାରି ଆସିଛି ବାହାରକୁ । ଜିପ୍ ରୋକି ସମସ୍ତେ ଓହ୍ଲେଇ ପଡ଼ିଲୁ ।

ହୁଁ, ସମ୍ବରର ଶବ-ଦେହ ଗୁରିପଟେ ବଡ଼ ବଡ଼ ଚିହ୍ନ । ବାଘ ପାହୁଲର ; ତା'ଛଡ଼ା ଅନ୍ୟ କିଛି ହୋଇ ପାରେନା । ହେଡ଼୍ ଲାଇଟ୍ ଆଲୁଅରେ ସ୍ପଷ୍ଟ ଦିଶୁଛି । ସମ୍ବରଟା ପୁରାପୁରି ମରିନି । ଅଳ୍ପ ଅଳ୍ପ ଗୋଡ଼ ହଲୁଅଛି ଏବେ ବ । ଟିକିଏ ଆଗରୁ, ସନ୍ଦେହ ନାହିଁ, ମାରିଚ ତାକୁ ଜନ୍ତୁଟା । କିନ୍ତୁ ତା'ପରେ ? ତା'ପରେ ଗଲା କୁଆଡ଼େ ?

ଗାଡ଼ି ଆସିବା ଦେଖି ପଳେଇଚି ନିଶ୍ଚୟ । ଖାଇବାକୁ ସମୟ ପାଇନି । ହୁଏତ ନିକଟରେ କୋଉଠି ଲୁଚି ଛପି ଅପେକ୍ଷା କରୁଛି ।

ମୁଁ କହିଲି, ଶୀକାର ଗୁଡ଼ୁ ଗ୍ଲୁଳସିବାର କଥା ତ ତା'ର ନୁହେଁ ।
ଏଇଠିକି ଜନ୍ତୁ ଫେରି ଆସିବ ପୁଣି । ମାରି ଦେଇଚ ; ଖାଇବା ପାଇଁ ଆସିବ ।

ବୀରେଶ୍ୱର ଏକମତ ହେଲେ ମୋ ସାଙ୍ଗରେ । ଏଇଠି ଜଗି ରହିବା ଆମେ ।

କିନ୍ତୁ କୋଉଠି ? ଗଛ ଉପରେ ମଞ୍ଚା ବାନ୍ଧିବାର ସରଞ୍ଜାମ ଆମ ପାଖରେ ନ ଥିଲା । ନ ଥିଲା ମଞ୍ଚା ଉପରେ ବସି ରହିବାର ଅଭିଜ୍ଞତା ମଧ୍ୟ । କଣ୍ଟପଦ ଦୂରତ୍ୱରେ କୋଉଠି ରହି ହେବ, ଆଲୋଚନା ଚାଲିଲା । କବ ସାଜେସନ୍ ଦେଲେ, ଜିପ୍‌ରେ ବସି ରହିଲେ ମନ୍ଦ କ'ଣ ?

ଶେଷରେ ସେଇଆ ଠିକ୍ ହେଲା । ରାସ୍ତାର ଉଠାଣିକୁ ବେଶ୍ କିଛି ଦୂର ଜିପ୍ ଉଠାଇ ନେଇ ଚକ ତଳେ ପଥର ଦେଇ ବସି ରହିଲୁ ଆମେ ଜିପ୍‌ର ପଛପଟେ, ଷାଠିଏ ଗଜ ଦୂରତ୍ୱ ତଳେ ରାସ୍ତାର ଗଡ଼ାଣିରେ ପଡ଼ିଥିବା ସମ୍ବରର ମୃତଦେହଟିକୁ ସ୍ପଷ୍ଟ ଦେଖି ହେଉଥିଲା ସେଠାରୁ । ଜହ୍ନ ଆଲୁଅ ସେଠାରେ ପଡ଼ୁଥିଲା । କିନ୍ତୁ ଆମେ ଯୋଉଠି ଜିପ୍ ରଖିଛୁ, ସେଠାରେ ଗଛ ଛାଇରେ ଆମେ ପ୍ରାୟ ଢାଙ୍କି ହୋଇ ପଡ଼ିଥିଲୁ । ବାଘଟା ସମ୍ବର ପାଖକୁ ଆସିଲେ, ଆମେ ତାକୁ ଏଠୁ ସ୍ପଷ୍ଟ ଦେଖି ପାରିବୁ ; ସେ କିନ୍ତୁ ଆମର ଅବସ୍ଥିତି ଜାଣି ପାରିବନି ! ଡାକ୍ତର ବାବୁ ଶମ୍ଭାର୍କ କଲେ ଖୁସି ହୋଇ ।

ତା' ଛଡ଼ା···ମୁଁ ଯୋଗ କରିଦେଲି, ରାସ୍ତା ଉପରେଇ ଜିପ୍‌ଟା ଚ ରହିଚ ! ପଛଆଡ଼େ ସମ୍ବର । ଫେରିଯିବାର ବାଟ ଆଗ ଆଡ଼କୁ । ୟିସ୍ ଫାୟାର୍ ହେଇ ଗଲେ, ବାଘ ଯଦି ଚଢ଼ି ଆସେ ଆମକୁ ଲକ୍ଷ୍ୟ କରି···ତା' ହେଲେ···ଜିପ୍‌ରେ ଷ୍ଟାର୍ଟ ଦେଇ ରଖିଥିବା, ସିଧା ଚ୍ଛେଇବା ପୁରା ସ୍ପିଡ୍‌ରେ !!!

କଙ୍ଗୋ ରାଜ୍ୟର ସୈନ୍ୟ-ବାହିନୀ ଏଇପରି ଶତ୍ରୁର ସମ୍ମୁଖୀନ

ହୁଅନ୍ତି ବୋଲି ଶୁଣିଛୁ । କବ କହିଲେ, ସେଠି ଜପ୍‌ଗୁଡ଼ିକ ପଛେଇ ପଛେଇ ଶତ୍ରୁ ଆଡ଼କୁ କଥାଆନ୍ତି । ବିପକ୍ଷର ପରାକ୍ରମ ବେଶୀ ଜଣା ପଡ଼ିଲେ ପଛଘୁଞ୍ଚା ଯେପରି ସୁବିଧାରେ ହୋଇ ହେବ !

ସାରେଶ୍ୱର—ଆଗ ଆଡ଼କୁ ପଛଘୁଞ୍ଚା !!

ଡାକ୍ତର ବାବୁ—ଖାଲି ସେତିକ ନୁହେଁ । ଶୁଣିଚ, ତୋପ କମାଣର ଶବ୍ଦ ସେମାନେ ଟେପ୍ ରେକର୍ଡ କରି ରଖି ଥାଆନ୍ତି । ଅଳ୍ପ କେତୋଟି ଗୋଲା ଫୁଟାଇ ଖୁବ୍ ଗୁଡ଼ାଏ କଳା ଧୂଆଁ ସୃଷ୍ଟି କରି ମାଇକ୍‌ରେ ସେଇ ଟେ'ପ୍ ରେକର୍ଡର ଲଗାଇ ଦେଇ ପ୍ରଚଣ୍ଡ ଶବ୍ଦ ଶୁଣାଇ ଶତ୍ରୁକୁ ଡରାଇ ଦେବାର ଚେଷ୍ଟା କରନ୍ତି ।

କହିଲି, ଶିକାର ପାଇଁ ଆମେ ସେଇପରି ଟେପ୍ ବ୍ୟବହାର କଲେ ହେଲ ହୁଅନ୍ତାନ ଡାକ୍ତର ବାବୁ !

ଚମତ୍କାର ହୁଅନ୍ତା !

ହସି ଉଠିଲେ ସମସ୍ତେ ।

ଅପେକ୍ଷା କରି କରି ଘଡି ଦୁଇଟା ବାଜିଲା । ଜନ୍ତୁଟାର ଦେଖା ନାହିଁ । ଶିକାରୀ ବାଘ ଖୁବ ବିଚକ୍ଷଣ । ହୁଏତ ନିକଟରେ କୋଉଠି ରହିଛି : କିନ୍ତୁ ଆସିବନି ।

ଆମର ଉପସ୍ଥିତି ସେ ଜାଣି ପାରିଛି ନିଶ୍ଚୟ ।

ମଣିଷର ଗନ୍ଧ ତ ବହୁତ ଦୂରରୁ ଜାଣି ପାରେ ମହାବଳ ।

ସ୍ୟାଣ୍ଡୱିଇଚ୍ ପ୍ରଭୃତି ଯାବତୀୟ ଖାଦ୍ୟ ଶେଷ ହୋଇଛି । ପାଣି ତ ବହୁତ ଆଗରୁ ସରିଥିଲା । ବର୍ତ୍ତମାନ କଫି ବି ଶେଷ ଗ୍ରୀଷ୍ମକାଳର ରାତିରେ ବାରମ୍ବାର ଶୋଷ ହେବା ସ୍ୱାଭାବିକ । ଖୁବ ଗରମ ହେଉଛି ବର୍ତ୍ତମାନ । ନିଶ୍ଚୟ କୋଉଠି ନିଆଁ ଲାଗିଛି ପାହାଡ଼ରେ । ଭଳିଲା ନିଶ୍ୱାସ ପରି ଗରମ୍ ହାଓ୍ୱା । ଶୋଷରେ କାତରବାନ୍ତ ହୋଇ ଉଠିଲୁଣି ସମସ୍ତେ । ନାଃ, ଆଉ ରହି ହେବ

ଏଠି । ଚାଲି ଯିବା କୁଆଡ଼େ ; ଗାଁ ଗଣ୍ଡା କୋଉଠି ଅଛି···ପାଣି ଦରକାର ଆଗ···ତା'ପରେ ଶିକାର ।

ଜିପ୍ ଛୁଟିଲା । ସେଇଆଡ଼େ ; ଯୋଉଆଡ଼କୁ ମୁହଁ କରି ରଖିଥିଲୁ । ଘୂମନ୍ତ ଆଦିବାସୀ ଗାଁ ଟିଏ ବାଟରେ କୋଉଠି ଖୁଣ୍ଟି ଆସିଥିଲୁ, ସେଇଠି ଯାଇ ପହଞ୍ଚିବୁ···ଏଇ ଆଶା ମନରେ । ସେଇ ଗାଁ ଠାରୁ ଅଳ୍ପ ଦୂରରେ ଝରଣାଟିଏ ଆମେ ଅତିକ୍ରମ କରି ଆସିଥିଲୁ । ପତର ପଚୁ ଦୁର୍ଗନ୍ଧ ପାଣି ମାଟି ବନ୍ଧ ଦିଆ ହୋଇ ବନ୍ଦ କରା ହୋଇଛି । ସେଇ ଆବଦ୍ଧ ଜଳ ଆମ ଆଖି ଆଗରେ ବର୍ତ୍ତମାନ ମରୀଚିକା ପରି ଚକ୍ ଚକ୍ କରି ନାଚି ଉଠିଲା । ଯେକୌଣସି ପ୍ରକାରେ ସେଇଠି ଯାଇ ପହଞ୍ଚିବା ଦରକାର । ଅପରିଚିତ ଲୋକଙ୍କୁ ବଡ଼ ଭୟ କରନ୍ତି ଏଇ ଜଙ୍ଗଲ ଅଞ୍ଚଳର ଗାଁ ଲୋକେ । ଯଦି କବାଟ ନ ଖୋଲନ୍ତି. ସେଇ ପଚୁ ଦୁର୍ଗନ୍ଧ ପାଣିଇ ଭରସା ।

ବଣ ଭିତରେ ଚାରିଆଡ଼କୁ ଯାଇଥିବା ଫରେଷ୍ଟ-ଗୁଡ଼ିକ ଯେ ଆମକୁ ବାଟବଣା କରି ସାରିଛି ତା'ର ପ୍ରମାଣ ଆମେ ପାଇଗଲୁ ଘଣ୍ଟା ତିନିଟା ପର୍ଯ୍ୟନ୍ତ ଜିପ୍ ଚାଲେଇବା ପରେ । ସେ ଗାଁ କାହିଁ ନାଁ ସେ ଝରଣା କାହିଁ ! ଖାଲି ସେଇ ବଣ, ପାହାଡ଼ ଆଉ ଖାଲି ଡିପ ନାଳି ଧୂଳି ରାସ୍ତା । ସର୍ବନାଶ ହେଉଛି ! ବାଟ ଭୁଲି ଅବାଟରେ ଆସି ଗଲୁଣି ଆମେ । କୋଉଠି ଅଛୁ, କୁଆଡ଼େ ଯାଉଛୁ, କୋଉଠି ବାଟ ଭୁଲିଛୁ, କିଛି ଆଉ ଜଣା ପଡୁନି !

ସମସ୍ତେ ବର୍ତ୍ତମାନ ହତାଶ, କ୍ଲାନ୍ତ, ଅବଶ ଏବଂ ଶୋଷରେ ପ୍ରାୟ କଣ୍ଠାଗତ ପ୍ରାଣ । ସମସ୍ତଙ୍କର ଦୋଷାରୋପ ମୋ ଉପରେ । ଡ୍ରାଇଭିଂ ଯେହେତୁ ମୁଁ କରୁଛି ।

ସେତେବେଳେ ଆମର ଅବସ୍ଥା ଯାହା, ଆଜି ଭାବିଲେ ବିଶ୍ୱାସ ହୁଏନା । କେହି ସାହା ଭରସା ନାହିଁ । ଘୋର ଜଙ୍ଗଲ ଭିତରେ ଭୁଆଁ ବୁଲୁଛୁ ଆମେ ଚାରିଜଣ ଜିପ୍ ଖଣ୍ଡିଏ ଧରି । ସାରାବାଟ ତେବେ

କଣ ଏଇଭଳି ଘୂରୁଥିବୁ ? ଚାରିଆଡ଼େ ଖାଲି ପାହାଡ଼ ଆଉ ବଣ । ପାଣି କାହିଁ ? ପାଣି ବିନା ଆମର ପ୍ରାଣ ଶୁଖିଯିବା ଉପରେ । କି ବିପଦରେ ପଡ଼ିଲୁ ଆଜି ଶିକାର କରିବାକୁ ଆସି ! କୋଉଠି କୋଉ ଜାଗାରେ ଅଛୁ ଆମେ, ସେତିକି ପଦ ଜାଣି ପାରୁନୁ...

ଏଣେ ତେଣେ ଗାଡ଼ିଟାକୁ ଘୁରାଇ ଫେରାଇ ଆଉ କେତୋଟି ଅଣଓସାରିଆ ଫରେଷ୍ଟ ରୋଡ଼ ଆବିଷ୍କାର କରିବା ସା'ର ହେଲା ସିନା, ଆଉ କିଛି ଲାଭ ହେଲାନି । ଗାଁ ଗଣ୍ଡା ତ କାହିଁ କୋଉଠି ହେଲେ ଦିଶୁନି...କ'ଣ କରାଯାଏ !!

ଅବଶେଷରେ ମୁଁ ପ୍ରସ୍ତାବ ଦେଲି, ଗୋଟିଏ ଆଡ଼କୁ ଭଗବାନଙ୍କ ନାମ ନେଇ ଜିପ୍ ଛୁଟେଇ ଦବା ଚାଲ । କୋଉଠି ହେଲେ ତ ପହଞ୍ଚିବା ଶେଷକୁ...

ସେଇଆ ଠିକ୍ ହେଲା । ଷ୍ଟିଆରିଂ ଏଥର ଡାକ୍ତର ବାବୁ ଧରିଲେ । ଗାଡ଼ି ଚାଲିଲା ଏକ ମୁହାଁ । କିନ୍ତୁ ରାସ୍ତା କ୍ରମେ ଅଧିକରୁ ଅଧିକ ଖରାପ । ଗାଡ଼ି ଆସ୍ତେ ଆସ୍ତେ ପଡ଼ି ଉଠି ଚାଲିଛି । ସ୍ପିଡ୍ ଆଉ ନାହିଁ । ଗତି ଅଛି ଯଦିଓ ତାହା ସ୍ଥାଣୁ ସ୍ଥିତି ସହିତ ସମାନ । ଏଇ ଭଳି ଆମେ ଅଗ୍ରଗତି କରୁଥିବା ବେଳେ ମୋର କାହିଁକି କେଜାଣି ମନେ ହେଲା, ବିହାର ସୀମା ପାର ହୋଇ ଓଡ଼ିଶା ଭିତରକୁ ଅନେକ ଦୂର ଗାଡ଼ିଟି ପଶି ସାରିଲାଣି !

ଆଉ କିଛି ଦୂର ଯିବା ପରେ ରାସ୍ତା ଉପରେ କାଗଜ ଖଣ୍ଡେ ପଡ଼ିଥିବାର ଦେଖି, ସମୁଦ୍ରରେ ପକ୍ଷୀ ବସାଟିଏ ଭାସୁ ଥିବାର ଦେଖାଯିବା କ୍ଷଣି ଆଶାହତ କଲମ୍ବସ୍ 'ନିଶ୍ଚୟ ନିକଟରେ କୋଉଠି ସ୍ଥଳ ଭୂମି ଅଛି...' ବୋଲି ଆବିଷ୍କାରର ଆନନ୍ଦରେ ଚିତ୍କାର କରି ଉଠିବା ଭଳି ବୀରେଶ୍ବର କହିଲେ, ଦେଖ, ଦେଖ...କାଗଜ ଖଣ୍ଡେ ! କୁଆଡୁ ଆସିଲା ? ନିଶ୍ଚୟ ପାଖ ଆଖରେ କୋଉଠି ଗାଁ ଅଛି !

ତାଙ୍କ କଥା ସରିଚି କି ନାହିଁ, ଆଗରେ ଦେଖାଗଲା ଜଙ୍ଗଲ

ଉହାଡ଼ରୁ ଧଳା ହୋଇ କ'ଣ ଗୋଟାଏ ମଥା ଟେକୁଛି । କ୍ରମ କ୍ରମେ ପତଳା ହୋଇ ଆସିଲା ; ଆଉ ଆମେ ନିକଟବର୍ତ୍ତୀ ହେବା ପରେ ଦେଖିଲୁ ତାହା ଏକ ଗୀର୍ଜାର ଚୂଡ଼ା ।

ଜହ୍ନ ସେତେବେଳେ ମଥା ଉପରେ । ପରିଚ୍ଛନ୍ନ ଜ୍ୟୋତ୍ସ୍ନା ଲୋକରେ ସ୍ଥିରଆଡ଼ ସଫା ଦିଶୁଛି । କୋଉଠି ଏ ଜାଗାଟା ଆମ ଭିତରୁ କେହି ଅନୁମାନ କରି ପାରିଲେନି । କ୍ୟାଥଲିକ୍ ଚର୍ଚ୍ଚ ସବୁ ଜଙ୍ଗଲ ଭିତରେ ଇମିତି ନାନା ସ୍ଥାନରେ ଦେଖା ଯାଇଥାଏ । ସ୍ଥାନଟିର ଅବସ୍ଥିତି ଯୋଉଠି ହେଉ ନା କାହିଁକି, ଆମର ବର୍ତ୍ତମାନ ଶୋଷରେ ପ୍ରାଣ ଉଡ଼ି ଯାଉଛି । ପାଣି ଦରକାର । ଚର୍ଚ୍ଚରେ ସେମାନେ ସମସ୍ତେ ନିଶ୍ଚୟ ଶୋଇଥିବେ । ଏତେ ରାତି ହେଲଣି । ଆମେ କିନ୍ତୁ ନିରୁପାୟ । ଅସମୟରେ ପାଣି ମୁନ୍ଦାଏ ଭିକ୍ଷା କରିବାକୁ ହେବ ଆଜି ଏମାନଙ୍କ ଠାରୁ । ଅନ୍ୟ ଉପାୟ ନାହିଁ । ସେତେବେଳେ ମନେ ହେଉଥାଏ, ଆମ ପାଖରେ ଯଦି ପୃଥିବୀର ସମସ୍ତ ଐଶ୍ୱର୍ଯ୍ୟ ଥାଆନ୍ତା ଆଉ କେହି ଜଣେ ଆମକୁ ଲୋଟାଏ ପାଣି ବଦଳରେ ତାହା ନେବା ପାଇଁ ଦାବୀ କରନ୍ତା, ନିଶ୍ଚୟ ତତ୍‌କ୍ଷଣାତ୍ ତାକୁ ସବୁ କିଛି ଦେଇ ପକାନ୍ତୁ ।

ଧୂମନ୍ତ ସେଇ ଚର୍ଚ୍ଚ ପାଖରେ ଗାଡ଼ି ପହଞ୍ଚିଲା । ସ୍ଥିରଆଡ଼େ ଅରମା ବଣ । କିନ୍ତୁ ସାମ୍‌ନା ପଟ କୋଉଟା ? ଯିବା ପାଇଁ ବାଟ ? ଭିତରେ ଆଲୁଅ ନିଭିଚି ନିଶ୍ଚୟ । ବାହାରୁ କିଛି ଜଣା ପଡ଼ୁନି ତ ! ସମସ୍ତେ ଶୋଇଥିବେ ବର୍ତ୍ତମାନ । ନିସ୍ତବ୍ଧ, ଅନ୍ଧକାରାଚ୍ଛନ୍ନ ଅଟ୍ଟାଳିକା ନିକଟରେ ଜିପ୍ ରୋକି ଆମେ ଭାବୁଥିଲୁ ; ହଠାତ୍ ଚମକି ଉଠିଲା ପରି ଡାକ୍ତର ବାବୁ କହିଲେ, ସେଠି କିଏ !!

ଦୂରରେ ଠିଆ ହୋଇଥିବା ସେହି ଜଣକ ହେଡ୍ ଲାଇଟ୍ ଆଲୁଅରେ ଅସ୍ପଷ୍ଟ ଦିଶୁଥିଲେ । ଦିଶୁଥିଲେ ସ୍ଥିର, ନିଶ୍ଚଳ ଓ ସ୍ଥାଣୁ

ଏକ ଶ୍ୱେତ ଶୁଭ୍ର ବସ୍ତ୍ରାଚ୍ଛାଦିତ ପ୍ରତିମୂର୍ତ୍ତି ପରି । ଆମକୁ ଦେଖି ସେ ବୋଧହୁଏ ଚର୍ଚ୍ଚ ଭିତରୁ ବାହାରି ଆସିଛନ୍ତି ।

ଜିପ୍ ଆଗକୁ ନେଲୁ । ବର୍ତ୍ତମାନ ଖୁବ୍ ପାଖରେ ତାଙ୍କର ଆମେ । ଆମରି ଅପେକ୍ଷାରେ ଠିଆ ହୋଇ ରହିଛନ୍ତି ସେ ନିଶ୍ଚୟ । ହାତରେ ପାଣି ଭରି ବଡ଼ ଏକ କାଚର ଜା'ର୍ ଧରି, ସେ ଜଣେ ନନ୍...

ଶ୍ୟାମଳାଙ୍ଗୀ, ପୋଟଳଚିରା ଆଖି, ତନୁପାତଳୀ, ଦେଖିଲେ ଶ୍ରଦ୍ଧା ଆସିବା ଭଳି ଚେହେରା । କିନ୍ତୁ ସେ କିପରି ଜାଣି ପାରିଲେ ଯେ ପାଣି ଆମର ଦରକାର, ଏଇଟାଇ ଆଶ୍ଚର୍ଯ୍ୟର ବିଷୟ !

ଯାହା ହେଉ, ପାଣି ମିଳିଛି, ସେତିକି ଯଥେଷ୍ଟ ।

ଭଦ୍ର ମହିଳା ଯଦିଓ ନୀରବ, କିନ୍ତୁ ତାଙ୍କ ଆଖିର ଚାହାଣୀ ଆମକୁ ତାଙ୍କ ପାଖକୁ ଡାକୁଥିଲା । ଗ୍ଲାସ, ଫ୍ଲାସ୍କ ପ୍ରଭୃତି ଧରି ଓହ୍ଲାଇ ପଡ଼ିଲୁ ଆମେ ।

ତାଙ୍କ ଆଖି ଯେପରି ଆମ ଭିତରେ କାହାକୁ ଖୋଜୁଛି । ଆମେ ଆହୁରି ନିକଟବର୍ତ୍ତୀ ହେଲୁ । ଆରେ, ଏ କଣ ? ହଠାତ୍ ସେ ମୁହଁ ଫେରାଇ ଚର୍ଚ୍ଚ ଆଡ଼କୁ ଚାଲି ଯାଉଛନ୍ତି ଯେ !! ଶୀଘ୍ର ଶୀଘ୍ର ଚାଲିଛନ୍ତି...ଆଉ କିଛି କ୍ଷଣ ପରେ ଚର୍ଚ୍ଚ ଭିତରକୁ ଚାଲିଯିବେ । ଜାର୍ ଧରି ଚାଲିଗଲେ । ପାଣି ଦେଇ ଗଲେନି । ଆମେ ଚାରୋଟି ତୃଷାର୍ତ୍ତ ମଣିଷ, ପାଣି ବିନା ପ୍ରାଣ ଆମର ଯାଏ ଯାଏ । ପାଣି ଦେଖିବା ପରେ ଅଧିକ ଶୋଷ ଲାଗୁଛି, ଏଇପରି ଅବସ୍ଥାରେ କାଚ ଭରି ସ୍ୱଚ୍ଛ ସୁନ୍ଦର ଟଳ ଟଳ ପାଣି ଆମ ପାଖକୁ ଆଣି, ଦେଖାଇ, ପ୍ରଲୁବ୍ଧ କରି, ସେ ଫେରାଇ ନେଇଯିବେ ଆଉ ଆମେ ଧୈର୍ଯ୍ୟ ଧରି ଠିଆ ହୋଇ ରହିଥିବୁ...

ଅବଶ୍ୟ ତାଙ୍କର ଏଇ ରହସ୍ୟାବୃତ୍ତ ବଚନ ଭାବ ଭଙ୍ଗୀ ଓ ବ୍ୟବହାରର ପ୍ରଥମ ପ୍ରତିକ୍ରିୟା ସ୍ୱରୂପ କିଛିକ୍ଷଣ ସ୍ତମ୍ଭିଭୂତ ହୋଇ ଠିଆ ହୋଇ ରହିଗଲୁ ଆମେ । ତା'ପରେ, ପରସ୍ପରର ମୁହଁ ଚାହିଁଲୁ

'ମସ୍ତକଙ୍କ ଆଖିରେ ପ୍ରଶ୍ନବାଚକ ଚିହ୍ନ । ମୁଁ ଦୃଢ଼ ଗଳାରେ କହିଲି, ପାଣି ଆମର ଦରକାର । ଚାଲ ତାଙ୍କ ପଛେ ପଛେ ଯିବା ।

ଡକ୍ଟର ଖାଁ—ଯଦି ସେ ପାଣି ଦବାକୁ ମନା କରନ୍ତି ।

ମୁଁ—ନିଶ୍ଚୟ ଦେବେ ; ଦବାକୁ ହବ···

ଡକ୍ଟର—ଭଦ୍ର ମହିଳା ପ୍ରତି ଜବରଦସ୍ତି !

ରବି—ଆତୁରେ ନିୟମ ନାସ୍ତି···Necessity has no law···

ନୀରେଶ୍ୱର—ଜଙ୍ଗଲ ଭିତରେ ଜଙ୍ଗଲର ଆଇନ ଚଳେ ଡକ୍ଟର ଖାଁ ; ଅନ୍ୟ ଆଇନ ଏଠି ଅଚଳ !!

ଡକ୍ଟର ଖାଁ—କିନ୍ତୁ ଗୋଟାଏ କଥା···ସେ ତେବେ କାହା ପାଇଁ ପାଣି ନେଇ ଆସିଥିଲେ ? କାହାର ପାଇଁ ଅପେକ୍ଷା କରୁଥିଲେ ଯେପରି ମନେ ହେଲା, ଅପରିଚିତ ମୁହଁ ଦେଖି ଫେରିଗଲେ ।

ମୁଁ—ଏତେ ରାତିରେ ଏଠିକି କିଏ ପାଣି ପିଇବାକୁ ଆସନ୍ତା କେବଳ ଜନ୍ତୁ ଜାନୁଆର କିମ୍ବା ସେମାନଙ୍କର ଶିକାରୀ ଛଡ଼ା ···!

ନୀରେଶ୍ୱର—ଶୋଷରେ ପ୍ରାଣ ଉଡ଼ି ଯାଉଛି ଭାଇ । ଏଟା ଧର୍ମାନୁଷ୍ଠାନ । ଚାଲ ଯାଇ ନ ହେଲେ ଫାଦରଙ୍କୁ ଉଠେଇବା । କମ୍ପ୍ଲେନ କରିବା, କାହା ପାଇଁ ତାଙ୍କ ନନ୍ ରାତି ଅଧରେ ପାଣି ଜାର୍ ଧରି ଚର୍ଚ୍ଚ ବାହାରକୁ ଆସିଥିଲେ ସେ ବୁଝନ୍ତୁ···

ରବି—ଆମେ ସେଥିରୁ କଣ ପାଇବା ; ଆମର ତ ପାଣି ଟିକିଏ ଦରକାର ।

ଡକ୍ଟର ଖାଁ—ଆସ ତା' ହେଲେ ସମସ୍ତେ···

ମୁଁ—ଚାଲ ଏଙ୍କୁ ଧରିବା ଆଗ । ଜାର୍ ଛଡ଼େଇ ପିଇଯିବା···

କହି ଦେଲି ସିନା, ମୋ ମନକୁ କିନ୍ତୁ ଟିକିଏ ସନ୍ଦେହ ଛୁଇଁଥିଲା । ସେଇ ସନ୍ନ୍ୟାସିନୀ ତରୁଣୀଙ୍କର ଠିଆ ହେବାର ଭଙ୍ଗୀ, ପଲକ ସ୍ଥିର

ନିଷ୍କମ୍ପ ବୃଦ୍ଧାଣୀ, ଧୀର ମନ୍ଥର ନିଶବ୍ଦ ପଦପାତ ଅଥଚ ଦ୍ରୁତତର ଗତିରେ ନିଷ୍କ୍ରମଣ···ସବୁ କିଛି ଅପ୍ରାକୃତିକ, ଅସ୍ୱାଭାବିକ ଓ ଅଦ୍ଭୁତ ଏବଂ ଆଶ୍ଚର୍ଯ୍ୟକର ଲାଗୁଥିଲା ମୋତେ। ତା' ଛଡ଼ା, ଏତେ ରାତିରେ ଜଣେ ନନ୍ ପକ୍ଷରେ ଚର୍ଚ୍ଚ ଗ୍ରାଉଣ୍ଡ ବାହାରକୁ ଆସିବାଟା ସବୁକିଛି ଯେପରି ରହସ୍ୟମୟ !!!

ମନର କଥା ମୁହଁରେ ପ୍ରକାଶ କରି ଦେଲା କ୍ଷଣି ଭୟ ପାଇଗଲେ ସମସ୍ତେ। ସମସ୍ତଙ୍କର ମନକୁ ଦେଖିଲି ଠିକ୍ ସେଇ ସନ୍ଦେହ ଆସିଛି କିନ୍ତୁ ଏ ପର୍ଯ୍ୟନ୍ତ ଜୋର୍ ଗଳା କରି ଯାହା ସବୁ ସେମାନେ କହୁଥିଲେ ସେସବୁ ମନ ଭିତରର ଭୟକୁ ଲୁଚାଇବା ପାଇଁ ଏକ କୌଶଳ ମାତ୍ର। ଅବାକ୍ ହୋଇ ଚାହିଁ ରହିଛୁ ଆମେ, ତାଙ୍କ ଧୀର ପଦକ୍ଷେପ ଅଥଚ ଦ୍ରୁତ ନିଷ୍କ୍ରାନ୍ତ ଗତିକୁ, ସେ ଫେରି ଯାଉଛନ୍ତି। ଅରମା ବଣଲଟା ଉହାଡ଼ରେ ମିଶି ଯିବେ କିଛି ସମୟ ପରେ। ଚର୍ଚ୍ଚ ଭିତରକୁ ଚାଲିଯିବେ।

ସାହସ ସଞ୍ଚୟ କରି ହଠାତ୍ ମନ ସ୍ଥିର କରି ନେଲେ ଡାକ୍ତର ବାବୁ। କହିଲେ, ମୁଁ ଯାଉଛି ତାଙ୍କ ପଛେ ପଛେ। ପାଣି ପଛେ ନ ମିଳୁ ଏଇ ରହସ୍ୟର ନିଶ୍ଚୟ ସମାଧାନ କରିବି। ସେ କିଏ, କାହିଁକି ଏଠି ଠିଆ ହୋଇଥିଲେ, ଆମକୁ ଦେଖି ଫେରିଗଲେ କାହିଁକି, ଏତିକି ମୁଁ ଜାଣିବି ନିଶ୍ଚୟ।

ବନ୍ଧୁକ ଓ ଟର୍ଚ୍ଚ ଧରି ବାହାରିଲେ ସେ ଆମେ ମନା କଲୁ କଲୁ। ମୁଁ କହିଲି, Curiosity kills the cat ଡାକ୍ତର ବାବୁ; ଆମର ପାଣି ଦରକାର ; ଏସବୁ ରହସ୍ୟକୁ କଣ ମିଳିବ। ହୁଏତ କିଛି ବିପଦ ହୋଇ ପାରେ।

ସେ କିନ୍ତୁ ମନା ମାନିଲେନି। ଏକ୍ ଜିଦିଆ ଲୋକ ! ଡାକ୍ତର ଝାଙ୍କ ଟର୍ଚ୍ଚ ଆଲୁଅ, କିଛିକ୍ଷଣ ପରେ ଦେଖିଲୁ, ଠିକ୍ ସେଇ ମହିଳାଙ୍କ ଗତିପଥ ଅନୁସରଣ କରି ଚର୍ଚ୍ଚ ଆଡ଼କୁ ଚାଲିଛି।

ଆମେ କଥାବାର୍ତ୍ତା ହେଲୁ, ଏପରି ତାଙ୍କୁ ଏକା ଏକା ଯିବାକୁ ଦେବାଟା...ଖାମ୍ ଖିଆଲି ଲୋକ, କ'ଣ ଗୋଟାଏ 'ହୁଇମ୍' ଘୃପିଛି, ତଥାପି...ନାଁ, ରାତିବେଳା ଏପରି ଜାଗାରେ ଜଣକୁ ଏକୁଟିଆ ଛାଡ଼ି ଦେବା ଆଦୌ ଠିକ୍ ନୁହେଁ ; ଦଳବଦ୍ଧ ହୋଇ ରହିବା କଥା ; ଦଳରୁ ବାହାରି ଗଲେଇ କାହାର କଣ ହେବ କିଏ ଜାଣେ ?

କିଛି ସମୟ ପରେ ଦ୍ୱିଧାଗ୍ରସ୍ତ ଭାବ କଟିଗଲା ; ମନ ସ୍ଥିର କରି ନେଇଛୁ ଆମେ ମଧ୍ୟ । ଡକ୍ଟର ଖାଁଙ୍କୁ ଅନୁସରଣ କରି ତାଙ୍କ ପାଖରେ ଯଥା ଶୀଘ୍ର ସମ୍ଭବ ଯାଇ ପହଞ୍ଚିବୁ । ହୁଏତ ଫେରେଇ ଆଣିବୁ, ନଚେତ୍ ତାଙ୍କର ସାଙ୍ଗେ ସାଙ୍ଗେ ଆଗେଇବୁ ।

ଏତକ ସମୟ ଭିତରେ କିନ୍ତୁ ଅନେକ ଦୂର ଆଗେଇ ଗଲେଣି, ସେଇ ନନ ଆଉ ତାଙ୍କ ପଛେ ପଛେ ସେ ବି ।

ନିଜକୁ ପ୍ରସ୍ତୁତ କରି ନେଲୁ । ଆଉ ଆଗେଇଲୁ ସେଇଆଡ଼େ । ମୋ ହାତରେ ଟର୍ଚ୍ଚ, ବୀରେଶ୍ୱର ଗୁଳି ଭରି ବନ୍ଧୁକର ଘୋଡ଼ାଟା ଥରେ ପରୀକ୍ଷା କରି ନେଇ କାନ୍ଧରେ ଝୁଲାଇଲେ, ବୁଲେଟ୍କ୍ୟାସ ଧରି କରି ।

ଶୀଘ୍ର ଶୀଘ୍ର ଚାଲିଛନ୍ତି ଡାକ୍ତର ବାବୁ । ଆମେ ବି ତାଙ୍କରି ପରି । ଚର୍ଚ୍ଚର ଫାଟକ ପାଖରେ ପହଞ୍ଚି ଗଲେଣି ସେଇ ସନ୍ନ୍ୟାସିନୀ । ଦରଜା ବନ୍ଦ ଅଛି । ହଠାତ୍ ଡାକ୍ତର ବାବୁ ପାଟି କରି ଉଠିଲେ, ରୁହ ।

ଡାକ ଶୁଣି ସନ୍ନ୍ୟାସିନୀ ରହିଗଲେ ।.

ଚନ୍ଦ୍ରାଲୋକରେ ପରିଷ୍କାର ଦେଖାଗଲା ଆମ ଆଡ଼କୁ ମୁହଁ କରି ବୁଲି ପଡ଼ିଲେ ମହିଳା । ତାଙ୍କ ଆଖିରେ କଣ ଥିଲା କେଜାଣି ଆଉ ପାଦେ ମଧ୍ୟ ଆଗେଇ ପାରିଲେନି ଡାକ୍ତର ଖାଁ । ମୁଁ ବି ରହି ଗଲି ଆଉ ଦେଖିଲି କବି ଓ ବୀରେଶ୍ୱର ମଧ୍ୟ ସ୍ଥାଣୁ ପରି ଠିଆ ହୋଇ ଯାଇଛନ୍ତି ମୋ'ରି ପାଖରେ ।

ମହିଳାଙ୍କର ଆଖିରେ ଚକ୍ ଚକ୍ କରୁଛି ଲୁହ ବିନ୍ଦୁ । ତାଙ୍କର ନୀରବ ଗମ୍ଭୀର, ଗଭୀର କରୁଣ ଚାହାଣୀ ଆମକୁ ଅଧିକ ଆଗିବାକୁ,

ଅଧିକ କଥା କହିବାକୁ, ଅଧିକ ଚିନ୍ତା କରିବାକୁ ଯେପରିକ ତର୍ଜମା ଦେଖାଇ ନିଷେଧ କରୁଥିଲା ।

ଡାକ୍ତର ଝାଁ ପଚାରିଲେ—ତମେ କିଏ ?

ଡାକ୍ତର ବାବୁ, ମୁଁ ଜଣେ ନନ୍ । ଉତ୍ତର ଶୁଭିଲା ସହସ୍ର ଯୋଜନ ଦୂରତ୍ୱରୁ ଇଥର ତରଙ୍ଗରେ ସ୍ନିଗ୍ଧ ସ୍ୱରର ଏକ ତାରକା ବହି ଆସିବା ପରି ।

ମୋତେ ତମେ ଚିହ୍ନ ?

ସମସ୍ତଙ୍କୁ ଚିହ୍ନି ଆମେ ।

ତମେ···

ପାଣି ଆଉ ଟିକିଏ ଆଗରେ ମିଳିବ । ଝରଣା ଅଛି । ବୃକ୍ଷ ଘାଅ ଯୋଉ ରାସ୍ତାରେ ଗାଡ଼ି ନେଉଛ ।

କିନ୍ତୁ ତମେ···

ସଜନୀଙ୍କ ପାଇଁ ଅପେକ୍ଷା କରି ରହିଥିଲି ।

କିଏ ସଜନୀ ? ତମେ ତା' ପାଇଁ···

ସୁଦୀର୍ଘ ତିରିଶ ବର୍ଷ ଧରି ମୁଁ ତ ତାକୁ ଏଠି ଅପେକ୍ଷା କରି ରହିଛି !

ଏତେ ରାତିରେ, ଏକାକୀ ତମେ···

ଆସ୍ତେ କଥା କୁହ । ସେମାନେ ଶୁଣି ପାରିବେ ଯେ !

କିଏ ? କୋଉମାନେ ?

ଫାଦର ଲିଓନାର୍ଡ଼, ଆଉ ମଦର ସୁପିରିଅର୍ ।

କାହାନ୍ତି, କୋଉଠି ସେମାନେ ?

ଆଗରେ ଯୋଉ ବଣ ଦେଖୁଚ, ସେଇଠି । ସମାଧି ଭିତରେ ।

ଏଇ ଚର୍ଚ୍ଚରେ କେବେ···

କେହି ନାହାନ୍ତି ।

ତମେ ଏକାକୀ...

ମୁଁ, ମୁଁ ତ ସବୁଠାରେ ରହିପାରେ ।

କାହିଁକି ତମେ ଏକାକୀ ଏଠି ରହିଚ ? ଘୋର ଜଙ୍ଗଲ ଭିତରେ ଏକା ଏକା...

ସଜନୀର ପ୍ରତୀକ୍ଷାରେ ରହିଚ ମୁଁ । ସଜନୀ ପାଇଁ ମୋ ମନରେ ଯୋଉ ଅପୂର୍ଣ୍ଣ କାମନା, ତାହା ମୋତେ ଏଇଠାରେ ଟାଣି ରଖିଚ ଡାକ୍ତର ବାବୁ ; ଉପରକୁ ଯିବାକୁ ଦେଉନ ।

କିନ୍ତୁ କିଏ ସେଇ ସଜନୀ ? ତା' ସାଙ୍ଗରେ ତମର ସମ୍ପର୍କ କ'ଣ ? କୁଆଡ଼େ ସେ ଯାଇଛି ?

ଟ୍ରେନ ନେଇ ଯାଇଛି । ଫେରି ଆସିବ ଶୀଘ୍ର, ନିଶ୍ଚୟ ଫେରି ଆସିବ । ମୁଁ ଭଲ ପାଏ ! ତା'ରି ପାଇଁ ଜଳି ଜଳି ମରୁଛି ମୁଁ । ଯିଏ ସେ ଏତେ ଯାହାକୁ ଭଲ ପାଉଥିଲା, ତା'ଆଖିର ଲୁହ ପୋଛି ଦେବା ପାଇଁ ସେ କ'ଣ ଫେରି ଆସିବ ନାହିଁ ? ନିଶ୍ଚୟ ଆସିବ । ସେ'ବି ତ ଖୁବ୍ ଭଲ ପାଉଥିଲା ମୋତେ । ମୋ ଠାରୁ ଅଧିକ ସେ ମୋତେ ଭଲ ପାଉଥିଲା ।

ସଜନୀ କ'ଣ...

ହଁ, ଇଂଜିନ୍ ଡ୍ରାଇଭର ।

ଏଠି ଏଇ ବଣ ପାହାଡ଼ ରାଜ୍ୟରେ ଟ୍ରେନ୍...ଇଂଜିନ୍... ! କ'ଣ କୁ କହୁଚ ତମେ ?

ଆଜି ନାହିଁ । କିନ୍ତୁ ଦିନେ ଥିଲା ।

କେବେ ?

ସେ ଅନେକ ଦିନ ତଳେ ।

ଅନେକ ଦିନ ତଳେ ?

ବିଶ୍ୱାସ ହେଉନି ? ଯୋଉ ଆଡ଼େ ଗାଡ଼ି ନେଇ ଯାଉଛି, ଚାଲିଯାଅ । ଝରଣା ପାରି ହୋଇ ଆଉ ପାଖକୁ ଯାଅ । ଦେଖିବ,

ବୁଡ଼ୁଛ ଗୋଟିଏ ପାହାଡ଼ । ଚକ୍ ଚକ୍ କରୁଛ ସେଠି ମାଟି, ପଥର ବାଲି, ଗୋଡ଼ି···ସବୁ କିଛି । ଅଭ୍ର-ରେଣୁ ମିଶି ରହିଛି ସବୁଥିରେ ପାହାଡ଼ ଉପରକୁ ଢ଼ିପ୍ ଉଠେଇ ନେଲେ ଦେଖିବ, ଜରାଜୀର୍ଣ୍ଣ ଏବ ପାନ୍ଥଶାଳା । ବିଲୁପ୍ତ ଅଭ୍ର-ଖଣିର ସେଇ ଶେଷ ଅବଶିଷ୍ଟାଂଶ ଅତୀତର ମୂକସାକ୍ଷୀ ପରି ମଥା ଟେକି ରହିଚି । ଆଉ ତା' ଭିତରେ ରହିଛ ଜଣେ ପ୍ରକୃତ ସନ୍ନ୍ୟାସୀ, ଯେ କି ସୁଖ ଦୁଃଖ, ଜୟ ପରାଜୟ ସାଫଲ୍ୟ ଅସାଫଲ୍ୟ, ମାୟା ମୋହ, ଆଶା ଅଭିଳାଷ, ତ୍ୟାଗ ଭୋ ହିଂସା ବିଦ୍ୱେଷ, ଅନୁଶୋଚନା ଆକାଂକ୍ଷା···ସବୁ କିଛିର ଉର୍ଦ୍ଧ୍ୱରେ କାହାରି ପ୍ରତି ତାଙ୍କର ଅନୁରାଗ ନାହିଁ, ନିଜ ପାଇଁ ତାଙ୍କର କି ପାଇବାର ବା ହରାଇବାର ଭାବନା ନାହିଁ । ପୃଥିବୀର ଚରମ ପରମ ଜ୍ଞାନର ନିକଟତମ ସତ୍ୟ-ଦ୍ରଷ୍ଟା ସେଇ ମର-ଦେହୀ ସା ଅମରର ଉପାସନାରେ ନିମଗ୍ନ । ତାଙ୍କ ପାଖକୁ ଯାଅ । ମହା କାଳ ସ୍ରୋତର ପ୍ରତିକୂଳ-ପ୍ରବାହରେ ସନ୍ତରଣ କରି ସେ ସବୁକିଛି ଦେଖିଛନ୍ତି ସବୁକିଛି ଜାଣିଛନ୍ତି, ସବୁ କିଛି ପ୍ରତ୍ୟକ୍ଷ କରିଛନ୍ତି ସ୍ୱୟଂ ନିଜ ସ୍ୱଚକ୍ଷୁରେ । ସେଇ ତମକୁ କହିବେ, ଅଶୀବର୍ଷ ତଳେ ଏଇ ଅଭ ଉପତ୍ୟକାରେ ଏକ ଝଡ଼ ଅନ୍ଧାର ରାତିର ନିଶିଦ୍ଧ ପ୍ରହରରେ ସେ ପାନ୍ଥ-ଶାଳାର ନିବୁଜ କୋଠରୀ ଭିତରେ ଗୋଟିଏ ନିରୀହ-ନିଷ୍ପ କଳିକା ପ୍ରତି···ଯାହା କରା ହୋଇଥିଲା······

ସେଇ ବାଳିକାଟି କିଏ ? କ'ଣ କରା ହୋଇଥିଲା ତା'ପ୍ରତି ?

ସେହି ବିଭତ୍ସ ଓ ଜଘନ୍ୟ ଘଟଣାର ଜ୍ୱାଳାମୟ ସ୍ମୃତି ହୃଦୟରେ ବହି ସଂକଳ୍ପର ଅପେକ୍ଷାରେ ଅନୁତପ୍ତା ସେଇ ବାଳିକା ମୁଁ ଏ ରାତି ପରେ ରାତି, ବର୍ଷ ବର୍ଷ ଧରି, ସୁଦୀର୍ଘ ଅଶୀ ବର୍ଷ ହେଲା କା କାନ୍ଧ ଧରି ବୁଲୁଛି ଡାକ୍ତର ବାବୁ······

ଗ୍ରେଟ ନାଗପୁର ମାଲଭୂମିର ନିର୍ଜନ ଉପତ୍ୟକା ।
କେହି କୁଆଡ଼େ ନାହିଁ ।
ଅସ୍ତ ହୋଇ ଆସୁଚି ସୂର୍ଯ୍ୟ । ଏକ ଝରଣାର କଳତାନ ଶୁଭୁଛି ।
ଚ୍ଚ ପକ୍ଷୀର କାକଳି ବ । ପାଣି ଧାରର ସେ ପାଖରେ ବହୁ ପୁରାତନ
ନ୍ଦିରର ବିଧ୍ୱସ୍ତ ଧ୍ୱଂସାବଶେଷ । ଏ ପାଖରେ ନିଃଶେଷିତ,
ରିତ୍ୟକ୍ତ, ଏକଦା ବିଖ୍ୟାତ ଗୋଟିଏ ଅଭ୍ର ଖଣିର ଅବଶିଷ୍ଟ ।
ପତ୍ୟକାର ମଧ୍ୟସ୍ଥଳୀରେ ଦେଖାଗଲେ ଜଣେ ଆଗନ୍ତୁକ । ମୁହଁରେ
ାଡ଼ି । ଅଳ୍ପ ପାଚି ଯାଇଛି । ଗୌରବର୍ଣ୍ଣ ମୁହଁ । ଲମ୍ବା ନାକ ।
ଧ୍ୱସ୍ତ ବର୍ତ୍ତମାନ ଭିତରେ ଅତୀତକୁ ଖୋଜିବାର ଅନୁସନ୍ଧିତ୍ସୁ ଚାହାଣି
ଆଖିରେ । ପୁରୁଣା ଖାକି ପ୍ୟାଣ୍ଟ ଆଉ ଚଗ୍ର ଚେକ୍ ଶାର୍ଟ ଭିତରେ
ଭଲା ଦେହକୁ ଗ୍ରେଟ ମନେ ହେଉଛି । ହାତରେ ଖଣ୍ଡେ ଚମଡ଼ା
ଗ ଛଡ଼ା ଆଉ କିଛି ନାହିଁ ।
ଉପତ୍ୟକା ଭିତରେ ସେ କେତେବେଳୁ ପ୍ରବେଶ କଲେଣି ଜଣା
ାହିଁ । କାହିଁକି ଆସିଛନ୍ତି ଏଠିକି ? କିଏ ଏହି ଆଗନ୍ତୁକ ?
ପାଣି ଧାରରେ ଠିଆହୋଇ ଚଉଁ ଆଡ଼କୁ ଚାହିଁ ରହିଲେ କ୍ଷଣକ
ଇଁ । ତା' ପରେ ଫେରି ଚାଲିଲେ ଖଣି ମୁହଁର ବିବର ପାଖକୁ ।
ଭିତରକୁ ଚାହିଁଲେ । ପୁଣି ସେ ଅନାଇଲେ ପାହାଡ଼ ଉପରକୁ ।
ଏଠାରେ ଚମ୍ପକା ଅଭ୍ର କମ୍ପାନୀର ଗେଷ୍ଟ ହାଉସ୍ । ପୁରାତନ,
ରାଜୀର୍ଣ୍ଣ ଓ ଗତାୟୁ । ରଙ୍ଗ ଉଠି ଯାଇଛି । କଡ଼ି ବର୍ଗା ଗୁଡ଼ାକ
ରି ବାରଣ୍ଡାରେ ଆଡ଼ାଆଡ଼ି ଠିଆ ହୋଇଥିବାର ଦେଖାଯାଏ ।
ନିକଟବର୍ତ୍ତୀ ତାହା ପରିତ୍ୟକ୍ତ ।

ଗୋଟିଏ ଦୀର୍ଘ ଶ୍ୱାସ ଛାଡ଼ି ବେଶ୍ କିଛି ସମୟ ଏକ ଦୃଷ୍ଟିରେ ଚାହିଁ ରହିଲା ସେଇ ଅଟ୍ଟାଳିକା ଆଡ଼କୁ । ତା' ପରେ, ପୁଣି ଥରେ ତଳକୁ ଚାହିଁଲା, ପାଦ ତଳର ଅନ୍ଧକାର ବିବର । ଗମ୍ଭୀର ନିଃଛିଦ୍ର ଅନ୍ଧାର ଜମାଟ ବାନ୍ଧିଛି ତା' ଭିତରେ । ଅଭ୍ର ଖଣିର ସେଇ ଗହ୍ୱର ମୁହଁ ଭିତରକୁ ନବାଗତ ଆଗନ୍ତୁକ ସ୍ଥିର ଦୃଷ୍ଟିରେ ଚାହିଁ ରହିଛି ଆଜି କ'ଣ ଯେମିତି ଭାବୁଛି ମନେ ମନେ, କ'ଣ ଯେପରି ଖୋଜୁଛି !!!

ତେବେ କଣ ଏଠି କିଛି ହଜାଇ ଦେଇ ଯାଇଥିଲା ସେ ? କ'ଣ ତା'ର ହଜିଥିଲା ?

ପଛରେ ଖସ୍ ଖସ୍ ଶବ୍ଦ ହେଲା ହଠାତ୍ । ଚମକି ଉଠି ଫେରି ଚାହିଁଲା ଆଗନ୍ତୁକ । ନାଁ, ଯାହା ଭାବିଥିଲା ତା' ନୁହେଁ । ହରିଣୀଟାଏ ଧାଇଁ ଚାଲିଗଲା ଶୁଖିଲା ପତ୍ର ଗଦା ଉପରେ ।

ବହୁଦିନରୁ ଏଠି ମଣିଷର ଆଧିପତ୍ୟ ଲୋପ ପାଇଛି । ତେଣୁ ଏହି ଭିତରେ ଏଇ ଉପତ୍ୟକା ଜନ୍ତୁ-ଶଙ୍କୁଳ ହୋଇ ଉଠିବା ସ୍ୱାଭାବିକ କିନ୍ତୁ ଜନ୍ତୁ ଅପେକ୍ଷା ମଣିଷ ଯେ ବେଶୀ ହିଂସ୍ର ଏହା ମୁହୂର୍ତ୍ତକ ଆଗରୁ ଭୁଲି ଯାଇଥିବାରୁ ମନକୁ ମନ ହସି ଉଠିଲା ସିଏ ; ଆଉ ତା'ର ସେଇ ହସ ପାହାଡ଼ରେ ବାଜି ଯେତେବେଳେ ପ୍ରତିଧ୍ୱନି ହୋଇ ଫେରି ଆସିଲା, ନିଜକୁ ନିଜେ ସଯତ କରିନେଲା ଆଗନ୍ତୁକ । ସବୁତ ଫେରି ପାଇ ବୁଝି ପାରିଲା ଯେ ସେ ପାଗଳ ପରି ହସି ଉଠିଥିଲା !!!

ସେଲୁ୍ୟଲାର୍ ଜେଲ୍‌ର ଲୁହା ଫାଟକ ଖୋଲିଗଲା ।

ଆଖି ବୁଲାଇ ଚାରି ଆଡ଼କୁ ଥରେ ଚାହିଁ ନେଲା । ମୁଁ ଆଜି ମୁକ୍ତ । ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ ନରହନ୍ତା ଆସାମୀ ଦୀପକ ଚୌଧୁରୀ ମୁକ୍ତି ପାଇଛି ଆଜି । ନରହନ୍ତା ଦୀପକ ଚୌଧୁରୀ !!

ପ୍ରଥମ ଯୌବନରେ ଆସିଥିଲି ଯେଉଁଠିକି, ସେଠାରୁ ଆଜ
ାଧାସ୍ତ ନେଉଛି ମୁଁ ଜୀବନର ସାୟାହ୍ନରେ । ପଛରେ ଛାଡ଼ି ଆସିଲି
ାଉଁ କାରାକକ୍ଷ । ସେଠି ପଡ଼ି ରହୁ ବଗତ ସୁଦୀର୍ଘ ପଚିଶିଟି ବର୍ଷ
ଯନ୍ତ୍ରଣାମୟ ସ୍ମୃତି । ମୁଁ ଆଜ ମୁକ୍ତି ପାଇଛି । ସଭ୍ୟ ସମାଜ ଭିତରକୁ
ଫେରିଯିବି । ଫେରିଯିବି ଯେଉଁଠାରୁ ଜୋରକରି ମୋତେ କାଢି
ଆ ହୋଇଥିଲା ।

କିନ୍ତୁ, ବନ୍ଧୁ-ଦରଦୀ ସେଇ ବଦେଶୀ—ସେଲ୍ୟୁଲର ଜେଲ୍ର
ଶେଷ ଇଂରେଜ ସୁପରିଣ୍ଟେଣ୍ଡେଣ୍ଟ ମିଷ୍ଟର ନେଲ୍ସନ୍,
ମାନ ଛାଡ଼ିଯିବା ପୂର୍ବରୁ ସେହି ସ୍ୱର୍ଗଗତ ପୁଣ୍ୟାତ୍ମାଙ୍କ ଉଦ୍ଦେଶ୍ୟରେ
ର ପ୍ରଣାମ ଜଣାଇ ଯାଅ ଦୀପକ ।

ସୁପରିଣ୍ଟେଣ୍ଡେଣ୍ଟ ନେଲ୍ସନ୍ । ବଶାଳ ଏଇ କାରାପୁରୀର
ଣୁ-ପରମାଣୁ ସହିତ ଯେଉଁ ସଂବେଦନଶୀଳ ମଣିଷଟିର ସ୍ମୃତି
ଜଡ଼ିତ···ଯାହା ପାଖରେ ମାନସିକ ଆଶ୍ରୟ ପାଇ ନ ଥିଲେ ପାଗଳ
ଇ ଯାଇ ଥାଆନ୍ତ ତମେ—ପାଗଳ ହୋଇ ନ ଥିଲେ ଆତ୍ମହତ୍ୟା
ରି ଥାଆନ୍ତ. ତମ ଦେହ ଭିତରର ମଣିଷକୁ ଆଉ ତା'ର ମନୁଷ୍ୟତ୍ୱକୁ
ଏଇ ନା ମର୍ଯ୍ୟାଦା ଦେଇଥିଲେ, ସେଇନା ତମକୁ ଦେଇଥିଲେ
ଲୋକର ସନ୍ଦେଶ, ଜ୍ଞାନର ସନ୍ଧାନ !

ନା, ତାଙ୍କୁ କେବେ ଭୁଲିବନି ଦୀପକ, ଭୁଲି ଯାଇ ପାରିବନି,
କେବେ ହେଲେ ଭୁଲି ପାରିବନି ।

ବେଶ୍ ତ ! ମିଷ୍ଟର ନେଲ୍ସନ୍ଙ୍କୁ ଯଦି ଭୁଲି ଯାଇ ପାରିବନି,
ଲି ଯଦି ପାରିବନି ତାଙ୍କର ଆନ୍ତରିକ ସହାନୁଭୂତି, ସାହାଯ୍ୟ ଓ
ଦାଚର୍ଯ୍ୟ ! ତେବେ ସେଇ ମହାନ୍ ବ୍ୟକ୍ତିତ୍ୱର ତମ ପ୍ରତି ଅମୂଲ୍ୟ
ଦାନ ମହନୀୟ କେତୋଟି ଅମୂଲ୍ୟ ଉପଦେଶ, ଏଇ ବିଦାୟ
ମୁହୂର୍ତ୍ତରେ ସେଗୁଡ଼ିକୁ ହଠାତ୍ କିପରି ଭୁଲି ବସିଲ ଦୀପକ ? ଏ
। ହେଲା ତମର ? କାହିଁକି ତମର ଏପରି ମନେହେଲା ?

କ'ଣ ମନେ ହେଉଛି ?

ଏଇ ଯାହା ଭାବୁଥିଲି କିଛି କ୍ଷଣ ଆଗରୁ, ତାଙ୍କ କକ୍ଷର ମେଘନାଦ ପାଚେରୀ ଭିତରେ ସୁଦୀର୍ଘ ପଚିଶ ବର୍ଷର 'ଅପଚୟ'···

ଅପଚୟ ?

ପଚିଶ ବର୍ଷ ତମର 'ଅପଚୟ'ରେ ଯାଇଚି ? ଯାହା ଥିଲ, ଯାହା ତମର ଥିଲା, ଯେଉଁପରି ଆସିଥିଲ ଏଠାକୁ ପଚିଶ ବର୍ଷ ତଳେ ; ମନେ ପକାଅ ଦୀପକ ।

କ'ଣ ନେଇ ଆସିଥିଲ ତମେ, କ'ଣ ନେଇ ଫେରୁଛ । କ'ଣ ହୋଇ ଆସିଥିଲ, କ'ଣ ହୋଇ ଯାଉଛ । ସେ ଦିନ କ'ଣ ଥିଲା ତମ ଠାରେ, ଆଉ ଆଜି କ'ଣ ଅଛି । ଭାବୁଛ, ସେ ଦିନ ସବୁ କିଛି ତମର ଥିଲା ; ଆଜି ତମେ ନିଃସ୍ୱ···ନିଃଶେଷ ହୋଇ ଫେରୁଛ ? ଭୁଲ ଦୀପକ, ଭୁଲ । ମନେ ପକାଅ, କ'ଣ କହୁଥିଲେ ମିଷ୍ଟର ନେଲ୍‌ସନ । କ'ଣ ତମକୁ ଉଦାହରଣ ଦେଇ ବୁଝାଉଥିଲେ ନିଜକୁ ନିଜେ ପଚାର ।

ଜାଣ, ତମଠାରେ ଯାହା ଅଛି, ଯାହାନେଇ, ଯେଉଁ ଧନରେ ଧନୀକ ହୋଇ ତମେ ଏଠାରୁ ଫେରୁଛ, ବାହାର ଦୁନିଆର ତଥାକଥିତ ସଭ୍ୟ ସମାଜରେ କାହାରିଠାରେ ତାହା ନାହିଁ, କାହାର ଏବେ ନାହିଁ !! ସମସ୍ତଙ୍କ ଉପରେ ତମର ସ୍ଥାନ, ତମେ ସମସ୍ତଙ୍କର ଈର୍ଷାର ପାତ୍ର !!!

ମନେ ପକାଅ, ମନେ ପକାଅ ଦୀପକ ଚୌଧୁରୀ, ନାଟକର ଶେଷ ଅଙ୍କ । ବିଚାର ସରିଚି ! ଲୋକାରଣ୍ୟ ଅଦାଲତ—ଓକିଲ, ପେସ୍କାର ଚପରାସୀ ଆଉ ଜୁରୀ । ହଇରଣ୍ ମଧ୍ୟରେ ତିନିଜଣ ବିଚାରକ, ଗୁରୁ-ଗମ୍ଭୀର ପରିବେଶ । ରାୟ ଦେବା ପୂର୍ବରୁ ପ୍ରଧାନ ବିଚାରପତି ଜୁରୀମାନଙ୍କ ସହିତ କ'ଣ ପରାମର୍ଶ କରୁଛନ୍ତି । ଅନ୍ୟ ଦୁଇ ଜଣ ଜଷ୍ଟିସ୍ ବି ନିଜ ନିଜର ମତାମତ ଦେଇ ସାରିଲେଣି । କାଗଜ ଉପରେ କଲମର

ଏ ଖସ୍, ଗ୍ରସ୍ଥ ଲେଖା ଚାଲିଛି । ମୋଟା ଚଷମା, ଗମ୍ଭୀର ମୁହଁ,
କ ମନରେ ଗ୍ରସ୍ଥ ଲେଖି ଚାଲିଛନ୍ତି ପ୍ରଧାନ ବିଚାରପତି । ଆଉ ତମେ,
ତରେ ତମର ହ୍ୟାଣ୍ଡକାଫ୍ । ଦୁ'ପାଖରେ ସଶସ୍ତ୍ର ସିପାହୀ ।
ଆ ହୋଇ ରହିଛ ଷ୍ଟାଣ୍ଡପର !

ସରକାରୀ ଓକିଲ କ'ଣ କଥାବାର୍ତ୍ତା ହେଉଛନ୍ତି ଖୁବ୍ ଆସ୍ତେ
ସ୍ତେ । ପେସ୍କାର ବାବୁଙ୍କ ଆଡ଼କୁ ଝୁଙ୍କିପଡ଼ି । ଏଣେ ତମ ପକ୍ଷର
କିଲ, ଯାହାଙ୍କୁ ସରକାରୀ ଖର୍ଚ୍ଚରେ ସରକାର ଯୋଗାଇ ଦେଇ-
ଲେ ମକଦ୍ଦମା ଲଢ଼ିବାକୁ, ସେ ନିଷ୍ପୃହଭାବେ ପାନ ଚୋବାଉଛନ୍ତି
ବଞ୍ଚର ଗୋଟାଏ କଣରେ ବସି । ବେଶ୍ ଆରାମ୍‌ରେ ବସିଛନ୍ତି,
ନେ ହେଉଛି, ଟିକିଏ ନିଦ ଲାଗି ଆସିଲାଣି ବୃଦ୍ଧ ଭଦ୍ରଲୋକଙ୍କୁ !

କିଛି ସମୟ ପରେ । ରାୟ ଦେବାକୁ ଉଠିଥିଲେ ପ୍ରଧାନ
ଚାରପତି । ସୂଚୀ-ପତନ ନୀରବତା । ତା'ପରେ ପଢ଼ାହେଲା
ର୍ଘ ଚାଳିଶ ପୃଷ୍ଠାର ଜଜମେଣ୍ଟରେ, ସବୁକିଛିର ତନ୍ନ ତନ୍ନ
ଲୋଚନା । ଶେଷ ପୃଷ୍ଠାର ଶେଷ କେତୋଟି ଲାଇନ୍—

hereby come to the conclusion that···

ଅମତଃ ସେ ଦିନ ବାଡ଼ିରେ ଚୁମ୍‌କୀ ୮ଭ୍ ଖଣିର ଗେଷ୍ଟ ହାଉସ ହତା
ତରେ ଥିଲେ କେବଳ ତିନିଜଣ । ନନ୍ ସାବୀନା, ରେଭେରେଣ୍ଡ
ଓନାର୍ଡ ଆଉ ଜସେପ୍‌ସନଙ୍କ ଦୀପକ ଚୌଧୁରୀ । ଅଭିଯୁକ୍ତର ନିଜ
ୟାନ୍ ଅନୁଯାୟୀ, ସେଇ ନିଜେହିଁ ଶେଷ ବ୍ୟକ୍ତି ଯେ କି ନିହତ-
ାନଙ୍କୁ ଜୀବିତ ଅବସ୍ଥାରେ ସେହି ବାଡ଼ିରେ ଦେଖିଥିଲା । ଦ୍ୱିତୀୟରେ
ତ୍ୟାକାଣ୍ଡ ପରେ ପରେ ଘଟଣା ସ୍ଥଳରୁ ରକ୍ତାକ୍ତ ଫାର୍ଶୀ ହାତରେ
ଳାଇ ଯାଉଥିବା ଅବସ୍ଥାରେ ସେ ଯେ ଧରା ପଡ଼ିଚ, ଏହା ମଧ୍ୟ ତା'ର
ୀକୃତିରୁ ଜଣାପଡ଼େ ।

ହତ୍ୟାକାରୀର ମୋଟିଭ୍ ସମ୍ବନ୍ଧରେ ପୋଲିସ୍ ରିପୋର୍ଟ ଅନୁଯାୟୀ
ଅମେ · ସେ ସାବୀନା ପ୍ରତି ପାଶବିକ ଅତ୍ୟାଚାର କରିବାକୁ ଚେଷ୍ଟା

କରିଥିଲ—ସାବୀନା ଚିତ୍କାର କରି ଉଠିବାରୁ ତା'ର ଗଳା ଚିପି ଧରିବା ଯାହା ଫଳରେ କି ଝିଅଟିର ମୃତ୍ୟୁ ହୋଇଛି । ଅନ୍ୟ କୋଠରୀର ରେଭେରେଣ୍ଡ ଧାଇଁ ଆସିଥିଲେ ସାବୀନାର ଚିତ୍କାର ଶୁଣି । ଫାର୍ଦ ସାହାଯ୍ୟରେ ତାଙ୍କୁ ମଧ୍ୟ ହତ୍ୟା କରିଚି ଦୀପକ ଚୌଧୁରୀ । ପୋଲି ଆଗରେ ଏହା ସବୁ ସ୍ୱୀକାର କରିଥିଲ ଆସାମୀ—କିନ୍ତୁ ଅଦାଲତରେ ଅସ୍ୱୀକାର କରିଚ । ଏଠି ପାଗଳ ଭଳି ପ୍ରଳାପ କରି ସମସ୍ତଙ୍କୁ ଫାଙ୍କି ଦେବାକୁ ଚେଷ୍ଟା କରିଥିଲେ ମଧ୍ୟ ଡାକ୍ତରୀ ପରୀକ୍ଷାରେ ସଂପୂର୍ଣ୍ଣ ସୁସ୍ଥ ପ୍ରକୃତିସ୍ଥ ବୋଲି ପ୍ରମାଣିତ ଏହି ଅଳ୍ପ ବୟସ୍କ ଯୁବକ ଯଦିଓ ଚରମ ଦଣ୍ଡ ପାଇବାର କଥା, ତଥାପି ତାକୁ ବଞ୍ଚିରହି ଅନୁତାପ ଦ୍ୱାରା ଆପଣାକୁ ସଂଶୋଧିତ କରିବାର ସୁଯୋଗ ଦେବାପାଇଁ ମୁଁ ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ କରୁଛି···

ମନେ ପଡ଼ୁଛି ଦୀପକ ?

ଅଦାଲତରେ ଉଠିଥିଲ ଗୁଞ୍ଜନ । ଶତଶତ ଆଖିର ଘୃଣାଭରା ଚାହାଣୀରେ ନୀରବ ତିରସ୍କାର ! କେହି ତମକୁ ବୁଝିଲେନି କେହି ତମକୁ ବିଶ୍ୱାସ କରୁ ନାହାନ୍ତି, ସହାନୁଭୂତି ନାହିଁ କାହାରି ଘୃଣ୍ୟ ଅପରାଧୀ ତମେ, ଜଘନ୍ୟ ଆସାମୀ···ନରହନ୍ତା ଦୀପକ ଚୌଧୁରୀ !

ଚିତ୍କାର କରି କରି କହୁଥିଲ, ମୁଁ ମାରିନି ! ମୁଁ ସେମାନଙ୍କୁ ମାରିନି !

କିଏ ତମର ସାକ୍ଷୀ ? କ'ଣ ତମର ଏଲିବି ? କୌଣସି ପ୍ରମାଣ

ନାଁ, କେହି ସାକ୍ଷୀ ନାହାନ୍ତି, କୌଣସି ପ୍ରମାଣ ନାହିଁ । ଆତ୍ମ-ପକ୍ଷ ସମର୍ଥନ କରି କିଛି ହେଲେ କହି ପାରିଲନି ତମେ । ଖାଲି ଚିତ୍କାର କରି ବୁଲିଲ ପାଗଳ ପରି, ମାରିନି···ମୁଁ ମାରିନି···ମୁଁ କହୁଚି ମୁଁ ମାରିନି···

ସବୁ ଆସାମୀ ଏହିପରି କୁହନ୍ତି, ଏଇପରି କହନ୍ତି, ଏଇମିତି

ଅଭିନୟ କରନ୍ତୁ । କିଏ ବିଶ୍ୱାସ କରିବ ତମ କଥା ? ଦର୍ଶକମାନଙ୍କ ।ପ୍ର ସ ଆଉ ଧିକ୍କାରର ଗୁଂଜନକୁ ଶାନ୍ତ କରିଥିଲେ ବିଚାରପତି ଟେବୁଲ୍ ଉପରେ ହାତୁଡ଼ି ବାଡେଇ, ଅର୍ଡ଼ର୍...ଅର୍ଡ଼ର୍... !

ତା'ପରେ ଉପର ଅଦାଲତରେ ପୁନଃର୍ବିଚାର ପାଇଁ ଆବେଦନ । ତଳ ଅଦାଲତର ରାୟ ହିଁ କାଏମ୍ ରହିଲା । ଶେଷରେ ମହାମାନ୍ୟ ଭାଇସ୍‌ରାୟଙ୍କ ପାଖକୁ ଦୟା ଭିକ୍ଷାର ଆବେଦନ କରିଥିଲ, ଯାହାର ଉତ୍ତର ବି ତମେ ପାଇଲନି ଦୀପକ !

ବୁଝିଲ ତ କେତେ ହିଂସ୍ର ଏଇ ମଣିଷ ସମାଜ ! କେତେ ଅନ୍ଧ, କେତେ ନିଷ୍ଠୁର । କାହାର ନାହିଁ ଟିକିଏ ହେଲେ ସହାନୁଭୂତି ! ସ୍ରେଷ୍ଠ ବଡ଼ ସମସ୍ତେ ସମାନ, ସମସ୍ତେ ହୃଦୟହୀନ । ମାଜିଷ୍ଟ୍ରେଟ୍ ଯାହା ବଡ଼ଲାଟ୍ ବି ସେଇଆ ।

କେହି ବୁଝିଲେନି, କେହି ଶୁଣିଲେନି । ସମସ୍ତେ ବିଶ୍ୱାସ କଲେ ଆଇନକୁ । ଆଇନ୍ ଆଖିରେ ତମେ ଅପରାଧୀ ।

ସାରା ଦୁନିଆଁ ସତେ ଅବା ତମକୁ ତର୍ଜନୀ ଦେଖାଇ କହୁଛି, ଦୀପକ ଚୌଧୁରୀ, ତମେ ନରହନ୍ତା...ତମେ ଘୃଣ୍ୟ...ତମେ ଜଘନ୍ୟ । ସଭ୍ୟ ସମାଜ ଭିତରେ ସ୍ଥାନ ନାହିଁ ତମର !

ସମାଜ ଭିତରେ ସ୍ଥାନ ନାହିଁ ? ତେବେ କୋଉଠି ତମର ସ୍ଥାନ ?

ତମର ସ୍ଥାନ ସେଇଠି, ଯୋଉଠି ତମରି ଭଳି ଆହୁରି ଅନେକେ ଅସଭ୍ୟ ଜାନୁଆର କଏଦ ହୋଇ ରହିଛନ୍ତି । ହିଂସ୍ର ସମୁଦ୍ରର କଳାପାଣି ଭିତରେ ଅସ୍ୱାସ୍ଥ୍ୟକର ଜଙ୍ଗଲର ସ୍ରେଷ୍ଠ ଏକ ଦ୍ୱୀପପୁଞ୍ଜ...ଆକାଶଚୁମ୍ବୀ ମେଘନାଦ ପାଚେରୀ-ଘେରା ବିଶାଳ ସେଇ ପଶୁଶାଳା... ହିଁ, 'ପଶୁ-ଶାଳା' ନିଶ୍ଚୟ । କାରଣ ମାନବିକତା ଯୋଉମାନଙ୍କର ନାହିଁ, ମନୁଷ୍ୟ-ରୂପଧାରୀ ସେଇ ପଶୁମାନଙ୍କ ପାଇଁ ପାଶବିକ ବ୍ୟବସ୍ଥା ।ରା ହୋଇଛି ସେଠି । । ଲୁହା ବାଡ଼ ଘେରା ଅନେକଗୁଡ଼ିଏ ସ୍ରେଷ୍ଠ

ଶ୍ରେଷ୍ଠ 'ଯନ୍ତ୍ରା' । ତା'ର ଭିତରୁ ଗୋଟିକରେ ତମର ଉପଯୁକ୍ତ ସ୍ଥାନ ! କିନ୍ତୁ ଯୋଉ ହିଂସ୍ର ମନୀଷର ମିଥ୍ୟା ଚକ୍ରାନ୍ତ ଓ ଷଡ଼ଯନ୍ତ୍ରର ଶିକାର ହେଲ, ଯୋଉ ଜଘନ୍ୟ ଓ ଅସଭ୍ୟ ମାନବିକତା ବିହୀନ ମନୀଷିର ଉଆଗ ଏଇ ଯନ୍ତ୍ରାରେ ସ୍ଥାନ ପାଇନ, ସେମାନଙ୍କୁ ହିଂସ୍ର ଜନ୍ତୁ ଅସଭ୍ୟ କହିବାର ଅଧିକାର ତମର ଚିରଦିନ ପାଇଁ ଗୁଲିଗଲ ଯେତେହେତୁ ସେଇମାନଙ୍କ ହାତରେ ବନ୍ଦୀ ହୋଇ ରହିଲ ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ ନରହନ୍ତା ଆସାମୀ ଦୀପକ ଚୌଧୁରୀ ତମେ !

ଅନ୍ଧାର ବାରନ୍ଦାରେ ବୁଟ୍ ଯୋତାର ମଚ୍ ମଚ୍ ହଠାତ୍ ଥମିଯାଏ ।

ଜେଲର୍, ଜଏ ଏଇ ବନ୍ଦୀ ? ସେଦିନ ରାତିରେ ବି ଏଇ ସେଲ୍‌ରୁ ବୋଧହୁଏ କେହି କାନ୍ଦିବାର ଶୁଣି ପାରିଥିଲି ମୁଁ ନୁହେଁ କି ?

ଜଣେ ନୂଆ କଏଦୀ, ଇନ୍ସପେକ୍ଟର ଅନର୍ ।

ଲମ୍ବା ବାରନ୍ଦାରେ ମିଳେଇ ଯାଉଛି ଓ୍ୱାର୍ଡର୍‌ର ଗଳା—ଏକ୍ ଦୋ ତିନ୍ ଚାର୍ ···ଠିକ୍ ହେ···ସବ୍ ଠିକ୍ ହେ··· । ପ୍ରାଣପଣେ ଚିତ୍କାର କରୁଛି ରାତି ଡିଉଟିର ଓ୍ୱାର୍ଡର, ଜେଲର ବାବୁ ଆଉ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ସରପ୍ରାଇଜ୍ ଚେକିଂରେ ଦେଖି ଏକ୍ ଦୋ ତିନ୍ ଚାର୍ ପାଞ୍ଚ୍ ଛେ ସାତ୍ ଆଠ୍···ସବ୍ ଠିକ୍ ହେ, ଠିକ୍ ହେ । ଅନେକ ଦୂରରେ ଜେଲ୍ ଫାଟକଆଡୁ ଶୁଭୁଛି ପିଟା ଘଣ୍ଟାର ଆଓ୍ୱାଜ, ଠନ୍ ଠନ୍ ବାଜୁଛି । ବନ୍ଦ ହେଲେ ଜା ପଡ଼ିବ । ଜେଲ୍ ପ୍ରାଚୀରର ଜ୍ୟାମିତିକ କେନ୍ଦ୍ର-ସ୍ଥଳୀରେ ଠିଆ ହୋଇ ଥିବା ସୁଉଚ୍ଚ ଗମ୍ବୁଜ ଉପରୁ ତୀବ୍ର ସନ୍ଧାନୀ ଆଲୋକ

ଂଶୀଲ ରଶ୍ମି-ରେଖା ଘୁରି ଘୁରି ଆସି ହଠାତ୍ ପୁଣି ଫେରି
ଆସିଗଲା ସେଇ ଓ୍ୱାର୍ଡ ପାଖ ଦେଇ, ଯୋଉଠି ଅଟକି ଯାଇଛନ୍ତି
ଗଣ୍ଟେଣ୍ଡେଣ୍ଟ ସାହେବ ଆଉ ଜେଲର୍ ବାବୁ। ଝଲକାଏ ଆଲୁଅ
ରେ ପଡ଼ିବାରୁ ସେମାନଙ୍କ ଆଖି ବି ଝାପସା ହୋଇଗଲା କ୍ଷଣକ
ପାଇଁ।

ଏଇ ବନ୍ଦୀ କିଏ ?

ବାରନ୍ଦାର ଆଲୁଅ ଜଳି ଉଠିଲା। ବନ୍ଦୀ ଦ୍ୱାରପାଖ ବୋର୍ଡରେ
ଲେଖା ଅଛି, ପଢ଼ୁଛନ୍ତି ସୁପରିଣ୍ଟେଣ୍ଡେଣ୍ଟ ନେଲସନ୍
ସାହେବ।

'ଦୀପକ୍ ଚୌଧୁରୀ। ବୟସ ଉଣେଇଶ ବର୍ଷ।'

ମାତ୍ର ଉଣେଇଶ ! ଭେରି ୟଙ୍ଗ...

'ଅପରାଧ ନରହତ୍ୟା। ଦଣ୍ଡ ଯାବଜ୍ଜୀବନ ସଶ୍ରମ କାରାବାସ।'

ହୁଁ, ପୁଅର ଗୁଟ୍ସ୍ ! ତମେ ତାଙ୍କର କାଗଜପତ୍ର ଦେଖିଛ
ଜେଲର୍ ? କାହାକୁ ସେ ମାରିଥିଲା ; କାହିଁକି ?

କାଗଜପତ୍ର, ଦେଖିଚି ନିଶ୍ଚୟ, କିନ୍ତୁ ବର୍ତ୍ତମାନ ଠିକ୍ ମନେ
ନାହିଁ। ଏଭଳି ବନ୍ଦୀ ତ ଏଠି ଅନେକ।

ଫୁକି ଅଛି ?

ଅଛି। କିନ୍ତୁ...

ଖୋଲ।

ନରହନ୍ତା ଆସାମୀର ସେଲ୍ ଭିତରକୁ ସଶସ୍ତ୍ର ପ୍ରହରୀ ବିନା
ଯିବାଟା ଜେଲ୍ କୋର୍ଡରେ...

ନିୟମ ମୋତେ ଜଣା ଅଛି। ଖୋଲ।

ଆଜ୍ଞା ଯଦି ଆପଣଙ୍କର କିଛି ସେ...

ଯାହାର ନନ୍ଦନ ଏତେ କରୁଣ ସେ କଦାପି ହିଂସ୍ର ହୋଇ
ପାରେନା ଜେଲର୍ !

ଦେବାର ପଥ...

ମାନବ-ଚରିତ୍ର ବୁଝିବାକୁ ଆହୁରି ଅନେକ ତେଶ ଅଛି ତମର ବଅ ମୋତେ ସୃଷ୍ଟି । ତମେ ବରଂ ବାହାରେ ଅପେକ୍ଷା କରପା କଛି ସମସ୍ତ ।

ମନେ ପଡ଼େ ପାପକ୍ ?

ପଡ଼େ ।

କାହାକୁ ତମେ ମାରିଥିଲ ? ସେ ତମର କ'ଣ କ୍ଷତି କରିଥିଲ ଏତେ କମ୍ ବୟସରେ...

ଜେଲ୍ ଗ୍ରନ ସାହେବ ପଚାରିଥିଲେ ତମକୁ । ଆଉ ତମ ଅଦାଲତ ଭଳି ଏଠି ବି ସେଇପରି ଚିତ୍କାର କରି ଉଠିଥିଲ, ମୁଁ ମା ନାହିଁ ସାହେବ, ମୁଁ ମାରି ନାହିଁ । କିଏ ସେମାନଙ୍କୁ ମାରିଥିଲା ଜାଣେ ନାହିଁ ; କିଛି ଜାଣେ ନାହିଁ । ମୋତେ ଛୁଟି ଦିଅ, ଛୁଟି ଦି ମୋତେ !

ପ୍ରଥମ ଥର ମିଷ୍ଟର ଜେଲ୍ ସନ ଶୁଣିଲେ ତାଙ୍କ ସୁଦୀର୍ଘ ଜୀ ଜୀବନରେ ବନ୍ଦୀ ଜଣେ କହୁଛି, ସେ ମାରି ନାହିଁ ।

ଅତୀତରେ ଆହୁରି ବି କେତେ ବନ୍ଦୀଙ୍କ ପ୍ରତି ଏଇ ସହାନୁଭୂତି ଆସିଛି ତାଙ୍କର । ପାଖକୁ ଯାଇଛନ୍ତି ସେମାନଙ୍କ ନରୁବା ପାଖକୁ ଡାକିଛନ୍ତି ସେମାନଙ୍କୁ । ଆଶ୍ୱାସ ଓ ଅଶ୍ୱାସନା ଦେ ପଚାରିଛନ୍ତି ; ଉତ୍ତର ପାଇଛନ୍ତି—ହଁ ମୁଁ ମାରିଛି । ଦୋଷ କିନ୍ତୁ ମୋ ନୁହେ ସାହେବ । ସେ ମୋତେ ଯାହା କରିଥିଲା ତା'ର ଉପଯୁ ପ୍ରତିଫଳ ଆଇନ୍ ତାକୁ ଦେଇ ନ ପାରିବାରୁ ଆଇନ୍‌କୁ ମୁଁ ନି ହାତକୁ ନେଇଛି ମାତ୍ର ।

କାହିଁକି ବା କୌଣସି ବନ୍ଦୀ ଏଠି ସେଲ୍ୟୁଲାର ଜେଲ୍‌କୁ ଆସି ପରେ ଆଉ ତା'ର ନିର୍ଦ୍ଦୋଷିତା ପ୍ରମାଣ କରିବାକୁ ଚାହିଁବ ? ସବେ ଅଦାଲତରେ ଅପିଲ୍‌ର ଶେଷ ବିଚାର ପରେ ଚରମ ଦଣ୍ଡ

ନୁଯାୟୀ ଯୋଦ୍ଧମାନେ ଦୋଷୀ ସାବ୍ୟସ୍ତ ହୁଅନ୍ତି, ଯାବଜ୍ଜୀବନ
ାରାଦଣ୍ଡରେ ଦଣ୍ଡିତ ସେଇ ଶ୍ରେଣୀର କଏଦୀମାନଙ୍କୁ କେବଳ
ଙ୍ଗୋପସାଗରସ୍ଥ ଦ୍ୱୀପପୁଞ୍ଜରେ ଅବସ୍ଥିତ ଏଇ କୁଖ୍ୟାତ କଏଦ-
ାନାକୁ ପଠାଇ ଦିଆ ଯାଉଥିଲା । ଏଠି ଆସି ସୁପରିଣ୍ଟେଣ୍ଡେଣ୍ଟ
ିକଟରେ ନିଜର ନିର୍ଦ୍ଦୋଷିତା ପ୍ରମାଣ କରିଦେଲେ ସେ କିଛି ଖଲାସ୍
ରି ଦେଇ ପାରିବେନି ! ତେଣୁ ନିଜକୁ ନିର୍ଦ୍ଦୋଷ କହୁ ଲାଭ ଯେ
ିଛି ନାହିଁ ଏହା ସମସ୍ତେ ଜାଣନ୍ତି । ପଚାରିଲେ ସମସ୍ତେ କେବଳ
ପରାଧ ସପକ୍ଷରେ କେତେ ଗୁଡ଼ିଏ ମାନବିକ ଓ ନୈତିକ ଯୁକ୍ତି ବାଢ଼ି
ଉଥିଲେ ଯୋଉଥିରୁ ଅଧିକାଂଶ ମିଛ ଓ ମନଗଢ଼ା ବୋଲି ଜେଲର୍
ାରୁ ନେଲ୍ସନ ସାହେବଙ୍କୁ ବୁଝାଇବାର ଚେଷ୍ଟା କରି କରି ହତାଶ
ହୋଇ ପଡ଼ିଲେଣି ।

କଏଦୀମାନଙ୍କର ଉତ୍ତର ସବୁ ଶୁଣି ନେଲ୍ସନ ଭାବନ୍ତି, କ'ଣ
ହେଲା ଏଇ ମଣିଷ ସମାଜ ? ଆଇନ୍‌କୁ ନିଜ ହାତକୁ ନେଇନେବା
ଡ଼ା ଅନ୍ୟ ଉପାୟ କଣ ନଥିଲା ? ହତ୍ୟା ହିଁ କେବଳ ଏକମାତ୍ର
ପଯୁକ୍ତ ପନ୍ଥା କାହାରି ଉପରେ ପ୍ରତିଶୋଧ ନେବାପାଇଁ ? କାହିଁକି
ମଣିଷ ଦିନକୁ ଦିନ ଏତେ ବେଶୀ ଜିଘାଂସୁ, ଏତେ ବେଶୀ ପ୍ରତିଶୋଧ
ରାୟଣ ହୋଇ ଉଠୁଛି ? ପ୍ରାଚୀନ ପ୍ରସ୍ତର ଯୁଗର ଜଙ୍ଗଲ ଆଇନ୍‌କୁ
ତେବେ କଣ ଅନ୍ତଃମନରେ ଆମେ ସମସ୍ତେ ଭଲ ପାଉ ? ଅବଚେତନ
ନ ଭିତରେ ଆମେମାନେ ତେବେ ଏବେ ମଧ୍ୟ ବର୍ବର, ଏବେ ମଧ୍ୟ
ଗୈତିହାସିକ ? ଜଣେ ଜଣକ ପ୍ରତି ଅତ୍ୟାଚାର, ଅବିଚାର କରିବ
କାହିଁକି, ଅନ୍ୟ ଜଣକ 'ହତ୍ୟା' ଦ୍ୱାରା ତା'ର ପ୍ରତିଶୋଧ
ନବାକୁ ଯିବ ବା କାହିଁକି ? ଗୋଟିଏ ମଣିଷ କାହିଁକି ଆଉ ଗୋଟିଏ
ମିଷ ଉପରେ ଅତ୍ୟାଚାର କରିବ, ସମସ୍ତେ ପରା ଭାଇ ଭାଇ ଏକ
ଶ୍ୱରଙ୍କର ସନ୍ତାନ । ଭଏ କାହିଁକି ନିଜର ଆତ୍ମସ୍ୱାର୍ଥ ପାଇଁ ଅନ୍ୟ

ଜଣଙ୍କର ସ୍ୱାର୍ଥହାନି ହେବ ? ଆଉ ଯଦିବା ଜଣେ ସେଇଆ କରେ, ଅଧମ ହୁଏ, ଅନ୍ୟ ଜଣକ କାହିଁକି ଉତ୍ତମ ନ ହେବ । ହିଂସାତ୍ମକ ପ୍ରତିଶୋଧ ନେଇ ଆହୁରି ବଡ଼ ଅପରାଧ କରି ଅଧମରୁ ବଳି ଅଧମତର ହୋଇଯିବ ! ସେ କାହିଁକି ହୃଦୟଟାକୁ ବଡ଼ କରିବନି, ପ୍ରେମ ଓ କ୍ଷମା ଦ୍ୱାରା ଅତ୍ୟାଚାରୀର ହୃଦୟ ଜୟ କରିବନି ? ସମସ୍ତଙ୍କର ସେଇ ଗୋଟିଏ ମାତ୍ର ଯୁକ୍ତି, ସେ ମୋ ପ୍ରତି ଯାହା କଲା, ମୁଁ ବି ତାକୁ ତା'ର ଫଳ ଦେଇଛି ! ପ୍ରତିଶୋଧ ନେବା ତ ନିତାନ୍ତ ଆବଶ୍ୟକ ଥିଲା, ଅନ୍ତତଃ ମୋର ମାନସିକ ସନ୍ତୋଷ ପାଇଁ ।

ହୁଁଃ! ମାନସିକ ସନ୍ତୋଷ !! ଏମାନଙ୍କୁ ଦେଖିଲେ ମନେ ହୁଏ ଏମାନେ ମାନସିକ ସନ୍ତୋଷ ପାଇଛନ୍ତି ? ଖାଲି ଆତ୍ମପ୍ରତାରଣା ! ଆଇନ୍ ଅଦାଲତ ଯଦି ତମକୁ ସାହାଯ୍ୟ କରି ନ ପାରିଲା, ନିଜ ହାତକୁ ଆଇନ୍ ନେବ ତୁମେମାନେ ? କାହିଁକି, ଈଶ୍ୱରଙ୍କ ହାତରେ ଅତ୍ୟାଚାରୀର ବିଚାରର ଭାର ଛାଡ଼ି ଦେଲନି ? ତାଙ୍କ ଠାରୁ ଅଧିକ ନ୍ୟାୟ ବିଚାର କିଏ କରିପାରିବ ?

ଦାର୍ଶନିକ ଜେଲ୍ ସନ ସାହେବ ଭାବନ୍ତି, କେବେ ମଣିଷ ସମାଜ ଏଇ ପଶୁତ୍ୱରୁ ରକ୍ଷା ପାଇବ !

ଏ ସମ୍ବନ୍ଧରେ ଜେଲ୍‌ର ଅଧସ୍ତନ ଅଫିସରମାନଙ୍କ ସାଙ୍ଗରେ ଅନେକ ସମୟରେ ଆଲୋଚନା କରନ୍ତି ସେ । ଏମାନଙ୍କୁ ପଶୁରୁ ମଣିଷ କରିବାକୁ ହେଲେ ଏକମାତ୍ର ଉପାୟ, ଏମାନଙ୍କ ହୃଦୟରେ ଈଶ୍ୱର ବିଶ୍ୱାସ ଓ ଆଧ୍ୟାତ୍ମିକ ଭାବ ଜାଗ୍ରତ କରାଇବାର ଉପଯୁକ୍ତ ବ୍ୟବସ୍ଥା କରିବା । ଶାରୀରିକ ପରିଶ୍ରମର ସମୟ କମାଇ ଧର୍ମଚର୍ଚ୍ଚା ପାଇଁ ନିର୍ଦ୍ଧାରିତ କ୍ଲାସର ସମୟ ବଢ଼ାଇ ଦିଅନ୍ତି ଜେଲ୍ ସନ । ସାକୁଲାର ଦିଅନ୍ତି, ଧର୍ମ ସମ୍ବନ୍ଧୀୟ ବିଷୟରେ ବେତନ ଭୋଗୀ ଶିକ୍ଷକ କେବଳ ଅନର୍ଗଳ ବକ୍ତୃତା ନ ଦେଇ, ତାଙ୍କର ଶିକ୍ଷା ବନ୍ଦୀମାନେ କେତେ ଦୂର ଗ୍ରହଣ କରି ପାରୁଛନ୍ତି, ତାହା ଜାଣିବା ପାଇଁ ସେ ଯେପରି ସେମାନଙ୍କୁ

ପ୍ରଶ୍ନ ପଚାରିବାର ସୁଯୋଗ ଦିଅନ୍ତି । ଧର୍ମ ଓ ଈଶ୍ୱରଙ୍କ ସମ୍ବନ୍ଧୀୟ ପ୍ରଶ୍ନ ବନ୍ଦୀମାନେ ଯାହାକିଛି ପଚାରିବେ, ଶିକ୍ଷକଙ୍କୁ ସେସବୁର ଉତ୍ତର ଅବଶ୍ୟ ଦେବାକୁ ହେବ ।

ନେଲ୍‌ସନ ସାହେବ ନିଜେ ମଧ୍ୟ ଯାଇ ଧର୍ମଶିକ୍ଷା କ୍ଲାସରେ ଯୋଗ୍ ଦେଉଥିଲେ ବେଳେ ବେଳେ ।

ଧର୍ମ ଶିକ୍ଷାର ପ୍ରତିକ୍ରିୟା ବନ୍ଦୀମାନଙ୍କୁ କେତେ ପରିମାଣରେ ପ୍ରଭାବିତ କରି ପାରୁଛି ତାହା ଜାଣିବାକୁ ଚେଷ୍ଟା କରୁଥିଲେ ସେ ।

ଅଧସ୍ତନମାନଙ୍କୁ ସତର୍କ କରାଇ ଦେଉଥିଲେ ସାହେବ, କଏଦୀମାନଙ୍କ ପ୍ରତି ବନ୍ଧୁ ପରି ବ୍ୟବହାର କର । ସେମାନଙ୍କୁ କଷ୍ଟ ଦିଅନା, ନିର୍ଯ୍ୟାତିତ କରନା । କଷ୍ଟ ପାଇଲେ ମନରେ ଗୁରୁତର ପ୍ରତିକ୍ରିୟା ଜାତ ହୁଏ, ସେ ନାସ୍ତିକତା ଆଡ଼କୁ ଗତିକରେ ।

ଆଗରେ ସମସ୍ତେ ହଁ ହଁ ଆଜ୍ଞା ହଜୁର କରନ୍ତି, ଇଓର ଅନର, ଯାହା କହୁଛନ୍ତି ଠିକ କଥା ; ଭେରି ପ୍ରାକ୍‌ଟିକାଲ୍ ଥିଂ ।

ଆଉ ପଛରେ କୁହାକୁହି ହୁଅନ୍ତି···ଲୋକଟା ଉଦ୍‌ଭ୍ରାନ୍ତ, ଲୋକଟା ପାଗଳ, ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ନ ହୋଇ ମିଶନାରୀ ଲାଇନ୍‌ରେ ଗଲା ନାହିଁ କାହିଁକି ? ଏଇଟା ଜେଲ୍‌ଖାନା ନା ଧର୍ମଶାଳା ? ଆଗରୁ ଆମମାନଙ୍କର ଚାଉଳ ଡାଲିଠାରୁ ଆରମ୍ଭ କରି ମାଛ-ମାଂସ ଯାଏ ଜଣା ହେଉ ନଥିଲା ; ଜେଲ୍ ଦରଜୀ ଦ୍ୱାରା ପିଲା ଛୁଆଙ୍କ ଜାମାପଟା ସିଲେଇ କରି ନେଉଥିଲୁ ! ଏଇ ଚଣ୍ଡାଳଟା ଆସି ଆମମାନଙ୍କ ମଜା ମାରିଦେଲା ! ସବୁଠି ତ ସ୍ୱା ଶନ-ଧୂ… ବୁଲୁଛି ; କିଛି ମାରି ନେବାର ଉପାୟ କ'ଣ ଆଉ ରଖିଚି ଇଏ ? ଆଜିକାଲି ସମସ୍ତ ଯେପରି ! ଯାଆନ୍ତା କି ରାସ୍କେଲ୍‌ଟା ଏଠୁ ଟ୍ରାନ୍‌ସଫର ହୋଇ ।

ତାଙ୍କର ଭିତରୁ କେହି କେହି ପ୍ରମୋଶନ ଲୋଭରେ ପୁଣି ନେଲସନଙ୍କ ବଙ୍ଗଳାକୁ ସନ୍ଧ୍ୟାବେଳେ ଫାଇଲ୍ ଦେବା ବାହାନାରେ

ଯାଇ ସେ ଅଫିସରୁ ଆସିବା ପରେ କଏ କ'ଣ ତାଙ୍କ ନାଁ'ରେ କହୁଥିଲେ ସେ ସବୁ 'ରିପୋର୍ଟ' କରିଦେଇ ଆସନ୍ତି ।

ଗମ୍ଭୀର ହୋଇ ଗଭୀର ଦୁଃଖର ସହିତ ସାହେବ ମନେ ମନେ ଭାବନ୍ତି, ବନ୍ଦୀମାନଙ୍କ ହୃଦୟ ପରିବର୍ତ୍ତନ ପାଇଁ ଯୋଉ ଧର୍ମ-ଶିକ୍ଷା କ୍ଲାସ ହେଉଛି, ସେଠି ବନ୍ଦୀମାନଙ୍କ ସାଙ୍ଗରେ ଜେଲ୍‌ର ଏଇ ସବୁ ଷ୍ଟାଫ୍‌ମାନଙ୍କୁ ମଧ୍ୟ ବସାଇଲେ କପରି ହୁଅନ୍ତା ?

ବିଚରା ନେଲସନ୍! କେହି ତାଙ୍କୁ ବୁଝିନ୍ତିନି । ଆଉ ଯୋଉ-ମାନେ ବା ବୁଝିନ୍ତି ଭୁଲ ବୁଝନ୍ତି ସେମାନେ !

ସେଇ ନେଲ୍‌ସନ୍ ଆଜି ଆଶ୍ଚର୍ଯ୍ୟ ଦୀପକ ଚୌଧୁରୀର କଥା ଶୁଣି । ଦୀପକ କ'ଣ ଜାଣେ ନାହିଁ ଯେ ସେ ଜଣେ ସାମାନ୍ୟ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ? ସେ ଜଜ୍ ନୁହନ୍ତି, ଭାଇସରୟ ନୁହନ୍ତି ; ବନ୍ଦୀ ନିର୍ଦ୍ଦୋଷୀ ବୋଲି ଜାଣିଲେ ବି ଖଲାସ କରି ଦେବାର କ୍ଷମତା ତାଙ୍କର ନାହିଁ । କିଛିହେଲେ ସେ କରି ପାରିବେନି ତା ପାଇଁ । କାହିଁକି ତେବେ ତାଙ୍କ ପାଖରେ ନିଜର ନିର୍ଦ୍ଦୋଷିତା ସାବ୍ୟସ୍ତ କରିବାକୁ ଦୀପକ ଏତେ ବ୍ୟାକୁଳ ?

ତମେ ଠିକ କହୁଚ, ତମେ ମାରିନାହଁ ? ନେଲସନ୍ କହିଲେ, ଯାହା ହେବାର ହୋଇ ସାରିଚ, ମୋ ହାତରେ କିଛି ନାହିଁ । ଯଦି ତମେ ପ୍ରକୃତରେ ନିରପରାଧ ବି ହୋଇଥାଅ ତଥାପି ମୁଁ ତୁମ ପାଇଁ କିଛି କରି ପାରିବିନି ଦୀପକ ।

ଜାଣେ । ମୁଁ ଖାଲି ଏତିକି କହୁଚି ଯେ ମୁଁ ସେମାନଙ୍କୁ ମାରିନି । କେହି ବିଶ୍ୱାସ କଲେ ନାହିଁ, ତମେ ବି ବିଶ୍ୱାସ କରି ନ ପାର । ମୁକ୍ତି ତମ ହାତରେ ନାହିଁ ବୋଲି, ଫାଶୀ ବି କ'ଣ ତମ ହାତରେ ନାହିଁ ? ଇମିତି ସାରା ଜୀବନ ଏଠି ତିଳ ତିଳ ହୋଇ ମରିବା ଅପେକ୍ଷା ମୋତେ ବରଂ ଫାଶୀ ଦେଇଦିଅ ସାହେବ,

ଫାଶୀ ଦେଇଦିଅ । ନ ହେଲେ ବିଷ ଟିକିଏ ଆଣି ଦିଅ ମୋତେ ! ଏଠି ଆଉ କିଛି ଦିନ ରହିଲେ ମୁଁ ଯେ ପାଗଳ ହେଇଯିବି ।

ଶାନ୍ତ ହୁଅ ଦୀପକ ।

ଦିନ ପରେ ଦିନ, ମାସ ପରେ ମାସ, ବର୍ଷ ପରେ ବର୍ଷ ଏଇ ଜଘନ୍ୟ ଅନ୍ଧକୂପ ଭିତରେ···ନାଁ ନାଁ ମୁଁ ଏଠି ରହି ପାରିବିନି । ଆତ୍ମହତ୍ୟା ଛଡ଼ା ଅନ୍ୟ କିଛି ଉପାୟ ନାହିଁ ମୋର ।

ଛିଃ । ତମେ କ'ଣ ମନେ କର ଦୀପକ, ଏଇ ମେଘନାଦ ପାଚେରୀର ବାହାରେ ଯୋଉ ଜୀବନ ସେଇ କେବଳ ସାର୍ଥକ ?

ନିଶ୍ଚୟ । କି ମୂଲ୍ୟ ଏଠି ଅଛି ମୋ ଶିକ୍ଷାର, ମୋ ବିଦ୍ୟାର, ମୋ ଜୀବନର ? କୋଉ ଜ୍ଞାନ ଏଠାରେ ମୁଁ ଅର୍ଜନ କରି ପାରିବି ? ଏଠି ଥାଇ ପୃଥିବୀ ସମ୍ବନ୍ଧରେ କ'ଣ ବା ମୁଁ ଜାଣିବାକୁ ପାଇବି ? ପଶୁ ଆଉ ମୋ ଭିତରେ କ'ଣ ତଫାତ୍ ରହିବ ଏଠାରେ ଆଉ କିଛି ଦିନ ବିତାଇବା ପରେ ? ମୋର ଆଶା, ଆକାଂକ୍ଷା, ଏମ୍ବିସନ, ସବୁ କିଛି ଧ୍ୱଂସ ହୋଇଗଲା ସାହେବ । ମୁଁ ତ ଜାଣେ, ମୁଁ ନିରପରାଧ । ମଣିଷ ପରା ତା'ର କର୍ମ-ଫଳହିଁ ଭୋଗ କରେ ? କ'ଣ ମୁଁ କରିଥିଲି ଯେ ମୋର ଏପରି ସର୍ବନାଶ ହୋଇଗଲା ? କ'ଣ ବୋଲି ନିଜକୁ ବୁଝାଇବି, କ'ଣ କହି ମୁଁ ଆପଣାକୁ ପ୍ରବୋଧ ଦେଇ ପାରିବି ?

ନରହନ୍ତା ଆସାମୀର ଶଯ୍ୟା ପାଖରେ ବସି ପଡ଼ିଲେ ସେଲ୍ୟୁଲାର୍ ଜେଲର ଇଂରେଜ ସୁପରିଣ୍ଟେଣ୍ଡେଣ୍ଟ । ଭୁଲି ଗଲେ ମୁହୂର୍ତ୍ତିକ ପାଇଁ ଦୀପକ ଜଣେ ସାମାନ୍ୟ ବନ୍ଦୀ, ଆଉ ସେ···

ଦୀପକ ପିଠିରେ ହାତ ରଖି ସହାନୁଭୂତି ଭରା ଗଳାରେ କହିଲେ, ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ ବନ୍ଦୀମାନଙ୍କ ସମ୍ବନ୍ଧରେ ଅନେକ ଚିନ୍ତା କରିଚି । ନିଜେ ସେଇ ପରିସ୍ଥିତିରେ ଥିଲେ ଏହା ଅପେକ୍ଷା ଫାଶୀ-ଦଣ୍ଡକୁ ଅଧିକ ଶ୍ରେୟସ୍କର ମନେ କରନ୍ତି କି, ଏହା

ମଧ୍ୟ ଗମ୍ଭୀର ଭାବେ ଭାବୁଛୁ, ଭାବି ଭାବି କେତେ ଅନିଦ୍ର ରାତି ମୁଁ ପୁହାଇ ଦେଇଛି ଦୀପକ । ଅନେକ ସମୟରେ ମୋ'ର ବହୁ ମାନସିକ ପ୍ରଶ୍ନର ଉତ୍ତର ମୁଁ ଗ୍ରନ୍ଥ ଭିତରୁ ପାଇଥାଏ । ସେଦିନ ଜଣେ ବିଖ୍ୟାତ ଲେଖକଙ୍କ ଗୋଟିଏ ଗଳ୍ପ ମୋତେ ଏହାର ଉତ୍ତର ଦେଇଦେଲା । ପଢିଥିବ ହୁଏତ, ସେଇ ଗପରେ ଜଣେ ବଣିକ ଚ୍ୟାଲେଞ୍ଜ କରିଛନ୍ତି ତାଙ୍କର ବନ୍ଧୁକୁ ଯଦି କୋଡ଼ିଏ ବର୍ଷ ସେ ଗୋଟିଏ ପ୍ରକୋଷ୍ଠରେ ବନ୍ଦୀ-ଜୀବନ କଟାଇ ପାରିବେ ଆଶାତୀତ ଅଙ୍କର ଏକ ପୁରସ୍କାର ଜିଣିବେ ସେ, ଯାହା କି ସେଇ ବନ୍ଧୁ ପକ୍ଷରେ ସାରା ଜୀବନ-କାଳ ଭିତରେ ଉପାର୍ଜ୍ଜନ କରିବା ସମ୍ଭବ ହୋଇ ପାରନ୍ତା ନାହିଁ । ବନ୍ଧୁ ଜଣକ ବାଜି ଜିଣି ମଧ୍ୟ ସେଇ ଅର୍ଥ ଗ୍ରହଣ ନ କରି ଚାଲି ଯାଇଥିଲେ । ସୁଦୀର୍ଘ କୋଡ଼ିଏ ବର୍ଷ…… ସେ କେବଳ ବହି ପଢ଼ି କଟାଇ ଦେଇ ପାରିଲେ । ବନ୍ଦୀ ଜୀବନର ସମାପ୍ତି ପରେ ସେ ଦେଖିଲେ ତାଙ୍କ ଜୀବନର ମୂଲ୍ୟବୋଧର ବଦଳି ଯାଇଛି । ଜ୍ଞାନର ଐଶ୍ୱର୍ଯ୍ୟରେ ସେ ପୃଥିବୀର ସର୍ବଶ୍ରେଷ୍ଠ ଧନକୁବେର ତାଙ୍କଠାରେ ଯାହା ଅଛି ଆଉ କାହାରି ଏତେ ନାହିଁ । ଅର୍ଥ ତାଙ୍କ ପାଖରେ ନିରର୍ଥକ । ନିଜର ଦୈନନ୍ଦିନ କର୍ତ୍ତବ୍ୟ, ସାମାଜିକ ଜୀବନ ଏବଂ ଅନ୍ୟାନ୍ୟ ସବୁ କିଛି ପରେ କୌଣସି ମଣିଷର ବହି ପଢିବା ପାଇଁ ବେଶି ସମୟ ରହେନା । ସେ କିନ୍ତୁ ନିରବଚ୍ଛିନ୍ନଭାବେ ପଢିଯାଇଛନ୍ତି । ଜ୍ଞାନ ଆହରଣ କରି ଯାଇଛନ୍ତି । ଗୋଟି କୋଠରୀ ଭିତରେ ବସି ସବୁଠିକୁ ସେ ଯାଇଛନ୍ତି । ସବୁକି ଦେଖିଛନ୍ତି । ସବୁକିଛି ଜାଣି ପାରିଛନ୍ତି । There is nothing more beautiful than knowledge…nothing interesting than knowledge… ଦୀପକ, ସେଇ ସତ୍ୟ ଉପଲବ୍ଧି କରିବା ପରେ ମୁଁ ବି ସେଇ ଜୀବନ ବାଛି ନେଲି କାହାରି ସାଙ୍ଗରେ ସମ୍ପର୍କ ନାହିଁ ମୋର । ଅଫିସ୍ ପରେ ଘରେ

ରହେ । ବନ୍ଧୁ ପଡ଼ ସମସ୍ତ କଟାଏ । ଏହାଠାରୁ ସୁଖକର ଜୀବନ ନାହିଁ । ଆଜକାଲି ଲୋକଙ୍କ values ଯାହା, ସାମାଜିକ ଜୀବନ କ୍ରମେ ଦୁର୍ବିସହ ହୋଇ ଉଠି ଥିଲ ମୋ ପକ୍ଷରେ । ମୋଟେ ବସ୍ତୁ-ବାଦୀ, ସମସ୍ତେ ଖାଲି ଟଙ୍କା ଆଉ ଇର୍ଷା ଏବଂ ପରଶ୍ରୀକାତରତା, ଏଇ ସବୁ ନେଇ ଅଛନ୍ତି । ବନ୍ଧୁ କେବଳ ତମକୁ, ଯାହା ଗୃହ ଛାଡ଼ା ଦେଇ ପାରିବ । ବନ୍ଧୁ ନେଇ ରୁହ ତମେ, ଜୀବନରେ ଆଉ କିଛି ହେଲେ ଦରକାର ନାହିଁ । interesting ବନ୍ଧୁ ମୁଁ ତମକୁ ଏତେ ଯୋଗାଇ ଦେଇ ପାରିବି ଯେ···ଯାପକ, ସାରା ଜୀବନ ପଢ଼ି ପଢ଼ି ଶେଷ କରି ପାରିବନି ତମେ । ଯେତେ ଗୃହ ଆଣି ଦେଇ ପାରିବି । ଯୋଉଭଳି ବନ୍ଧୁ ତମେ ଗୃହ । ଏକ ନିଶ୍ୱାସରେ ଶେଷ ନ କରିବା ଯାଏ ଆହାର ନିଦ୍ରା ପର୍ଯ୍ୟନ୍ତ ଭୁଲିଯିବ । ଏତେ interesting···!!! ତା' ତୁଳନାରେ କ'ଣ ଅଛି ଏଇ ଜେଲ୍ ବାହାରର ସାମାଜିକ ଜୀବନରେ ?

ମୋର ଜ୍ଞାନ । ଯାହା ତମକୁ ବନ୍ଦୀ ଜୀବନରେ ଦେଇଥିଲା ସନ୍ତୋଷ, ଦେଇଥିଲା ଆନନ୍ଦ, ଯାହାର ଅଭାବରେ ତମେ ହୁଏତ ଆତ୍ମଘାତୀ ହୋଇ ଥାଆନ୍ତ ଜେଲ୍ ଭିତରେ. ଯାହା ବଦଳାଇ ଦେଲା ତମ ଜୀବନର ମୂଲ୍ୟବୋଧ, ଯାହା ହୋଇ ନ ଥିଲେ କାରାଗାରରୁ ମୁକ୍ତି ପାଇବା ପରେ ମଧ୍ୟ ଜିଜ୍ଞାସାର କବଳରୁ ମୁକ୍ତି ପାଇ ପାରି ନ ଥାଆନ୍ତ ତମେ···ରକ୍ତ ପିପାସୁ ଜାନୁଆର ପରି ଖୋଜି ବୁଲନ୍ତ ଉଦ୍‌ଭ୍ରାନ୍ତ ହୋଇ । କିଏ ସେହି ଷଡ଼ଯନ୍ତ୍ରକାରୀ, ଯାହାର କୁଟିଳତା ଆଉ ଚକ୍ରାନ୍ତର ଶିକାର ହୋଇ ବିନା ଅପରାଧରେ ଜେଲ୍ ଦଣ୍ଡ ଭୋଗିଲି ମୁଁ । ଖୋଜି ବାହାର କରିବି ; ପ୍ରତିଶୋଧ ନେବି··· ପ୍ରତିଶୋଧ !

ତମର ମୂଲ୍ୟବୋଧ କିନ୍ତୁ ବଦଳି ଯାଇଛି ଆଜି । ତମେ ଉନ୍ନତ ମଣିଷ । ତମେ ସୁପରମ୍ୟାନ୍, ତମେ ଜ୍ଞାନୀ, ପଣ୍ଡିତ, ବିଦ୍ୱାନ,

କ୍ଷମାଶୀଳ, ସାଂସାରିକ ସୁଖ ଦୁଃଖର ଊର୍ଦ୍ଧ୍ୱରେ । ତମେ ସନ୍ନ୍ୟାସୀ, ତମେ ସାଧକ, ତମେ ତପସ୍ୱୀ ; ସେଇ ସବୁର ଅନେକ ଉଚରେ ତମେ ଯାହା ବା ଯେଉଁସବୁ ଚଣ୍ଡ ବିକାର ମଣିଷକୁ ପାଗଳ କରେ, ଉନ୍ମନା କରେ, ଜିଘାଂସୁ କରେ । ତମେ ଧୀର, ସ୍ଥିର, ଶାନ୍ତ, ସୁଶୀତଳ, ଗମ୍ଭୀର ଏକ ସ୍ୱଚ୍ଛ ନୀଳ ହ୍ରଦ !!! ବରଂ ଭାବୁଛ ଏଇଠି··· ସ୍ୱାଁ'ଗ ଭିତରେ ଜୀବନର ଅବଶିଷ୍ଟ ଅଂଶ ଯଦି ଏଇଭଳି କଟି ଯାଇ ଥାଆନ୍ତା । ପାରେନା, ଯାବଜ୍ଜୀବନ କାରାଦଣ୍ଡରେ ଦଣ୍ଡିତ କାହାରିଙ୍କ ସାରା ଜୀବନ ଜେଲ୍‌ରେ ରଖା ଯାଏନା । ମୁକ୍ତ ହଇଯାଏ ନିର୍ଦ୍ଦିଷ୍ଟ କେତେ ବର୍ଷ ପରେ । ତମେ ତେଣୁ ମୁକ୍ତ ପାଇଛ, ବାହାରକୁ ଆସିଛ । ନେଲ୍‌ସନଙ୍କ ବାଣୀ କାନ ପାଖରେ ଶୁଭି ଯାଉଛି — ସୁଦୀର୍ଘ ଜେଲ୍ ଜୀବନରେ ତମେ ଯାହା ଆହରଣ କଲ ତାହା କ୍ୱଚିତ୍ କାହାରିଠାରେ ଅଛି ଧାପକ । କୌଣସି କିଛିରୁ ବଞ୍ଚିତ ହୋଇନ ତମେ । ମଣିଷର ବିଚାରରେ, ସାଧାରଣ ମଣିଷର ଦୃଷ୍ଟିକୋଣରୁ ଯାହା ବା ଯେଉଁସବୁ ତମେ ବଞ୍ଚିତ, ବାସ୍ତବିକ ତମେ 'ବଞ୍ଚିତ' ନୁହେଁ ; ବରଂ ସେଇ ସବୁରୁ ଜେଲ୍ ତମକୁ 'ବଞ୍ଚାଇ' ଦେଇଛି, ବଞ୍ଚାଇ ଦେଇଛି 'ଅବାଂଛିତ' ଅନେକ କିଛି ଅପଦାର୍ଥରୁ, ଅବସ୍ତୁରୁ ଆଉ ଅଜ୍ଞାନତାରୁ !!!

କୌଣସି କ୍ଷତି ତମର ହୋଇନି ଜେଲ୍ ଯିବା ଫଳରେ । ତେଣୁ କାହା ଉପରେ ରାଗ, ବିଦ୍ୱେଷ ବା ପ୍ରତିହିଂସାର ପ୍ରଶ୍ନ ତମ ମନରେ ଆଜି ଉଠୁ ନାହିଁ ଆଉ ।

ପ୍ରତିହିଂସାର ଉଦ୍ଦେଶ୍ୟ ଯଦି ନାହିଁ, କାହିଁକି ତେବେ ତୁମେ ଆସିଛ, ଫେରି ଆସିଛ ନିର୍ଜନ ଏଇ ଉପତ୍ୟକା ଭିତରୁ । କଣ ଖୋଜୁଛ, କାହାକୁ ଖୋଜୁଛ ଆଉ କାହା ପାଇଁ ବା ଅପେକ୍ଷା କରୁଛ ଧାପକ ?

ନା, ସେ ସବୁ କିଛି ନୁହେଁ ।

କେବେ ?

କୌତୂହଳ ।

କୌତୂହଳ ? କିନ୍ତୁ କିଏ ତମର କୌତୂହଳ ମେଣ୍ଟାଇବ ଦୀପକ ? କିଏ ତମକୁ ଉତ୍ତର ଦେବ । କେହି ଏଠି ନାହାନ୍ତି । ସେ ଦିନର ଘଟଣା ଦେଖିଥିବା କୌଣସି ଗୋଟିଏ ହେଲେ ଚରିତ୍ର ଆଜି ଏଠାରେ ନାହିଁ ।

ଜଣେ କେବଳ ଅଛି ।

ସେ କିଏ ?

ମହାକାଳ ।

ପ୍ରାଗୈତିହାସିକ ଯୁଗରୁ ସବୁ କିଛି ଦେଖି ଆସିଛି, ସବୁ କିଛି ଦେଖି ଶୁଣି ସ୍ଥିର, ଶାନ୍ତ ଆଉ ନୀରବ ହୋଇ ରହିଛି, ସବୁ କିଛି ସହିଛି ସେଇ ମହାକାଳ ।

ଉତ୍ତର ଦିଅ, ଉତ୍ତର ଦିଅ ମହାକାଳ ! ଦୀପକ ଖାଲି ଜାଣିବାକୁ ଚାହେଁ ତା'ର କୌତୂହଳ ନିବାରଣ ପାଇଁ ; ଅନ୍ୟ କିଛି ନୁହେଁ । ଉତ୍ତର ଦିଅ, ଉତ୍ତର ଦିଅ ତାକୁ । ନୀରବ ମୂକ ଗାମ୍ଭୀର୍ଯ୍ୟ ଭାଙ୍ଗି ମୁଖର ହୋଇ ଉଠ ମହାକାଳ, ଉତ୍ତର ଦିଅ ।

ମୁଁ ଦୀପକ ଚୌଧୁରୀ ପୁଣି ଫେରି ଆସିଛି । ଫେରି ଆସିଛି ସେଇଠିକି, ଯେଉଁଠାରେ ମୋ 'ଭୂତପୂର୍ବ' ଜୀବନର ଅଭୂତପୂର୍ବ ଶେଷ-ଅଙ୍କ ଅଭିନୀତ ହୋଇଥିଲା ।

ହଁ, ଏଇ ସେହି ଉପତ୍ୟକା । ସେ ଦିନ ଥିଲା କୋଳାହଳମୟ ; ଆଉ ଆଜି, ବିଧ୍ୱସ୍ତ ଐଶ୍ୱର୍ଯ୍ୟର ଶ୍ମଶାନ ପରି ଜନମାନବଶୂନ୍ୟ । ଅଗତ ବିହାର ଭୂମିକମ୍ପରେ ଚୂର୍ଣ୍ଣ ଭାଙ୍ଗି ପଡ଼ିଥିଲା, ବିଶେଷ କ୍ଷତିଗ୍ରସ୍ତ

ହୋଇଥିଲା, ତା'ପରେ ପରିତ୍ୟକ୍ତ । ନିଃଶେଷ ହେଲା ଅଭ୍ର ଖଣିର ଆକରିକ ଭଣ୍ଡାର । ସେ ଦଶବର୍ଷର କଥା ହେଲଣି । କମ୍ପାନୀ ଉଠିଗଲା । ତା' ସାଙ୍ଗେ ସାଙ୍ଗେ ଜନବସତି ବି ଉଠିଗଲା, ହଠାତ୍ ଯେପରି ବସିଥିଲା ଦିନେ କମ୍ପାନୀର ଆବିର୍ଭାବ ହେବାକ୍ଷଣି । ହଠାତ୍ ଯେପରି ମୁଖର ହୋଇ ଉଠିଥିଲା, ସେଇପରି ସେଦିନ ପୁଣି ନିର୍ବାକ ହୋଇଗଲା ହଠାତ୍ ।

ହାସ୍ୟୋଜ୍ଜ୍ୱଳ ସୂର୍ଯ୍ୟର ପ୍ରସନ୍ନ କିରଣରେ ଏକଦା ସମୁଦ୍ଭାସିତ ଛୋଟ-ନାଗପୁର ମାଳଭୂମିର ଏଇ ଅଭ୍ର ଉପତ୍ୟକା ଆଜି ବି କିନ୍ତୁ ସେଇଭଳି ଚକ୍ ଚକ୍ କରି ଉଠୁଛି ।

ଆଖି ପାଇବାଯାଏ ଦୂରଦୂରାନ୍ତର ଅଭ୍ର ରେଣୁର ଔଜ୍ଜ୍ୱଲ୍ୟରେ ମାଟି, ପଥର, ପଡ଼ିଆ ଆଉ ପାଖ ଆଖର ରୁକ୍ଷ ଟାଙ୍ଗର ଉଦ୍ଭେଦ ବିସ୍ତୀର୍ଣ୍ଣ ପାହାଡ଼, ସବୁକିଛି ଚକ୍ ଚକ୍ କରୁଥିଲା ସେଦିନ ବି । ଠିକ୍ ଏଇପରି । ସୂର୍ଯ୍ୟର କିରଣରେ, ଚନ୍ଦ୍ରର ଜ୍ୟୋତ୍ସ୍ନାରେ । ନୈସର୍ଗିକ ଏହି ସୌନ୍ଦର୍ଯ୍ୟ ହିଁ ତ ଅଭ୍ର ଅଞ୍ଚଳର ଆକର୍ଷଣ ।

ଛୋଟ ଏକ ଟାଙ୍ଗରା ପାହାଡ଼ ବା ମୁଣ୍ଡିଆ । ତା'ରି ଉପରେ ଗେଷ୍ଟ-ହାଉସ୍‌ଟିର ଅବସ୍ଥିତି । କମ୍ପାନୀର ସେହି ସୁରମ୍ୟ ଅତିଥି-ନିବାସରେ ତାହାର ସୁପାରିଶ୍ ଜୋର୍‌ରେ 'କେଆର୍-ଟେକର୍' ଚାକିରି ପାଇଥିଲା ଦୀପକ । ସୁନ୍ଦର ଥିଲା ତା'ର ଜୀବନ । ବିଶେଷ କିଛି କାମ ନ ଥିଲା । ବାହାରୁ ଯେଉଁ ସାହେବ-ସୁବା ବା ଜିଲ୍ଲାର ବଡ଼ ହାକିମମାନେ ଶିକାର ପାଇଁ କିମ୍ବା ଅନ୍ୟ କିଛି କାମରେ ମଝିରେ ମଝିରେ ଏଠି ଆସି ରହୁଥିଲେ ସେଇମାନଙ୍କର ସୁଖ-ସ୍ୱାଚ୍ଛନ୍ଦ୍ୟ ପ୍ରତି ଦୃଷ୍ଟି ଦେବା କଥା । ଯଥେଷ୍ଟ ସମୟ ଥିଲା ତା'ର । ପ୍ରାଇଭେଟ୍‌ରେ ବି. ଏ. ପରୀକ୍ଷା ଦେବା ପାଇଁ ପଢ଼ାପଢ଼ି କରୁଥାଏ । ଆଖିରେ ସ୍ୱପ୍ନର ଇନ୍ଦ୍ରଧନୁ । ଭବିଷ୍ୟତ ଜୀବନରେ ନିଶ୍ଚୟ ସେ ଦିନେ ବଡ଼ ହେବ । ଆହୁରି ଅନେକ କିଛି ସଂକଳ୍ପ ତା'ର !

ବଡ଼ ବଡ଼ ଦୁଇଟି ସୁଟ୍ ଗେଷ୍ଟ ହାଉସରେ । ବାଥ୍, ଡ୍ରଇଂରୁମ୍, ରୋଷାଇ ଘର । ପାଚେରି ଘେରା ହତା ଭିତରେ ଟିକିଏ ତଳକୁ କେଆର-ଟେକର୍ ରହିବାର ବଖୁରିକିଆ ଛୋଟ କ୍ୱାଟର୍ ଟିଏ । ହତା ବାହାରେ ବେଶ୍ କିଛି ଦୂରରେ ତଳ ଆଡ଼କୁ ବ୍ୟାରିକ୍, ଛୋଟ ଛୋଟ ଖୁପୁରି ଘର କେଇଟି ; ମାଳୀ, ଚାକର ଆଉ ଖାନ୍‌ସାମାମାନଙ୍କ ପାଇଁ ଉଦ୍ଦିଷ୍ଟ । ଆହୁରି ତଳକୁ ସ୍ୱୈରିଣୀ ଆଦିବାସୀ ଝିଅ ଫୁଲମତୀର କୁଡ଼ିଆ । ଆହୁରି ଅନେକ ତଳେ କମ୍ପାନୀର ରେଲ୍ ଷ୍ଟେସନ ।

ଏଇ ଗେଷ୍ଟ ହାଉସ । ମନ୍ତ୍ରୀମାନ୍ୟ ଅତିଥିର ସମାଗମରେ ଆଜି ଆଉ ଏ ଗମ୍ ଗମ୍ ହୁଏନା । ଖୋଲା ମେଲା ପରିତ୍ୟକ୍ତ ହୋଇ ପଡ଼ି ରହିଛି । ପର୍ଦ୍ଦା କୁଆଡ଼େ ଗଲାଣି । ଝଲମଲ ଦୁଆ କାଠ କବାଟ ଭାଙ୍ଗି ଗଲାଣି ଉଈ ଖାଇ । ଛାତରୁ ଟାଇଲ୍ ଖସି, ପାଣି ଛା କାନ୍ଥ ଉପରେ ମେଞ୍ଚା ମେଞ୍ଚା ଶିଉଳିର ଦାଗ । ଖୋଲା କବାଟ ଦେଇ ଭିତରେ ଦିଶୁଛି ଭଙ୍ଗା ପଲଙ୍କର ମଶାରି-ଖଣ୍ଡ ।

ହୋଇ ଓହ୍ଲାଇ ଆସୁଥିଲା, ଦୀପକଙ୍କୁ ଦେଖି ଦୌଡ଼ିବାକୁ ଆରମ୍ଭ କରି ଦେଇଥିଲା ବୋଧହୁଏ । ଧକ୍କା ଖାଇ ତଳେ ପଡ଼ିଯିବା ପରେ ଯନ୍ତ୍ରଣାରେ କିଛିକ୍ଷଣ ଅସାଡ଼ ହୋଇ ଯାଇଥିଲା ସେ । କିନ୍ତୁ ବିଦ୍ୟୁତ୍ର କ୍ଷଣିକ ଚମକରେ ଯେଉଁକି ସେ ଦାଗ ପାଇଚି, ତାହା କ'ଣ ଠିକ୍ ଥିଲା ? ମନେ ହୋଇଥିଲା ସେଇ ଲୋକଟିକୁ ସେ ଚିହ୍ନିଚି । କିନ୍ତୁ ପରମୁହୂର୍ତ୍ତରେ ସନ୍ଦେହ ହେଉଚି ତା'ର, ବିସ୍ମୟ ଲାଗିଚି, ନିଜ ଆଖିକୁ ବିଶ୍ୱାସ କରି ପାରୁନି ! ନା ନା, ସେ ହୋଇ ପାରେନା । ବିଶେଷତଃ ହତ୍ୟା ସହିତ ସଂପୃକ୍ତ କରିବ ସେ ଏପରି ଜଣେ ଲୋକଙ୍କୁ ଯଥାର୍ଥ ଭାବେ ନ ଜାଣି, ନିଶ୍ଚିତଭାବେ ନବୁଝି, ନିଶ୍ଚୟ କରି ନ ଚିହ୍ନି ! ମହାପାପ···ମହାପାପ, ନାଁ ନାଁ ତା' କେବେ କରି ପାରିବନି ଦୀପକ । ଗିରଫ ହେବା ପରେ ତା'ଠାରୁ ଷ୍ଟେଟ୍‌ମେଣ୍ଟ ନେଲାବେଳେ ବି ସେଇଆ କହିଥିଲା, ସେ ଲୋକ କିଏ ମୁଁ ଚିହ୍ନି ପାରିନି । ଅନୁମାନ କରି ପାରୁନାହିଁ କି ସନ୍ଦେହ ମଧ୍ୟ ହେଉନାହିଁ, କିଏ ସେ ହୋଇପାରେ !

ଏସ୍. ପି. କହୁଛନ୍ତି, ଫଲ୍‌ସ !

ଘଟଣାସ୍ଥଳ ଉପରେ ପହଞ୍ଚିବା ପରେ ପ୍ରଶ୍ନ ଜାଗେ ଆଜି ଦୀପକ ମନରେ, କିଏ ସେଇ ଲୋକଟି ? କିଏ ସେ । ସେହି କ'ଣ ହତ୍ୟାକାରୀ ? ଯଦି ସେଇ ହୋଇଥାଏ କ'ଣ ଥିଲା ତା'ର ଉଦ୍ଦେଶ୍ୟ ?

ଆହୁରି ମଧ୍ୟ, ଯାହାକୁ ସନ୍ଦେହ କରିଥିଲା ଦୀପକ, ବାସ୍ତବିକ୍ ସେହି କିଏ···

ଏଇ ତ, ପାହାଡ଼ ତଳେ ସେଇ ପାହାଡ଼ୀ ଝରଣା ଡୁମ୍‌କୀ। କୁଳୁ କୁଳୁ ବହିବୁଲେ ବାରମାସ। ଖରାଦିନେ ବି ଶୁଖେନା। ଜୋର୍ ଅସରାଏ ବର୍ଷା ହୋଇଗଲେ ସାଙ୍ଗେ ସାଙ୍ଗେ ଫୁଲି ଉଠେ। ଗର୍ଜନ କରେ ଘୋ ଘୋ। ବର୍ଷା ଛାଡ଼ିଗଲେ, ଦୁ'ଘଣ୍ଟା ପରେ ପୁଣି ଯାହା ଥିଲା ସେଇଆ।

ଝରଣା ସେ ପାଖରେ, ଦୂରରେ ଯେଉଁଠି ଘନବନର ଆରମ୍ଭ, କ୍ୟାଥଲିକ୍ ଚର୍ଚ୍ଚର ଭଙ୍ଗା ଗମ୍ବୁଜ ଉଙ୍କି ମାରୁଛି ସେଠି। ଏ ପାଖରେ ନିଃଶେଷିତ ଅଭ୍ର-ଖଦାନର ନିଷ୍କ୍ରିୟ ଲିଫ୍ଟ ଆଉ ମୃତ ଚିମ୍‌ନୀ ପାଖକୁ ଲାଗି ଦାଉଭଙ୍ଗା କେତେ ଷ୍ଟାଫ କ୍ୱାର୍ଟର୍ସ—ତା'ଠାରୁ ଟିକିଏ ଛଡ଼ାରେ ଅନେକ ଗୁଡ଼ିଏ ନାଲି ମାଟିର କାନ୍ଥଡ଼ା। ନିଶ୍ଚିହ୍ନ ପ୍ରାୟ, ଗାଆଁଟିର ଶେଷ ଅବଶିଷ୍ଟ। ସାପ୍ତାହିକ ହାଟ ପଡ଼ୁଥିଲା ଆଉ ଚର୍ଚ୍ଚ ଆଡ଼ୁ ଯେଉଁ ସଡ଼କଟି ଆସି ଡୁମ୍‌କୀ ନାଳ ପାର ହୋଇ ଏ ପାଖରେ 'କମ୍ପାନୀ ରାସ୍ତା' ସାଙ୍ଗରେ ମିଶିଥିଲା ତାହା ଅରମା ଆଉ ବୁଦୁବୁଦୁକିଆ ଜଙ୍ଗଲରେ ଭରି ଗଲାଣି।

ବରଣ୍ଡାରେ ଠିଆହୋଇ ନବାବ୍ ଦୀପକ ଚୌଧୁରୀଙ୍କ ଆଖି ଫେରେଇଲା ସେ ଆଡ଼ୁ। କମ୍ପାନୀର ଭଙ୍ଗା-ରୁଜା ପକ୍କା ରାସ୍ତା, ଖଣିଠାରୁ ବାହାରି ଗେଷ୍ଟ ହାଉସ୍ ଆଗରେ ମୁଣ୍ଡିଆ ଉପରକୁ ଉଠି ପୁଣି ଗଡ଼ି ଯାଇଛି ଆର ପାଖକୁ ଷ୍ଟେସନ ୟାର୍ଡଯାଏ। ମୁଣ୍ଡିଆ ତଳେ ମାଇଲିଏ ଦୂରରେ ଷ୍ଟେସନ। ଅଲଗା କେତୋଟି କ୍ୱାର୍ଟର ବି ଥିଲା ସେଠି ରେଲୱେ ଷ୍ଟାଫମାନଙ୍କ ପାଇଁ। କେତେଗୁଡ଼ିଏ କାନ୍ଥ

ଖାଲି ଦିଶୁଚି ଆଜି । ଆହୁରି ମଧ୍ୟ ଦେଖା ଯାଉଛି ଲୁହା ଧାରଣାଗୁଡ଼ିକ ଏବଂ ଦୂରର ଡିସ୍‌ଟାଣ୍ଟ ସିଗ୍‌ନାଲ୍ ଖୁଣ୍ଟା ।

ପଚିଶି ବର୍ଷ । ଗୋଟାଏ ଯୁଗ ନୁହେଁ ତ କ'ଣ । ଏହା ଭିତରେ ଅନେକ କିଛି ବଦଳି ଯାଇଛି, ଅନେକେ ଭଙ୍ଗାଗଢ଼ା, ଅନେକ ପରିବର୍ତ୍ତନ ।

ଅଭ୍ର ଖଣିର ଆକଳନ ଐଶ୍ୱର୍ଯ୍ୟ ନିଃଶେଷ ହୋଇଯିବା ପରେ ସଙ୍ଗେ ସଙ୍ଗେ ସବୁ କିଛି ଭୋଜିବାଜି ପରି ମିଳେଇ ଯାଇଚି । ଘୂରି ଯାଇଚି ଏଇ ଉପତ୍ୟକାରେ କାଳ-ଚକ୍ର, ଛବିଶି ବର୍ଷ ପଛକୁ ।

କ୍ଳାନ୍ତ ଯାପକ ଚୌଧୁରୀ, ଲେଦର ବ୍ୟାଗ୍‌ଟିକୁ ତଳେ ରଖିଦେଇ ପାଖରେ ପଡ଼ିଥିବା ଭଙ୍ଗା ଆରାମ-କୁର୍ସିରେ ବସି ପଡ଼ିଲା ।

ଚୁମୁକା ନାଳ ବଢ଼ିଚି । ଘୋର ବର୍ଷା । ଜୀପ୍ ଆଉ ପାଖକୁ ଯିବନି । ଆଜି ରାତିକ ଆଶ୍ରୟ ନେବେ ସେମାନେ । ଧର୍ମ ପ୍ରଚାରରେ ଯାଇଥିଲେ ଦୂରବର୍ତ୍ତୀ ଗାଁ-ଗଣ୍ଡାକୁ ଫାଦର୍ ଲିଓନାର୍ଡ ଆଉ ନନ୍ ସାବୀନା । ସ୍ଥାନୀୟ କ୍ୟାଥଲିକ୍ ଚର୍ଚ୍ଚର ସନ୍ନ୍ୟାସୀ ଓ ସନ୍ନ୍ୟାସିନୀ ।

ଅନ୍ଧାରରେ କାହା ସାଙ୍ଗରେ ଧକ୍କା ବାଜିଥିଲା ? କାହା ସାଙ୍ଗରେ ? ସେ କଣ ଗେଷ୍ଟହାଉସ୍‌ର କୌଣସି ଅଧସ୍ତନ ଭୃତ୍ୟ ? ନା । ତେବେ ? ଏଇ କମ୍ପାନୀରେ କାମ କରେ ? ବୁଢ଼ା । ତା'ର ନାମ ଯଦି ନ ଜାଣି...ଅନ୍ତତଃ ଚେହ୍ରା ପାରିବ କି ଦେଖିଲେ ? ଏଇ ସବୁ ଥିଲା ଏସ୍. ପି. ସାହେବଙ୍କ ନେଶା ।

ନା ।

ପଡ଼ିଗଲି । ଖୁବ୍ ବାଧୁଚି । ମଥାଟା ପଥୁରିଆ ଭୂଇଁରେ ବାଡ଼େଇ ହୋଇ...ଏତେ କଷ୍ଟ...ଅଖିରୁ ଜୁଳୁଜୁଳିଆ ପୋକ ଯେପରିକି

ବାହାର ଅସୁଚ । କିଛି ସମୟ ସେଇଠି ବସି ରହିଲି ସେଇପରି । କପାଳଟା ଦି’ ହାତର ପାପୁଲିରେ ଗୁପି ଧରିଥାଏ !

ତା’ ପରେ ?

ଅନେକ କଷ୍ଟରେ ଉଠି ବାରନ୍ଦାରେ···ହଁ, ଠିକ୍ ଏଇଠି ପାଖ ଦେଇଚ, ଯାହା ଦେଖିଲି—ଉଃ, କି ବଭତ୍ସ ସେ ଦୃଶ୍ୟ ! ଶିତେଇ ଉଠିଲି ଭୟରେ !! ଭିତରେ ଆଲୁଅ ଜଳୁଥାଏ !

ଶବ ଦୁଇଟି ମଝିରେ ରକ୍ତାକ୍ତ କଟୁରି । ସେଇଟିକୁ ଧରି ଧାଇଁ ଆସିଲି ବାହାରକୁ । କାହିଁକି ? ହତ୍ୟାକାରୀକୁ ଧରି ପକେଇବା ପାଇଁ ।

କଟି କଟି ଅନ୍ଧାର । ବର୍ଷା । ବିଜୁଳିର ଚମକ । କେହି କୁଆଡ଼େ ନାହିଁ । ଖାଲି ଝଡ଼ର ସୁହୁ···ସୁହୁ··· ।

ଷ୍ଟେସନ ଆଡ଼ୁ ଶୁଭିଲା ଟ୍ରେନ୍‌ର ଗଡଗଡ । ମୁହୂର୍ମୁହୁ ହୁଇସିଲ । ସୁତୀବ୍ର ଦୁଇଟି ବିପରୀତମୁଖୀ ଆଲୋକ ରେଖା ଅନ୍ଧାର ଚିରି ଛୁଟିଥାଏ । ଷ୍ଟେସନ ଆଲୁଅ ଝିକ୍‌ମିକ୍ କରୁଛି ଯେଉଁଠି, ସେଠୁ ବେଶ୍ କିଛି ଦୂରରେ ।

ତା’ପରେ ସେଇ ଦୁଇଟି ରଶ୍ମିରେଖା ଯେପରି ସ୍ଲେଟ ହୋଇ ଆସି ଗୋଟିଏ ବିନ୍ଦୁରେ ପରିଣତ ହେଲା । ତା’ପରେ, ପ୍ରଚଣ୍ଡ ଏକ ବିସ୍ଫୋରଣର ଶବ୍ଦ ପରି ଆଓ୍ୱାଜ୍ ସାଙ୍ଗେ ସାଙ୍ଗେ ସେଇ ବିନ୍ଦୁ, ଦ୍ରୁତ ଚଳମାନ ଗଡ ଶବ୍ଦ, ମୁହୂର୍ମୁହୁ ହୁଇସିଲ୍ । ସବୁ କିଛି ବିଲୀନ, ଆଉ ବସ୍ତୁତ୍ତ୍ୱ ହୋଇଗଲା ହଠାତ୍ ! ଆଉ ତା’ ପର ମୁହୂର୍ତ୍ତରେ ରାସ୍ତା ଉପରୁ ଗେଷ୍ଟହାଉସ୍‌ର ଫାଟକ ଆଡ଼କୁ ଖୁବ୍ ବେଗରେ ମାଡ଼ି ଆସିଥିଲା ଜିପ୍‌ଟିଏ । ରହିଗଲା ମୋ’ର ଆଗରେ । ଅଲୁଅ ଧାସରେ ଆଖି ବୁଜି ପକାଇଲି । ଖୋଲିଲା ବେଳକୁ ମୋ ଟାଙ୍ଗିଅଧରା ହାତଟି ରହି ସାଇଚ ଖାକି ପୋଷାକ ପିନ୍ଧା ଜଣେ ଲମ୍ବା ଚଢ଼ା ମଣିଷର ସୁଦୃଢ଼ ମୁଷ୍ଟି ଭିତରେ !!!

ମହାକାଳ, ଉତ୍ତର ଦିଅ । ସେଇ ପ୍ରଚଣ୍ଡ ବିସ୍ଫୋରଣ ସହିତ କ'ଣ ଉକ୍ତ ହତ୍ୟାକାଣ୍ଡର କିଛି ନିଗୂଢ଼ ସମ୍ପର୍କ ଥିଲା ?

ସବୁକିଛି ଜାଣିବାକୁ ଚାହଁ ? ଚାଲ ତେବେ, ମୋ ସ୍ରୋତର ସ୍ରୋତକୂଳରେ ସନ୍ତରଣ କରି କରି ଫେରି ଚାଲ ; ଫେରି ଚାଲ ପାଠକ, ବିଗତ ଅତୀତର ସେହି ସୁଦୂରକୁ । ପଚିଶ ବର୍ଷ···ନା ନା, ତମେ ଯଦି ସବୁ କିଛି ଜାଣିବାକୁ ଚାହଁ, ତେବେ ତ ପଚିଶ ବର୍ଷ ବି ଯଥେଷ୍ଟ ନୁହେଁ ତମପାଇଁ !!! ମହାକାଳ-ସ୍ରୋତର ଅନୁକୂଳ ଦିଗକୁ ଯେଉଁ-ମାନେ ଓ ଯାହା ସବୁ ବୁଦ୍‌ବୁଦ ପ୍ରାୟ ଭାସି ଯାଇଛନ୍ତି, ଯେଉଁମାନେ ତମେ ଆସିବା ଆଗରୁ ଏଇଠିକି ଆସିଥିଲେ ସେମାନଙ୍କ ଭିତରୁ ନିତାନ୍ତ ଆବଶ୍ୟକ କେତୋଟି ଚରିତ୍ର ଓ ଏକାନ୍ତ ପ୍ରୟୋଜନୀୟ କେତୋଟି ଘଟଣାକୁ ତମେ ପ୍ରତ୍ୟକ୍ଷ କରିବା ଦରକାର ।

ଦେଖ ।

ପ୍ରଥମ ଅଙ୍କର ପ୍ରଥମ ଦୃଶ୍ୟରେ ଗ୍ରେଟ୍‌ନାଗପୁର ମାଳଭୂମିର ନାମସ୍ଥାନ ଏକ ଉପତ୍ୟକା ।

ଶାଳ ବଣ । କଠିନ କଳା ମାଟି । ରୁକ୍ଷ ଠାଙ୍ଗର ପାହାଡ଼ । ଆଉ, ଝରସ୍ରୋତା ଝରଣାଟିଏ । ଗ୍ରାଣ୍ଡ ଟ୍ରାଙ୍କ୍ ରୋଡ୍ ପକ୍‌କା ସଡ଼କର ଛଅ ମାଇଲ୍ ଦକ୍ଷିଣରେ ରାମଗଡ଼ ରାଜାର ଜମିଦାରୀ ଅନ୍ତର୍ଗତ ଏହି ଉପତ୍ୟକାରେ ଦିନୁଦିନ ଖରାବେଳେ କୁଆଡ଼ୁ ଆସି ଜୀପ୍‌ଟିଏ ପହଞ୍ଚିଲା ।

ଜଣେ ସାହେବ୍, ଆଉ ଦୁଇଜଣ ବାବୁ । ପାହାଡ଼ ଆର ପାଖ ଗାଆଁର ଗୋଟିଏ ଆଦିବାସୀ ଯୁବକ ସେମାନଙ୍କ 'ଗାଇଡ୍' ହୋଇ ଆସିଛି ।

ସ୍ୱମନ୍ତ୍ରେ ଓହ୍ଲାଇ ପଡ଼ିଲେ । ସାଙ୍ଗରେ ଯନ୍ତ୍ରପାତି, ମାନଚିତ୍ର । ଆଖିରୁ ଗଗଲ୍ସ କାଢି ଦୂର ଆଡ଼କୁ ଥରେ ଚାହିଁ ନେଲେ ସାହେବ୍ । ମାଟି, ପଥର, ପାହାଡ଼ ଝକ୍ ଝକ୍ କରୁଛି ସୂର୍ଯ୍ୟ କିରଣରେ ।

ଅଭ୍ର ସନ୍ଧାନରେ ଅନେକ ଜାଗାରୁ ଲୋକ ପଠେଇ ସାମ୍ପଲ୍ ସଂଗ୍ରହ କରିଥିଲେ ସାହେବ । ଲାବୋରେଟରୀ ପରୀକ୍ଷା ପରେ ଏଇଠିକାର ସାମ୍ପଲ୍ ପସନ୍ଦ ହୋଇଛି ତାଙ୍କର, ଖୁବ୍ ବେଶି ପାରସେଣ୍ଟେଜ୍‌ରେ ଅଛି ବୋଲି ।

ମାନଚିତ୍ର ଦେଖା ହେଲା । ହୁଁ, ଏଇ ଜାଗା । ଝରଣାଟିଏ ଅଛି । ଗାଇଡ୍‌କୁ ପଚାରିଲେ, ଏ ଜାଗାର ନାଆଁ ?

ଗାଁ ନାହିଁ, ନାଁ କୁଆଡ଼ୁ ଆସିବ ସାହେବ ?

ଏଇ ବଡ଼ ପାହାଡ଼ଟାର ନାମ୍ ?

ପାହାଡ଼ ତ ପାହାଡ଼ ! ବଣ ପାହାଡ଼ର ପୁଣି ନାଁ......

ଏଇ ଝରଣାକୁ କଣ କହ ?

ହିଁ ହିଁ, ଝରଣାଟାର ତ ନାମ୍ ଅଛି । ଆମ ଗାଁରୁ ବି ଯାଇଛୁ ଏଇ ଝର । ଏଟାକୁ 'ଡୁମ୍ପା' କହନ୍ତି, 'ଡୁମ୍ପା ଝର' ।

ମାନଚିତ୍ରରେ ସାହେବ କଣ ଟିକିଏ ଲେଖିନେଲେ ।

ରାମଗଡ଼ ରାଜା ଠାରୁ ପଟ୍ଟା ନିଆ ହେଲା ଜାଗାଟି । 'ଫ୍ରିଗେଟ' କମ୍ପାନୀ ଅଭ୍ର ଖଣିର କାମ ଆରମ୍ଭ କରିଦେଲା । ନାମ ଦିଆ ହେଲା— 'ଡୁମ୍ପା ମାଇକା ମାଇନ୍ସ' ।

ଅଚଳ ସ୍ଥାଣୁ ପାହାଡ଼ର ଭିତରକୁ ଲିଫ୍ଟ ସାହାଯ୍ୟରେ ଓହ୍ଲାଇ ଯାଆନ୍ତି ଶ୍ରମିକମାନେ । ଭିତରେ ଦାଉ ଦାଉ ବିଜୁଳି-ଆଲୁଅର ଝଳକ । ସ୍ଫଟିକ-ଖଣ୍ଡ ଭଳି ଆଖି ଝଲସା ଅଭ୍ରପିଣ୍ଡ । କୋଡ଼, କାଙ୍କି ଖଣତି ନେଇ ସେଠି ଆଉ ଏକ ଦୁନିଆଁ ।

ବାହାରେ ତିଆରି ହୋଇଛି ପକ୍କା କ୍ୱାର୍ଟର ସବୁ ସ୍ଥାୟୀ କର୍ମଚାରୀ ମାନଙ୍କ ପାଇଁ । ଅସ୍ଥାୟୀ ଶ୍ରମିକମାନେ ସେମାନଙ୍କର ବସ୍ତି ଗଢେ

ଗଡ଼ିଚନ୍ତି ଆଉ ଟିକଏ ଦୂରରେ ; ସେଇ ଗାଁ କ୍ରମେ ବଡ଼ ହୋଇ ଉଠିଚି, ବେଶ୍ ଗାଁଟିଏ ।

ଖଣିରୁ ବାହାରିବା ପରେ ଟ୍ରକ୍ ସବୁ ଅଭ୍ର-ପିଣ୍ଡ ନେଇ, ସେଇ ଛୋଟ ଟାଙ୍ଗର ପାହାଡ଼, ଯାହା ଉପରେ କମ୍ପାନୀର ଗେଷ୍ଟ ହାଉସ୍ ; ସେଇ ପାହାଡ଼ଟା ଅତିକ୍ରମ କରି ଆଉ ପାଖରେ ଥିବା ଷ୍ଟେସନ ୟାର୍ଡରେ ଗେଷ୍ଟ ହାଉସ୍ ବାରନ୍ଦାରୁ ଖେଳନା ପରି ଦିଶୁଥିବା ଧାଡ଼ି ଧାଡ଼ି ମାଲ୍ ଡବା ପାଖରେ ସେଗୁଡ଼ିକୁ ଅଜାଡ଼ି ଦିଅନ୍ତି ।

ସେଠି ପୁଣି ରେଜା କୁଲି ( ନାରୀ ଶ୍ରମିକ ) ଦିନରାତି ଲାଗିଛନ୍ତି ମାଲ୍ ଡବା ଭରିବାରେ ।

ଅଳ୍ପ କେତୋଟି ଛୋଟ ଆକାରର ଇଂଜିନ୍, ଅଧିକାଂଶ ପୁରୁଣା କାଳିଆ, ନାମ ଅଛି ସେଗୁଡ଼ିକର, ହନୁମାନ, ଈଗଲ, ହ୍ୱାଇଟ୍ ହର୍ସ ଇମିତି ସବୁ ନାଆଁ । ଷ୍ଟେସନ ପାଖରେ ଅଳ୍ପ ଚଉଡ଼ା 'ନେରୋ-ଗେଜ୍' ଲାଇନ୍‌ର ସଂଖ୍ୟାତୀତ ଜଟିଳ ସମାବେଶ ଭିତରୁ ଦୁଇଟି ମାତ୍ର ରାସ୍ତା ଅର୍ଥାତ୍ ଦୁଇଟି ମାତ୍ର ଲୁହା ଧାରଣା ବାହାରି ସମାନ୍ତରାଳ ଭାବରେ ଚାଲି ଯାଇଛି ଉତ୍ତରକୁ, ଚାଳିଶ ମାଇଲ ଦୂର, ଡାଲ୍ଟନ୍‌ଗଞ୍ଜ୍ । ବି. ଏନ. ଆର.ର ବଡ଼ ଲାଇନ୍ ଅଛି ସେଠି ।

ଚାଳିଶ ମାଇଲ ଭିତରେ ତିନୋଟି ଷ୍ଟେସନ । ଛୋଟ ଛୋଟ ଖୋଲା ୱାଗନ ସବୁ ଧାଡ଼ି ଧାଡ଼ି ଗଡ଼ି ଚାଲେ ଇଂଜିନ ପଛରେ ଯୋଡ଼ା ହୋଇ । ଅଭ୍ର ବାହି ଟ୍ରେନ୍‌ଗୁଡ଼ିକ ଦିନରାତି ବାରମ୍ବାର ଡାଲ୍ଟନଗଞ୍ଜ ଯାଏ, ଆଉ ସେଠି ଅନ୍‌ଲୋଡ଼ ହୋଇ ପୁଣି ଫେରି ଆସେ ଏଠିକି । ଦୁଇଟି ସମାନ୍ତରାଳ ରେଳ-ପଥରୁ ଗୋଟିକ ଯିବା ପାଇଁ ଆଉ ଅନ୍ୟଟି ଆସିବା ପାଇଁ ଉଦ୍ଦିଷ୍ଟ ।

ଛୋଟ ଛୋଟ ଏଇ ଇଂଜିନ ସବୁ ଚଲାଇବା ପାଇଁ ଯେଉଁ କେତେଜଣ ଡ୍ରାଇଭର କମ୍ପାନୀର ଅଛନ୍ତି, ସେମାନଙ୍କ ଭିତରେ

ସବୁଠାରୁ ସୁଦକ୍ଷ ଆଉ ସବୁଠାରୁ କୁଶଳୀ ସଜନ୍ମ । ବିଚିତ୍ର ଏକ ଚରିତ୍ର ସେ । କଟକରେ ଘର, ମାନେ କେବେ ଦିନେ ଥିଲା । ଅଭିଜାତ ସମ୍ଭ୍ରାନ୍ତ ଘରର ପିଲା । ଜୀବନରେ ନିଶ୍ଚୟ ଏପରି କିଛି ଘଟିଛି ତା'ର, ଯୋଉଥିପାଇଁ ପଢାପଢି ଛାଡ଼ିଛି, ଘର ଛାଡ଼ିଛି, ଅନେକ ଦିନୁ । ଏଠି ସେଠି ହୋଇ କେତେ ଜାଗା ଘୁରିଛି ସେ । ରେଲ୍-ଓଏରେ ଥିଲା । ଭଲ ଇଂଜିନ ଡ୍ରାଇଭର । କିନ୍ତୁ ଉପର ଅଫିସର ସଙ୍ଗରେ ଗଣ୍ଡଗୋଳ କରିବାରୁ ବରଖାସ୍ତ ଗଲା । ଘାଟ୍ ଶିଲା ପାଖ ମୁସାବଣୀ ତମ୍ବା ଖଣିରେ ଲୋକୋମୋଟିଭ୍ ଚଳଉଥିଲା କିଛିଦିନ । ସେଠୁ ବି ସେଇଭଳି କ'ଣ କରି ବରଖାସ୍ତ ହୋଇ ଆସିଛି । ଅଳ୍ପଦିନ ହେଲା କାମ ପାଇଛି ଏଠି । ବୟସ ବେଶି ନୁହେଁ । ପଇଁତିରିଶରୁ ବି କମ୍ ଜଣା ପଡ଼େ । କିନ୍ତୁ ବୁଢ଼ା ବୁଢା ଡ୍ରାଇଭର ମାନେ ତା' ପାସଙ୍ଗରେ ପଡ଼ିବେନି । ବାଛି ବାଛି ସବୁଠୁ ଦଦରା କୋଉ ପଞ୍ଚମଜର୍ଜ ଅମଳର ଇଂଜିନ ସେ ନିଏ, ଆଉ ତାକୁଇ ମରାମତି କରି ଚଳାଏ, ସେଇଥିରେ ତା'ର ଆତ୍ମ-ପ୍ରସାଦ, ସେଇଥିରେ ତା'ର ଆନନ୍ଦ ! କହେ, ବ୍ରାଣ୍ଡ-ନିଉ ଚକ୍‌ଚକିଆ ଇଂଜିନ୍ ସେ'ତ ଔରତ୍ ବି ଡ୍ରାଇଭ କରି ପାରିବ ରହ୍‌ମାନ ମିଆଁ, ସେଥିରେ ବାହାଦୁରୀ କ'ଣ ଅଛି ?

ଏପରି କୌଣସି ଇଂଜିନ ନାହିଁ ଯାହା ସଜନ୍ମ ହାତରେ ଚାଲି ନ ପାରିବ ।

କାହାରି କଥା ସଜନ୍ମ ମାନେ ନାହିଁ, ସଜନ୍ମ ଲୋଫର, ସଜନ୍ମ ଗୁଣ୍ଡା-ସ୍ୱଭାବ, ଭଦ୍ରତା ସେ ଜାଣେନା ; ଟାଣ କଥା କହେ, କାହାରିକି ଖାତିର୍ କରେନା । ସଜନ୍ମ ରନ୍ନିଂ ରୁମ୍‌କୁ ଯାଏନା, ପର୍ବ-ପର୍ବିକା ସାଙ୍ଗରେ ତା'ର ସମ୍ପର୍କ ନାହିଁ । କାହାରି ସାଙ୍ଗରେ ସେ ମିଳାମିଶା କରେନା । ଠିକ୍ ଟାଇମ୍‌ରେ ଟ୍ରେନ ଷ୍ଟାର୍ଟ କରେନା । ଏହିଭଳି ଅନେକ ଅଭିଯୋଗ ତା' ବିରୁଦ୍ଧରେ । କିନ୍ତୁ, ତଥାପି ସେ ରହିଛି ।

କାରଣ ଯେଉଁମାନେ ତା' ବିପକ୍ଷରେ ଅଭିଯୋଗ କରନ୍ତି, ସେମାନେ ତାଙ୍କୁ ଭୟ ମଧ୍ୟ କରନ୍ତି ।

ସେ କାହାକୁ ଭୟ କରେନା । କାହାରିକୁ ତା'ର ଡର ଭୟ ନାହିଁ । ରବି ଠାକୁରଙ୍କ ଗୋରା ଚରିତ୍ରର ସେ ଯେପରି ଅନ୍ୟ ଏକ ସଂସ୍କରଣ । ଉଜ୍ଜ୍ୱଳ ବାଦାମୀ ବର୍ଣ୍ଣର ସୁସ୍ଥ-ସବଳ ଦେହ, ଲମ୍ବା ନାକ, ବେପରୁଆ ଆଖି, ଅଳ୍ପ ନଶ, ମଥାବାଲ ଆଉ ପୋଷାକ-ପରିଚ୍ଛଦ ପ୍ରତି ନିସ୍ପୃହ ଭାବ, ନିର୍ଭୟ-ସ୍ପର୍ଦ୍ଧିତ ଗ୍ରୀବା···ସବୁର କମ୍ବିନେସନ୍‌ରେ ସେ ଯେପରି ଏକ, ଯେପରି ଏକ···ଠିକ୍ ବୁଝେଇ ପାରିବା କଷ୍ଟକର !

ଲୋକେ ପଛରେ କହନ୍ତି, କୁସଙ୍ଗରେ ପଡ଼ି ନଷ୍ଟ ହୋଇ ଯାଇଛି ପିଲାଟା ।

ଅବଶ୍ୟ ତା' ସମ୍ବନ୍ଧରେ କିଏ କ'ଣ ଭାବନ୍ତି, ସେଥିପ୍ରତି ଭ୍ରୂକ୍ଷେପ ନାହିଁ ସଂଜୟର । ଲୋକମାନେ ତାଙ୍କୁ ଇତର ମନେ କରନ୍ତି କି ଭଦ୍ରଲୋକ ଭାବନ୍ତି, ସେକଥା ଜାଣିବାକୁ ତା'ର ଆଗ୍ରହ ନାହିଁ । ଛଟକ ଏକ ଜୀବନ !

ରାତି ଦୁଇଟାରେ ତୃତୀୟ ସିଫ୍‌ଟର ଗାଡ଼ି ଛୁଟିବା କଥା । ଷ୍ଟେସନରେ ଘଣ୍ଟି ବଜା ସରିଛି କେତେବେଳୁ । ଫାୟାରମ୍ୟାନ ବାରମ୍ବାର ହୁଇସିଲ ମାରୁଛି ଇଂଜିନ୍‌ରୁ । ସଂଜୟର ଦେଖା ନାହିଁ ।

ଷ୍ଟେସନ ମାଷ୍ଟର ପ୍ରସାଦବାବୁ ବ୍ୟସ୍ତ । ଆସିଷ୍ଟାଣ୍ଟ ଜଲ୍‌ବାବୁଙ୍କୁ ବିରକ୍ତ ହୋଇ ପଚାରନ୍ତି, କୁଆଡ଼େ ଗଲା ସଂଜୟ ?

କୁଆଡ଼େ ଆଉ ଯିବ, ପଡ଼ିଥିବ ସେଇ ଫୁଲମଣି ପାଖରେ ।

ସ୍ୱୈରିଣୀ ଆଦିବାସୀ ଝିଅ ଫୁଲ୍‌ମଣି । ସୁସ୍ୱାସ୍ଥ୍ୟ ଦେହରେ, ବନ୍ୟ ଯୌବନର ଝରଣୀ । ଦିନବେଳେ ରେଜା-କୁଲିର କାମ କରେ । ସଞ୍ଜ ହେଲେ, ଶସ୍ତା ଚକ୍‌ଚକିଆ ବ୍ଲାଉଜ୍ ଓ ଝିଲ୍‌ମିଲ୍ ଶାଢ଼ୀ ପିନ୍ଧି,

ମଥାରେ ମାଙ୍ଗ ଭାଙ୍ଗି, ବହୁଳ ପାଉଡ଼ର-ପ୍ରଲେପିତ ମୁହଁରେ ବୁ'ଜ୍ ବୋଳି, ଆଖିରେ କଜଳ ଦେଇ, ଆଉ ଦେହରେ କଡ଼ା ଅତର ଢାଳି ଶିକାର ସନ୍ଧାନରେ ଘୂରିବୁଲେ ସେ । ସମସ୍ତେ ଜାଣନ୍ତି, ତାଙ୍କ ସାଙ୍ଗରେ ସଜନୀର ସମ୍ପର୍କ ।

ମଦ ନିଶାରେ ଟଳି ଟଳି ସଜନୀ ଆସି ପହଞ୍ଚେ । ଯେତେ ରାଗିଥିଲେ ବି ଟାଣ କରି ତାଙ୍କୁ କିଛି କହିବାର ସାହସ କାହାରି ନାହିଁ । ପ୍ରସାଦ ଅସନ୍ତୁଷ୍ଟ ଅଥଚ ନରମ ଗଳାରେ କହନ୍ତି, ଏତେ ଡେରି କରି ଆସିଲେ, ଗାଡ଼ି କେତେବେଳେ ପହଞ୍ଚିବ ସଜନୀବାବୁ ?

ଜୁଷ୍ଟ୍ ଫରଓ୍ୱା ନେଭି, ଠିକ୍ ମେକ୍-ଅପ ହୋଇଯିବ ।

ଇଂଜନ୍‌ରେ ଷ୍ଟାର୍ଟ ଦିଏ ସଜନୀ । ଡାଲ୍‌ଟନ୍‌ଗଞ୍ଜରେ ପହଞ୍ଚି ଫୋନ୍ କରେ, ପ୍ରସାଦବାବୁ, କେତେଟା ବାଜିଚ ଘଣ୍ଟାରେ ? ଗାଡ଼ି କେତେବେଳେ ପହଞ୍ଚିବା କଥା ? ଲେଟ୍ ହୋଇଚ ନା ଜାଣ୍ଟ ! ବେଶ ଯେତିକି ଆଗରୁ ଆସିଚ ସେଇଟା ନୋଟ କରି ରଖନ୍ତୁ, ଜୋଉଦିନ ଲେଟ ହେଲେ ଏଡ୍‌ଜଷ୍ଟ କରିଦେବେ ।

ଜନ୍ତୁ ଉଡ଼ୁଚା ବାହୁଙ୍କ, କୌଣସି ଦିନ ପହଞ୍ଚିବାରେ ଲେଟ୍ ହୋଇନି ସଜନୀର । ଇଂଜିନ ସତେ ଯେପରି ତା'ହାତର କ୍ରୀଡ଼ନକ, ଛୁଇଁ ଦେଲେଇ ଦୁରନ୍ତ ଗତିରେ ଧାଏଁ ।

ଜେଉଁଦିନ ବା ଗାଡ଼ି ନେଇ ବାହାରି ଆସିଲା, ଷ୍ଟେସନକୁ କେତେ ମାଇଲ ଯିବାପରେ ଦେଖିଲା ବାହାଦୂର ସିଂ ଡ୍ରାଇଭର ଆଉ ଲାଇନରେ ତା' ଇଂଜିନ ନେଇ ମୁର୍ଚ୍ଛିଲେଇ ପଡ଼ିଚ । ଚକ୍ରେ ପଶିଚ ସେ, ଠିକ୍‌ଠାକ ଶୁଭୁଚ ; ବାହାରକୁ ଦିଶୁଚ ଖାଲି ଗୋଡ଼ ଦି'ଟା ।

ଗାଡ଼ି ରୋକି ସଜନୀ ପଚାରେ, କଉ, କ'ଣ ହେଇଚ ଭ ?

ସବ, ସୁଲୁନାଉଁ ! ଭଗ୍ନ ଜବାବ ଆସେ । ଡାଲ୍ଟନ୍‌ଗଞ୍ଜରୁ ଏ ଯାଏ ଭିନହାର ଭଡିଭଲଣି ଗଲା ଇଂଜିନ୍ଟା । ଏକ ଘଣ୍ଟା

ହେଲ ପଞ୍ଚର ଏଠି, କେତେ କୋସିସ୍ କଲିଣି, ବେକାର ! ଏକଦମ ବାଜେ···

ଓହ୍ଲେଇ ଆସେ ଫଜଗ୍ଘ । ଆବେ ଚଲେଇ ନ ଜାଣି ଗାଡ଼ିର କସୁର ! ହଟ୍ ଉଠ୍, ନକଲ ଶଳା···

କଳା ବଲବଲ ବାହ୍ନାଦୂର ବାହାର ଆସେ ତଳୁ । ଏ ଜାପାନୀ ଇଂଜନଗୁଡ଼ା ବଡ଼ ବଦ୍‌ଚମିଜ ଫଜଗ୍ଘ ଭାଇ ।

ହଜୁ ହଜୁ ମୁଁ ବୁଝୁଁଚ ସ୍ୱା' କଥା । ତୁ ମୋ ଇଂଜନ ନେଇ ପଳା, ଚାଲିଯା ଡ଼ାଲ୍‌ଟନଗଞ୍ଜ···

ବାହ୍ନାଦୂର ଚାଲିଯାଏ ଅପ୍‌ଟ୍ରେନ ନେଇ । ଆଉ ଫଜଗ୍ଘ ଅଳ୍ପ ସମୟ ଭିତରେ ଆଶ୍ଚର୍ଯ୍ୟଜନକ ଭାବେ ସେଇ ଅସାଧ୍ୟ ଇଂଜନକୁ ସାଧ୍ୟ କରି ଡାଉନ୍ ଟ୍ରେନ ପ୍ଲାଟ୍‌ଫର୍ମରେ ପହଞ୍ଚାଏ । ବିସ୍ମିତ ଷ୍ଟେସନ ମାଷ୍ଟର ପଚାରନ୍ତି, ଇଏ କଣ ? ଏ ଗାଡ଼ି···ଆପଣ···ବାହ୍ନାଦୂର ସିଂ···ମାନେ କ'ଣ ହେଲା ?

ଏଟା ବଗିଡ଼ି ଥିଲା ରାସ୍ତାରେ । ମୁଁ ମରାମତ୍ତି କରି ନେଇ ଆସିଲି । ମୋ ଗାଡ଼ି ତାକୁ ଦେଇଚ । ଠିକ୍ ଟାଇମ୍‌ରେ ସେଠି ପହଞ୍ଚେଇବ ବାହ୍ନାଦୂର ।

ଏତିକ କହି ଚାଲିଆସେ ଫଜଗ୍ଘ । ପ୍ଲାଟଫର୍ମ ଶେଷରେ ତା'ର ଗ୍ରେଟ୍ ଗୋଟିକିଆ କ୍ୱାର୍ଟର । ବାରନ୍ଦାରେ ଠିଆ ହେଇ ଡାକ ଛାଡ଼େ, ଆରେ ଗଙ୍ଗାରାମ, ଏ ଗଙ୍ଗାରାମ୍, କୁଆଡ଼େ ଗଲୁ ବେ ଗଙ୍ଗୁ······

ଫଜଗ୍ଘ ଘୁଚ ଖୋଲି ଭିତରକୁ ଯାଏ । ପଛପଟ ବ୍ୟାରକ୍‌ରୁ ଦଉଡ଼ି ଆସେ ଗ୍ୟାଙ୍ଗ୍ କୁଲି ଗଙ୍ଗା ।

କ ବେ, ମିଲିଲା ?

ଆଜ୍ଞା ।

ଦେଶୀ ମଦର ବୋତଲ ଦ'ଟା ଟେବୁଲ ଉପରେ ଥୋଇ ବାଙ୍କ

ପଇସା ଫେରେଇଦିଏ ଗଙ୍ଗୁ । କହେ, ବହୁତ ମୁସ୍କିଲ୍‌ରେ ମିଳିଲା । ଆଜିକାଲି ଏ ସବୁ ଏଠି …

ହଉ, ତୁ ଏତକ ନେଇଯା ।

ଫେରିଥିବା ପଇସାଟା ତାକୁ ବକ୍‌ସିସ୍ ଦେଇଦିଏ ସଜନୀ । ସତ୍ୟରେ, ଫୁଲ୍‌ମଣି ?

ଯାଇଥିଲା ତା' ମାମୁଁ ଘର, ଲୋହାରଡାଗା । ଆଜି ଫେରିବାର କଥା ଥିଲା…ହଁ ହଁ ଫେରିଚି ତ ; ଫେରିଚି ଆଜ୍ଞା, ମୁଁ ତାକୁ 'କାଣ୍ଟିନ୍'ରେ ଦେଖିଥିଲି ଘଣ୍ଟେ ଆଗରୁ ।

ତୁ ଶଳା ଆଜି ବେଶୀ କରି ମାଲ୍ ଟାଣି ଦେଇଚୁ କି ବେ ? ଦେଖି କରି ବି ମନେ ରଖି ପାରୁନୁ !

ଆଜ୍ଞା……

ହଉ ଯା ଯା, କହି ଦେବୁ ସେ ଖାନ୍‌କୀ ମାଇକିନାକୁ ଘରେ ଥିବ; ମୁଁ ଆଜି ଯିବନ ।

ହଉ ବାବୁ !

ମୁଁ ଯିବି ତା' ପାଖକୁ ଦଶ୍ ବଜେ, କହିଦବୁ ; ବୁଝିଲୁ ?

କହିଦେବି ଆଜ୍ଞା ।

ଶାଳୀକି ଟାଙ୍ଗେ ଛେଚିବ ଆଜି । ପଚାରିବ ମତେ ନ କହି କାହିଁକି ସେ ଯାଇଥିଲା ଦି' ଦିନ୍ । ହଉ ତୁ ଯା ଗଙ୍ଗୁ, କହିଦବୁ ।

ଜାମାପଟା ବଦଳାଇଲା ସଜନୀ । ଗ୍ରେଟ କୋଠାଟିଏ । ଏଠି ସେଠି ବିପର୍ଯ୍ୟସ୍ତ ହୋଇ କାଗଜପତ୍ର ପଡ଼ିଛି । ର୍ୟାକ୍‌ରେ ତିନିଟି ଡ୍ରେସ ରଖି ପଙ୍ଖା ଖୋଲି ଦେଇ ଖାଲି ଅଣ୍ଡରଓ୍ୱାର୍ ଦେହରେ ତକ୍ତପୋଷ ଉପରେ ଚିତ୍ ହୋଇ ଲେଟି ପଡ଼ିଲା ସଜନୀ ।

ସେତିକିବେଳେ ତେଣେ ଷ୍ଟେସନ ୟାର୍ଡରେ ଷ୍ଟେସନ ମାଷ୍ଟର କଥା ହଉଥିଲେ ତାଙ୍କ ସହକାରୀଙ୍କ ସାଙ୍ଗରେ । ଦେଖୁଚ, ଲୋକଟା କେତେ ଖିଲୁ! ବାଟରେ ନିଜ ଇଂଜିନଟାକୁ ତାକୁ ଧରେଇ ଦେଇ ଫେରି

ଆସିଚ । ଅସଲ କଥା ଫୁଲମଣି ସାଙ୍ଗରେ ଆଜି···ସେ ଶାଳୀ ଟୋକାଟା ଦେଲା ଏ ଶଳା ରେଲବାଇ ଷ୍ଟାପ୍ ଗୁଡ଼ାକୁ ଖରାପ କରି ! ଦୁ' ଦିନ ହେଲା ନଥିଲା, ଆଜି ପୁଣି ଫେରିଚି ସେ···ସେଇଥିପାଇଁ ଏଣେ ଏ ବାବୁ···

କିନ୍ତୁ ଫଜଲ୍ ବକ୍ସଙ୍କରେ ଯେ ଯାହା କହୁ, ସବୁ କିଛି ପଛରେ । ସାମ୍ନାରେ ତା'ର କେହୁ କିଛି କହି ଦେବ, ଏପରି ସାହସ କାହାର ନାହିଁ । କଥା ଖୁଲିଚି, ସେ ଆସି ପଡ଼ିଲା, ସମସ୍ତେ ଚୁପ୍‌ହୋଇ ଯାଆନ୍ତି । ଇଂଜିନ୍ ସମ୍ବନ୍ଧରେ ସେ ଯେତିକି କୁଶଳୀ ମାର୍ପିଟ୍ କୁସ୍ତିରେ ବି ସିଏ ଯେ ସେତିକି ଦୁର୍ଦ୍ଦଷ, ଏ କଥାଟା ତ ସମସ୍ତଙ୍କୁ ଜଣା ।

ପ୍ରତି ସିଫ୍ଟରେ ଦୁଇଥର, ଦିନକୁ ଭିତରେ ତିନି ସିଫ୍ଟରେ ଛଅଥର ଗାଡ଼ି ଗୁଡ଼ିକ ଯାଏ ଆଉ ଆସେ ରୁମ୍‌କା—ଡାଲ୍‌ଟନ୍‌ଗଞ୍ଜ ଲାଇନ୍‌ରେ । ଉପରଖୋଲା ଗ୍ରେଟ ଗ୍ରେଟ ଓ୍ୱାଗନ୍ ଗୁଡ଼ିକ ପଛରେ ସେଇ ସାନ ଡବାଟି ବି ଯୋଡ଼ାଯାଏ । କେବଳ ଦିନବେଳେ । ଗୋଟାଏ ମାଲ୍ ଡବାକୁ କାଟି, ଟିକିଏ ବଦଳାଇ, ଗୁଡ଼ିଏ ପକାଇ, ବସିବାପାଇଁ ଭିତର ପଟେ ମୁହାଁମୁହିଁ ଦୁ'ଖଣ୍ଡି ଲୁହା ପ୍ଲେଟ ବା ପଟା କାନ୍ଥକୁ ଲଗାଇ ଏଇ 'ପାସେଞ୍ଜର ଭ୍ୟାନ୍' ତିଆରି କରି ଯାଇଚି । ଏଥିରେ ଶ୍ରମିକମାନେ, ସେମାନଙ୍କର କେହୁ ଆତ୍ମୀୟ-ସ୍ୱଜନ ଏଙ୍କ ଜାଗା ଥିଲେ, ସମୟରେ ବାହାର ଲୋକ ମଧ୍ୟ ନିକଟତମ ସହର ଡାଲ୍‌ଟନଗଞ୍ଜକୁ ଯିବା ଆସିବା କରନ୍ତି । ଅଫିସର ଆଉ ସାହେବ-ସୁବାଙ୍କ ପାଇଁ ଅବଶ୍ୟ ଡାଲ୍‌ଟନଗଞ୍ଜ ଯିବାକୁ ଜୀପ୍ ଗାଡ଼ି ରହିଚି, ଯଦିଓ ସରକାରୀ ସଡ଼କରେ ଘୂରୁଣିଆ ବାଟ ଦେଇ ଟିକିଏ ଦୂର ପଡ଼େ ସେମାନଙ୍କୁ ।

ଅଳ୍ପ କେତେ ମାସ ତଳେ ପ୍ରଥମେ ଯୋଉ ଦିନ ଏଠି ଚାକିରିରେ ଯୋଗ ଦେଲା ଫଜଲ୍, ସକାଳ ସିଫ୍‌ଟର ଗାଡ଼ି ନେଇ ବାହାରିଚ

ଡାଲ୍ଟନଗଞ୍ଜ, ଏତିକିବେଳେ କ୍ୟାପ୍ ଆଉ ଖାକି ପୋଷାକ [illegible] ଜଣେ ମଧ୍ୟ-ବୟସ୍କ ଲୋକ, ଗଳାରେ ପ୍ଲାଷ୍ଟିକର ଫୁଲ [illegible] ହାତରେ ଘଣ୍ଟା, ବୁଟ୍ ଯୋତା । ସାଙ୍ଗରେ ତେଇଶ, ଚବିଶ ବର୍ଷର ସୁଶ୍ରୀ ତରୁଣୀଟିଏ, ଧଳା ଧବ୍ ଧବ୍ ଶାଢ଼ୀ ଶ୍ୟାମଳ ଦେହ-ବର୍ଣ୍ଣକୁ ମାନୁଛି ବେଶ୍ । କୌଣସି ଅଳଙ୍କାର ନାହିଁ, ହାତରେ କଣ ଗୋଟାଏ ଧରିଥାଏ । ସେଇ ଲୋକଟି ପାଖକୁ ଆସି, ସଞ୍ଜୟକୁ ପଚାରିଲେ ଖୁବ୍ ଭଦ୍ର ଭାବରେ, ଆପଣ ଏଠି ନୂଆ ଜଏନ୍ କଲେ ଆଜି ?

ହଁ, କଣ ହେଲା ?

ମୁଁ ଏଠି କମ୍ପାନୀର ଟ୍ରକ ଡ୍ରାଇଭର, ମୋ ନାଁ ଦାଉଦ୍ ! ଏଇ ମୋର ଭଉଣୀ ହାସିନା, ଡାଲ୍ଟନଗଞ୍ଜରେ ଶିକ୍ଷୟିତ୍ରୀ । ସେ ଯିବ ଆପଣଙ୍କ ଗାଡ଼ିରେ । ଗାଡ଼ି କେତେବେଳେ ଛାଡ଼ିବେକି ?

ହାସିନା ଅଳ୍ପ ହସି ନମସ୍କାର କରିବାକୁ ହାତ ଉଠେଇଲା ।

କଳା ରୁମାଲଟାକୁ ମଥାରେ ବାନ୍ଧୁ ବାନ୍ଧୁ ସଞ୍ଜୟ କହିଲା, ଯାଆନ୍ତୁନା, ପଛରେ ଡବା ଲାଗିଛି । ଶୀଘ୍ର ବସିବେ ତ ବସନ୍ତୁ ଯାଇ । ଗାଡ଼ି ଏଇନେ ଛାଡ଼ି ଦେବି......

ଏତିକି କହି ସେ ଉଠିଗଲା ଇଂଜିନ ଉପରକୁ । ସିଷ୍ଟନ୍ ଟିପି ଦେଲା ଜୋର୍‌ରେ । ହୁଇସିଲ୍ ଶବ୍ଦରେ କଂପି ଉଠିଲା ଷ୍ଟେସନ୍ ୟାର୍ଡ । ଶୀଘ୍ର ବସନ୍ତୁ, ଏଇ ଗାଡ଼ି ଛାଡ଼ିଦେଲା...

ମୁଁ କିନ୍ତୁ ମୋ ଅଙ୍କ ବଣ୍ଡଟା...ହାସିନା ପାଟି କରି ଉଠିଲା, ଓ୍ୱେଟିଂ ସେଡ୍ ବେଞ୍ଚ ଉପରେ ଛାଡ଼ି ଦେଇ ଆସିଛି !

ଦାଉଦ୍ ଅନୁରୋଧ କଲା, ଟିକିଏ ଅପେକ୍ଷା କରନ୍ତୁ, ସେ ଆଣେ ସାଙ୍ଗେ......

ଅପେକ୍ଷା କରିବାକୁ ସମୟ ନାହିଁ ।

ସେତେବେଳକୁ ସଞ୍ଜୟ ଷ୍ଟାର୍ଟ କରିବା ପାଇଁ କଲକବ୍ଜାରେ

ମନ ଦେଇଛ ଆଉ ସାବାନା ଖୁଣ୍ଟ ମନରେ ଧାଇଁଛ ଓ୍ୱେଟିଂ ସେଡ୍ ଆଡ଼େ ।

ବିବ୍ରତ ଦାଉଦ୍ ଦେଖିଲା, ବନ୍ଧୁ ନେଇ ସେ ଫେରି ଆସିଲାଣି । ଦୁହେଁ ଚାଲିଗଲେ ପଛ ଡବା ଆଡ଼କୁ । ସାବାନା ଉଠିକି କ୍ଷ ନାହିଁ ମୁହଁ ବୁଲେଇ ଦେଖିଲାନି ଫଜଲ୍ସୁ । ଷ୍ଟାର୍ଟ ଦେଇଦେଲା । ଇଂଜିନ ଭିତରୁ ଧଳା ଧୂଆଁ ଭୁସ୍ ଭୁସ୍ ହୋଇ ବାହାରି ଆସିଲା ପ୍ଲାଟଫର୍ମ ଆଡ଼କୁ । ଆସ୍ତେ ଆସ୍ତେ ଆଗେଇଲା ଅଭ୍ରବାହୁ ଟ୍ରେନ୍ । ଦାଉଦ୍ ହାତ ହଲାଉଛୁ ସାବାନାକୁ, ସାବାନା ବି ଚଳନ୍ତ ଟ୍ରେନ୍‌ର ଶେଷ ଡବା ଭିତରୁ ତା'ର ଉଦ୍ଦେଶ୍ୟରେ ରୁମାଲ୍ ଉଡ଼ାଉଥାଏ । କିଛି ସମୟ ପରେ ବାଙ୍କ ଘୁରି ଟ୍ରେନ୍ ଅଦୃଶ୍ୟ ହୋଇଗଲା । ଫେରି ଆସିଲା ଦାଉଦ୍ ।

ଡାଲ୍‌ଟନଗଞ୍ଜରୁ ମାସରେ ଅନ୍ତତଃ ଥରେ ଆସେ ସାବାନା । ଦରମା ପାଇବା ପରେ । ତା'ର ସାନ ସାନ ଭାଇ ଭଉଣୀମାନଙ୍କ ପାଇଁ କିଛି କିଣା କିଣି କରି ଶନିବାର ସ୍କୁଲ ଛୁଟି ପରେ ଉପରବେଳା ସେ ସେଠାରୁ ଗାଡ଼ି ଧରେ । ସୋମବାର ସକାଳୁ ପ୍ରଥମ ଗାଡ଼ିରେ ଫେରି ଯାଇ ଠିକ୍ ସମୟରେ ପୁଣି ସ୍କୁଲ ଆଟେଣ୍ଡ କରେ ।

ଫଜଲ୍ସୁର ସେଦିନର ବ୍ୟବହାର ସାବାନା ପ୍ରାୟ ଭୁଲି ଯାଇଛି । ଟ୍ରେନ୍‌ରେ ଯିବା ଆସିବା କଲାବେଳେ ଦେଖା ସାକ୍ଷାତ ହେଉଛି । ପଦେ ଅଧେ କଥା ବି । ସାବାନା ହୁଏତ ପଚାରି ଦେଲା, ଏଇ ଟ୍ରେନରେ ଯିବ । କେତେବେଳେ ଗାଡ଼ି ଛାଡ଼ିବେ ଫଜଲ୍ସୁ ବାବୁ ?

ଡେରି ଅଛି । ଲୋଡ଼ିଂ ସରି ନାହିଁ । ଫଜଲ୍ସୁ ଉତ୍ତର ଦିଏ ନମ୍ର ଭାବେ ।

ସାବାନା ପଚାରେ—ଆଉ କେତେ ଡେରି ଲାଗିବ କହି ପାରିବେ କି ?

କିଏ ଜାଣେ ; ଯେତେବେଳେ ଲୋଡ଼ିଂ ସରିବ । ଘଡ଼ି ଦେଖି ଆନମନା ଫଜଲ୍ସୁ ଚାଲି ଯାଏ ଚା' ଦୋକାନ ଆଡ଼େ ।

କେବେ ଅବା ବାଟ ମଝିରେ କୋଉ ଷ୍ଟେସନରେ ପଡ଼ି ରହୁଚି ଗାଡ଼ି । ସାବିନା ଡବାରୁ ଓହ୍ଲାଇ ଆସିଚି, ସଞ୍ଜୟଙ୍କୁ ପ୍ଲାଟଫର୍ମ ଉପରେ ବୁଲୁଥିବାର ଦେଖି ପଚାରିଚି, 'ଏଠି ଆଜି ଏତେ ସମୟ ରହୁଚି କାହିଁକି' ବା ସେଇଭଳି କିଛି । ସିଗାରେଟ୍ ମୁହଁରେ ଜଷ୍ଟ ହୁ ହଉର ଦେଇ ସଞ୍ଜୟ ଚାଲି ଯାଇଚି ଷ୍ଟେସନ ମାଷ୍ଟର ରୁମ୍‌କୁ ; ଆଗ୍ରହ ଦେଖାଇନି ।

ଏଇଭଳି ପଦେ-ଅଧେ କଥା । ମୁହଁ ଚିହ୍ନା ପରିଚୟ ।

ସେ ଦିନ ଉପର ବେଳା ଡାଲଟନ୍‌ଗଞ୍ଜରୁ ଗାଡ଼ି ଛୁଟିବାକୁ ଯାଉଛି ସଞ୍ଜୟ, ସାବିନା ଟିକିଏ ବ୍ୟସ୍ତ ହୋଇ ଆସି ପହଞ୍ଚିଲା, ବଡ଼ ଅସୁବିଧାରେ ପଡ଼ିଲି ସଞ୍ଜୟ ବାବୁ !

ପ୍ଲାଷ୍ଟିକ୍ ଝୁଡ଼ିରେ କେତେ ଜିନିଷପତ୍ର ଧରିଚି ସାବିନା । ନୂଆ ଲୁଗାପଟା, ରେଡ଼ିମେଡ୍ ଫ୍ରକ୍ ପ୍ରଭୃତି, ଆଉ ଅନ୍ୟାନ୍ୟ ଅନେକ କିଛି ବି ।

କଣ ହେଲା ?

ପାସେଞ୍ଜର ଡବାଟା ଯେ ଲାଗିନାହିଁ ଆଜି ! କିନ୍ତୁ ଏଇ ଗାଡ଼ିରେ ମୋତେ ନିଶ୍ଚୟ ଯିବାକୁ ହବ ସଞ୍ଜୟ ବାବୁ, କାଲି ଆମର କ୍ରିସ୍‌ମାସ୍, ଏ ସବୁ······

ଚକ ଭାଙ୍ଗି କାଲଠୁ ଡବା ପଡ଼ିଚି ଓ୍ୱାର୍କ-ସପ୍‌ରେ । କଣ କରାଯିବ ?

ମୁଁ ତେବେ ଯିବି କେମିତି ? ଏତେ ଜିନିଷ କିଣା ହେଲା, କାଲି ପର୍ବ ଆମର······

ବୁଝିଲି, କିନ୍ତୁ ଉପାୟ କଣ ? ହେଲେ ତ ଖାଲି ମାଲ୍ ଡବାରେ, ଲୋକ ସବୁ ଚଢ଼ୁଚନ୍ତି, ଆପଣଙ୍କ ପାଇଁ କଣ କରାଯିବ ?

ମୁଁ କିନ୍ତୁ ମାଲ୍ ଡବାରେ···ସଞ୍ଜୟବାବୁ···କ'ଣ କରିବି ମୁଁ···

ମୁଁ ବା କଣ କରି ପାରିବି ; ଡବା ତ ଓ୍ୱାର୍କସପରେ··· ।

କାଲି ଆମର ପର୍ବ, ଲୁହ ଛଳ ଛଳ ହୋଇ ଆସିଲା ସାବାନାର ଆୟତ ଆଖିରେ, ଘରେ ସମସ୍ତେ ମୋତେ ସୁନ୍ଧି ବସିଥିବେ ! ଏଇ ସବୁ···

ହଠାତ୍ କାହିଁକି ନରମି ଗଲା ସଂଜୟର ମନ । କିନ୍ତୁ ନିରୁପାୟ ସେ କହିଲା, ଇଂଜନରେ ଯାଇ ପାରିବେ ? ଠିଆ ହୋଇ ଯିବାକୁ ପଡ଼ିବ ।

ଇଂଜନରେ, ପାରିବି କି ?

ଦେଖନ୍ତୁ, ଥରେ ଚେଷ୍ଟା କରି ଦେଖନ୍ତୁ ; ବିଶେଷତଃ ଅନ୍ୟ କିଛି ଉପାୟ ଯେତେବେଳେ ନାହିଁ, ଆଉ ଯିବାଟା ଯେତେବେଳେ ଆପଣଙ୍କର ଏତେ ବେଶୀ ଜରୁରୀ !···

ସାବାନାର ଅନ୍ୟ ଉପାୟ ତ ଥିଲା ନା । ତାକୁ ଆଜି ପହଞ୍ଚିବାକୁ ହେବ ଯେକୌଣସି ପ୍ରକାରେ । କାଲି ଖ୍ରିସ୍ମାସ୍ ।

ଲୋଡିଂ ହୋଇ ସାରିଚି । କୁଆଡ଼େ ଗଲା ସେ ଶଳା ଫାୟାର୍ ମ୍ୟାନ୍ ? ଚା' ପିଉଚି, ପିଉଥାଉ । ମୁଁ ଛାଡ଼ିଲି । ଏଥିପାଇଁ ଏମାନଙ୍କୁ ମୋର ଦରକାର ନାହିଁ । ମୋ ଟାଇମ୍‌କୁ ଏଗୁଡ଼ାକଙ୍କ ଟାଇମ ଖାପ୍ ଖାଇବନି । ବିଲ୍‌କୁଲ୍ ବେକାର୍ ଗୁଡ଼ାକ । ମୋର ଫାୟାର୍‌ମ୍ୟାନ ଦରକାର ହୁଏ ନାହିଁ । ଏକା ଏକା ଭଲ···ନିଜେ ବେଲ୍‌ଦ୍ୱ ମାରିଲି, ନିଜେ ଚଳେଇଲି । କହୁ କହୁ ଇଂଜନର ଗତି ଆରମ୍ଭ କରି ଦେଇଚି ସଂଜୟ । ଫାୟାର୍‌ମ୍ୟାନ ଊର୍ଦ୍ଧ୍ୱ ଶ୍ୱାସରେ ଦଉଡ଼ିଲା ଚା' ଦୋକାନରୁ, କିନ୍ତୁ ଧରିପାରିଲାନି । ତା' ଆଡ଼କୁ କୋଇଲା ଖଣ୍ଡେ ଫୋପାଡ଼ି, 'ମର ଶଳା' କହି ଇଂଜନରେ ମନ ଦେଲା ସଂଜୟ ଆଉ ସାଙ୍ଗେ ସାଙ୍ଗେ ଗତି-ବେଗ ବି ବଢ଼ି ଉଠେ ।

ସାବାନା ଠିଆ ହୋଇଛି ପାଖରେ । ହୁକ୍‌ରେ ତା' ପ୍ଲାଷ୍ଟିକ୍ ବ୍ୟାଗ୍ ପ୍ରଲମ୍ବିତ । ଅନଭ୍ୟସ୍ତ ଦୁଇ ହାତରେ ସେ ଗ୍ରିପ୍ ଧରିଛି ରଡ଼କୁ । ଗତିବେଗ ଉପଭୋଗ କରୁଛି ବିସ୍ମୟ ବିସ୍ଫାରିତ ଆଖିରେ । ଜୀବନର

ଅଭିଜ୍ଞତା ଇଂଜିନରେ ଚଢିବା । କୌତୁହଳୀ ସାବାନା ଦେଖୁଚି, କେତେ ଶୀଘ୍ର ଶୀଘ୍ର ଫଜସ୍ଲର ଅଙ୍ଗୁଳି ଗୋଟିଏ ଯନ୍ତ୍ରରୁ ଅନ୍ୟ ଏକ ଯନ୍ତ୍ରକୁ ଯାଇ ଇଂଜିନ ନିୟନ୍ତ୍ରଣ କରୁଛି । ହାତ ତା'ର ଭାରି ଜଲ୍ଦି ଚାଲୁଛି କେତେ ଚଞ୍ଚଳରେ । ଅଥଚ ଦୃଷ୍ଟି ରହୁଚି ଆଗକୁ । ଲାଇନ୍‌ର ସରୁ ସରୁ ରେଖା ଉପରେ ଝଡ଼ ଭଳି ମାଡ଼ି ଚାଲିଚି ଇଂଜିନ । ସାବାନା ଯେ ତା' ପାଖରେ ଠିଆ ହେଇଚି, ଏହା ଯେପରି ଫଜସ୍ଲ ଜାଣି ମଧ୍ୟ ଜାଣେନା ।

ଇଂଜିନ ଛୁଟିଚି । ଉଡ଼ୁଚି ସାବାନାର ଶାଢ଼ୀ, ବାଜୁଚି ଫଜସ୍ଲ ଦେହରେ । ସ୍ୱେଦ-କେଶର ଗନ୍ଧ ଆଉ ସାନ୍ନିଧ୍ୟ । ଦୀର୍ଘ ନୀରବତା ପରେ ସାବାନା କହେ, କେତେ ସ୍ପିଡ୍‌ରେ ଚାଲିଚନ୍ତି ! ଇସ୍...

ଭୟ ଲାଗୁଚି ? ସାବାନାକୁ ନ ଅନାଇ ପ୍ରଶ୍ନ କରେ ଫଜସ୍ଲ । ଗତି-ବେଗ ବଢେ ଆହୁରି ଜୋର୍‌ରେ । ଗିରିବର୍ତ୍ତ୍ମର ଉପର ଦେଇ ଧାଇଁ ଚାଲିଚି ଟ୍ରେନ୍ । ଗୋଟିଏ ପାଖରେ ଉଚା ପାହାଡ଼ର କାନ୍ଥ, ଆର ପାଖରେ ଗମ୍ଭୀର ଏକ ଗିରିନଦୀ, ତଳେ...ଅନେକେ ତଳେ...!

ନାଁ ; ଭାବୁଚି, ଯଦି କିଛି ହେଇଯାଏ ! ମାନେ...

ଜୋ'ସ୍ନା ରାତିରେ ଏଇବାଟେ ଟ୍ରେନ୍ ଯିବା ସମୟରେ ବେଳେ-ବେଳେ କ'ଣ ମନେ ହୁଏ ଜାଣ ? ଆକାଶ ଆଉ ଧରଣୀର ସ୍ୱପ୍ନାଳୁ ସୌନ୍ଦର୍ଯ୍ୟ-ରସ ତଳେ ଯେପରି ଏକ ତରଳ ରୁପାର ସୁଅ ହେଇ ବହି ଯାଉଛି, ତା ଭିତରେ ବୁଡ଼ ଦେଇ ପ୍ରାଣ-ଭରି ପିଇ ଯିବା ପାଇଁ ଚଳନ୍ତା ଇଂଜିନ୍‌ରୁ ଏଇ ନଦୀ-ସୋତକୁ ଡେଇଁ ପଡ଼ିବାକୁ ମୋର ଇଚ୍ଛା ହୁଏ ସାବାନା !

ସାବାନା ଚୁପ ରହିଲା । କିଛି ସମୟ ପରେ ସ୍ପିଡ୍ ଟିକିଏ କମ କରି ଦେଲା ଫଜସ୍ଲ । ଜୀବନକୁ ଭାରି ଭଲ ପାଅ ତମେ, ନା ?

ଆଉ ଆପଣ, ଆପଣ କ'ଣ ଭଲ ପାଆନ୍ତି ନାହିଁ ଜୀବନକୁ ?

ପାଏ । କିନ୍ତୁ ଏଇ ଜୀବନକୁ ନୁହେଁ ।

କାହିଁକି ? ଦେଖିଲେ ତ ମନେ ହୁଏନା ଆପଣ ଅସୁଖୀ ।

ଠିକ୍ କହୁଚ ? ମୋତେ ଦେଖିଲେ ଯେ କେହି ତା'ହେଲେ ଖୁବ୍ ସୁଖୀ ବୋଲି ମନେ କରିବ, ନା ?

ଟିକିଏ ହେଲେ ସାବାନା ଉତ୍ତର ଦେଲା, ମୋର ତ ସେଇଆ ମନେ ହୁଏ ।

ହୁଁ ! ସଜଲ ହସିଲା ମନକୁ ମନ ହସିବା ପରି । କଥାବାର୍ତ୍ତା କରୁଥିଲେ ବି ଆଖି ତା'ର ଲାଇନ୍ ଉପରେ । ହାତ ଦୁଇଟି ଜା କରି ଗୁଡ଼ିଛି ।

ଖାଲି ତମର ନୁହେଁ, ସମସ୍ତେ ସେଇଆ ଭାବନ୍ତି, 'ସଜଳ କୌଣସି ଦୁଃଖ ନାହିଁ !'

ଏତିକିରୁ କ'ଣ ବୁଝିଲା ସାବାନା, ନୀରବ ଆଉ ଗମ୍ଭୀର ହେଇ ହଠାତ୍ । ଫେରି ଗ୍ରହିଲା ସଜଲ । ତା'ର ଆଖି ମିଶିଗଲା । ମୁ ଫେରାଇ ଆଗକୁ ଅନାଇଲାମାତ୍ରେ ସାବାନାର ମନେ ହେଲା, ଟେଲି ଫୋନ ଖୁଣ୍ଟି, ଲାଇନ, ଗଛ-ବୃଛ···ସବୁ କିଛି ଯେପରି ପ୍ରବଳ ବେଗରେ ମାଡ଼ି ଆସୁଛି ତା' ଆଡ଼କୁ ।

ଆକାଶରେ କଳା ମେଘ ଚରି ଯାଉଛି । ସନ୍ଧ୍ୟା ହେବାକୁ ଆ ଡେରି ନାହିଁ । ପାଖେଇ ଆସୁଚି ଶେଷ ଷ୍ଟେସନ । ଖାଦାନ ଚିମ୍ନି-ଧୂଆଁ ଦିଶିଲାଣି । ଦେଖା ଗଲାଣି ପାହାଡ଼ ଉପରେ ଅବସ୍ଥି କମ୍ପାନୀର ରେଷ୍ଟ ହାଉସ୍ । ଷ୍ଟେସନ ଆଉ ଅଳ୍ପ ଦୂର । ଟିପ୍ ଟି ବର୍ଷା, ଇଂଜିନ ସାମନା କାଚରେ ।

ଧିରେ ଧିରେ କମିଗଲା ସ୍ପିଡ୍ । ଚାରିଆଡ଼େ ଛୋଟ ଛୋଟ ଅନେ ଲାଇନ୍‌ର ଜଟିଳ ସମାବେଶ । ଆଗରେ ଦିଶୁଚି ଷ୍ଟେସନ । ଇଂଜି ଖୁବ୍ ଆସ୍ତେ ଆସ୍ତେ ଯାଇ ପ୍ଲାଟଫର୍ମକୁ ଲାଗି ରହିଗଲା ।

ଆହୁରି ଜୋରରେ ବର୍ଷା ପଡ଼ିଲାଣି । ସଜଲ କହିଲା, ଘ ଯିବ କେମିତି ? ବର୍ଷା ତ ଛାଡୁଚି !

କି ବିପଦରେ ପଡ଼ିଲି ମୁଁ ସଞ୍ଜୟ ବାବୁ ! ସାମ୍ନା ଇଂଜିନ ଉପରୁ ଚାରି ଆଡ଼କୁ ଚାହିଁ କହିଲା, ପ୍ଲାଟ୍‌ଫର୍ମ ତ ଫାଙ୍କା । ଆଜି ମୋର ଆସିବା କଥା, ଚିଠି ଦେଇଥିଲି । ଭାଇ କାହାନ୍ତି...କାହାରିକି ଯେ ଦେଖୁନି, ମୁଁ ଯୋଉଦିନ ଫେରେ କେହି ନା କେହି ପ୍ରାୟ ଷ୍ଟେସନକୁ ଆସନ୍ତି । ଭାଇ, ନ ହେଲେ ବାବା ।

ତମ ଭାଇ, କାହାନ୍ତି ? ଏଣେ ତେଣେ ଆଖି ବୁଲାଇ ଟିକିଏ ଖୋଜିଲା ସଞ୍ଜୟ । ଆଚ୍ଛା ତମେ ଚାଲ ବରଂ ମୋ କ୍ୱାଟରରେ କିଛି ସମୟ ବସିଯିବ । ମୁଁ ଖବର ପଠେଇ ଦେବି ।

କୋଉଠି କ୍ୱାଟର ଆପଣଙ୍କର ? ଏତେ ବର୍ଷାରେ...

ହେଇ ତ ଦିଶୁଚି । ଆସ ଆସ । ଆଗେ ଓହ୍ଲେଇ ପଡ଼ିଲା ସଞ୍ଜୟ । ଏଠି କ'ଣ ଠିଆ ହୋଇଥିବା ? ଟିକିଏ ଭିଜିବ, ଘରେ ଟାଓ୍ୱେଲ ଅଛି, ଆସ ଓହ୍ଲାଅ ।

ଧାଇଁ ଧାଇଁ ଦୁହେଁ ପ୍ଲାଟଫର୍ମରୁ ବାହାରି ଆସି କ୍ୱାଟର ବାରଣ୍ଡା ଉଠିଗଲେ । ବେଶୀ ଦୂର ନୁହେଁ, ପାଖରେହିଁ କ୍ୱାଟରଟା । ଷ୍ଟେସନ ଯାର୍ଡ଼ରୁ ଗୋଟାଏ ଫର୍ଲଂ କି ଟିକିଏ ବେଶୀ ହେଇପାରେ ତଥାପି ବେଶ୍ ଭିଜି ଯାଇଛନ୍ତି । ଜୋର ବର୍ଷା ପଡ଼ୁଛି ବର୍ତ୍ତମାନ । ଅଦିନିଆ ମେଘର ବର୍ଷଣ ।

ଆରେ ଗଙ୍ଗୁ, ଗଙ୍ଗୁ ରେ ! ଖୁବ୍ ଜୋର୍‌ରେ ଡାକି ଗ୍ରୀଲ ଗେଟ ଖୋଲିଲା ସଞ୍ଜୟ । ଅନ୍ଧାର ହେଇ ଯାଇଥିଲା ସେତେବେଳକୁ । ସୁଇଚ୍ ଟିପିବାରୁ ଉଦ୍ଭାସିତ ହେଇ ଉଠିଲା । ଭିତରକୁ ପଶିଲାକ୍ଷଣି ହଠାତ୍ ବାହାରି ପଡ଼ିଲା ସାମ୍ନା ମୁହଁରୁ, ଆପଣ...ଏଇଭଳିଆ ରହନ୍ତି ?

ଚାରି ଆଡ଼କୁ ଥରେ ଆଖି ବୁଲେଇ ନେଲା ସଞ୍ଜୟ । ଯେପରି ଯାହା ପ୍ରତିଦିନ ଥାଏ, ସବୁକିଛି ଠିକ୍ ସେହିପରି ଆଜି ବି । ଏଇ ପରିବେଶ ଭିତରେହିଁ ସବୁଦିନେ ରହିଛି ସେ, ଏଇଠି, ଏଇଭଳି ; ହଁ,

ଏଇଭଳି । କିଏ ତା' ସମ୍ବନ୍ଧରେ କଣ ଭାବେ, ସେ କଥାକୁ ଖାତିର
କରେନା ଫଳସ୍ତୁ । ତା'ର ଯୋଉଭଳି ଇଚ୍ଛା ସେଇପରି ସେ ଚଳିବ
ସେଇପରି ସେ ବଞ୍ଚିବ । କାହାରି ସାଙ୍ଗରେ ସମ୍ପର୍କ ନାହିଁ ତା'ର
କାହା କ୍ୱାର୍ଟରକୁ ସେ ଯାଏନା, କେହି ବି ତା କ୍ୱାର୍ଟରକୁ ଆସନ୍ତିନ
କେହି ଏଠିକି ଆସନ୍ତିନି କେବଳମାତ୍ର ସେଇ ଗଙ୍ଗୁ ଆଉ ଫୁଲ୍ ମ
ଛଡ଼ା । ଜଣେ ଗ୍ୟାଙ୍ଗ ବୁଲି ଆଉ ଜଣକ ରେଜା । ଫୁଲ୍ ମ
ଆସେ ତାକୁ ଫୁର୍ତ୍ତି ଦେବା ପାଇଁ ; ଆଉ ଗଙ୍ଗୁ, ସେ ଏଠିକି ଅ
ଫାଇ-ଫରମାସ୍ ଖଟିବାକୁ । ସାତ ଆଠଦିନରେ ଥରେ ଅଧେ କେ
ଝାଡ଼ୁ ବୁଲେଇଦିଏ ଗଙ୍ଗାରାମ । ସେଥିରେ ପୁଣି କୋଉ କୋଉଦିନ
ଡ୍ୟୁଟିରୁ ଫେରିଥିବାର ଠିକ୍ ପରେ ଭଲ ମୁଡ୍‌ରେ ନ ଥିଲେ ତା
ଭିତରେ ପଶିବାର ଦେଖିଲେ ହିଁ ବିଗିଡ଼ିଯାଏ ଫଳସ୍ତୁ । ଗର
ହୋଇ ପଚାରେ, କୁଆଡ଼େ ଆସିଲୁ ବେ ? ଝାଡ଼ୁ କରିବାକୁ ? ଯା ଯା
ଆଉ କେତେବେଳେ ଆସିବୁ । ଖର୍ ଖର୍ କରିବ ଏଇନେ ଅଧଘ
ଧରି । ଭଲ ଲାଗୁନି ମୋତେ, ଯା ପରେ ଆସିବୁ ; ମୁଁ ଟି
ଚୁପ୍‌ଚାପ୍ ଶୁଏ ଆଗ । କେତେବେଳେ ହେଲେ ମଣିଷ ଟିକିଏ···

ଏତେ ଫୁର୍ତ୍ତିବାଜ, ବେପରୁଆ ମଣିଷଟା ; ମଝିରେ ମଝିରେ
ହଠାତ୍ କଣ ହୋଇଯାଏ ତା' ମନ ! ଅନେକକ୍ଷଣ ଧରି ଗୁମ୍ ମାର
ବସି ରହେ । ଖାଲି ଗୋଟିକ ପରେ ଗୋଟିଏ ସିଗାରେଟ
ସେତେବେଳେ ଅନ୍ୟ କାହାରି ଉପସ୍ଥିତି ହିଁ ତା' ପକ୍ଷରେ ଅସହ୍ୟ
କାହାରି ଉପସ୍ଥିତି କେବଳ ନୁହେଁ, କୌଣସି ପ୍ରକାର ଶବ୍ଦ ବି । କିନ୍ତୁ
ଝାଡ଼ୁ ଧରି ସେତିକିବେଳେ ଗଙ୍ଗାରାମ ସେଠି ସଫେଇ କାମ ଆରମ୍
କଲେ ଯଦିଓ ସାଙ୍ଗେ ସାଙ୍ଗେ ତଡ଼ା ଖାଇବ, ମାତ୍ର ଆଉଜଣେ ପହଞ୍ଚି-
ଗଲେ ଫଳସ୍ତୁ କହୁଟା ନରମିଯିବ ଅଦ୍ଭୁତ ମଣିଷଟି । ସେହି ଜଣେ
ଆଉ କେହି ନୁହେଁ, ଫୁଲ୍ ମଣି ।

ସେଇ ଆଖି, ସେଇ ନଗ୍ନ-ନଟୋଲ ବାହୁ, କଳା ଜୁଡ଼ାରେ ଅତର ମିଶା ମନ୍ଦ ମନ୍ଦ ଫୁଲ୍‌ଗନ୍ଧ, ଶସ୍ତା ଜର୍ଜେଟ୍‌ର ପତଳା ଆବରଣ ତଳେ ଯୌବନ ଯେମିତି ଫାଟି ପଡ଼ିବାକୁ ବସୁଛି । ମୁହଁରେ ପାନ, ଓଠରେ ହସ ଆଉ ପଚାଏ କଥା, ମନ୍ ଆଜି ଭଲ୍ ନାହିଁ କି ଗୋ ବାବୁ ?

ଆ ଫୁଲ୍‌ମଣି, ଆ । ବସ୍ ଏଇଠି । ସଜସ୍ବ ବଦଳି ଯାଇଛି ।

ଦେହ କିଛି ହେଲା କି ?

ନା, ସିମିତି ବସିଥିଲି ।

ମନ୍ ତ ଜରୁର ଖରାପ ଅଛି, ଲୁଚେଇଲେ ହେବ ବାବୁ ? ଗେଲେଇ ହେଇ ପଚାରେ, କାହାର ଲାଗି ଭାବ ? ତମର୍ ନା କେହି ନାହିଁ ?

ହୁଁ । ହସି ଦିଏ ସଜସ୍ବ । ଆରେ ତୁ ଅଛୁ ଯେ । ତୁ ସବୁ ମୋର ସବୁ । ତୋର୍ କଥା ଭାବୁଥିଲି ।

ମୋର ଲାଗି କେଉଁ ଚିନ୍ତା ଲାଗିଛି ତୁମ୍‌କୁ ବାବୁ ? ମୁଁ ଇ··

ଆରେ ଚିନ୍ତା ନୁହେଁ ଫୁଲମଣି, ଭାବୁଥିଲି ତୁ କେତେ ଭଲ୍ ରେ ଅଛୁ, ମୋର ପରି ଦୁଃଖି ତୁ ତ ନୋହୁ । ଆଚ୍ଛା ଫୁଲ୍‌ମଣି, ତୋତେ ଗୋଟେ କଥା ପଚାରିବି ।

କେଉଁ କଥା ?

ତୋର୍ କିଛି ହେଲେ ଚିନ୍ତା ନାହିଁ ? ସଜସ୍ବ ଜାଣିବାକୁ ଚାହେଁ ଫୁଲମଣିର କିଛି ଦୁଃଖ ଅଛି କି ନାହିଁ ; କୌଣସି ଦୁର୍ଭାବନା ବା ଅଶାନ୍ତି···

କେଉଁ ଲାଗି ଦୁଃଖ ବାବୁ ? ଭାବ୍‌ନା କରିବି କେଉଁ ଲାଗି । ହାତ୍ ଅଛି, ଆଖି ଅଛି, ଗତର ଅଛି । କାମ୍ କରୁଛି, ଖାନା ଖାଉଛି, ଦିନ୍ ଶେଷରେ ଦାରୁ ପିଏ, ଗାନା ଗାଏ, ଫୁର୍ତ୍ତି କରେ, ତୁମ୍‌ଭଳି

ସଙ୍ଗେ ପୀରତ୍ କରେ. ରାତ୍ ବଢ଼ିଲେ ଆରାମସେ ଶୋଏ । ଦୁଃଖ କର୍‌ତେ ଫୁରୁସତ୍ କାହିଁ ବାବୁ ?

ପଛର କଥା କେବେ ତୋର ମନେ ନାହିଁପଡ଼େ ଫୁଲମଣି ? କେତେ ଅପ୍ସୋସରେ ଆମେରିକାନ ସାହେବଟା ତତେ ଟାଟାରେ ତା'ର ରାଣୀ କରି ରଖିଥିଲା । କେତେ ଆରାମରେ ଥିଲୁ, ଆଜି ଗତର ଖଟେଇ ରୋଜଗାର କରୁଛୁ, ଅଣ୍ଡା । ବାରିଷ, ଧୂପ୍‌ରେ ଭେଜାଗିଥି...

ପଛର କଥା ମୁଇଁ ମନେ ନାହିଁ ଭାବେ ବାବୁ । ସାହେବ ତ ତା'ର ଦେଶ୍‌କେ ଗୁଲିଗଲା । ଯେତ୍‌କି ଦିନ ରାଣୀ ହେଲି ହେଲି । ସେ ସବ୍ ଦିନର କଥା ଭାବଲେ ସେଇ ଆରାମ-ଅପ୍ସୋସ୍ କି ଆଉ ଫେର ଆସବ ବାବୁ ?

ପଛର କଥା ମନେ ନାହିଁ କରୁ । ଫଜସ୍ତ ପରୁରେ, ଫୁଲମଣି, ଅଇବାକୁ ତୋର୍ କଣ୍ ହ'ବ, ଭାବୁ କେବେ ?

କି ଭାବ୍‌ବି ?

ଏଇ...ଯେତେବେଳେ ତୁ ବହୁତ୍ ବୁଢ଼ୀ ହେଇଯିବୁ, ତୋର ବୟସ ଖସିଯିବ, ଆଖି ଦେଖ୍‌ବ ନାହିଁ, କାନ ଶୁଣ୍‌ବ ନାହିଁ, ହାତ୍ କାମ୍ ନାହିଁ କର୍‌ବ, ତୋର ତ କେହୁ ନାହିଁ, କିଏ ଦେଖ୍‌ବ ତୋତେ ?

ଖିଲ୍ ଖିଲ୍ କରି ହସି ଉଠେ ଫୁଲ୍‌ମଣି । ପାନ ପିକ ବୋହି ପଡ଼େ । କାଲିର କଥା କାଲି ବାବୁ ; ଆଜି କେନ୍ ଲାଗି କାଲିର କଥା ଭାବ୍‌ତେ ଯିବି ? ବୁଢ଼ୀ ହେଲେ କି କର୍‌ବ, ସେ ସବ୍ ଭାବ୍‌ଲେ ତ ଆଜିଟା ବି ବରବାଦ୍ ଯିବ । ଏଖିନେ ଯାହା ଅଛି, ଆଜିର୍ ଲାଗି ସେଇତକ୍ ମୋର୍ ବହୁତ୍ ଖୁବ୍ ବାବୁ । କାଲିର୍ କଥା ମୁଁଇ ଆଜି ନାହିଁ ଭାବ୍‌ବି ।

ଫୁଲ୍‌ମଣି ମନେ କରେ, ଆଜି ତା'ର ଯାହା ଅଛି, ସେଇତିକି ତା'ପାଇଁ ଯଥେଷ୍ଟ। ବଳ ଅଛି ଦେହରେ, ଆଖିରେ ଅଛି କଟାକ୍ଷ, ବୟସ ଅଛି···ଆଉ ଯୌବନ ବି। ଦିନ ସାରା କାମ କରି ପାରୁଛି। ଓ୍ୱାଗନ ଲୋଡ଼ିଂ—କାମ ମଝିରେ କୁଲି-କାମିନ୍, ମୁନ୍‌ସୀ-ମେଟ୍। ସମସ୍ତଙ୍କ ସାଙ୍ଗରେ ହସ ଖୁସି, ଥଟ୍ଟା ଆଉ ରସିକତା। ଗୀତ ଗାଇ ଫୁର୍ତ୍ତିରେ କାମକରେ। ଜଣା ପଡ଼େନା ଶ୍ରମକଷ୍ଟ। ବାରଟାର ଘୁଙ୍ଗା ବାଜିବା ସାଙ୍ଗେ ସାଙ୍ଗେ ଲୋଡ଼ିଂ ବନ୍ଦ ହୁଏ ଘଣ୍ଟାଏ ପାଇଁ। ଖାଇ ବସନ୍ତି ସଭିଏଁ। ଧାଡ଼ି ବାନ୍ଧି ଲମ୍ବା ସେଡ୍ ତଳେ ସମସ୍ତେ ବସି ଯାଆନ୍ତି। ସାଙ୍ଗରେ ଆଣିଥିବା କଂସା ଭର୍ତ୍ତି ପଖାଳ ଆଉ ତା' ସାଙ୍ଗକୁ ଶାଗ, ଆଳୁ ଭର୍ତ୍ତା, ଶୁଖୁଆ ପୋଡ଼ା ଆଉ ଲୁଣ ଟିକିଏ। ଫୁଲ୍‌ମଣି ପାଖରୁ ଆମ୍ବୁଲ ନେଇ ଅନ୍ୟ ଟିକିଏ ଚାକିବା ଫୁଟାନ୍ତି। ଜୋଆନ ଜୋଆନ କୁଲି ମର୍ଦ୍ଦମାନେ ଟାହୁଲି କରନ୍ତି, ଆମକୁ କିଛି ମିଳୁନି···ନ ହେଲେ ଆମଠୁ କିଛି···

ସମସ୍ତଙ୍କ ଆଖି ତା'ର ଉପରେ। ରେଜାଙ୍କ ଭିତରେ ମକ୍ଷୀରାଣୀ ଫୁଲ୍‌ମଣି। ମଧୁ-ଲୋଲୁପୀ ସବୁ ଭଅଁରଙ୍କ ଆଖି ତା' ଉପରେ। ସାର୍ଥକ 'ଫୁଲମଣି'ର ନାଁ! କିଏ ନ ଚିହ୍ନେ ତାକୁ। କଳା ମଚମଚ ସେଇ ବଳିଲା ପରି ଦେହ ଝାଳେଇ ଯାଇ ଚକ୍ ଚକ୍ କରି ଉଠେ ଯେତେବେଳେ, ସେତେବେଳେ ସେ ବାଟେ ଚେକିଂରେ ଯାଉଥିବା ଲୋଡ଼ିଂ ବାବୁ କାହିଁକି, ଗ୍ରେଟ ବଡ଼ ସାହେବ-ସୁବାଙ୍କ ଗଗ୍‌ଲସ ପିନ୍ଧା ଆଖି ଗୁଡ଼ିକ ମଧ୍ୟ ଘୂରି ଯାଏ ତା' ବାହୁ ଭଲକୁ।

କାମ ଶେଷରେ ଗୀତ ଗାଇ ଗାଇ ମେଟ୍-ମୁନସୀ ଆଉ କୁଲି ମଜୁର୍‌ମାନଙ୍କୁ ଟେରା-ଆଖି ମାରୁ ମାରୁ ଫୁଲ୍‌ମଣି ଯେତେବେଳେ ଘରକୁ ଫେରୁଥାଏ, ସେତେବେଳେ ତାକୁ ଦେଖିଲେ କିଏ କହିବ

କରିବ ସେ ସାରା ଦିନର ଓ୍ୱାଗନ୍ ଲୋଡ଼ିଂ ପରେ ସେ ଘରକୁ ଫେରୁଛି ! ଆଉ, ଫେରିବାର ଘଣ୍ଟାକ ପରେ ତା' ଘର ଭିତରୁ ବାହାରି ପଡ଼େ ଷ୍ଟେସନ ୟାର୍ଡ଼ର ଓ୍ୱାଗନ-ଲୋଡ଼ିଂ ରେଜା ରୂପମତି ହୋଇ. ସେତେବେଳେ ସେ ତ କୁଲି ବସ୍ତିର ଅପସରା ! କେତେ ତା'ର ଗ୍ରାହକ, କେତେ ତା'ର ପ୍ରେମିକ, କେତେ ତା'ର ରୂପ-ମୁଗ୍‌ଧ ରସିକ ! ସମସ୍ତଙ୍କ କାମନାର କେନ୍ଦ୍ର-ବିନ୍ଦୁ ସେ । କିଏ ତାକୁ ପାଇବ ଆଜି ରାତିର ସାଥୀ ଭାବେ···କାହାର ସେ ହେବ ଆଜିକ ପାଇଁ ! କୋଉ ଭାଗ୍ୟବାନର ଭୋଗ୍ୟା ହେବ ଆଜି ବସ୍ତି ଶଯ୍ୟାର ନାୟିକା, ଅନେକ-ଭୋଗ୍ୟା ଫୁଲରାଣୀ !!

ଆଜି ତା'ର ଏତେ ସବୁ ଅଛି । ରୂପ, ଯୌବନ, ମେଟ୍, ମୁନ୍‌ସୀ, ପଖାଳ, ଶୁଖୁଆ, ଓ୍ୱାଗନ୍ ଲୋଡ଼ିଂ ପରିଶ୍ରମର ମଜୁରି, ଅଣ୍ଟା, ପରିହାସ, ବିଶ୍ରାମ ; ଉଜ୍ଜ୍ୱଳ ଦିନ ଅଛି, ରଙ୍ଗୀନ ରାତି ଅଛି ; ଆହୁରି ଅଛି ସୁରା, ପ୍ରିୟ ଆଉ ପ୍ରେମିକ । ଆଜିକ ପାଇଁ ପରିପୂର୍ଣ୍ଣୀ । ଆଜି ରାତିଟାଇ ହୁଏତ ହୋଇ ପାରେ ତା' ଜୀବନର ଶେଷ ରାତି । କିଏ ଜାଣେ କାଲି କ'ଣ ଅଛି ତାହା ପାଇଁ ? ଆଉ ଆସନ୍ତା-କାଲିଟି ଯଦି ବାସ୍ତବିକ୍ ଅତି ନିଶ୍ଚିତ ରୂପେ ତା'ପାଇଁ ବିକୃତ, ବିଭତ୍ସ, ଜ୍ୱାଳାମୟ···ତେବେ ଆଜିର ଏଇ ଗୋଟାଏ ଦିନ ଗୋଟାଏ ରାତି ତ ତାହା ପକ୍ଷରେ ଅନନ୍ତ-କାଳ ! ପ୍ରାଣ ଭରି ଉପଭୋଗ କରି ନେବା କଥା । ସବୁ ମଧୁ···ସବୁ ନିର୍ଯ୍ୟାସ, ଆଜିକାର ସବୁ କିଛି 'ଭଲ'କୁ ଲୁଟି ନେବା ଉଚିତ୍ ! ଚୋଷି ନେବା ଉଚିତ୍ ! କାଲି ଏ ସବୁ ଯଦି ମିଳିବାର ସମ୍ଭାବନା ନାହିଁ ଆଜି ଯାହା କିଛି ମିଳୁଛି ଉପଭୋଗ କରି ସେ ସାର୍ଥକ ହେବ । ଏଇ ହେଲା ଫୁଲମତିର ଜୀବନ ଦର୍ଶନ ।

ଦେବ ସଭାରେ ଥରେ ତାଳ ଭଙ୍ଗ ହୋଇଥିଲା ଉର୍ବଶୀର । ଗଣଭୋଗ୍ୟା ନଟୀର ଆଖି ଆଗରେ ନାଚି ଉଠିଥିଲା ଜଣକର ରୂପ ।

ପୁରୁଷୋତ୍ତମ ପୁରୁରବା । ଭୁଲ କରି ନୁହେଁ, ଭଲ କରି ଭଲ ପାଇଥିଲା ତାଙ୍କୁ । ମନ ଦେଇଥିଲା, ଦେଇଥିଲା ହୃଦୟ । ଦେହ ପଛେ ସମସ୍ତଙ୍କର ହେଉ, ମନ କିନ୍ତୁ ଜଣକର । ସେଇ ଜଣକର, ଯାହାକୁ ସେ 'ଯେତେବେଳେ' ଭଲ ପାଇଛି, ଯାହାକୁ ତା'ର 'ଆଜି' ଭଲ ଲାଗିଛି ।

ସମସ୍ତଙ୍କୁ କେବଳ ଦେହ ଦେଉଥିଲେ ବି, ଯୋଉ ଜଣକୁ ଦେହ ସାଙ୍ଗରେ ମନ ମଧ୍ୟ ଦେଇ ଦେଲା ଫୁଲମତି, ତା' ମନର କୂଳ-କିନାରା କିନ୍ତୁ ପାଇ ପାରିଲାନି ଆଜିଯାଏ । ଉଭଟ ଏକ ବ୍ୟକ୍ତିତ୍ୱ, ଯାହାର 'ସଂଜୟ' ବୋଲି ଗୋଟାଏ ନାମ ଅଛି । ହଁ, ବେଳେ ବେଳେ ଖୁବ ଅଦ୍ଭୁତ, ଖୁବ୍ ଅବାନ୍ତର, ଅତି ଉଭଟ ଏକ ମଣିଷ ସେ । ଅନ୍ତତଃ ଫୁଲମତି ପାଖରେ ଏ ପର୍ଯ୍ୟନ୍ତ ଅବୋଧ ! ଖାଲି ଅବୋଧ ନୁହେଁ, ଅବାଧ ବି । ବୁଝି ପାରେନା ଫୁଲମତି, କାହିଁକି ଅପରିଚ୍ଛନ୍ନତା ଭଲଲାଗେ ସଂଜୟକୁ ! ଯେତେ ଥର ସେ ଗୁହିଁଛି ତା' ଘରଟିକୁ ପରିଷ୍କାର କରିଦେଇ ଯିବା ପାଇଁ, ବାଧା ଦେଇଚି ସଂଜୟ । କରିବାକୁ ଦେଇନି । 'ନା ଫୁଲମତି, ଥାଉ ।'

କ୍ୱାଟର ଭିତରଟା ଯେମିତି ଥାଏ ପ୍ରତିଦିନ, ଠିକ୍ ସେଇପରି ଅଛି ଆଜି । ବେଶ୍ କିଛି ଦିନ ଧରି ଗଙ୍ଗାରାମର ଝାଡ଼ୁ ଯେ ବାଜି ନାହିଁ, ଅର୍ଥାତ୍ ସଂଜୟ ତା' ହେବାକୁ ଦେଇନି, ଦେଖିଲେହିଁ ସ୍ପଷ୍ଟ ଜଣାପଡ଼ି ଯାଉଛି । କଳା ମଇଳା ଶାର୍ଟ ଆଉ ଟ୍ରାଉଜର ବ୍ରାକେଟରେ । ଟେବୁଲ ଉପରେ ରେଡ଼ିଓଟା ବେଆଡ଼ାଭାବେ ରହିଚି । ଖଣ୍ଡେ ଛିଣ୍ଡା ମାଗାଜିନର ପୃଷ୍ଠା ଉପରେ ଅଇଣ୍ଠା ପ୍ଲେଟ୍, ମାଂସ କଣ୍ଟା, ଅଧା ଶେଷ ହୋଇଥିବା ମଦ ବୋତଲ୍···ଖାଲି କେତୋଟି ବି ତଳେ ଗଡ଼ୁଛି । ଖଟ ବାଡ଼ାରୁ ଝୁଲି ପଡ଼ିଚି ମଇଳା ମଶାରି । ବିଛଣା ଉପର୍ଯ୍ୟନ୍ତ । ଖଣ୍ଡିଏ ମାସ ଲୁହା ଚେୟାର, କାନ୍ଥ କରିକୁ ଲଗି ଟ୍ରଙ୍କଟିଏ, ତାଲା ନାହିଁ ସେଥିରେ । ଘରଆଡ଼େ ପଡ଼ିଚି ସିଗାରେଟ୍ ଟୁକୁରା । ଆଜିବି

କ କୋଉଠି ବନ୍ଧୁ ଖଣ୍ଡେ ନାହିଁ । ଠିକ୍ ଯୋଉଭଳି ସବୁଦିନେ ଥାଏ, ସେଇ ପରିବେଶ ।

ସଂଜୟ ତା' ଜୀବନରେ ଆଜି ପ୍ରଥମ କରି ଜଣେ ନାରୀ ଆଗରେ ଅପ୍ରସ୍ତୁତ ଅନୁଭବ କଲା ନିଜ ଘର ଭିତରେ ଠିଆ ହେଇ । ଟିକିଏ ବିବ୍ରତ ହେଇ ପଡ଼ିଲା ସେ । କହିଲା, ବସ, ଏଇଠି ବସ । ମୁଁ ତମ ପାଇଁ ଟିକିଏ ଚା'...

ସାବୀନାର ଆଖିରେ ଘୃଣାଭାବ ସେ ସ୍ପଷ୍ଟ ଲକ୍ଷ୍ୟ କରି ପାରିଚି । ଏଇ ପରିବେଶ ଭିତରେ ବସିବାକୁ ସାବୀନା ଚାହୁଁନି । କିନ୍ତୁ ସାବୀନା, ଯେପରି କେଉଁଠି ବସିବ ଖୋଜୁଚି, ସେଇ ଭଳି ଗୋଟାଏ ଭାବ ଦେଖାଇ ଖଟ ଉପରେ ବସି ପଡ଼ି କହିଲା, ମୁଁ ବସୁଚି ଏଇଠି, ଆପଣ ବସନ୍ତୁ ଚେଆରରେ । ପୁଣି ସବୁ କିଛିକୁ ସହଜ କରି ଦେବାପାଇଁ କହିଲା, ଚା'...ହଁ ମୁଁ ତିଆରି କରିଦେବି । ଦିଅନ୍ତୁ, ଆପଣଙ୍କର କୋଉଠି କ'ଣ ଅଛି ।

ସେତେବେଳେ କିନ୍ତୁ ସଂଜୟ କାନରେ ଶୁଭି ଯାଉଥିଲା ବାରମ୍ବାର, 'ଆପଣ ଏଇଭଳି ରହନ୍ତି ?' ଆଉ ସାବୀନା, ସେ ବି ବୋଧହୁଏ ତା ମୁହଁରୁ ହଠାତ୍ ବାହାରି ଯାଇଥିବା ସେଇ ପଦକ ଭୁଲି ପାରି ନ ଥିବାରୁ ନିଜେ ଟିକିଏ ଦଂଶନ ଅନୁଭବ କରୁଥାଏ ମନେ ମନେ ।

କିନ୍ତୁ କେବେ ଦେଖିଥିବା କୋଉ ଏକ ଚଳଚ୍ଚିତ୍ରର ନାୟିକା ପରି ସାବୀନା ପଣତ କାନି ଭିଡ଼ି ଦେଇ ତା ଘର ପରିଷ୍କାର କରିବାକୁ ବସି ଗଲାନି । ଟେବୁଲ ଉପରୁ ସେଇ ନିଜେ ହିଁ ସବୁ କିଛି ଗୋଟେଇ ନେଇ ଷ୍ଟୋଭ ଆଉ ଚା' ସରଞ୍ଜାମ ଥୋଇବା ପରେ ଚା'ରିଆଡ଼େ ଚାହିଁ ନ ଦେଲା ସାବୀନା ।

ଡାଉ ଡାଉ କରୁଚି ନୀଳ ନିଆଁ । ପମ୍ପ ମାରୁଛି ସଂଜୟ ; ମାରି ଚାଲିଚି । ଗର୍ଜ୍ଜନ କରୁଚି ଷ୍ଟୋଭ । ନିର୍ମମ ଏକ ପରାଜୟର ଗ୍ଲାନି

ଚୁପ ରଖିବାକୁ ଉଗ୍ର ଆବେଗରେ ଜୋର ଜୋରରେ ପର୍ମ ମାରୁଚ ସଂଜୟ । ନାରୀ ପାଖରେ ତା' ଜୀବନରେ ଏଇ ପ୍ରଥମ ପରାଜୟ, ସାବୀନାଠାରେ ।

ସଂଜୟ ଭୁଲି ଯାଇଚ ପୋଷାକ ଗ୍ରୁଡବା କଥା । ଚୁପ୍ ହୋଇ ବସିଚ ଲୁହା ଚେଆରଟାରେ । ସିଗାରେଟ ଧରେଇଚ । ହାତରେ ଧୂମାୟିତ ଚା' କପ, ଆଗରେ ସାବୀନା । ତା' ହାତରେ ବି କପ । ଷ୍ଟୋଭ ନିଭି ଗଲାଣି କେତେବେଳୁ ।

ଏହି ନୀରବତା କାହାରିକି ଭଲ ଲାଗୁ ନ ଥିଲା । ସଂଜୟକୁ ନୁହେଁ ; ସାବୀନାର ମଧ୍ୟ । ବର୍ଷା ପଡୁଥିଲା ବାହାରେ । ଖୋଲା ଦୁଆର ଦେଇ ଦିଶୁଥାଏ ଷ୍ଟେସନ ୟାର୍ଡର ବିଜୁଳୀ ଖୁଣ୍ଟ ଗୁଡ଼ିକ । ଆଲୁଅ ପଡ଼ି ବର୍ଷାର ଧାର ସବୁ ଚକ୍ ଚକ୍ କରୁଚ ।

ଅଧା ଖୋଲା ଝରକା ଆରପାଖେ ମୁଣ୍ଡିଆଟା ଆଉ ତା' ଉପରେ ଅବସ୍ଥିତ ଅଛଅ-ନିବାସ···ସବୁ କିଛିର ସୀମାରେଖାହିଁ କେବଳ ବାରି ହେଉଥିଲା । ମୁଣ୍ଡିଆ ଆର ପାଖରେ ଖଣି । ଢଳ ଶକ୍ତି ସମ୍ପନ୍ନ ବିଜୁଳୀ ଆଲୁଅରେ ସେ ପାଖର ଆକାଶ ଉଦ୍ଭାସିତ ।

ନୀରବତା ଭାଙ୍ଗି ସାବୀନା ପଚାରିଲା, ଆପଣଙ୍କ ଘର ଟାଟାରେ ନା ?

ନା, ଅନ୍ୟମନସ୍କ ପରି ହୋଇଗଲା ସଂଜୟ ।

ତା'ହେଲେ ?

ଘର ମୋର ନାହିଁ ।

ମାନେ··· ?

ଘର ନାହିଁ ମୋର, ଘରେ କେହି ନାହାନ୍ତି ।

କେହି ନାହାନ୍ତି ? ଆପଣଙ୍କ ସ୍ତ୍ରୀ···

ସ୍ତ୍ରୀ ? ରହସ୍ୟ କଲା ସଂଜୟ । ସେ କୋଉଠି ଏପର୍ଯ୍ୟନ୍ତ ଜାଣିନି ।

ସାବାନା ବୁଝିଲା । ଓ, ଆପଣ ଏପର୍ଯ୍ୟନ୍ତ ବାହା ହେଇ ନାହାନ୍ତି ?
ଠିକ୍ ବୁଝିଚ ।
ଆପଣଙ୍କ ଗାଁରେ···ମାନେ ଆପଣଙ୍କ ଘରର ଦାୟିତ୍ୱ ।
ମୋ ଘର କଟକରେ, ମାନେ ଥିଲେ ଥିଲା···
କଟକ ଟାଉନ୍‌ରେ ? ଶୁଣିଚ ଖୁବ୍ ସୁନ୍ଦର ସହର ।
ଠିକ୍ ଶୁଣିଚ ।
ଘରର ଦାୟିତ୍ୱ ବୋଧହୁଏ ଆପଣଙ୍କ ଅନ୍ୟ ଆତ୍ମୀୟମାନେ ନେଇଛନ୍ତି······
ତା' ମୁଁ ଜାଣେ ନାହିଁ ସାବାନା । ବ-ହୁ-ତ ଦିନରୁ ଘର ଛାଡ଼ିଚ, କାହାର ସାଙ୍ଗରେ ସମ୍ପର୍କ କିଛି ନାହିଁ ।
କଟକରେ କିଏ ତା'ର ଥିଲେ, କାହିଁକି ଘର ଛାଡ଼ିଲା ସେ, ଘର ସାଙ୍ଗରେ ସମ୍ପର୍କ ନାହିଁ କାହିଁକି···ଏ ସବୁ ବ୍ୟକ୍ତିଗତ ବିଷୟ ଜାଣିବାକୁ ଆଗ୍ରହ ପ୍ରକାଶ କଲାନି ସାବାନା । ସେ କେବଳ ସମୟ କଟାଇବାକୁ କଥା କହୁଥିଲା ଯେପରି ! ସଞ୍ଜୟ ନିଜେ ନିଜେ କହି ଚାଲିଲା, ମୋର କେହି ଅଛନ୍ତି କି ନାହିଁ, ଘର ସେଠି ଆଉ ଅଛି କି ନା, ଜାଣେ ନାହିଁ । ସେଇ ଦିନୁ କଟକ ଆଉ ଯାଇନି, ଘରର ଖବର ବି ରଖିନି ।
ସେ ହୁଏତ ଆଶା କରିଥିଲା, ସାବାନା କୌତୂହଳୀ ହେବ ତା' ସମ୍ବନ୍ଧରେ, କାହିଁକି ଆପଣ ଘର ଛାଡ଼ି ଚାଲି ଆସିଛନ୍ତି, ଘରର ଖବର ରଖନ୍ତିନି କାହିଁକି, ଘରକୁ ଆଦୌ ଯାଇ ନାହାନ୍ତି ସେ ଦିନୁ···ନିଶ୍ଚୟ କିଛି କାରଣ ଅଛି !
କିନ୍ତୁ ନା ; ସେପରି କିଛି ଆଗ୍ରହ ସାବାନାର ନାହିଁ । ସେ କିଛି ପଚାରୁନି ।
ସଞ୍ଜୟ ଆହୁରି କହି ଚାଲିଲା, ଏଇ ପରି ଅଛି, ଏଇ ଭଲ । କାହାର ଖବର ରଖିବାକୁ ଚାହେଁନି, ମୋ ଖବର ବି କେହି ନେବା

ଦରକାର ମନେ କରେନା ମୁଁ । ଗୃହକଷ୍ଟ କରୁଚ, କ୍ୱାଟର ଖଣ୍ଡେ ତ ଅଛୁ । ଏଇ ଭଲ ।

ସାବୀନା ଖାଲି ଶୁଣିଗଲା ।

ସଜସ୍ୱ କହୁ ଗୃହୁଁଥିଲା, ସାବୀନା କଛୁ କହୁ । ସେ ନୀରବ ରହୁଚ ଦେଖି ତାକୁ କଥା କୁହାଇବା ପାଇଁ ପ୍ରଶ୍ନ କଲା ସଜସ୍ୱ, ତମେ କଣ ମନେକର ? ଏଇ ତ ବେଶ୍ ; ନୁହେଁ ? କାହା ସାଙ୍ଗରେ ସମ୍ପର୍କ ବା ଆଟାଚ୍‌ମେଣ୍ଟ କ'ଣ ଦରକାର ?

ଚୁପ୍ ରହିଲା ସାବୀନା । ସଜସ୍ୱ ପଚାରିଲା, କ'ଣ କହୁଚ ?

ଗ୍ଲ' କପ୍ ଥୋଇ ସାବୀନା କହିଲା, କେହି ଏପର୍ଯ୍ୟନ୍ତ ଆସିଲେନି ଆସି ଯିବେ । ଦେଖୁଚ ତ କି ରକମ ବର୍ଷା ! ତମକୁ କ'ଣ ଖୁବ୍ ଖରାପ ଲାଗୁଚ ଏଠି ?

ନାଁ ନାଁ, ମୁଁ ଭାବୁଥିଲି, ଏତେ ଡେରି ହେଲାଣି ।

ମନେ କରନିଅ ଇଂଜିନ ବିଗିଡ଼ିଚ, ଟ୍ରେନ ପଡ଼ି ରହିଚ କାହିଁ ମଝିରେ, ଠିକ୍ ନାହିଁ କେତେବେଳେ ଗୃଲିବ । ସିଗାରେଟରେ ଟାଣ ଦେଇ ଧୀରେ ଧୀରେ ଧୂଆଁ ଗ୍ରାଡ଼ିଲା ସଜସ୍ୱ । ଗ୍ଲେଟ ଗୋଟିଏ କମ୍ପାର୍ଟମେଣ୍ଟ । ଧର, ତା' ଭିତରେ କେବଳ ଆମେ ଦୁହେଁ, ଦୁଇଜଣ ଅପରିଚିତ ସହଯାତ୍ରୀ, କେହି କାହାକୁ ଚିହ୍ନିନା, କେହି କାହାକୁ ଜାଣିନା, କିଏ କୋଉଠୁ ଆସିଚ, କିଏ କୋଉଠି ଓହ୍ଲାଇଯିବ, କେହି କାହା କଥା ଜାଣି ନାହୁଁ । ପୁଣି କେବେ ଦେଖା ହୁଏତ ହେବନି, କାହାରି କଥା କେହି ମନେ ରଖିବାନି, କିନ୍ତୁ ତଥାପି···

ସାବୀନା ମୁହଁ ଟେକି ଗୃହିଁଲା ସଜସ୍ୱର ଆଖିକୁ ।

ସୁଦୀର୍ଘ ଅପେକ୍ଷାର ଅସହ୍ୟ ମୁହୂର୍ତ୍ତଗୁଡ଼ିକ ନୀରବରେ କଟାଇବା ଠାରୁ ଆମେ କିଛିକ୍ଷଣ ପାଇଁ ପରସ୍ପରକୁ ସଙ୍ଗ ଦେଲେ କ'ଣ ସମସ୍ତର ଅଦ୍‌ବ୍ୟବହାର ହେବନି ?

ସାବୀନାର ଆଖିରେ କରୁଣା ; ମୁହଁରେ ହସର ରେଖା !

ଅପ୍ରସ୍ତୁତ ବୋଧକଲି ସଂଜୟ । ତମେ ହସୁଚ ଯେ ସାବାନା ! କ'ଣ ଭାବୁଚ ?

ଆପଣ ଟିକଏ ଭାବପ୍ରବଣ ହେଇ ପଡ଼ୁଥିଲେ ସଂଜୟ ବାବୁ ; ନୁହେଁ ?

ନାଁ, ଇମୋସନ୍ ମୋର ନାହିଁ ; ଅନେକ ଦିନୁ ମରି ଯାଇଚି ମୋର ସମସ୍ତ ଭାବପ୍ରବଣତା ! ମରି ଯାଇନି, ମୁଁ ନିଜେ ମାରି ଦେଇଚି । ଗଳା ଚିପି ମାରି ଡଷ୍ଟବିନ୍‌କୁ ଫିଙ୍ଗି ଦେଇଚି ସାବାନା ! ମୋ ବିଷୟରେ ତମେ କଣ ବା ଜାଣ । ମୋ ଅତୀତ ଜୀବନର ଟ୍ରାଜେଡ଼ି···

ଆଜି ସେ ସବୁ କଥା ଥାଉ ସଂଜୟ ବାବୁ । ଆମେ ପ୍ରକୃତରେ କେଉଁ କାହା ସମସ୍ୟାର ସମାଧାନ କରି ପାରିବାନି । ସେ ଶକ୍ତିଇ ଆମର ନାହିଁ । ସମସ୍ତଙ୍କର ଦାୟିତ୍ୱ ଇଶ୍ୱରଙ୍କଠାରେ ନ୍ୟସ୍ତ । ସେଇ କେବଳ ଶାନ୍ତି ଦେଇ ପାରିବେ, ସୁଖୀ କରି ପାରିବେ··· ।

ଇଶ୍ୱର ! ହୁଁଃ !! ସେ କିଏ ମୁଁ ଜାଣେନା, ତେଣୁ ତାଙ୍କୁ ମାନିବାର ପ୍ରଶ୍ନ ମୋ ପାଇଁ ଅବାନ୍ତର ଉଠୁନି । କିନ୍ତୁ ତମେ, ବୋଧହୁଏ ତାଙ୍କୁ ସ୍ୱଚକ୍ଷୁରେ ଦେଖୁଥିବ । ଥରେ ପଚାରି ତ, ତାଙ୍କ ସୃଷ୍ଟିରେ ଯାହା କିଛି ହେଉଛି, ସବୁ ତାଙ୍କରି ଇଚ୍ଛାରେ ତ ? ଆଉ ଉତ୍ତର ଯଦି 'ହଁ' ହୁଏ, ତେବେ ପଚାରିବି—ତାଙ୍କର ପ୍ରତିଟି 'ଇଚ୍ଛା'କୁ ସେ ଠିକ୍ ନ୍ୟାୟ ସଙ୍ଗତ ବୋଲି ମନେ କରନ୍ତି କି ?

ଇଶ୍ୱରଙ୍କୁ ମୁଁ ଦେଖିନି କି ଦେଖିବାକୁ ବି ଚାହିଁନି । କିନ୍ତୁ···

କିନ୍ତୁ ବିଶ୍ୱାସ କର ; ଆଉ ସେଇ ବିଶ୍ୱାସ ବଳରେଇ ସବୁ କିଛି ହୋଇ ଯାଉଛି···ଏଇଆ କହିବ ତ ? ମାଫ ମୋର ପ୍ରଶ୍ନ, ନିଜ ଆଖିରେ ନ ଦେଖି ଏଇ ବିଜ୍ଞାନ ଯୁଗରେ ବିନା ପ୍ରମାଣରେ ତମେ ଇଶ୍ୱରଙ୍କ ସତ୍ତା ହେଉ ବା ଅନ୍ୟ ଯାହା କିଛି ହେଉ ବିଶ୍ୱାସ କରି ପାରୁଚ କିପରି, ଏଇଟା ମୋ ପକ୍ଷରେ ଆଶ୍ଚର୍ଯ୍ୟ···

ଈଶ୍ୱରଙ୍କ ମହିମାର ଯଥେଷ୍ଟ ପ୍ରମାଣ ମୁଁ ପାଇଚି । ମୋ ଜୀବନରେ ଏକାନ୍ତ ବ୍ୟକ୍ତିଗତ ଏପରି ଅନେକ କିଛି ଘଟିଚି, ଯୋଉଁଥିରୁ ମୁଁ ତାଙ୍କ ଦୟାର ପ୍ରମାଣ ପାଇ ଯାଇଚି ସଂଜୟବାବୁ । ଆପଣ କଣ ଶୁଣି ନାହାନ୍ତି ଦେବାଳୟରେ ଅଧା ପଡ଼ି ଅନ୍ଧ ଚକ୍ଷୁ ଫେରି ପାଇବା କଥା, ଅପୁତ୍ରୀକର ସନ୍ତାନ ପାଇବା ଘଟଣା, କେତେ ରୋଗର ନିରାମୟ...

କେତେକ ରୋଗୀ ହତାଶ ହୋଇ ଫେରିବାର ବି ଶୁଣିଚି । କିନ୍ତୁ ହସ୍‌ପିଟାଲ ଯାଇଥିଲେ ନିଶ୍ଚୟ ଭଲ ହୋଇ ଆଆନ୍ତେ ସେମାନେ ।

ଆପଣ କଣ କହୁଛନ୍ତି ସଂଜୟ ବାବୁ ! ହସ୍‌ପିଟାଲ୍‌ରେ ସମସ୍ତେ ଭଲ ହେଉଛନ୍ତି ? ହତାଶ ହୋଇ ଫେରୁ ନାହାନ୍ତି କେହି ? ପ୍ରତି ଅପରେସନ୍ ସଫଳ ହେଉଚି ? କେହି କୋଲାପସ୍ କରୁନି ଅପରେସନ୍ ଟେବୁଲ ଉପରେ ?

ତଟେ ଉତ୍ତେଜିତ ହୋଇ ଉଠୁଚ ସାବିନା । ଦୁଃଖିତ... ।

ନା, ଉତ୍ତେଜିତ ଆଦୌ ହୋଇନ ମୁଁ । ମୋର କହିବାର କଥା ହସପିଟାଲରେ ଭଲ ହୋଇ ନ ପାରି ଦେବାଳୟରେ ଭଲ ହୋଇଯିବାର ଉଦାହରଣ ଅନେକ ଅଛି, କିନ୍ତୁ ଦେବାଳୟର ନିରାଶରେ ଫେରି ହସ୍‌ପିଟାଲରେ ଭଲ ହୋଇଚି, ଏ ଭଳି ଉଦାହରଣ ନାହିଁ । ତାଙ୍କ ଠାରୁ ଯାହାକୁ ଦୟା ମିଳିଲାନି ଦୟା ପାଇବାର ଅଯୋଗ୍ୟ ସେ । କୌଣସି ଅତି ଜଘନ୍ୟ ପାପରେ ପାପୀ ହୋଇ ଥିବାରୁ ହୁଏତ ଦଣ୍ଡ ଭୋଗ କରୁଛି...

କିନ୍ତୁ ସେଇ 'ଦୟାମୟ-ଦଣ୍ଡଦାତା'ଙ୍କ ଅସ୍ତିତ୍ୱର ପ୍ରମାଣ ତ ଦେଇ ପାରିଲନି ମୋତେ । ତୁମର କୌଣସି ଯୁକ୍ତି-ଯୁକ୍ତ ଯୁକ୍ତି ଥା' ହେଲେ ଏଥିପାଇଁ ନାହିଁ, ମୁଁ ବୁଝିବି ତ ?

ମଣିଷ ଯାହା କରନି, କରି ପାରୁନି, ସେ ସବୁର ସ୍ରଷ୍ଟା ଆଉ କର୍ତ୍ତା ଯିଏ, ସେହି ଈଶ୍ୱର । ତାଙ୍କୁ ଦେଖି ନ ଥିଲେ ବି ତାଙ୍କର

ଦୟା, କରୁଣା ଓ କାର୍ଯ୍ୟ ମୁଁ ଦେଖୁଛି । ତାହାହିଁ ତାଙ୍କ ଅସ୍ତିତ୍ୱର ପ୍ରମାଣ । ଆଉ 'ବିଶ୍ୱାସର ବଳ' ? ନା, ତା' ଉପରେ ମୋର ଆଦୌ ଆସ୍ଥା ନାହିଁ । ସତ୍ୟ ଉପରେ ବିଶ୍ୱାସ କଲେ ଫଳ ମିଳେ, ମିଥ୍ୟା ଉପରେ ନୁହେଁ । କେହି ଯଦି ଆପଣଙ୍କୁ ପାଣିରେ ବିଷ ମିଶାଇ ଦେଇ ଦିଏ । କହେ, 'ସରବତ୍' ପିଇ ଦିଅନ୍ତୁ, ଭଲ ଲାଗିବ । ଆଉ ଆପଣ ତାହା କଥା 'ବିଶ୍ୱାସ' କରି ସରବତ୍ ଭାବି ସେଇ ବିଷ ପାନ କରନ୍ତୁ, ତା'ହେଲେ କଣ ଆପଣଙ୍କର କ୍ଷତି ହେବନି ? ଯଦି କୌଣସି ଦୁଷ୍ଟ ଇଂଜିନିଅର ଆପଣଙ୍କୁ ବିଦ୍ୟୁତ୍ ସ୍ଖଳିତ ତାରଟିଏ ଧରିବାକୁ କହେ । ବିଶ୍ୱାସ ଦିଏ, କରେଣ୍ଟ ନାହିଁ, କିଛି କ୍ଷତି ହେବନି ଧରିଲେ । ଅଥଚ ପ୍ରକୃତରେ ତାରରେ ବିଜୁଳି-ଶକ୍ତି ରହିଛି, ତେବେ ତା' କଥାରେ 'ବିଶ୍ୱାସ' କରି ସେଇ ତାର ଛୁଇଁ ଦେଲେ କଣ ଆପଣ ଆହତ ହେବେ ନାହିଁ ?

କିନ୍ତୁ ମୋର ପ୍ରଶ୍ନ......'

ଦେଖନ୍ତୁ ହଜସ୍ୱ ବାବୁ, ଈଶ୍ୱରଙ୍କ ସମ୍ବନ୍ଧରେ ଯୁକ୍ତିତର୍କ କରିବାକୁ ମୁଁ ଅଯୋଗ୍ୟ । ତାଙ୍କ ସମ୍ବନ୍ଧରେ ତତ୍ତ୍ୱ-ଗତ ଜ୍ଞାନ ମୋର ନାହିଁ । ମୁଁ ଖାଲି ଏତିକି ଜାଣେ ।

ଯେ ସେ ନିଶ୍ଚୟ ଅଛନ୍ତି !

ମୋ ଦେହ ଅସୁସ୍ଥ ହେଲେ ମୁଁ ଔଷଧ ଖାଇ ଭଲ ହୋଇ ପାରୁଛି । ଜାଣିଛି, ଔଷଧ ହିଁ ମୋତେ ଭଲ କଲା । ଔଷଧ ଉପରେ "ବିଶ୍ୱାସ" ଆସିଗଲା ମୋର । କିନ୍ତୁ ତା' ବୋଲି କେହି ଯଦି ମୋତେ ପଚାରି ବସେ, କଣ କଣ ସବୁ ମିଶି ସେଇ ଔଷଧ କେଉଁ ପ୍ରକାର ରସାୟନିକ ପ୍ରକ୍ରିୟାରେ ତିଆରି ହୋଇଛି କୁହ ; ମୁଁ କହିବି, ଜାଣେନା । ସେ କଥା କେବଳ ରସାୟନବିତ୍ କହି ପାରିବେ । ସେହିପରି ଈଶ୍ୱରଙ୍କ ସମ୍ବନ୍ଧରେ ତାତ୍ତ୍ୱିକ ଜ୍ଞାନ କେବଳ ସେଇମାନଙ୍କର ଅଛି, ଯେଉଁମାନେ ତାଙ୍କର ରହସ୍ୟ ଜାଣିବାକ

ତପସ୍ୟା-ଗବେଷଣାରେ ନିମଗ୍ନ । ଆପଣଙ୍କ ସାଙ୍ଗରେ ଈଶ୍ୱରଙ୍କ ସମ୍ବନ୍ଧରେ ଆଉ ଅଧିକ ଯୁକ୍ତି କରିବାକୁ ମୁଁ ଚାହେଁନା ।

ଆରେ ସୀନା, ନମସ୍କାର ସଞ୍ଜୟ ବାବୁ, ଡେରି ହୋଇଗଲା ମୋର । ହାତରେ ଛତା ଆଉ ଟର୍ଚ୍ଚ ଲାଇଟ, ପାଣି ବହୁଚି ଛତାରୁ, ବାହାରେ ସେଇଟା ରଖି ଦେଇ ଭିତରକୁ ପଶି ଆସିଲା ଦାଉଦ ।

ଦାଉଦ୍ ବାବୁ ଯେ, ଉଠି ପଡ଼ିଲା ସଞ୍ଜୟ, ସୀମାନା ସେତେବେଳୁ ବସିଚ ଅପେକ୍ଷା କରି । ବସନ୍ତୁ ବସନ୍ତୁ ଏଇଠି, ଲୁହା ଚେଆରଟି ଆଗେଇ ଦିଏ ସଞ୍ଜୟ ଆଉ ସାଙ୍ଗେ ସାଙ୍ଗେ ସୀମାନା ଠିଆ ହୋଇ ପଡ଼େ । ବହୁତ ଭିଜି ଯାଇଚ ଭାଇ !

ଗର୍ଜ୍ ଘରେ ଖବର ଦେଇଥିଲା ; ମୁଁ ଜାଣୁ ନଥିଲି । କାଲି ଆମର ପର୍ବ କ'ଣ ନା, କଣ ସବୁ ଆୟୋଜନ ହବ, ସେ ବିଷୟରେ ଆଲୋଚନା ଚାଲିଥିଲା ଚର୍ଚ୍ଚରେ । ଫାଦର୍ ଡାକିଥିଲେ । ଘରକୁ ଫେରି ସିଧା ତ ଆସୁଚି । କିନ୍ତୁ ସୀନାକୁ ନେଇ ଆପଣଙ୍କୁ କୌଣସି ଅସୁବିଧାରେ ପଡ଼ିବାକୁ ହେଲା ସଞ୍ଜୟ ବାବୁ, ସେଥିପାଇଁ······

ନାଁ ନାଁ ଅସୁବିଧା କଣ ? ଆପଣଙ୍କର ଆସିବାରେ ଡେରି ହେଲା ବୋଲି ଆମର ବରଂ ଖୁବ୍ ଆଲୋଚନାଟାଏ ହୋଇ ପାରିଲା ।

ଆଲୋଚନା ?

ହଁ, ଏଇ ଧର୍ମ ନେଇ, ଈଶ୍ୱର-ବିଶ୍ୱାସ ନେଇ···

ଭଲ ତ । ପିଲା ହେଲେ ସୀନାଟି ଆମର ଖୁବ୍ ଧର୍ମ-ପ୍ରାଣ ସଞ୍ଜୟ ବାବୁ ।

ମୋ ଚଠି କଣ ପାଇନ ଭାଇ ?

ନାଁରେ ।

ଆଚ୍ଛା, ତା'ହେଲେ···ସଞ୍ଜୟ ବାବୁ, ହଁ ଭାଇ, ସଞ୍ଜୟ ବାବୁଙ୍କୁ ବାସ୍ତବିକ୍ ବହୁତ ଅସୁବିଧାରେ ଆଜି ପକେଇଲି ମୁଁ । କେଇଥର ରିକ୍ସା ଭାଇଙ୍କି ଓ୍ୱାର୍କସପ୍‌ରେ ପଡ଼ି ଥିବାକୁ ସମସ୍ତେ ଓ୍ୱାଗନ୍‌ରେ ଚଢ଼ି

ଆସିଲେ ଡାଲ୍‌ଟନଗଞ୍ଜରୁ , ମୋତେ କନ୍ତୁ ଅନୁଗ୍ରହ କରି ସେ ଇଂଜନ୍‌ରେ ନେଇ ଆସିଚନ୍ତି···

ସତେ ? ମୁଁ ଜାଣେ ସାବୀନା, ସଜନ୍ତୁ ବାବୁ ଖୁବ୍ ଭଲ ଲୋକ ।

ଆଃ···ସଜନ୍ତୁ ହସି ଦେଇ କହିଲା, ବରଂ ଇଂଜନରେ ଆସିବାକୁ ଖୁବ୍ କଷ୍ଟ ହେଇଚ ତମର !

ଆଦୌ ନୁହେଁ । ସାବୀନା ବ ହସୁଚ, କିନ୍ତୁ ମୁଁ ଯେ ଏନଜନ୍ତୁ କରିଚ ସଜନ୍ତୁ ବାବୁ ; ଆପଣଙ୍କର କ ଡ୍ରାଇଭିଂ !!!

ଭୟରେ ଆଖି ବୁଜି ହେଇ ଯାଏ ; ନୁହେଁ ?

ସଜନ୍ତୁର ପରିହାସରେ ହାରି ନ ଯାଇ ସାବୀନା ପ୍ରତିବାଦ କ'
ହଠେ, ଦେଖିଥିଲେ ଆଖି ବୁଜି ହେଇ ଯାଇଥିବ ମୋର ?

ଏକା ସାଙ୍ଗରେ ହସି ଉଠନ୍ତି ସମସ୍ତେ ।

ଦାଉଦ୍ ଆଉ ସାବୀନା ଯିବା ପାଇଁ ବାହାରିଲେ । ଦାଉ'
କହିଲା, ଆପଣ ହିନ୍ଦୁ । ଯଦି ଆପତ୍ତି ନ ଥାଏ, ଆମ ପର୍ବରେ ଯୋ'
ଦେବାପାଇଁ ନିମନ୍ତ୍ରଣ କରି ପାରେ କି ?

ମୁଁ ହିନ୍ଦୁ ନୁହେଁ କି କିଛି ହେଲେ ନୁହେଁ ।

ସଜନ୍ତୁ ବାବୁଙ୍କର ଈଶ୍ୱର ବିଶ୍ୱାସ ନାହିଁ ଭାଇ !

ଆଚ୍ଛା, ଅନ୍ତତଃ 'ଆନନ୍ଦ' ପାଇଁ ଆମ ସାଙ୍ଗରେ ଯୋଗ ଦିଅ'
ସେ । ନା କଣ କହୁଛନ୍ତି ?

'ଆନନ୍ଦ'ରେ ଅବଶ୍ୟ ଆନନ୍ଦର ସହିତ ଯୋଗ ଦେବି ମୁଁ !

ନିଶ୍ଚୟ ଯିବେ ତା' ହେଲେ । ଆମେ ଅପେକ୍ଷା କରିଥିବୁ କନ୍ତୁ ସନ୍ଧ୍ୟାବେଳେ······

ସାଙ୍ଗ ହେଇ ମା'ହକୁ ଯିବା, ସାବୀନା ହସି ହସି କହିଲା, ନାହିଁ, ଆପଣଙ୍କୁ 'ପ୍ରେୟାର' କରିବାକୁ ପଡ଼ିବନି ସେ ! ଦେଖିବେ···

ତା'ପରେ ସାବାନା ଘରକୁ ଫଜଯ୍ଲର ଯାତାୟତ ଆରମ୍ଭ ହେଇଛ । ସେଇ ଖ୍ରୀଷ୍ଟାନ୍ ପରିବାରଟି ବେଶ୍ ଭଲ ଲାଗିଗଲା ତାକୁ । ନିଷ୍ଠାପର ଧର୍ମ ବିଶ୍ୱାସୀ ସାବାନାର ବାପା । ପ୍ରତିଦିନ ଚର୍ଚ୍ଚକୁ ଯାଆନ୍ତି । ବୟସ ଏବେ ହେଲାଣି, ତଥାପି କର୍ମଠ । ସୁନ୍ଦର ପୋଲ୍ଟ୍ରି ଫାର୍ମଟିଏ ଘର ପଛପଟ ବଗିଚାକୁ ଲାଗି । ତା'ର ସମସ୍ତ ଦାୟିତ୍ୱ ତାଙ୍କର । ମ[illegible] ଆୟ ବି ହୁଏନ ସେଥିରୁ । ସାବାନାର ସ୍ତ୍ରେଟ ସ୍ତ୍ରେଟ ଭାଇ ଉ[illegible] ଓ ଭଉଣୀ ଦୁଇଟି ପାଠ ପଢ଼ନ୍ତି ସ୍ଥାନୀୟ ମିଶନ୍ ସ୍କୁଲରେ । ସେ[illegible] ଲିଓନାର୍ଡଙ୍କ ମିଶନ୍ । ରୋଜଗାର କରନ୍ତି କେବଳ ବଡ଼ ଭାଇ ଓ ବଡ଼ ଭଉଣୀ, ଡାଭିଡ୍ ଏବଂ ସାବାନା । ମାଆ ସେମାନଙ୍କର ଅନେକ ଦିନୁ ସ୍ୱର୍ଗରେ ।

ଏଇ ପରିଚ୍ଛନ୍ନ ସୁଖୀ ପରିବାରଟିକୁ ଭାରି ଭଲ ଲାଗିଛି ଫଜଯ୍ଲର ଏଇ କେତେ ଦିନର ପରିଚୟ ଭିତରେ ।

ସାବାନା ଡାଲ୍ଟନଗଞ୍ଜରୁ ଫେରି ଯୋଉ ଦିନେ ଦି'ଦିନ ଏଠି ଆସି ରହେ, ସେଇ ସମୟରେଇ ସାଧାରଣତଃ ଫଜଯ୍ଲକୁ ଦେଖାଯାଏ ତାଙ୍କ ଘରେ । ଡାଭିଡ୍‌ର ସିଫ୍ଟ ଡ୍ୟୁଟି, ଓଭର ଟାଇମ୍ । ସାବାନାର ବାବା ଚର୍ଚ୍ଚ ଆଉ ପୋଲ୍ଟ୍ରିରେ ବ୍ୟସ୍ତ । ସ୍ତ୍ରେଟ ପିଲା ଅନ୍ୟମାନେ । ସେମାନଙ୍କର ସ୍କୁଲ୍ ଅଛି, ପାଠ ଅଛି, ପରୀକ୍ଷା ଅଛି, ଖେଳା ବୁଲା ଅଛି । ଫଜଯ୍ଲକୁ ସଙ୍ଗ ଦେବା ପାଇଁ ସେହି ପରିବାରରେ କେବଳ ସାବାନାରଇ ଅବସର ଥିଲା ।

ଫଜଯ୍ଲ ଆଉ ସାବାନା ଏକାନ୍ତରେ ବସି ଯାହା ସବୁ ଆଲୋଚନା କରନ୍ତି, ସେ ସବୁ ସେମାନେ ଚର୍ଚ୍ଚରେ ମଧ୍ୟ ଆଲୋଚନା କରି

ପାରନ୍ତେ । ସେଇ ଆଲୋଚନାରେ ଯଦ୍ୟପି କୌଣସି ଭଗ ସଞ୍ଜୟ ଏକମତ ହୋଇ ପାରନ୍ତି ସାବୀନା ସହିତ, ତଥାପି ତା'ର ଭଲ ଲାଗୁଥିଲା ଯୁକ୍ତି ଗୁଡ଼ିକ ଶୁଣିବାକୁ । ଦୁହେଁ ଚର୍ଚ୍ଚକୁ ବି ଯାଉଥିଲେ ନିୟମିତ ଭାବେ ଏବଂ ଚର୍ଚ୍ଚରେ ସେମାନଙ୍କୁ ବାରମ୍ବାର ଏକାଠି ଦେଖି କେହି କେହି ମନେ କରୁଥିଲେ ଯେ ଦୁହେଁ ହୁଏତ ଏନ୍‌ଗେଜଡ଼ ହେବାକୁ ଯାଉଛନ୍ତି ।

ଧର୍ମ ସମ୍ବନ୍ଧୀୟ ବିଷୟରେ ଯଦ୍ୟପି ସାବୀନା ସଞ୍ଜୟ ମଧ୍ୟରେ ମତଭେଦ ରହି ଯାଉଛି, କିନ୍ତୁ ଜୀବନ ସମ୍ବନ୍ଧରେ ଅନ୍ୟ ପ୍ରକାର ଭାବ ସଞ୍ଜୟ ମନରେ ଆସିବାକୁ ଲାଗିଲାଣି । କ୍ରମେ କ୍ରମେ ସେ ପ୍ରଭାବିତ ହେଉଛି ସାବୀନାର ପ୍ରଭାବରେ । ତା'ର ଅନେକ କିଛି ପରିବର୍ତ୍ତନ ହୋଇଛି । ସଞ୍ଜୟ ବର୍ତ୍ତମାନ ଭିନ୍ନ ମଣିଷ ।

ମଦ ଆଉ ସେ ପିଏନା । ଫୁଲ୍‌ମଣି ସାଙ୍ଗରେ କୌଣସି ସମ୍ପର୍କ ନାହିଁ । ପୋଷାକ ପରିଚ୍ଛଦ, ରହିବା ଧରଣି, କଥାବାର୍ତ୍ତାର ଧରଣ, ସବୁଥିରେ ପରିଚ୍ଛନ୍ନତା, ସୁରୁଚି ଆଉ ଭଦ୍ରତାର ଛାପ । ରଙ୍ଗାସ୍ୱାମୀକୁ ମନା କରି ଦେଇଛି, ଆଉ କେବେ ମଦ ନ ଆଣିବାକୁ । ଏତେଦିନ ହେଲା ନ ଯିବାର କାରଣ ବୁଝିବାକୁ ଆସିଥିଲା ଫୁଲ୍‌ମଣି ନିଜେ ତାକୁ ଧମକ୍ ଦେଇ ବାରଣ କରି ଦେଇଛି ସଞ୍ଜୟ ଆଉ କେବେ ଆସିବା ପାଇଁ ।

ଆଜିକାଲି ଲୋକଙ୍କ ସାଙ୍ଗରେ କମ୍ ମିଶେ, କମ୍ କଥା କହେ ଭଦ୍ର ବ୍ୟବହାର କରେ ସଞ୍ଜୟ । ମଜଦୁର ମହଲରେ ଆଲୋଚନା ଚାଲେ ତା' ସମ୍ବନ୍ଧରେ—କଣ ହେଲା ସଞ୍ଜୟର ? ସେ ଯେ ଏକାବେଳକେ ବଦଳି ଗଲା ! ଆଉ ପରି ସେ ଆଉ ସେମାନଙ୍କ ପରି ଜଣେ ନୁହେଁ, ନିତାନ୍ତ ନିରୀହ, ଜଣେ ସୁସଂସ୍କୃତ ଭଦ୍ରଲୋକ । ସେମାନଙ୍କ ଭିତରେ ବି ଗୁଜବ ରଟି ଯାଇଛି ଏହା ଭିତରେ, ସଞ୍ଜୟର ସାଦୀ ହୋଇ ଯିବ ଖୁବ୍ ଶୀଘ୍ର, ସାବୀନା ସାଙ୍ଗରେ ।

ଅବଚେତନ ମନ ଭିତରେ ସ୍ୱପ୍ନ ଜାଗେ ହଜସୁର ବି, ତା'ର ଗ୍ରେଟ ଦର ଉଜ୍ଜ୍ୱଳ କରି ସୃଷ୍ଟି ତା ହୋଇଛି ସାବୀନା । ଜର୍ମାନ ହୃଦସ୍ତରେ ତା'ର ବନ୍ଧୁ ଦିନ ପରେ ହଠାତ୍ ଏବେ ଯୋଉ ଆଦର୍ଶ ମହିଳାଟିର ପ୍ରଭାବ ପଡ଼ିଲା, ସେଇ ମହୀୟସୀ ନାରୀ ସ୍ୱହୃତ ଦାମ୍ପତ୍ୟ ସ୍ୱାନ୍ଧର ଏକ ଅଣା ଭିଲାସ ମଧ୍ୟ କ୍ରମେ କ୍ରମେ ସରିଯାଇ ତାକୁ ଅଭିନ୍ନ କରି ସାରିଚି, ଆଉ ସେଥିରେ ଇନ୍ଧନ ଯୋଗାଇଛି କେତେକ ଘଟମାଙ୍କରେ । ତାକୁ ଆଉ ସାବୀନାକୁ ନେଇ ବାହାରେ ଗୁଞ୍ଜରିବା ଗୁଜବର ଯାହା କିଛି ଭଗ୍ନାଂଶ ତା' କାନକୁ ଆସିଥିଲା, ସେଇ ସବୁ ।

ଗ୍ରୀଷ୍ମ ଛୁଟିରେ ସ୍କୁଲ୍ ବନ୍ଦ ହେଲା ଯୋଉ ଦିନ, ସାବୀନା ଘରକୁ ଫେରିବା ପାଇଁ ଷ୍ଟେସନରେ ପହଞ୍ଚି ଦେଖେ ତ ହଜସୁ ପଶ[illegible] ରହମତ୍ ଅଲ୍ଲି ଡ୍ରାଇଭର ଡାକିନ ଟ୍ରେନ୍ ଦାୟିତ୍ୱରେ । ଡାଲ୍[illegible]-ଗଞ୍ଜକୁ ତୁମ୍ଭ ଫେରିବାର ଏଇ ଦ୍ୱିତୀୟ ସିଫ୍ଟ ଗାଡ଼ିରେ [illegible] ରହିବା କଥା । ସାବୀନା ଖୁସିଲା, ହୁଏତ କ'ଣ ଚେଷ୍ଟା ହୋଇଥିବ ଭିତିରେ । ସେଇ ଗାଡ଼ିରେ ବୁଲି ଆସିଲା, କାହାକୁ କିଛି ପଚାରିନି । ପଚାରିଥିଲେ ବୋଧହୁଏ ଜାଣି ପାରିଥାଆନ୍ତା, ସେଦିନକବେଳେ ସେଠାରୁ ଅଳ୍ପ କିଛି ଦୂରରେ ଡାଲ୍‌ଟନଗଞ୍ଜ ସରକାରୀ ହସ୍‌ପିଟାଲର ଗୋଟିଏ ବେଡ୍‌ରେ ଛଟପଟ୍ ହେଉଥିଲା ହଜସୁ ।

ସିଫ୍‌ଟ ଗାଡ଼ି ନେଇ ଦିନ ଦୁଇଟାବେଳେ ଡାଲ୍‌ଟନଗଞ୍ଜ ପହଞ୍ଚିବା ପରେ ଅଳ୍ପ ଅଳ୍ପ ମଥା ଘୂରେଇଥିଲା ତା'ର । ଷ୍ଟେସନର ରେଷ୍ଟ ରୁମ୍‌କୁ ଯାଇ ଟିକିଏ ଗଡ଼େଇ ନେଲା ଆର୍ମ ଚେଆରରେ । ଆହୁରି ଜୋରରେ ମଥା ବିନ୍ଧିଲା । ଶୀତ ଶୀତ ବି ଲାଗୁଚି । ପାପୁଲି କପାଳରେ ଦେଇ ବୁଝି ପାରିଲା ବେଶ୍ ଟେମ୍ପରେଚର । ସାଙ୍ଗେ ସାଙ୍ଗେ ଘୋଡ଼ାଗାଡ଼ି କରି ଚାଲିଗଲା ସଦର ହସପିଟାଲ୍ । ସେଠି ପହଞ୍ଚିବା ଆଗରୁ କିନ୍ତୁ ହଜସୁର ଜ୍ଞାନ ଲୋପ ପାଇ ସାରିଚି । ସେଇ

ଗାଡ଼ି ଭିତରେଇ ଦ' ଝିଲକା ବାନ୍ତି ହେଇଥିବାର ଦେଖାଗଲା ତାକୁ ଷ୍ଟ୍ରେଚରରେ ବୋହି ନେବାବେଳେ ।

ତିନି ଦିନ ଜ୍ୱର । ତା'ପରେ, ସାରା ଦେହରେ ବାହାରି ପଡ଼ିଲା ବସନ୍ତ । ଅସହ୍ୟ, ଅସହ୍ୟ ସେ ଯନ୍ତ୍ରଣା ! କୌଣସି ଦିନ କିଛି ରୋଗ ତା'ର ହୋଇନି । ସୁସ୍ଥ, ସବଳ, ନିରୋଗ ବଳିଷ୍ଠ ଦେହରେ ସଞ୍ଜୟ ଭାବୁଥିଲା, ସବୁଦିନେ ସେ ଏହିପରି ଥିବ । କାହାରି ସାହାଯ୍ୟ ଓ ସେବା-ସାହଚର୍ଯ୍ୟ ବିନା ମଧ୍ୟ ଦୁନିଆରେ ଏକା ଏକା ଚାଲି ଯାଇ ହୁଏ । ଆଶ୍ଚର୍ଯ୍ୟ, କାହିଁକି ଲୋକେ ଶୀଘ୍ର ବାହା ହେବା ପାଇଁ ବ୍ୟସ୍ତ ହେଇ ପଡ଼ନ୍ତି ! ଏଇତକ ଛଡ଼ା ଆଉ କୋଉଥିପାଇଁ ସ୍ତ୍ରୀ ଦରକାର ଭଲା । ବାକିଟା ତ ଦାମ ଦେଇ କିଣି ହୁଏ ବାହାରୁ । ସୁସ୍ଥ ମଣିଷର ପୁଣି ବାହା ହେବା ଦରକାର କଣ ?

କିନ୍ତୁ ସୁସ୍ଥ ମଣିଷ ବି ବେଳେ ବେଳେ ଖୁବ୍ ଅସୁସ୍ଥ ହୋଇପଡ଼େ, ଯାହା ଆଜି ହେଇଚି ସଞ୍ଜୟର, ଯାହା ଆଜି ସେ ଭାବୁଚି, ଖୁବ ନିଃସହାୟ ମନେ ହେଉଚି ନିଜକୁ । ବଡ଼ ଦୁର୍ବଳ ଆଉ ନିର୍ଭରଶୀଳ । ଏତିକବେଳେ ଆଉ କେହି ଜଣେ ଯଦି ପାଖରେ ଥାଆନ୍ତା, ଆଜି ଯଦି ଶେଯ ପାଖରେ ତା'ର ବସି ରହି ଥାଆନ୍ତା କେହି ଜଣେ କଲ୍ୟାଣୀ ନାରୀ···ଲଲାଟରେ ଗୋଟିଏ ନରମ ପାପୁଲିର ସ୍ନେହମୟ ସ୍ପର୍ଶ, ଆଃ, ଚୁଡ଼ିର ରୁଣୁଝୁଣୁ, ଦରଦଭରା ଉଦ୍‌ବିଗ୍ନ ଗଳାର ପ୍ରଶ୍ନ, 'କିପରି ଲାଗୁଛି' 'ପାଟି ଆଁ କରନ୍ତୁ ତ, ଟେମ୍ପରେଚର୍ ଦେଖେ'···

କିଏ ? ସାବାନା ! ଆଖି ଖୋଲି ଦେଲା ସଞ୍ଜୟ ।

ନା, ସାବାନା ନୁହେଁ, ଷ୍ଟାଫ୍ ସିଷ୍ଟର ମିସେସ୍ ଆଲେକ୍‌ଜାଣ୍ଡ୍ରିଆ ଥର୍ମୋମିଟର ହାତରେ । ସାବାନା ଆପଣଙ୍କର କିଏ ?

ସଞ୍ଜୟ ତାଙ୍କ ମୁହଁକୁ ନିର୍ବାକ ଆଖିରେ ଅନାଇ ରହିଗଲା ।

ଆପଣଙ୍କର କେହି ନିକଟ ଆତ୍ମୀୟ ? ତାଙ୍କୁ ଖବରଦେବା ?

ନା, ମୁହଁ ବୁଲାଇ କରି ମୋଡ଼ିଲା ସଞ୍ଜୟ ।

ଟିକଏ ପାଣି ମେଲ କରନ୍ତୁ, ମୁଁ ଥର୍ମୋମିଟର ଦେଖିବି ।

ସେଇପରି ଶୋଇଥାଏ ।

କ'ଣ ହେଲା ? ମୋତେ ଆପଣଙ୍କ ଥର୍ମୋମିଟର ନେବାକୁ ଦିଅନ୍ତୁ ।

ନା ।

କାହିଁକି ? ଥର୍ମୋମିଟର ନ ଜାଣିଲେ···ମୁହଁ ପାଖକୁ ତା'ର ଥର୍ମୋମିଟର ନେଲେ ମିସେସ୍ ଆଲେକଜାଣ୍ଡ୍ରିଆ । ହାତ ଛୁଟିଗଲା ହଠାତ୍ । ଛୁଟିକି ପଡ଼ି ଚୂର୍ ମାର୍ ହୋଇଗଲା ତାପ ମାପିବା ଯନ୍ତ୍ରଟି !

ଗଭର୍ଣ୍ଣମେଣ୍ଟ ହସ୍ପିଟାଲ
ଡାଲଟନ୍‌ଗଞ୍ଜ
ବେଡ଼ ନମ୍ବର ୨୧

ସାବାନା,

ଚିଠିଟା ପାଇ କ'ଣ ଭାବିବ ଜାଣେନା । ମୋର କନ୍ତୁ ଲେଖିବା ନିତାନ୍ତ ଆବଶ୍ୟକ, ତେଣୁ ଲେଖୁଚି । ଏଇ କେତୋଟି ସପ୍ତାହ ଭିତରେ ବେଡ୍‌ରେ ଶୋଇ ଶୋଇ ମୁଁ ରୋଗର ଯନ୍ତ୍ରଣାରୁ ଆରୋଗ୍ୟ ଲାଭ କରିବା ସାଙ୍ଗେ ସାଙ୍ଗେ ନୂଆ ଏକ ଅନୁଭୂତି ମଧ୍ୟ ଲାଭ କରିଛି । ଜାଣ, କ'ଣ ସେଇ ଅନୁଭୂତି ? ସାବାନା, ସେଇ ଅନୁଭୂତି 'ପ୍ରେମ' ଛଡ଼ା ଅନ୍ୟ କିଛି ନୁହେଁ ।

ଭାରି ଦୁର୍ବଳ, ବଡ଼ ଅସହାୟ ମୁଁ । ମୋର ଏଇ ଦୁର୍ବଳତା, ଏଇ ଅସହାୟତା, ମୋ ଜୀବନର ସମସ୍ତ ଅଭାବ, ପୂରଣ କରି ଦେଇ ପାରିବ ଜଣେ ଅନନ୍ୟା ନାରୀ, ଅମୃତ ଯୁଗର କାମନା ଓ ତୃଷ୍ଣା ନେଇ ଯାହା ପାଇଁ ମୋର ଆତ୍ମା ହାହାକାର କରି ଉଠିଚି, ଅନେକ ରୂପ ମଧ୍ୟ

ଏକକ ଆଉ ଅରୂପ, ଅନେକ ଚନ୍ଦ୍ରା ମୁହଁ ଭିତରେ ସେ ଏକ ପଦ୍ମଚନ୍ଦ୍ରା ଅତି ଆପଣାର, ଅନେକ ସୌନ୍ଦର୍ଯ୍ୟର ଐଶ୍ୱର୍ଯ୍ୟ ଭିତରେ ସେ ଏକ କଲ୍ୟାଣୀ, ସ୍ଥିର ଅକମ୍ପିତ ସ୍ତିମିତ ଏକ ଦୀପ-ଶିଖା, ଯେ ମୋତେ ଆଲୋକ ଦେଖାଇଚ, ମୋ ଜୀବନର ଧ୍ରୁବତାରା, ସେଇ ନାରୀ 'ତମେ' ସାବୀନା, ଆଉ କେହି ନୁହେଁ ।

ମୁଁ ତମର ଉପଯୁକ୍ତ ନୁହେଁ, ମୁଁ ତମର ଯୋଗ୍ୟ ନୁହେଁ, ମୁଁ ଅନେକ କ୍ଷୁଦ୍ର ତମ ଠାରୁ । ଆଉ ତମେ, ତମେ ମଧ୍ୟ ମୋର ଅଯୋଗ୍ୟା, କେତେ ମହତ୍ ତମେ, କେତେ ମହାନ୍, ମୋ ସାଙ୍ଗରେ ତମର ତୁଳନାଇ ହୁଏନା । ଆମେ ଦୁହେଁ କେହି କାହାର ଯୋଗ୍ୟ ନୋହୁ । କିନ୍ତୁ ତଥାପି ସାବୀନା, ତୁମକୁହିଁ ମୋର ଆବଶ୍ୟକ, ତୁମକୁହିଁ ମୁଁ ଚାହେଁ ।

ସତେ କ'ଣ ତମେ ମୋର ହେବ, ତମେ କଣ ମୋର ହୋଇ ଯାଇବ ସାବୀନା ? ମୋତେ ଗ୍ରହଣ କରି ପାରିବ ? ଆଶ୍ରୟ ଦେଇ ପାରିବ ?

ଚିଠିଟି ପଢ଼ି ସାରିବା ପରେ କ'ଣ ତମେ ଭାବିବ, ସେଇକଥା ମୁଁ ଭାବୁଚି ବର୍ତ୍ତମାନ ଚିଠି ଶେଷ କରି ସାରି···

ତମର

ହତଭାଗା

ସଞ୍ଜୟ

ଡାଲ୍ଟନ୍‌ଗଞ୍ଜ ହସ୍ପିଟାଲରେ ଧୀରେ ଧୀରେ ଆରୋଗ୍ୟ ଲାଭ କରୁଚି ସଞ୍ଜୟ, ସମ୍ପୂର୍ଣ୍ଣ ସୁସ୍ଥ ହେବାକୁ ଆଉ ଡେରି ନାହିଁ । ଚାହିଁ ରହିଚି, ତା' ଚିଠିର ଉତ୍ତର କେବେ ଆସିବ । କିନ୍ତୁ କାହିଁ ?

× × × ×

ଶେଷ ହୋଇ ଆସୁଚି କ୍ରିସ୍‌ମାସର ରାତ । ସେଇ ଅସହ୍ୟ ଶୀତ

ଆଉ ତୁଷାରପାତ ଭିତରେ ସେଣ୍ଟ ପଲ୍ସ ମଠ ଆଗରେ ଗୋଟିଏ ଶିଶୁର କ୍ରନ୍ଦନ ଧ୍ୱନି ଶୁଣାଗଲା ।

ଆଲପସ୍ ପର୍ବତର ଏକ ଗିରିପଥ ପାର୍ଶ୍ୱରେ ଅବସ୍ଥିତ ଏହି ଅନୁଷ୍ଠାନଟି ଖ୍ରୀଷ୍ଟ ଶତାବ୍ଦୀ ପୂର୍ବେ ସ୍ଥାପିତ ହୋଇଥିଲା । ତୁଷାର ବୃଷ୍ଟି ଭିତରେ ପଡ଼ି ପଥିକମାନେ ବିପନ୍ନ ହେଲେ ସେମାନଙ୍କୁ ଉଦ୍ଧାର କରି, ମଠର ପାନ୍ଥଶାଳାରେ ସେମାନଙ୍କ ଆହାର, ବିଶ୍ରାମ, ଚିକିତ୍ସା ପ୍ରଭୃତିର ବ୍ୟବସ୍ଥା ଏବଂ ବାଟ ହଜାଇ ଥିଲେ ସେମାନଙ୍କୁ ଠିକ୍ ରାସ୍ତା ଦେଖାଇଦେବା, ପ୍ରଧାନତଃ ଏହାହିଁ ଥିଲା ଏହାର ପ୍ରତିଷ୍ଠାତା ମହାତ୍ମା ସେଣ୍ଟ ପ'ଲ୍ଙ୍କ ଉଦ୍ଦେଶ୍ୟ ।

ପ୍ରଥମେ ଏହି ଉଦ୍ଦେଶ୍ୟରେ ସେ ଏଠି ମଠ ପ୍ରତିଷ୍ଠା କରିଥିବାରୁ ଏହାର କେତେ ଗୁଡ଼ିଏ ବିଶେଷତ୍ୱ ଥିଲା, ଯାହା ଏବେ ମଧ୍ୟ ରହିଛି । ତୁଷାର ଭିତରୁ ପଥିକମାନଙ୍କୁ ଖୋଜି କିପରି ଉଦ୍ଧାର କରିବାକୁ ହେବ, ସେ ସମ୍ବନ୍ଧରେ ବୈଜ୍ଞାନିକ ତାଲିମ ଏଠାକାର ଅନ୍ତେବାସୀମାନଙ୍କୁ ନିୟମିତ ଓ ସ୍ୱତନ୍ତ୍ର ଦିଆ ଯାଉଥିଲା । ଉଦ୍ଧାର କାର୍ଯ୍ୟରେ ସାହାଯ୍ୟ କରିବା ପାଇଁ ସେଠାରେ ପୋଷା ଯାଉଥିଲେ ଅନେକ ଗୁଡ଼ିଏ ସୁଶିକ୍ଷିତ କୁକୁର । ତୁଷାର ପୀଡ଼ିତ ବ୍ୟକ୍ତିର କେବଳ ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା ଏଠାରେ ଥିଲା । କାହାର ଅଧିକ ଗୁରୁତର ଅବସ୍ଥା ହୋଇଥିଲେ, ସ୍ଥାନାନ୍ତରିତ କରାଯାଉଥିଲା ପର୍ବତର ପାଦଦେଶରେ ଅବସ୍ଥିତ ସରକାରୀ ଚିକିତ୍ସାଳୟକୁ । ସେଥିପାଇଁ ମଠ ପାଖରୁ ପାହାଡ଼ର ପାଦ ଦେଶ ପର୍ଯ୍ୟନ୍ତ ବଡ଼ ବଡ଼ ଲୁହା ଖମ୍ବ ପୋତା ହୋଇ ଶକ୍ତ ତାର ସଂଯୋଗ କରା ହୋଇଥିଲା ଏବଂ ତା'ର ସାହାଯ୍ୟରେ ଏକ ଝୁଲନ୍ତ ପ୍ରକୋଷ୍ଠରେ ରୋଗୀକୁ ନିରାପଦରେ ତଳକୁ ପଠାଇ ଦେବାର ବ୍ୟବସ୍ଥା ହୋଇଥାଏ ।

ସେହି ରୋପ୍‌ୱେ ଏବେ ମଧ୍ୟ ମଠର ପ୍ରତିଷ୍ଠାତାଙ୍କ ଏକ ବିସ୍ମରଣୀୟ କୀର୍ତ୍ତି ରୂପେ ରହିଛି ।

ଏହି ମଠର ଆଉ ଏକ ବିଶେଷତ୍ୱ, ଏଠାରେ 'ନନ୍' ବା ସନ୍ନ୍ୟାସିନୀ ନ ଥିଲେ । ପ୍ରଧାନତଃ ଯେଉଁ ଉଦ୍ଦେଶ୍ୟରେ ଏଇ ଦୁର୍ଗମ ସ୍ଥାନରେ ମଠଟି ତିଆରି ହୋଇଥିଲା, ସେଥିରେ 'ନନ୍'ମାନଙ୍କୁ ଏଠି ରଖିବାର ଆବଶ୍ୟକତା ଅନୁଭବ କରିଯିବାର ପ୍ରଶ୍ନ ଉଠେନା । ତା'ଛଡ଼ା ମହାତ୍ମା ସେଣ୍ଟପ'ଲ୍ ଥିଲେ ଭିନ୍ନ ପ୍ରକୃତିର ବ୍ୟକ୍ତି । 'ନାରୀ'କୁ ସେ 'ନରକର ଦ୍ୱାର' ବୋଲି ବିବେଚନା କରୁଥିଲେ ।

ସେହିଦିନୁ ପରମ୍ପରା ରହି ଆସିଛି, ଏ ମଠରେ ନନ୍ ରହନ୍ତି ନାହିଁ । କେବଳ ସନ୍ନ୍ୟାସୀ ଆଉ ଶିଷ୍ୟମାନେ ।

ଖ୍ରିସ୍ମାସ ଉତ୍ସବର ଆନନ୍ଦ କୋଳାହଳ ପାଖରେ ପହଞ୍ଚି ପାରି ନ ଥିଲା ବାହାରେ ପଡ଼ି ରହିଥିବା ଏଇ ଶିଶୁଟିର କ୍ରନ୍ଦନ । ଶେଷରେ ଭୋର ହେଲା, ଉତ୍ସବ ସରିଲା, ସକାଳର ସୂର୍ଯ୍ୟ କୁହୁଡ଼ି ଘେରା ଆଲପ୍ସର ଶୃଙ୍ଗ-ସାନୁଦେଶରୁ ଧୀରେ ଧୀରେ ମଥା ଟେକି ଉଠିଲେ । ସ୍ୱରଆଡ଼ ଫରଦ୍ଧ ଦେଖାଗଲା । ଖୋଲିଗଲା ଫାଟକ । ଉତ୍ସବ ଶେଷ କରି ଫେରୁଥିବା ପାଖାପାଖି ପାର୍ବତୀୟ ଗ୍ରାମର ସେଇ ନର ନାରୀ ଆଉ ସେମାନଙ୍କୁ ବିଦାୟ ଦେବା ପାଇଁ ଫାଟକ ପର୍ଯ୍ୟନ୍ତ ଆଗେଇ ଆସିଥିବା ମଠର ସନ୍ନ୍ୟାସୀ ଓ ଅନ୍ତେଃବାସୀ, ସମସ୍ତେ ଦେଖିଲେ ଶିଶୁଟିକୁ ।

'ନିଶ୍ଚୟ କାହାର ଅବୈଧ ସନ୍ତାନ', 'ଜାରଜ' ଜନତା ମଧ୍ୟରେ ଉଠିଲା କୋଳାହଳ । 'ପବିତ୍ର ଖ୍ରିସ୍ମାସ ଉତ୍ସବର ପ୍ରଭାତରେ ଚର୍ଚ୍ଚ ବାହାରକୁ ଆସି ଦିନର ପ୍ରଥମ ଆଲୋକରେ ଏ କେଉଁ ମୂର୍ତ୍ତିମାନ 'ପାପ' ଦେଖିବାକୁ ମିଳିଲା !' ସମସ୍ତଙ୍କ ମନରେ ଅବଶୋଷ ! ସତେ ଯେପରି ଗତ ରାତିରେ ବହୁ କଷ୍ଟାର୍ଜ୍ଜିତ ପୁଣ୍ୟ ଧନ ସେମାନଙ୍କର କିଏ ଅବା ଜୋର କରି କାଢ଼ି ନେଉଛି !!

କାହିଁ ? ଆଗେଇ ଆସୁଛନ୍ତି ମହନ୍ତ ମାର୍କୋଭିଚ୍ । ଲୋକେ ବାଟ ଛାଡ଼ି ଦେଲେ । ମହାତ୍ମା ସେଣ୍ଟ୍ ପ'ଲଙ୍କ ପରେ ସେହି

ବର୍ତ୍ତମାନ ତାଙ୍କର ଉତ୍ତରାଧିକାରୀ, ଏଠାକାର ମୁଖ୍ୟ । ଏ 'ପାପ' ନୁହେଁ, ଶିଶୁଟିକୁ ଉଠାଇ ନେଲେ ମହନ୍ତ । ପ୍ରତ୍ୟେକ ମଣିଷ ଈଶ୍ୱରଙ୍କ ସନ୍ତାନ । 'ଜାରଜ' ବୋଲି କିଛି ନାହିଁ । କ୍ରିସ୍ମାସ ଉତ୍ସବର ପ୍ରଭାତରେ ପ୍ରଭୁ ମୋତେ ଏହାକୁ ଉପହାର ଦେଇଛନ୍ତି ।

ସେଇ ଶିଶୁ । ବଡ଼ ହେଲା । ଆଜି ସେ ମହନ୍ତଙ୍କର ପ୍ରିୟତମ ଶିଷ୍ୟ । କଠୋର ସଂଯମ ଆଉ ବ୍ରହ୍ମଚର୍ଯ୍ୟ ଭିତରେ ସମ୍ପୂର୍ଣ୍ଣ ହୋଇଛି ତା'ର ଶିକ୍ଷା ଓ ସାଧନା । ସେ ଶିଖିଛି, ସନ୍ନ୍ୟାସୀର ଜୀବନରେ ନାରୀ ସମ୍ବନ୍ଧୀୟ ଚିନ୍ତାଇ ମହାପାପ ! ଧର୍ମ ପୁସ୍ତକ ଛଡ଼ା ଅନ୍ୟ କୌଣସି ବହି ହାତରେ ଧରିବା ସନ୍ନ୍ୟାସୀ ପକ୍ଷରେ ଅଧର୍ମ । ସାଂସାରିକ ମଣିଷର ସାମାଜିକ ଆନନ୍ଦରେ ଯୋଗ ଦେବା ଦୂରେ ଥାଉ, ସେ ସମ୍ବନ୍ଧରେ ଆଗ୍ରହ ଦେଖାଇବା ବି ସନ୍ନ୍ୟାସୀ ପକ୍ଷରେ ଅନ୍ୟାୟ !!!

ଶିକ୍ଷା ସମ୍ପୂର୍ଣ୍ଣ ହେବା ପରେ ତାହାର ନାମ ହେଲା ଫାଦର ଲିଓନାର୍ଡ ।

ଗୁରୁ ସେଣ୍ଟ ମାର୍କୋଭିଚ୍‌ଙ୍କ ଆଦେଶରେ ଶିଷ୍ୟ ଲିଓନାର୍ଡ 'ଅସଭ୍ୟ' ଦେଶ ଭାରତବର୍ଷକୁ ଚାଲିଲେ ପ୍ରଭୁ ଯୀଶୁ ଖ୍ରୀଷ୍ଟଙ୍କର ପବିତ୍ର ପ୍ରେମ ଧର୍ମ ପ୍ରଚାର ପାଇଁ ।

ବଣ ପାହାଡ଼ ଘେରା ଦକ୍ଷିଣ ବିହାରର ଏଇ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଟିରେ ସେତେବେଳେ ଅନ୍ୟ କୌଣସି ମିଶନାରୀ ଅନୁଷ୍ଠାନ ନ ଥିଲା । ଫାଦର ଲିଓନାର୍ଡଇ ଏଠି ପ୍ରଥମ ଚର୍ଚ୍ଚର ଭିତ୍ତି ପତନ କଲେ । ତା'ପରେ ଅନୁଷ୍ଠାନର ନାମ ବଢ଼ିଲା, କେତେ ଆଉ କେତେ ଲୋକ ଆସିଲେ । ଧର୍ମ ଶିକ୍ଷା ଦେବାର କ୍ଲାସ୍, ଛୋଟ ହସ୍‌ପିଟାଲ, କେତେ କଣ ଗଢ଼ି ଉଠିଲା କ୍ରମେ କ୍ରମେ । ଦେଶ ବିଦେଶରୁ ଟଙ୍କା ଆସେ । ଫାଦର ଲିଓନାର୍ଡଙ୍କ ଖ୍ୟାତି ବ୍ୟାପି ଯାଇଛି ଚାରିଆଡ଼େ । କିଏ ନ ଜାଣେ ତାଙ୍କ ନାମ୍ ?

ଅଲ୍‌ପସ ମଠର ସେଣ୍ଟ ମାର୍କୋଭିଚଙ୍କ ଶିଷ୍ୟ କଲୁ ନନ୍ ରଖିବାର ପ୍ରସ୍ତାବରେ ବାଧ୍ୟ ହୋଇ ସ୍ୱୀକୃତ ପ୍ରଦାନ କରନ୍ତି, ହସ୍‌ପିଟାଲ ଖୋଲା ହେବା ପରେ ଯେତେବେଳେ ସେତକାର ଆବଶ୍ୟକତା ଅନୁଭୂତ ହେଲା, ଚନ୍ଦ୍ରାର ଦାର୍ଯ୍ଡିଙ୍ଗରେ ଥିବା ବୈଦେଶିକ ମିଶନାରୀ ଡାକ୍ତରମାନେ ଯେତେବେଳେ ମତ ଦେଲେ ଯେ ରୋଗୀର ସେବାକାର୍ଯ୍ୟ ପୁରୁଷ-ନର୍ସ ଦ୍ୱାରା ଠିକ୍ ଭାବେ ହୋଇ ପାରବ ନାହିଁ ।

ହସ୍‌ପିଟାଲରେ ନବପ୍ରସୂତା ପ୍ରସୂତିର ଦେହାନ୍ତ ମୃତ୍ୟୁ ହେଲେ ତା'ର ସନ୍ତାନକୁ ରଖି ନେବାକୁ ପଡ଼େ । ତା' ଏ ଅଞ୍ଚଳର କୌଣସି ଖ୍ରୀଷ୍ଟାନ ପରିବାରର ଶିଶୁ ଶୈଶବରେ ପିତୃ-ମାତୃହୀନ ଓ ଆଶ୍ରୟହୀନ ହୋଇ ପଡ଼ିଲେ ତାଙ୍କୁ ଗାଁ ଲୋକେ ଆଣି ଚର୍ଚ୍ଚରେ ଛାଡ଼ି ଦେଇ ଯାଉଥିଲେ । ସେଥିପାଇଁ ଅର୍‌ଫାନେଜ୍ ବା ଅନାଥାଶ୍ରମଟିଏ ମଧ୍ୟ ଗଢ଼ି ଉଠିଥିଲା ଚର୍ଚ୍ଚରେ ଏବଂ ପିଲାମାନଙ୍କ କନ୍ଦାକଟା ଓ ଗୋଳମାଳ ଯେ ପୁରୁଷ ସେବକ ବା ମେଲ-ନର୍ସଙ୍କ ପକ୍ଷରେ ଦାରୁଣ ଅସ୍ୱସ୍ତିକର ତାହାର ପ୍ରମାଣ ଜଣେ ଫାଦର୍ ନିଜ ଆଖିରେ ବି ଦେଖି ପକାଇଥିଲେ ! ଏକା ସାଙ୍ଗରେ ଅନେକଗୁଡ଼ିଏ ଶିଶୁ ଗୋଟିଏ ମେଲ୍-ନର୍ସକୁ ଘେରି କନ୍ଦାଳ କରୁଛନ୍ତି, ଆଉ ସେ ବିଚରା ଅନେକ ବୁଝାଇବାର ବ୍ୟର୍ଥ ଚେଷ୍ଟା କରି ଶେଷରେ ଯେତେବେଳେ ବ୍ୟତିବ୍ୟସ୍ତ ହୋଇ ପଡ଼ିଲା, କିଂକର୍ତ୍ତବ୍ୟବିମୂଢ଼ ହୋଇ ଯାହୁ ଯାହୁ ଡାକ ଛାଡ଼ିଚି ଉପରକୁ ଚାହିଁ, ହେ ପ୍ରଭୁ ଯୀଶୁ, ରକ୍ଷା କର, ରକ୍ଷାକର···ଅନ୍ୟ ଜଣେ ମେଲ୍-ନର୍ସ ତେଣେ ଏ ପରିସ୍ଥିତି ଦେଖି ଦଉଡ଼ି ପଳାଉଛି ଏବଂ ତା'ପଛେ ପଛେ ଚିତ୍କାର କରି ଗୋଡ଼ାଇଛନ୍ତି ଆଉ ପଞ୍ଝାଏ ପିଲା ! ଠିକ୍ ସେତିକିବେଳେହିଁ ସେଠି ସେ ପହଞ୍ଚି ଥିଲେ ବୋଲି ପରିସ୍ଥିତି ଦେଖି ନିଜେ ମଧ୍ୟ ହତବୁଦ୍ଧି ଓ ହତବାକ !

ନା, ଏମାନଙ୍କ ଦ୍ୱାରା ଏସବୁ ହେବନି । ମାତୃ-ଜାତିଦ୍ୱାରା ଶିଶୁମାନଙ୍କ ଲାଳନ-ପାଳନ ପ୍ରକୃତିର ନିୟମ । ଶେଷରେ ଠିକ୍ ହେଲା, ହସ୍‌ପିଟାଲରେ ରୋଗୀର ସେବା ପାଇଁ ନନ୍ ରହିବେ ଆଉ ମଧ୍ୟ ନନ୍ ରହିବେ ଅନାଥାଶ୍ରମରେ ଶିଶୁମାନଙ୍କର ଲାଳନ-ପାଳନ ପାଇଁ ।

ନନ୍‌ମାନେ ଆସିଲେ । ଅନାଥାଶ୍ରମର ଭାର ନେଲେ । ହସ୍‌ପିଟାଲରେ ରୋଗୀର ଶୁଶ୍ରୂଷା-କାରିଣୀରୂପେ ଆଉ ଜନସାଧାରଣଙ୍କ ଧର୍ମଶିକ୍ଷା ଦେବାର କ୍ଲାସରେ, ଯେଉଁ କ୍ଲାସ ସବୁ କେବଳ ଚର୍ଚ୍ଚରେ ନୁହେଁ, ଦୂରର ଗ୍ରାମାଞ୍ଚଳରେ ମଧ୍ୟ ନିୟମିତ ଅନୁଷ୍ଠିତ ହେଉଥିଲା ପଢ଼ର ଢଙ୍ଗରେ ଘରେ ଲେଖାଏଁ, ସେଠି ମଧ୍ୟ ଶିକ୍ଷୟିତ୍ରୀ ରୂପେ ସେମାନଙ୍କୁ ଦେଖା ଗଲାଣି । ଦେଖା ଗଲାଣି, ସେମାନେ ବରଂ କ୍ଷେତ୍ର ବିଶେଷରେ ପୁରୁଷମାନଙ୍କଠାରୁ ଅଧିକ ସୁଦକ୍ଷ ।

ଫାଦରଙ୍କ ମନଃପୂତ ହୋଇଛି ଯେ ଧର୍ମାନୁଷ୍ଠାନର ପରିଚାଳନାରେ ନନ୍‌ମାନଙ୍କର ଆବଶ୍ୟକତା ଅପରିହାର୍ଯ୍ୟ ।

ନନ୍‌ମାନେ ରହିଲେ । କିନ୍ତୁ ଚର୍ଚ୍ଚର ନିୟମ-କାନୁନ ବିଧି-ନିଷେଧ ଆହୁରି ବେଶୀ କଡ଼ା ହୋଇଗଲା । ବିନା କାରଣରେ ଅନ୍ୟାନ୍ୟ ଜୁନିଅର ଯୁବକ ଫାଦରମାନେ ନନ୍‌ମାନଙ୍କ ସାଙ୍ଗରେ ମିଳାମିଶା ଦୂରରେ ଥାଉ କଥାବାର୍ତ୍ତା ବି କରି ପାରିବେନି । ନନ୍‌ମାନେ ମଧ୍ୟ ଏକାନ୍ତରେ ଦେଖା କରି ପାରିବେନି ସେମାନଙ୍କୁ ।

ନନ୍‌ମାନଙ୍କୁ ରଖା ଯାଇଥିଲା ଜଣେ ବୃଦ୍ଧା ମଦର ସୁପିରିଅରଙ୍କ ଅଧୀନରେ । ସେଇ ଅଇରିଶ୍ ମହିଳା ଥିଲେ ଖୁବ୍ କଡ଼ା ପ୍ରକୃତିର । ଆଉ ପ୍ରକୃତିଠାରୁ ତାଙ୍କର ଶାସନ ଆହୁରି ବି କଠୋର ଥିଲା ।

ଚର୍ଚ୍ଚ ଭିତରେ ପାପ ପ୍ରବେଶ କରିବାର ସମସ୍ତ ସମ୍ଭାବନାର ପଥକୁ ସତର୍କ ଦୃଷ୍ଟିରେ ସେ ପ୍ରହରିଣୀ ଭଳି ଜଗି ରହିଥିଲେ । ଶୋଇବାକୁ ଯିବା ପୂର୍ବରୁ ତାଙ୍କର ରାତ ଦଶଟାରେ ଶେଷ କର୍ତ୍ତବ୍ୟ

ଥିଲା, ଚର୍ଚ୍ଚର 'ପବିତ୍ରତା' ରକ୍ଷାରେ କୌଣସି ଅନ୍ତେଃବାସୀ କିଛି ଗୁରୁତର ବ୍ୟତିକ୍ରମ କରିଥିଲେ ତାହା ଏକାନ୍ତରେ ଫାଦର ଲିଓନାର୍ଡ୍ଙ୍କ କର୍ଣ୍ଣ ଗୋଚର କରାଇବା । ଲିଓନାର୍ଡ୍ଙ୍କର ଅତି ବିଶ୍ୱସ୍ତା ଏହି ମହିଳାଙ୍କୁ ଅବଶ୍ୟ କେତେଜଣ ନନ୍ ଇ ସବୁବେଳେ ସେହି 'ଗୋପନୀୟ' ସବାଦ ସବୁ ଯୋଗାଇ ଦେଉଥିଲେ । ମଦର ସୁପରିଅର ମଧ୍ୟ କାହିଁକି କେଜାଣି ସେଇ କେତେଜଣଙ୍କୁ ଏତେ ବେଶୀ ବିଶ୍ୱାସ କରୁଥିଲେ ଯେ ବିନା ପ୍ରମାଣରେ ସତବୋଲି ଗ୍ରହଣ କରି ନେଉଥିଲେ ସେ ସବୁକୁ ।

ମଦର ସୁପିରିଅରଙ୍କ ରିପୋର୍ଟ ପ୍ରମାଣିତ ସତ୍ୟ, ଏଇ ଅଭ୍ରାନ୍ତ ଧାରଣା ନେଇ ସାଙ୍ଗେ ସାଙ୍ଗେ କାର୍ଯ୍ୟାନୁଷ୍ଠାନ କରୁଥିଲେ ସେଣ୍ଟ ଲିଓନାର୍ଡ ।

ନନ୍‌ମାନଙ୍କୁ ମନା ଥିଲା ଦର୍ପଣରେ ମୁହଁ ଦେଖିବାକୁ । ଆତ୍ମୀୟ-ସ୍ୱଜନ, କେହି ଆସି ଦେଖା କରିବାକୁ ଚାହିଁଲେ, ଅନୁମତି ମିଳୁଥିଲା ସତ, କିନ୍ତୁ ତାହା ଅଳ୍ପ ସମୟ ପାଇଁ । ତା'ବି ମଦର ସୁପିରିଅରଙ୍କ ଉପସ୍ଥିତିରେ । ଘରକୁ ଯିବା ପାଇଁ ଅନୁମତି ମିଳୁ ନ ଥିଲା । ଏପରିକି କୌଣସି ନିକଟ ସମ୍ପର୍କୀୟର ରୋଗ କିମ୍ବା ମୃତ୍ୟୁରେ ମଧ୍ୟ । ପ୍ରସାଧନ ସେମାନଙ୍କୁ ମନା ଥିଲା । ମଥାର ବାଳ ସବୁ କାଟି ପକାଇବାକୁ ହେଉଥିଲା ମାସର ଶେଷ-ସପ୍ତାହରେ । ଈଶ୍ୱରଙ୍କ ପ୍ରାର୍ଥନା ଛଡ଼ା ଅନ୍ୟ ଗୀତ ଗାଇବା ଏବଂ ଖୁସି, ଗପ, ଥଟ୍ଟା କିମ୍ବା ମଉଜ-ମଜଲିସ୍ ସେମାନଙ୍କ ପକ୍ଷରେ ଥିଲା ନିତାନ୍ତ ଗର୍ହିତ !

ଅବଶ୍ୟ ଫାଦରମାନଙ୍କ ପାଇଁ ମଧ୍ୟ ଠିକ୍ ସେହିପରି ବିଧି-ନିଷେଧ । ସିଗାରେଟ୍ ଟାଣିବା କିମ୍ବା ଡ୍ରିଙ୍କ୍ କରିବା ସେମାନଙ୍କୁ ମନା ।

ଫାଦର ଓ ନନ୍ ସମସ୍ତେ ଏଠାରେ ବ୍ରହ୍ମଚର୍ଯ୍ୟ ବ୍ରତ ପାଳନ କରି ସନ୍ନ୍ୟାସୀ ଜୀବନ ଯାପନ କରୁଥିଲେ ମଧ୍ୟ, ନିୟମ ଯେଉଁଠି, ବ୍ୟତିକ୍ରମ ସେଇଠି ଆଏ ; ଏଠାରେ ବି ଥିଲା ।

କାହାର କିଛି ନିୟମ ବହିର୍ଭୂତ ଆଚରଣ ଦେଖିଲେ କଠୋର ଶାସ୍ତି-ବିଧାନ କରୁଥିଲେ ଲିଓନାର୍ଡ । ଅନଶନଠାରୁ ଆରମ୍ଭ କରି ବିତାଡ଼ନ ପର୍ଯ୍ୟନ୍ତ ସବୁ ପ୍ରକାର ବ୍ୟବସ୍ଥା ତା'ର ଅନ୍ତର୍ଗତ । କେହି ଏହାର ପ୍ରତିବାଦ କରିବା ପ୍ରଶ୍ନିଇ ଉଠେନା । କାରଣ ଲିଓନାର୍ଡଙ୍କ ଆଦେଶକୁ ଈଶ୍ୱରଙ୍କ ଆଦେଶ ବୋଲି ମାନୁଥିଲେ ସମସ୍ତେ ।

ଏ ସବୁ ଭିତରେ କିନ୍ତୁ ଏକମାତ୍ର ବ୍ୟତିକ୍ରମ ଲିଓନାର୍ଡଙ୍କ ଅଧିନସ୍ଥ ଜଣେ ତରୁଣ ଫାଦର ଜର୍ଜ ଭେଲେଣ୍ଟାଇନ ।

ଭେଲେଣ୍ଟାଇନ ଜର୍ମାନ ନାଗରିକ । ଉଚ୍ଚ ବଂଶୀୟ ଧନୀ ପରିବାରରେ ଜନ୍ମ । ବିଗତ ମହାଯୁଦ୍ଧରେ କ୍ୟାପ୍ଟେନ୍ ଭାବେ ହତ୍ୟାଲୀଳା ଓ ସଂହାରରେ ଅଂଶ ଗ୍ରହଣ କରିଥିଲେ । ଦେହରେ ତାଙ୍କର ଏକାଧିକ କ୍ଷତର ଚିହ୍ନ ଏବେ ବି । ଅନେକ ନରହତ୍ୟା ପରେ ହଠାତ୍ ମନରେ ଅନୁତାପ ଆସିଲା । କାହାକୁ କିଛି ନ କହି ଯୁଦ୍ଧ-କ୍ଷେତ୍ର ଛାଡ଼ି ଚାଲି ଆସିଲେ ଭେଲେଣ୍ଟାଇନ ସମସ୍ତଙ୍କ ଅଜ୍ଞାତସାରରେ । ଭାଟିକାନରେ ପହଞ୍ଚି ପୋପ୍‌ଙ୍କ ପାଦତଳେ ପଡ଼ିଗଲେ, ବହୁତ ପାପ କରିଚି ମୁଁ ପ୍ରଭୁ, ମୋତେ ମୁକ୍ତିର ବାଟ ଦେଖାଅ ।

ସେଇଠି ସେ ରହିଲେ । ଏଣେ ଯୁଦ୍ଧ ସରିଗଲା । ତା'ପରେ ଆହୁରି କିଛିଦିନ ବିତିଗଲା ସେଇଠାରେ । ଫାଦର ହେବା ପାଇଁ ଯେଉଁ ଶିକ୍ଷା ଆବଶ୍ୟକ, ସଫଳତାର ସହିତ ତାହା ଶେଷ କଲେ ଭେଲେଣ୍ଟାଇନ । କିନ୍ତୁ ପୋପ୍ କହିଲେ, ଘରକୁ ଯାଇ ପିତା-ମାତାଙ୍କ ଅନୁମତି ଆଗେ ଆଣିକି ସେ, ତା'ପରେ, କର୍ମର ନିର୍ଦ୍ଦେଶ ମିଳିବ ।

ବର୍ଲିନ୍ ଫେରିଗଲେ ଭେଲେଣ୍ଟାଇନ । ସବୁ ବଦଳି ଯାଇଛି । ଅନ୍ୟ ଏକ ସରକାର । ଭିନ୍ନ ଏକ ଶାସନ । ବାପା-ମାଆ ଭଲରେ ଅଛନ୍ତି । ପୁଅର ଖବର କିଛି ନ ପାଇ ସେମାନେ ଧରି ନେଇଥିଲେ ସେ ଆଉ ନାହିଁ । ଦାତବ୍ୟ ଏକ ଚିକିତ୍ସାଳୟ ଆଉ ଅନାଥାଶ୍ରମ ନାମରେ ସବୁକିଛି ଦାନ କରି ବସିଛନ୍ତି । ବୁଢ଼ାବୁଢ଼ୀଙ୍କ ଚଳିବା ଭଳି ସାମାନ୍ୟ ଯାହା କିଛି ଦରକାର, କେବଳ ସେତିକମାତ୍ର ନିଜର ଅଧିକାରରେ ।

ଭେଲେଣ୍ଟାଇନ ବୁଝାଇ ଦେଲେ, ସେଥିପାଇଁ ଚିନ୍ତା କରିବାର କିଛି ନାହିଁ । ସମ୍ପତ୍ତି ତାଙ୍କ ପାଇଁ ଥିଲେ, ସେ ମଧ୍ୟ ସେଇଆ କରିଥାଆନ୍ତେ । ଜନ ସେବାରେ ବ୍ରତ ଗ୍ରହଣ କରି ସାରିଛନ୍ତି । ଖାଲି ବାପା-ମାଆଙ୍କ ଆଶୀର୍ବାଦ ତାଙ୍କର ଦରକାର । ସେଇଥିପାଇଁ ଆସିଛନ୍ତି, ସମ୍ପତ୍ତି ପାଇଁ ନୁହେଁ ।

ଶେଷରେ ସେଇଆ ହେଲା । ଅନୁମତି ପାଇଲେ ଭେଲେଣ୍ଟାଇନ ଫେରିଗଲେ ପୋପଙ୍କ ପାଖକୁ । ବାପା-ମାଆ ରାଜି । ଏଥର କର୍ମର ନିର୍ଦ୍ଦେଶ ମିଳିଲା ତାଙ୍କୁ ।

ନିର୍ଦ୍ଦେଶ ମିଳିଲା ଭାରତବର୍ଷ ଯିବା ପାଇଁ । ହଁ, ଏଇ ଚର୍ଚ୍ଚକୁ । ପୋପଙ୍କ ନିର୍ଦ୍ଦେଶରେଇ ଆସିଛନ୍ତି ଫାଦର ଭେଲେଣ୍ଟାଇନ ଅନ୍ୟ ସବୁ ଫାଦର ମାନଙ୍କ ପରି । ବସ୍ତୁ ରୋମାନ-କାଥଲିକ ସଂସ୍ଥାରେ ଅନ୍ତର୍ଭୁକ୍ତ ପ୍ରତିଟି କାଥଲିକ-ଚର୍ଚ୍ଚ ମହାମାନ୍ୟ ଧର୍ମ-ସମ୍ରାଟ ପୋପଙ୍କ ଦାୟିତ୍ୱରେ ପରିଚାଳିତ ହୁଏ, ସେ କେଉଁଣସି ଦେଶରେ ଅବସ୍ଥିତ ଥାଉ ନା କାହିଁକି ।

ସେଇ ଭେଲେଣ୍ଟାଇନ । ଖୁବ୍ ଲୋକ ପ୍ରିୟ ହୋଇଛନ୍ତି ଏ ଏ ଅଞ୍ଚଳରେ । ଧର୍ମ ନିର୍ବିଶେଷରେ ଲୋକେ ତାଙ୍କୁ ଭଲ ପାଆନ୍ତି । ଖୁବ ମେଳାପୀ ଓ ଆଳାପୀ, ଭାରି ଆମୋଦ ପ୍ରିୟ । ଅନ୍ୟ ଧର୍ମ ପ୍ରତି

ବିଦ୍ୱେଷ ଭାବ ମନ ଭିତରେ ଆଦୌ ନାହିଁ । ତାଙ୍କ ମୋଟରେ ବାଇକ୍ ଦେଖିଲେ, ଗ୍ରେଟ ଗ୍ରେଟ ଆଦିବାସୀ ପିଲାମାନେ ଦୌଡ଼ି ଆସନ୍ତି, ଫାଦର ଆସିଛନ୍ତି, ଫାଦର !

ବାଇକ୍ ବନ୍ଦ କରି ଦିଅନ୍ତି ଭେଲେଣ୍ଟାଇନ୍ । ଘେରି ଯାଆନ୍ତି ପିଲାଏ । ପାଟି କରନ୍ତି, କ'ଣ ଆଣିଛନ୍ତି ଫାଦର, କ'ଣ ଆଣିଛନ୍ତି ଆମ ପାଇଁ ?

ଚକୋଲେଟ୍, ବିସ୍କୁଟ, ଖେଳନା, ଆହୁରି କେତେ କ'ଣ । ଲଜ୍ୟାଶୀଳ ନୀରବ କେଉଁ ପିଲାଟି ପାଖକୁ ଆସୁନି, ଦୂରରେ ଠିଆ ହୋଇଛି ଏକୁଟିଆ, ପାଟିରେ ଆଙ୍ଗୁଳି ପୂରେଇ ସତୃଷ୍ଣ ଆଖିରେ ଅନେଇ ରହିଛି ତାଙ୍କ ଆଡ଼କୁ , ଦେଖି ପାରିଲେ ପାଖକୁ ଡାକିବେ ସେ, ନ ଆସିଲେ ନିଜେ ଯିବେ ତା' ପାଖକୁ, ଆଦର କରି ପଚାରିବେ, ନାମ କ'ଣ ? ଯାହା ଥିବ ହାତରେ ଧରେଇ ଦେବେ । ଭାରି ଭଲ ପାଆନ୍ତି ପିଲମାନଙ୍କୁ ସେ, ଆଉ ପିଲାମାନେ ବି ତାଙ୍କୁ । ପିଲାଙ୍କ ସାଙ୍ଗରେ ପିଲା ହୋଇ ପାରନ୍ତି ଫାଦର ଭେଲେଣ୍ଟାଇନ୍ ; ବଡ଼ମାନଙ୍କ ସାଙ୍ଗରେ ବଡ଼ ପରି । ଧର୍ମ ପ୍ରଚାର ଉଦ୍ଦେଶ୍ୟରେ ଅନ୍ୟମାନଙ୍କ ଭଳି ଆସି ସେ ଖାଲି ମାଇକ୍ ଲଗାଇ ଲମ୍ବା ଚଉଡ଼ା ବକ୍ତୃତା ଦିଅନ୍ତିନି ; ପ୍ରଶ୍ନ ପଚାରିବାକୁ କହନ୍ତି । ଯେ ଯାହା ପଚାରିଲେ ଗୋଟି ଗୋଟି କରି ପ୍ରତ୍ୟେକର ଉତ୍ତର ଦିଅନ୍ତି । ହିନ୍ଦୁ କିମ୍ବା ମୁସଲମାନ ଯେ କେହି ପଚାରିଲେ ବି, ଏପରିକି କୌଣସି ନାସ୍ତିକ ମଧ୍ୟ ଯଦି କିଛି ପଚାରେ । ଧର୍ମ ସମ୍ବନ୍ଧୀୟ ଆଲୋଚନାବେଳେ 'ସେ ନିଜେ ସବୁ କିଛି ଜାଣନ୍ତି, ଅନ୍ୟମାନଙ୍କ ଠାରୁ ତାଙ୍କର ଶିଖିବାର କିଛି ନାହିଁ, ଏଭଳି ମନୋବୃତ୍ତି ତାଙ୍କ ଠାରେ କେହି କେବେ ଦେଖିନି । ଭେଲେଣ୍ଟାଇନ୍ ବରଂ ଲୋକମାନଙ୍କୁ କହନ୍ତି, ଆପଣମାନେ ବି ହୁଏତ ମୋ ଠାରୁ ଏପରି କିଛି ବେଶୀ ଜାଣନ୍ତି ଯାହା ମୋର ଶିଖିବା ଉଚିତ ।

ଅନ୍ୟ ଧର୍ମର ବକ୍ତବ୍ୟ କ'ଣ, ସେ ସମ୍ବନ୍ଧରେ ଖୁବ୍ ଅନୁସନ୍ଧିତ୍ସୁ ଥିଲେ ସେ । ଖଣି ଅଞ୍ଚଳରେ ଥିବା ଜଣେ ଉଚ୍ଚ ଶିକ୍ଷିତ ଧର୍ମ ପ୍ରାଣ ମୁସଲମାନ ଭଦ୍ରବ୍ୟକ୍ତିଙ୍କ ପାଖକୁ ଯାଇ ସେ କୋରାନ୍ ଉପରେ ମଧ୍ୟ ଆଲୋଚନା କରୁଥିଲେ । ସ୍ଥାନୀୟ ଶିବ ମନ୍ଦିରର ବ୍ରାହ୍ମଣ ପୂଜକ ଦେବାଳୟ ପ୍ରାଙ୍ଗଣରେ ସନ୍ଧ୍ୟାବେଳେ ଧର୍ମ ଗ୍ରନ୍ଥ ପାଠ କରି ସମବେତ ଭକ୍ତ ମଣ୍ଡଳୀଙ୍କୁ ତାହା ବୁଝାଉଥିବାବେଳେ ଫାଦର ଭେଲେଣ୍ଟାଇନ୍ ସେଠାରେ ଯାଇ କେବେ କେବେ ବସୁଥିଲେ ଏବଂ ଭାରତୀୟ ଭାଷା ଯଦିଓ ତାଙ୍କର ଆୟତ୍ତକୁ ଆସିଥିଲା, ତଥାପି କୌଣସି ଜାଗାରେ ବୁଝି ନ ପାରିଲେ ସରଳତର କରି ବୁଝାଇ ଦେବା ପାଇଁ ଅନୁରୋଧ କରୁଥିଲେ ପୂଜକଙ୍କୁ । ସମସ୍ତେ ଖୁସି ହେଉଥିଲେ ଅନ୍ୟ ଧର୍ମ ପ୍ରତି ତାଙ୍କର ଆଗ୍ରହ ଦେଖି ।

ଖୁସି କିନ୍ତୁ ନ ଥିଲେ ମଦର ସୁପିରିୟର ଆଉ ଫାଦର ଲିଓନାର୍ଡ । ଏ ସବୁ ସେମାନଙ୍କର ଅସହ୍ୟ ଥିଲା । ଭେଲେଣ୍ଟାଇନ୍‌ଙ୍କୁ ଏଇ ବିଷୟରେ ପ୍ରଶ୍ନ କଲେ ସେ । ଯେଉଁ ଭଲ ଯୁକ୍ତି ଆଣି ଥୋଉଥିଲେ ଏମାନେ ତାହାର ସମ୍ମୁଖୀନ ହୋଇ ପାରିବା ଦୁରୁହ । ଏଣେ ଚର୍ଚ୍ଚରେ ସମସ୍ତେ ତାଙ୍କୁ ଭଲ ପାଆନ୍ତି । ବାହାରେ ବି ସେ ଖୁବ୍ ଲୋକ ପ୍ରିୟ । ସ୍ମାର୍ଟ, ସୁନ୍ଦର, ହସ ହସ ମୁହଁ ଏଇ ତରୁଣ ଧର୍ମ ଯାଜକ ଚର୍ଚ୍ଚର ଗମ୍ଭୀର ପରିବେଶ ଭିତରେ ଯେପରି ଏକ ମୂର୍ତ୍ତିମନ୍ତ ବ୍ୟତିକ୍ରମ ।

ଖ୍ରୀଷ୍ଟିୟ ଧର୍ମାନୁଷ୍ଠାନଟିର ମୋଟା ମୋଟି ଏଇ ହେଲା ପରିଚୟ ।

ଚର୍ଚ୍ଚରେ ବିରାଟ ଆୟୋଜନ ଧର୍ମୋତ୍ସବ । ଅନେକ ଦୂର ଦୂରାନ୍ତରୁ ଲୋକେ ଆସିଛନ୍ତି ଉତ୍ସବରେ ଯୋଗ ଦେବାପାଇଁ । ସମସ୍ତେ ଏଠି ଆଜି ରହିବେ ମିଶନ୍ ଭିତରେ, ମିଶନ୍‌ର ଅତିଥି ହୋଇ ରହିବେ, ବିପୁଳ ଆୟୋଜନ, ସୁନ୍ଦର ସାଜ ସଜ୍ଜା, ରଙ୍ଗୀନ୍ ଆଲୋକ ମାଳାରେ ତାରକିତ ଧର୍ମାଳୟର ଆଜି ଏ ଅନ୍ୟ ଏକ ରୂପ

ସମ୍ଭାର, ବର୍ଷର ଗୋଟିଏ ଦିନ, ସମବେତ ପ୍ରାର୍ଥନାରେ ଯୋଗଦେବେ ସମସ୍ତେ, ଯେ ଯାହା ଅପରାଧ କରିଥିବ ଫାଦରଙ୍କ କାନ ପାଖରେ ଚୁପି ଚୁପି କହିଦେବ, ଫାଦର ତାହା ପ୍ରଭୁ ଯୀଶୁଙ୍କୁ ଜଣାଇ ଅପରାଧ ପାଇଁ କ୍ଷମା ପ୍ରାର୍ଥନା କରିବେ, କେହି ଜାଣି ପାରିବେନି କିଏ ଫାଦରଙ୍କୁ କ'ଣ କହିଲା, କାହାର କ'ଣ ଅପରାଧ !! ସମବେତ ନୃତ୍ୟ ବାଦ୍ୟ ପ୍ରଭୃତି ଆହୁରି ବି କେତେ କ'ଣ ହେବ ଆଜି ।

ଆରମ୍ଭ ହେଲା 'କନ୍‌ଫେସନ' । ଅପରାଧ ସ୍ୱୀକାର କରୁଛନ୍ତି ଜଣକ ପରେ ଜଣେ । ଶେଷରେ ପଚାରିଲେ ଫାଦର, ଆଉ କେହି ଅଛନ୍ତି ?

ଏ କିଏ ? ସାବାନା ! ସାବାନା ଭଳି ଝିଅର ବି କ'ଣ ତେବେ 'କନ୍‌ଫେସ୍' କରିବା ଭଳି କିଛି ଅଛି !!

ନୀରବରେ ଠିଆ ହେଲା ଯାଇ ଫାଦର ଲିଓନାର୍ଡଙ୍କ ପାଖରେ ନତମୁଖୀ ସାବାନା ।

କ'ଣ ? ଫାଦର ପଚାରିଲେ, କିଛି 'କନ୍‌ଫେସ୍' କରିବ ?

ନାଁ ।

ତେବେ ? ଜିଜ୍ଞାସୁ ଦୃଷ୍ଟିରେ ଚାହିଁ ରହିଲେ ଫାଦର ଲିଓନାର୍ଡ ସାବାନା ମୁହଁକୁ, କ'ଣ ଚାହଁ ତମେ ?

ମୁଁ ।

କୁହ ।

ମୁଁ ନନ୍ ହୋଇ ରହିବି, ଏଇଠି, ଆପଣଙ୍କ ପାଖରେ ।

ଉପସ୍ଥିତ ଜନତା ସ୍ତବ୍ଧ ହୋଇ ଚାହିଁ ରହିଛି ସାବାନାର ମୁହଁକୁ ! ଗମ୍ଭୀର ଭାବେ ଥରେ ସେମାନଙ୍କୁ ଚାହିଁ ଦେଇ ସାବାନା । ଆଖି ଅନାଇଲେ ଲିଓନାର୍ଡ । ନନ୍ ହୋଇ ? ହୁଁ । ଟିକିଏ ରହି ପଚାରିଲେ, କ'ଣ ହେଇଚି ତମର ? ଯାହାକୁ ଭଲ ପାଉଥିଲ, ସେ

ଠକି ଦେଇଚ ? ହାରି ଯାଇଚ ପ୍ରତିଦ୍ୱନ୍ଦୀ ପାଖରେ ? ଜୀବନର କୌଣସି ବିଶେଷ ଆକାଂକ୍ଷା ପୂରଣ ହୋଇ ପାରିନି ? କୌଣସି ଇଚ୍ଛାଭିଳାଷ·····

ଭୁଲ ।

ଆଦୌ ଭୁଲ୍ ନୁହେଁ, ଠିକ୍ କହୁଚ ମୁଁ । କୌଣସି କିଛି ପାଇବା ପାଇଁ ବ୍ୟାକୁଳତା ଥିଲା, ହତାଶ ହୋଇଚ । ସେଇଥିପାଇଁ ଭଲ ଲାଗୁନି ସଂସାର । ଶେଷରେ ଏଇ ଏସ୍‌କେପିଜିମ୍ ! ପଲାୟନବାଦୀ ତମେ ବାଳିକା, ଈଶ୍ୱରଙ୍କ ପ୍ରତି କୌଣସି ଦିନ ଭକ୍ତି ନ ଥିଲା ହୃଦୟରେ କି ଆଜି ମଧ୍ୟ ନାହିଁ । ପରାଜୟର ଲଜ୍ୟା ଆଉ ଗ୍ଲାନିରୁ ଖାଲି ମୁହଁ ଲୁଚାଇବାକୁ ଚାହୁଁଚ ତମେ, ମୁହଁ ଢାଙ୍କିବାକୁ ଚାହୁଁଚ । ଈଶ୍ୱରଙ୍କଠାରେ ଆତ୍ମ ସମର୍ପଣର ମନୋଭାବ ନାହିଁ ; ମନ ଭିତରେ ପୂରି ରହିଚି କାମନା, ଭରି ରହିଚି ବାସନା, ଘେରି ରହିଚି ତମକୁ ଅଦମ୍ୟ ସାଂସାରିକ ଲାଳସାର ନାଗ ଫାଶ ! ଫାଦର ଲିଓନାର୍ଡ ଏଥର ଜୋର୍ ଦେଇ କହିଲେ, ସେଇ ନାଗ ଫାଶ ତମେ ଛିନ୍ନଭିନ୍ନ ନ କରିବା ଯାଏ, ସେଇ ସବୁକୁ ତମେ ଜୟ ନ କରିବା ଯାଏ ଈଶ୍ୱରଙ୍କର ଆଶ୍ରୟ ପାଇ ପାରିବନି, ଈଶ୍ୱର ତମକୁ ଗ୍ରହଣ କରିବେନି, ନନ୍ ହୋଇ ଚର୍ଚ୍ଚରେ ରହିଲେ ବି ପ୍ରକୃତ ସନ୍ନ୍ୟାସିନୀ ହୋଇ ପାରିବନି, ଶାନ୍ତି ପାଇ ପାରିବନି ତମେ । ଦେହ ଏଠି ବନ୍ଦୀ ହୋଇ ରହିବ, କିନ୍ତୁ ମନ ଧାଉଁଥିବ ସବୁବେଳେ ଅନାସ୍ୱାଦିତ, ଅପୂର୍ଣ୍ଣ ଓ ଅତୃପ୍ତ ସେହି ସବୁ ସାଂସାରିକ କାମନା ବାସନାର ତୃଷ୍ଣା ଆଡ଼କୁ । ଅନେକ ଦିନ ଧରି ଚାପା ରହିବା ପରେ ହଠାତ୍ କେବେ ସେଇ ତୃଷ୍ଣା ପ୍ରବଳ ହୋଇ ଉଠିବ, ଆଉ ତମେ ତମ ତଥାକଥିତ ଆଧ୍ୟାତ୍ମିକ ଜୀବନର ପରିଧି ଆଉ ପାଖେ ପାଇ ପାରିବ ମୃଗ ତୃଷ୍ଣାର ସାମାନ୍ୟ ଟିକିଏ ଆହ୍ୱାନ ! ଧାଇଁ ଚାଲିଯିବ କ୍ୟାମେଲାଇଟ ପୋଷାକ ଆଉ ଜପାମାଳି ଫିଙ୍ଗି ଦେଇ ସେଇ 'ସୁଖ'ର ସନ୍ଧାନରେ, ଯେପରି ଏଇ

ଧର୍ମାଳୟରୁ ତମର ଭଲ ଆଉ କେତେଜଣ ବିଗତ କେତେ ବର୍ଷ ଭିତରେ ଅବାଂଛିତ ଉଦାହରଣ ରଖି ଚାଲି ଯାଇଛନ୍ତି ।

ମୋର କିନ୍ତୁ କୌଣସି ସାଂସାରିକ କାମନା, କୌଣସି ଜାଗତିକ ଆକାଂକ୍ଷା କେବେ ନ ଥିଲା । ମୁଁ ଶିକ୍ଷିକା । କିନ୍ତୁ ସେଇ ଜୀବନରେ ପରିପୂର୍ଣ୍ଣ ପ୍ରଶାନ୍ତି ମୋତେ ମିଳୁନ । ଅନ୍ଧକୁ ଚକ୍ଷୁ ଦାନ ଭଲ, ଶିକ୍ଷା ଦାନ ପୁଣ୍ୟ କର୍ମ, ମୋ ମତରେ । ମୁଁ କିନ୍ତୁ ଏହାଠାରୁ ବି ଆହୁରି ଅଧିକ କିଛି କରିବାକୁ ଚାହେଁ, ଅଧିକ କିଛି ସେବା । ସେବାରେଇ ଆପଣାକୁ ଉତ୍ସର୍ଗ କରିଦେବାକୁ ଚାହେଁ ମୁଁ । ଏଠି ନନ୍ ହୋଇ ରହିବି, ଏଇ ମିଶନାରି ଚିକିତ୍ସାଳୟରେ ରୋଗୀମାନଙ୍କୁ ସେବିକା ଭାବେ ସେବା କରିଯିବି ଆଜୀବନ, ଆଉ······

କିନ୍ତୁ ଶିକ୍ଷିକାର ଜୀବନ ବି ତ ମହତ୍ତ୍ୱ । ଜ୍ଞାନ ଦାନ ମଧ୍ୟ ଜନ ସେବା । ଏଇତ ତମେ କହିଲ, ଅନ୍ଧକୁ ଚକ୍ଷୁ ଦାନ ଭଲ ପୁଣ୍ୟକର୍ମ···

ହଁ । କିନ୍ତୁ ମୋର ଖାଲି ଇଚ୍ଛା ହେଉଚି ଫାଦର, ରୁଗ୍ଣ ପୀଡ଼ିତ, ଆଉ ଆର୍ତ୍ତିର ସେବା କରିବି । ଅକ୍ଲାନ୍ତ ଶୁଶ୍ରୁଷା, ନିସ୍ୱାର୍ଥପର ସେବା । ଠିକ୍ ଦୀପ କନ୍ୟା ଫ୍ଲୋରେନ୍ସ ନାଇଟିଂଗେଲ୍ ଭଳି !! କୌଣସି ସାଂସାରିକ ଆଶାଭିଳାଷ ମୋର ନାହିଁ କି ସଂସାରରେ ରହିବାକୁ ଇଚ୍ଛା ବି ମୋର ହେଉନ । ସଂସାରରେ ରହିଲେ ଅନେକ ପ୍ରଲୋଭନ ମୋ ଚାରିପାଖେ, ହୁଏତ ମୁଁ ପଥ ଭ୍ରଷ୍ଟ ହୋଇଯିବି, ଗୋଡ଼ ଖସିଯିବ ମୋର । କିନ୍ତୁ ଏଠି ପ୍ରଭୁ ଯୀଶୁଙ୍କର ଶ୍ରୀଚରଣ ତଳର ଆଶ୍ରୟରେ ସେ ଭୟ ନାହିଁ । ଦୟା କରି ମୋତେ ଗ୍ରହଣ କରି ନିଅନ୍ତୁ ଫାଦର ! ଲୁହ ଛଳ ଛଳ ହୋଇ ଉଠେ ସାବିନାର ସୁନ୍ଦର ଆଖି ପଲ୍ଲବ ଧାରରେ !!!

ଆଗ୍ରେଗ୍ୟ ହୋଇଛି ସଜସ୍ୱ । ଏହା ଭିତରେ କୌଣସି ଉତ୍ତର

ଆସିନ ସାବୀନା ଠାରୁ । କ'ଣ ହେଲା ? କାହିଁକି ସେ ଉତ୍ତର ଦେଲାନ ? ପ୍ରତ୍ୟାଖ୍ୟାନ ?

ହସ୍‌ପିଟାଲରୁ ଗଲଭଡ଼୍ ହୋଇ ଫେରୁଛି ସେ ଆଜ । ହଁ, ଘୁଅମେ ଯାଇ ଦେଖା କରିବ ସାବୀନାକୁ । ପଗ୍ଭରିବ, ସେ ରାଜି କି ?

ସତ ସେ ଗ୍ଭହେଁ, ଧର୍ମାନ୍ତର ଗ୍ରହଣରେ ବି ଅପତ୍ତି ନାହିଁ ସଜୟର !

ସେଦନ ରବିବାର । ସକାଳ ହୋଇ ଯାଇଛି । ଟ୍ରେନ୍ ଆସି ପହଞ୍ଚିଲା ଚୁମ୍‌କାରେ । ଡ୍ରାଇଭର ରହମତ୍ ଅଲ୍ଲୀ ସାଙ୍ଗରେ ସମସ୍ତେ ଦେଖିଲେ ଫେରି ଆସିଛି ସଜୟ ।

ରହମତ୍ ଅଲ୍ଲୀ କହୁଥିଲା ତାକୁ ପଛ ପଟେ ବସିବା ପାଇଁ, 'ପାସେଞ୍ଜର ଡବା'ରେ । ରୋଗ ଶଯ୍ୟାରୁ ଉଠିଛି ସେ । ଟିକିଏ ଆରାମ ତା'ର ଦରକାର । କିନ୍ତୁ ସଜୟ ସେକଥା ଶୁଣିନ । ଇଂଜିନରେଇ ଆସିଛି । ଇଂଜିନ ଭଲ ଲାଗେ ତାକୁ, ଇଂଜିନର ଉତ୍ତାପ, ଇଂଜିନର ବାଷ୍ପ ଓ ଶବ୍ଦ ଆଉ କୋଇଲା ପୋଡ଼ା ଗନ୍ଧ, ଇଂଜିନର ଶବ୍ଦ ଗନ୍ଧ ସ୍ପର୍ଶ, ସବୁ କିଛି ଭଲ ଲାଗେ ସଜୟକୁ ।

ସଜୟ ଫେରିଛି । ଖୁସି ହେଲେ ସମସ୍ତେ । ଷ୍ଟେସନ ଷ୍ଟାଫ୍‌ମାନେ ଘେରିଗଲେ । କୁଶଳ ପ୍ରଶ୍ନ···ଶୁଭେଚ୍ଛା···ସହାନୁଭୂତି । ଦୁଃଖ ପ୍ରକାଶ କଲେ ମୁହଁଟାରେ ତା'ର ଏତେ ଦାଗ ରହି ଯାଇଛି ବୋଲି । କେହି କେହି ମତ ଦେଲେ, ଏ ଦାଗ ସାରା ଜୀବନ କିନ୍ତୁ ରହିବ ! ଷ୍ଟେସନ ମାଷ୍ଟର ବାବୁ କହି ପକାଇଲେ, କିନ୍ତୁ ମୁ କହୁଥିଲି ଟୀକା ନବାକୁ । ସେଦିନ ଆମେ ସମସ୍ତେ ନେଇନେଲୁ, ଆପଣ ଏକା ନେଲେନାହିଁ । ଟୀକାଟା ନେଇଯାଇଥିଲେ···ହଉ ଛାଡ଼ନ୍ତୁ, କଥାର ମୋଡ଼ ଘୁରେଇ ଦେଲେ ସେ, ଭାଲ କଏନ କରୁଛନ୍ତି ତ ?

କ୍ୱାର୍ଟରକୁ ଫେରି ଥରେ ଦର୍ପଣ ଦେଖିନେଲା ସଜୟ । ହଁ,

ମୁହଁ ତା'ର ବିକୃତ ହୋଇ ଯାଇଚି । କିନ୍ତୁ ତା'ବୋଲି କ'ଣ ସାବୀନା··· ? ଜୀବନ ସମ୍ବନ୍ଧରେ, ଆଧ୍ୟାତ୍ମବାଦ ସମ୍ବନ୍ଧରେ···ଏତେ ଜ୍ଞାନ ଯାହାର, ସେ କ'ଣ ମୋ ଆଡ଼ୁ ମୁହଁ ଫେରେଇ ନବ ମୁଁ ଦେହର ସୌନ୍ଦର୍ଯ୍ୟ ହରାଇଚି ବୋଲି ? ଯାହା କିଛି କହେ ସାବୀନା, ସେ ସବୁର ବିଶ୍ୱାସ ନ କରେ ଫଜସ୍ !

ନା ନା, ଏଇ ମୁହୂର୍ତ୍ତରେ ଉତ୍ତର ତା'ର ଦରକାର ! ନଚେତ୍ ମାନସିକ ଅଶାନ୍ତିରେ ସେ ପାଗଳ ହୋଇଯିବ । ହଠାତ୍ କାହିଁକି କେଜାଣି କ୍ଷିପ୍ର-ପ୍ରାସ୍ତ ହୋଇ ଉଠିଲା ଫଜସ୍ । ସେ ଯିବ ସାବୀନା ପାଖକୁ, ବର୍ତ୍ତମାନ···ଏଇକ୍ଷଣି···ଏଇଭଳି, ଯୋଉଭଳି ଟ୍ରେନ୍‌ରୁ ଓହ୍ଲାଇଛି ସେଇଭଳି, ଏପରିକି ପୋଷାକ ପର୍ଯ୍ୟନ୍ତ ନ ବଦଳାଇ ବାହାରି ପଡ଼ିବ ଠିକ୍ କଲା ।

ଘରେ ତାଲା ଦେଇ ବାହାରି ପଡ଼ିଲା ଫଜସ୍ । ଆଜି ରବିବାର ! ସାବୀନା ତ ଘରେ ଥିବ । କେହି ନ ଥିବେ ବର୍ତ୍ତମାନ । ରବିବାର ସକାଳେ ସେମାନେ ସମସ୍ତେ ଚର୍ଚ୍ଚକୁ ଯାଆନ୍ତି । ତେବେ ତ··· ନା, ଘରକୁ ନୁହେଁ ; ସେଇଠିକି ଯିବ ସେ, ଚର୍ଚ୍ଚକୁ ।

ସମବେତ ପ୍ରାର୍ଥନା ସରିଚି । ଲୋକମାନେ ବାହାରି ଆସୁଛନ୍ତି । ବାହାରେ ଅପେକ୍ଷା କଲା ଫଜସ୍ । କାହାନ୍ତି ସେମାନେ ?

ଫାଦର ଲିଓନାର୍ଡ, ତାଙ୍କ ସାଙ୍ଗରେ ଅନ୍ୟାନ୍ୟ ମଦରସୁପିରିଅର ବାହାରି ଆସୁଛନ୍ତି ଜଣକ ପରେ ଜଣେ । ସେଇମାନଙ୍କ ଭିତରୁ ତ କିଏ ହଠାତ୍ ଉଚ୍ଚାରଣ କଲା ତା'ର ନାମ, ଫଜସ୍ !

କିଏ ରହିଗଲା ହତଭମ୍ବ ଫଜସ୍ ଆଗରେ ! କିଏ ଇଏ ? ସାବୀନା ! ତମେ···ଏ ବେଶରେ··· ! ମୁଁ···ମୁଁ ତମକୁ···

ପାଇଚ, କିନ୍ତୁ ବହୁତ ଡେରିରେ । ଯୋଉଦିନ ମୁଁ ନନ୍ ହୋଇଗଲି, ପରଦିନ ।

କିନ୍ତୁ···

ତମ ଚଠି ମୁଁ ଆଢ଼ ଗୋଟିଏ ଦ଼ିନ ଆଗରୁ ପାଇଥିଲେ ହୁଏତ ଜନ୍ ହୋଇ ନ ଥାନ୍ତା !

କାହିଁକି ସାବୀନା, ବର୍ତ୍ତମାନ ବି ତ ସେଥିରେ କିଛି ବାଧା ନାହିଁ । ଚମେ ଚାଲି ଆସ ମୋ ସାଙ୍ଗରେ, ଏଇ ମୁହୂର୍ତ୍ତରେ ଚାଲିଆସ, ଏମାନେ କେହି ତମକୁ ବାଧା ଦେଇ ପାରିବେନି ; ଅସ । ତମର ଏଇ ସନ୍ନ୍ୟାସିନୀ ବେଶ ମୁଁ ସହ୍ୟ କରି ପାରୁନି । ଫର୍ଗିଭ୍ ଏ କ୍ୟାମେଲ୍ଲଇଟ ସାବୀନା, ଆସ…ଚାଲିଆସ ମୋ ସାଙ୍ଗରେ…

ଉନ୍ମାଦ ଭଳି ଚତ୍କାର କରି ଉଠିଲା ହଜସ୍ନ ! କଣ ହେଲା ବୋଲି ତାକୁ ଆଉ ସାବୀନାକୁ ଘେରିଗଲେ ସମସ୍ତେ । କିଛି ଘଣ୍ଟା କଣ, କେହି କିଛି ବୁଝି ପାରୁ ନ ଥାନ୍ତି ।

ଯାହାକୁ କେନ୍ଦ୍ର କରି ଏସବୁ, ସେଇ ସାବୀନା କିନ୍ତୁ ଅଟଳ, ଅଚଳ ଆଉ ନିର୍ବିକାର !

ତମେ ଫେରି ଯାଅ ହଜସ୍ନ, ସ୍ଥିର ଆଉ ଶାନ୍ତ ଭା'ରି ଗଳା । ସନ୍ନ୍ୟାସିନୀକୁ ଏସବୁ କହିବା ପାପ ; ମହାପାପ ସନ୍ନ୍ୟାସିନୀ ପକ୍ଷରେ ଏସବୁ କଥା ଶୁଣିବା ବି…

ନାଟକର ନୀରବ-ଗମ୍ଭୀର-ଦ୍ରଷ୍ଟା ଫାଦର ଲିଓନାର୍ଡ ଏତକବେଳେ ତାଙ୍କର ଭୂମିକାକୁ ଆସିଗଲେ । କହିଲେ, ସାବୀନା ! ହୁଏତ ଚାଲିଯାଅ ; ନଚେତ୍ ଅସ, ଚାଲି ଆସ ; ଏଇ ମୁହୂର୍ତ୍ତରେ ଉଭୟ ଭିତରୁ ଯେ କୌଣସି ଗୋଟିକୁ ବାଛି ନେବା ପାଇଁ ତୁମକୁ ମୁଁ ପରାମର୍ଶ ଦେବି ।

ସାବୀନା ! ହଜସ୍ନ ଠିଆ ହେଲା ତା ଆଗରେ ।

ବାଟ ଛାଡ଼ ହଜସ୍ନ । ଆଗେଇଲା ସାବୀନା, ମନେ କରିନିଅ, ତମର 'ସାବୀନା' ମରି ଯାଇଚି ; ଭୁଲି ଯାଅ ତାକୁ । ଭଗବାନ ତମକୁ ଶାନ୍ତି ଦିଅନ୍ତୁ । ତା'ପରେ ଲିଓନାର୍ଡଙ୍କ ଆଡ଼କୁ ଫେରି ଚାହିଁ କହିଲା, ଚାଲନ୍ତୁ ଫାଦର…

କଏ ?   ଗଙ୍ଗୁ ?

ବାବୁ···

କୁଆଡ଼େ ଯାଉଥିଲୁ ?

ନାହିଁ ଆଜ୍ଞା, ଏଇ ବାଟେ ଯାଉଥିଲି ଯେ···ଦେଖିଲି ଆପଣଙ୍କ ଘରଟା ମେଲା ଦିଶୁଚି, ଅନ୍ଧାର ହେଉଚି···ଭାବିଲି, ଅନେଇ ଦେଇ ଯାଏ, ବାବୁଙ୍କର ଦେହ କିଛି ଖରାପ ହେଲା କି କଣ, ଶୋଇଥିବେ ପରା···

ହଁରେ, ଦେହଟା ମୋର ଠିକ୍ ନାହିଁ ଆଜି। ଆଖିକି ଭଲ ଲାଗୁନି ଲାଇଟ୍ ! ଟିକିଏ ରହି ଅବସନ୍ନ ଗଳାରେ ଡାକିଲା ତାକୁ ଫନୀନ୍ଦ୍ର, ଆ, ଭିତରକୁ ଆ ଗଙ୍ଗୁ, କଥା ଅଛି ତୋ ସାଙ୍ଗରେ ।

ବାବୁ···କହନ୍ତୁ ଆଜ୍ଞା ।

ଫୁଲମଣି ଅଛି କରେ ଘରେ ; ଜାଣୁ ?

ଡ଼ରିଗଲା ଗଙ୍ଗାରାମ । ଆଜ୍ଞା···ତା' କଥା···ମୁଁ କାହିଁକି ଆଉ ତା' ଖବର ରଖିବି ଆଜ୍ଞା, ଆପଣ ସେଦିନ ଯୋଉ ଖପା ହେଲେ··· ସେଇ ଦିନଠୁ ତ···

ସେଦିନ ତୋ ଉପରେ ଖପା ହେଇ ଭୁଲ କରିଥିଲି ଗଙ୍ଗୁ । ବର୍ତ୍ତମାନ ମୁଁ ଜାଣିବାକୁ ଚାହେଁ, ସେ ଅଛି କି ?

ଥିବ ଆଜ୍ଞା ତା'ଘରେ । ଯିବ ଆଉ କୁଆଡ଼େ ? ଟିକିଏ ମନେ ପକାଇଲା ପରି ହୋଇ ଅରେ ଦ'ଥର ଛେପ ଢୋକି ଗଙ୍ଗାରାମ କହିଲା, ହଁ ତ ବାବୁ···ମନେ ପଡ଼ିଲା ଏଇନେ, ଦେଖିଥିଲି ତାକୁ ଏଇଆଡ଼େ ଆସୁଥିଲାବେଳେ ବାଟରେ । ଘରକୁ ଫେରୁଥିଲା, ଘରେ ତ ଥିବ ଏଇନେ, କୁଆଡ଼େ ଆଉ ଯାଆନ୍ତା···

ଲୁଇଟି ଜଳା ।

ସୁଇଚ୍ ଟିପିଲା ଗଙ୍ଗାରାମ ।

ଦେଖ୍ ତ କଣ ଅଛି ସେଇ ଡ୍ରୟାରରେ ।

ଖଟ ଉପରେ ଉଠି ବସି ସିଗାରେଟ୍‌ଟିଏ ଧରେଇ ନେଲା ସଂଜୟ ।
କହିଲା, ଦେଖ୍‌ରେ ସେଇ ଡ୍ରୟାରଟା ଖୋଲି…

ଡର ଡର ଡ୍ରୟାର ଖୋଲିଲା ଗଙ୍ଗୁ । ବାବୁଙ୍କର ଆଜି ପୁଣି ହଠାତ୍ ଏ କ'ଣ ହେଲା !

ଅଛି କଛୁ ?

ହଁ ଆଜ୍ଞା ।

କେତେ ?

ଏଇତ ଦଶ ଟଙ୍କିଆ ନୋଟ କେତେଗୁଡ଼ାଏ…

ଉଠେଇ ନେ ଦ'ଟା । ଦ' ବୋତଲ ଆଣିବୁ । ଦାକ ଯାହା ବଲବ, ତୋର ।

ଆଜ୍ଞା ଦ ବୋତଲ…କ'ଣ…

ଆବେ ବୋକା, ଜାଣୁନା ତୁ କ ବୋତଲ ? ଜଲଦି ମତେ । ଯା ନେଇଆ ଜନ୍ ଦ'ଟା । ଯା…

ସଂଜୟର ରାଗ ଦେଖି ଟଙ୍କା ଉଠାଇ ଶୀଘ୍ର ଦଉଡ଼ ଦେଲା ଗଙ୍ଗାରାମ ଆଉ କଛି ନ କହି ।

ଠକ୍…ଠକ୍ ଠକ…ଠକ୍ ।

କବାଟ ବାଡେଇଛି ମାତାଲ ସଂଜୟ ; ଆଉ ସାଙ୍ଗେ ସାଙ୍ଗେ 'କିଏ' ବୋଲି ଜବାବ ଦେଇ ଦରଜା ଖୋଲି ଦେଲାକ୍ଷଣି ସଂଜୟଙ୍କୁ ଦେଖି ଅବାକ୍ ହୋଇ ଯାଇଛି ଫୁଲ୍‌ମଣି ! ବାବୁ ତମେ ! ମୁଁ

ସ୍ୱବଲ୍··· ।   ଆସ ଆସ, ଭିତରକେ ଆସ ବାବୁ ।  କେତେ ଅଣ୍ଡା ବାହାର୍ ହୋରେ···

ଫୁଲ୍ ମଣ୍ଡି, ତୁ ଖୁ'ବ୍ ଭଲ ।  ଖୁ'ବ ଭଲ ତୁ ।  କେହି ତୋ ଭଲଆ ନୁହନ୍ତି ।

ବସ ବାବୁ ; ଇମନ୍ତି କଣ ଦେଖୁଚ ?  ବସ ଆରାମ୍ କରି···ବସ ଏଇଠି ।  ମୁଁ ନଆଁ ର ହମ୍‌ହେଇଟା ପିଇ ଆସେ ।

ମୋତେ କେହି ଭଲ ପାଆନ୍ତି ନାହିଁରେ ଫୁଲ୍ ମଣ୍ଡି ; ମୁଝେ କୋଇ ଭି ପ୍ୟାର ନେହିଁ କର୍ ତା !  'ମୋତେ' ନୁହେଁ, ମୋର ଭ'ଲ ପଣିଆଟାକୁ ସେମାନେ ପ୍ୟାର କରନ୍ତି ।  ଲେକିନ୍ ତୁମ୍, ସିର୍ଫ୍ ତୁମ୍···ହାମ୍‌କୁ ପ୍ୟାର କର୍ ତା ।  ହାମ ଆଚ୍ଛା ହେ ୟା ବୁରା ହେ ଇସ୍‌ମେ ତୁମ୍‌କୋ ଫିକର୍ ନେହିଁ ।  ତୁମ୍ ସିର୍ଫ୍ ମୁଝ୍‌କୋ ଚାହାତା···

ପାଗଲ୍ ମିଛ ହଉଚ କସ୍ ଲାଗି ବାବୁ !

ବହୁତ୍ ମାଲ୍ ଟାନାହେ ମେନେ ଆଜ୍ ।  ବହୁତ୍ ପିଇଚ ଆଜି, ବହୁତ୍ ପିଇଚ···

କେନ୍ ଲାଗି ଆଜି ଏମନ୍ତି ଥୋଡା ଓଡ଼ିଆ, ଥୋଡ଼ା ହିନ୍ଦୀ ବକ ଚାଲ୍ ଛ !  ପାରୁ ନା ତମେ ଛାଡ଼ିଥିଲ ?  କେନ୍ ଲାଗି ପିଇଲ ଫିର୍ ?

ଫୁ···ଲ୍···ମ···ଣ୍ଡି···

ଆଃ ଛାଡ଼ୁନା ବାବୁ ; ହମ୍‌ହେଇଟା ରଖେ ତଲେ ।  ଆଃ···ଆଗ୍ ଲାଗିଯିବା···

ତୁମ୍ ବହୁତ୍ ଆଚ୍ଛା ହେ ।  ଖୁବ୍ ଆଚ୍ଛା ।  ତୁମ୍ 'ଆଦ୍‌ମୀ'କୋ ପ୍ୟାର କର୍ ତା, ଉସ୍‌କା ଆଚ୍ଛାଇ ୟା ବୁରାଇକୋ ନେହିଁ···

ଆଚ୍ଛା ଆଚ୍ଛା ।  ଆରାମ୍‌ସେ ବସ ।  ମୁଁ ଏଖନେ···

ଏଠି, ମୋର ପାଶ୍‌କେ ଆ' ଫୁଲ୍ ମଣ୍ଡି । ଶୁଣ୍···

କୁହନା ।

ମୋର୍ କେହୁ ନାହିଁ ତୋ ଛଡ଼ା । ଫୁଲମଣି, ମୁଁ ସାଦୀ କର୍‌ବି ।

ସାଦୀ ! କର୍ ବାବୁ, ତମ୍‌କେ ଦେଖାଶୁନା କରବାର୍ ଲୋକ ଗୁଟେ ଦରକାର୍ ତ । ଭଲ୍ ହେବ । ହଁ ବାବୁ, ସାଦୀ କର ।

କାହ୍ନ୍‌କେ କର୍‌ବି ଜାଣୁ ?

କଟକ୍‌ରେ କଣ୍ଢଆ ଠିକ୍ ହେଇଥିବ ତମର୍ । ମୁଇଁ କେମ୍‌ତେ ଜାଣ୍‌ବି ?

ନା । କଟକ୍‌ରେ ନୁହେଁ । ଏଇଠେ ମୋର୍ କଣ୍ଢଆ···

ଏଇଠେ ?

ମୋର ସାମ୍‌ନାରେ । ବୁଝ୍‌ଲୁ ନାଇଁ ଫୁଲମଣି, ଆରେ ତୋକେ ମୁଇଁ ସାଦୀ ହେବି, ତୋକେ ।

ଯାଃ···

ସତ୍ କହ୍‌ଥିରେ । ତୋକେ ମୁଇଁ ସାଦୀ କର୍‌ବି !

ମୁଇଁ ତ ଲୋ୍ୱଟ୍ ଜାତି ବାବୁ !

ଆରେ ମୁଇଁ ତ ତୋର୍ ଠାରୁ ଭି ବହୁତ୍ ଲୋ୍ୱଟ୍ ଅଛି ! କହ୍, ରାଜି ତୁଇ ?

ମୋର୍ ଯେ ଇଜ୍ଜତ୍ ଭି ନାହିଁ ବାବୁ !

ସ'ବ୍ ଅଛି, ସ'ବ୍ ଅଛି ତୋର୍ । କହ୍, ମତେ ରାଜି ? ରାଜି ତୁଇ ମୋର୍ କଥାରେ ?

ବାବୁ······

କହ୍, ରାଜି ତୁଇ ? ତୋର ସ'ବ୍ ଅଛି ; ମୋର ଲେକିନ୍ କିଛି ନାଇଁ ଫୁଲମଣି !! କହ୍, ରାଜି ଅଛୁ ମୋକେ ସାଦୀ କର୍‌ବାକେ ?

ରାତି । ଚର୍ଚ୍ଚର ପିତ୍ତଳ ଘଣ୍ଟାରେ ଢଂ ଢଂ ଶବ୍ଦ ହେଲା ଦଶଥର । ସମସ୍ତଙ୍କ ଶୋଇବା ସମୟ ।

ଡାଏରୀ ଲେଖୁଛନ୍ତି ଫାଦର୍ ଲିଓନାର୍ଡ । ପ୍ରତିଦିନ ଶୋଇବା ପୂର୍ବରୁ ଏହା ତାଙ୍କର ଅଭ୍ୟାସ । ଖୁବ୍ ବଡ଼ ବଡ଼ ପୃଷ୍ଠା-ବଶିଷ୍ଟ ଡାଏରୀଟିରେ କେବଳ ତାଙ୍କ ଦୈନନ୍ଦିନ କାର୍ଯ୍ୟ କଳାପ ନୁହେଁ, ଚିନ୍ତାଧାରାର ଗତି ମଧ୍ୟ ଲିପିବଦ୍ଧ ହୋଇ ରହେ । ଆଗାମୀ ଦିନର କର୍ମସୂଚୀ ଓ ପରିକଳ୍ପନା ବି ସ୍ଥାନ ପାଏ ସେଥିରେ । ତେଣୁ ଡାଏରୀ ଲେଖିବାରେ ବେଶ୍ କିଛି ସମୟ ଯାଉଥିଲା ।

ବାହାରୁ ଅନୁମତି ମାଗିଲେ ମଦର୍ ସୁପିରିଅର, ଭିତରକୁ ଆସିପାରେ ଫାଦର୍ ?

ନିଶ୍ଚୟ । ଡାଏରୀ ବନ୍ଦ କରିଦେଲେ ଲିଓନାର୍ଡ ।

ଖୁବ୍ ଗୁରୁତର ! ଭିତରକୁ ଆସି ମଦର୍ ସୁପିରିୟର ଆରମ୍ଭ କଲେ—ଏଇ, ଫାଦର୍ ଭେଲେଣ୍ଟାଇନ୍ କଥା !!!

ପୁଣି କଣ ହେଲା ? କଣ କଲା ସେ ?

ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଔଷଧ ବାଣ୍ଟିବା, ହିନ୍ଦୁ ମନ୍ଦିରକୁ ଯାଇ ସେମାନଙ୍କ ଧର୍ମାଲୋଚନାରେ ଯୋଗ ଦେବା, କୋରାନ ଆଣି ତା'ର ଧର୍ମାର୍ଥ ସବୁ ଧର୍ମ ଶିକ୍ଷା କ୍ଳାସରେ ଛାତ୍ରମାନଙ୍କୁ ବୁଝାଇବା, ଇମିତି ଅନେକ କିଛି ସହ୍ୟ କରି ଯାଇଚି ତା'ର । କିନ୍ତୁ ଏଥର, ଯାହା ସେ କରିଚି···ନା, ଆଉ ନୁହେଁ !

କଣ କରିଚି ଭେଲେଣ୍ଟାଇନ୍ ?

ମୁଁ ନିଜେ ଦେଖିଚି ଫାଦର ! ନିଜ ଆଖିରେ । କାହାର ଠାରୁ

ରପୋର୍ଟ-ଫିପୋର୍ଟ ନୁହେଁ ; ନିଜ ଆଖିରେ, ନିଜ ଆଖିରେ ମୁଁ ନିଜେ ଦେଖିଚି !!! ମାନେ ରେଡ୍ ହ୍ୟାଣ୍ଡେଡ୍ !!!

କଥାଟା ପୁରା କହିଲେ ତ ମୁଁ ବୁଝିବି ।

ବୁଝିବେ ଆଉ କଣ, ଏ ଚର୍ଚ୍ଚଟା ଗୋଟାଏ ବ୍ରୋଥେଲ ହେଇ ଗଲାଣି । ଛି, ଛି, ଛି…

ସବୁ କିଛି ଖୋଲି କୁହ ମଦର୍ !

ସେଇ ଯୋଉ ଆଙ୍ଗ୍ଲୋଇଣ୍ଡିଆନ୍ ନନ୍‌ଟା ! ସିନା, ହଁ ସେଇ ସିନା ସାଙ୍ଗରେ…ଓଃ କଣ କହିବି ଫାଦର, ସେଇ ଝିଅଟା ସାଙ୍ଗରେ… ପାପ କଥା ମୁହଁରେ କିପରି ଧରିବି ? ସେ ଆଉ ଫାଦର୍ ଭେଲେ-ଣ୍ଟାଇନ…ମାନେ, କମ୍ପ୍ରମାଇଜିଂ ପୋଜିସନ୍‌ରେ…ଉଃ, କି ପାପ, କି ପାପ, କି ପାପାଚାର…

କୋଉଠି ? କେତେବେଳେ ଦେଖିଲ ?

ଏଇ ବର୍ତ୍ତମାନ ।… ବର୍ତ୍ତମାନ ଦେଖି ଆସିଲି ଫାଦର । ଭେଲେଣ୍ଟାଇନର ରହିବା ଘରେ, ଲାଇଟ୍ ତ ଜଳୁ ନ ଥିଲା, କିନ୍ତୁ କାଚ ଝରକା ଦେଇ ଜହ୍ନ ଆଲୁଅରେ…

କାଲି ସକାଳେ ମୋତେ ସେମାନେ ଦେଖା କରିବେ । ଏଇଠି । ଆଉ ତମେ ବି ଆସିବ ମଦର୍ । ଯାହା ଦେଖିଚ, ସେଇମାନଙ୍କ ଉପସ୍ଥିତିରେ ମୋତେ ଆଉ ଥରେ କହିବ ।

ବେଶ୍ ।

ଶୁଣିଲତ ଅଭିଯୋଗ ? କୁହ, ତୁମ ଦୁହିଙ୍କର ଯଦି କିଛି କହିବାର ଥାଏ ।

ସିନା କିଛି କହିବନି । ଫାଦର ଭେଲେଣ୍ଟାଇନ୍ ନିର୍ବିକାର ଓ

ନିଭିକ । ମୁଁ ତା' ପାଇଁ ଉତ୍ତର ଦେଉଛି, ଆଉ ମୋ ନିଜ ପାଇଁ ମଧ୍ୟ । ହଁ, ଅଭିଯୋଗ ନିଶ୍ଚିତ ସତ୍ୟ ।

ତମର ଲଜ୍ଜା ହୁଏନା ଭେଲେଣ୍ଟାଇନ୍ ?

ଲଜ୍ଜ୍ୟା ? କାହିଁକି ?

ଦେଖ, ଅନେକ ସହ୍ୟ କରି ହେଉଛି ତମକୁ । କିନ୍ତୁ ଆଉ ନୁହେଁ । ପୋପ୍ ତମକୁ ପଠେଇ ଥିଲେ ଏ ଦେଶରେ କ୍ରିଶ୍ଚିଆନିଟି ପ୍ରଚାର କରିବା ପାଇଁ । ତା' ନ କରି ହିନ୍ଦୁମନ୍ଦିରକୁ ସବୁବେଳେ ଯିବା, ଚର୍ଚ୍ଚ ଭିତରେ ଗୀତା କୋରାନ ରଖିବା, ପଢିବା ଆଉ ଆଲୋଚନା କରିବା ଏ ସବୁ ପାଗଲାମୀ ବି ତମର ଯଥେଷ୍ଟ ଆମେ ସହିଛୁ । ସେ ଦିନ ଜିଦ୍ ଧରିଲେ ଜଣେ ଅ-ଖ୍ରୀଷ୍ଟାନ ରୋଗୀକୁ ଆମ ହସ୍ପିଟାଲରୁ ବିନା ପଇସାରେ ଔଷଧ ଦିଆଇବା ପାଇଁ, ଯଦିଓ ତମେ ଜାଣ ଯେ ଆମର ଏଠି ନିୟମ, କେବଳ ଦରିଦ୍ର ଖ୍ରୀଷ୍ଟାନ୍ ରୋଗୀକୁ ବିନା ବ୍ୟୟରେ ଚିକିତ୍ସା କରାଯିବ·····

ପ୍ରତ୍ୟେକଟି ଅଭିଯୋଗଇ ସତ । ଯାହା କରି ଠିକ୍ କରିଛି ମୁଁ । ଫାଦର, ଏ ଦେଶକୁ ଆସିବା ଆଗରୁ ମୁଁ କେବଳ ବାଇବଲ୍ ପଢିଥିଲି । ଏଠି ସବୁ କିଛି ପଢିବା ପରେ ଦେଖୁଛି, ଗୀତା, କୋରାନ, ବାଇବଲ ସବୁର ସାରମର୍ମ ଏକା । କିଛି ଲାଭ ନାହିଁ କ୍ରିଶ୍ଚିଆନିଟି ପ୍ରଚାରରେ । ତା' ଅପେକ୍ଷା ବରଂ ମାନବିକତାର ପ୍ରଚାର ହେଉ, ପ୍ରଚାର ହେଉ ପ୍ରକୃତ ଈଶ୍ୱରବାଦର ।

ପ୍ରକୃତ ଈଶ୍ୱରବାଦ !

ହଁ ଫାଦର, ପ୍ରକୃତ ଈଶ୍ୱରବାଦ । ଈଶ୍ୱର ଏକ । ଜଣେମାତ୍ର ସୃଷ୍ଟି କର୍ତ୍ତା । ପାଳନକର୍ତ୍ତା ବି ସେଇ ଜଣକ । ଭିନ୍ନ ଭିନ୍ନ ନାମରେ ତାଙ୍କୁ ଡକା ହେଉଛି । ଆମେ କହୁଛୁ 'ଗଡ୍' ହିନ୍ଦୁମାନେ 'ମହାଦେବ' ଆଉ ମୁସଲମାନମାନେ ତ ତାଙ୍କୁଇ 'ଅଲ୍ଲା' ବୋଲି ଡାକୁଚନ୍ତି !

ନିଶ୍ଚିତ ସ୍ଥାନଟିରୁ କଣ ମିଳିବ ଫାଦର୍, ଖାଲି ଆଧ୍ୟାତ୍ମିକତାଇ ପ୍ରସ୍ତୁତ ହେଉ ।

ତା’ ମାନେ......

ସମସ୍ତେ ନ୍ୟାୟପରାୟଣ ହୁଅନ୍ତୁ ; ଦୁଃଖୀ ପ୍ରତି ସହାନୁଭୂତି ଆଉ ଧନୀ ପ୍ରତି ଘୃଣା-ଭାବର ପ୍ରଚାର, ଏହାହିଁ ଯଦି ଆମେ...

ସମାଜବାଦୀର ସ୍ଲୋଗାନ୍ ଭଳି ଶୁଭୁଛି !!! ଫାଦର ଭେଲେ-ଣ୍ଟାଇନ୍, ତମେ ଏଠିକି...ମାନେ, ମିଶନାରୀ ଲାଇନ୍‌କୁ ନ ଆସି ବରଂ...

କାହିଁକି ? ସମାଜବାଦ ଆଉ ଈଶ୍ୱରବାଦ ଭିତରେ ତଫାତ୍ ତ କିଛି ନାହିଁ । ଯୀଶୁ ଖ୍ରୀଷ୍ଟ କହିଥିଲେ, ଛୁଞ୍ଚିର ଛିଦ୍ର ଭିତରେ ଓଟ ବରଂ ଗଳି ଯାଇ ପାରେ, କିନ୍ତୁ ଧନୀ ପକ୍ଷରେ ସ୍ୱର୍ଗକୁ ଯିବା ଅସମ୍ଭବ । ଏଇତ ସମାଜବାଦ, ଉଣେଇଶି ଶହ ସତରରେ ରୁଷ୍ ବିପ୍ଳବ ପରେ ସମାଜବାଦ ଜନ୍ମଗ୍ରହଣ କଲା, ଏ ଧାରଣା ଭୁଲ । ଦୁଇ ହଜାର ବର୍ଷ ତଳେ ପ୍ରଥମେ ଯୀଶୁଇ ଏହା ପ୍ରଚାର କରିଥିଲେ ।

ଭେଲେଣ୍ଟାଇନ୍, ସେ ସବୁ କଥାର ଆଲୋଚନା ପରେ ହେଇ ପାରେ । ବର୍ତ୍ତମାନ ମୁଁ ତମକୁ ଡାକିଛି, ତମ ବିରୁଦ୍ଧରେ ଯୋଉ କଦର୍ଯ୍ୟ ଅଭିଯୋଗ, ସେ ସମ୍ବନ୍ଧରେ କୈଫିୟତ୍ ଦେବାପାଇଁ ।

ସେହି ତଥାକଥିତ ଅଭିଯୋଗର ଉତ୍ତର ମୁଁ ତ ପ୍ରଥମରୁ ଦେଇ ସାରିଛି ।

ତଥାକଥିତ ?

ନିଶ୍ଚୟ । କାରଣ, ଆମେ ଦୁହେଁ ପରସ୍ପରକୁ ଭଲ ପାଉ ।

ଛି, ଭେଲେଣ୍ଟାଇନ୍ ! ଏଭଳି ପାପ କଥା ତମେ ସନ୍ନ୍ୟାସୀ ହେଇ ମୁହଁରେ ଧରି ପାରୁଛ...

ସନ୍ନ୍ୟାସୀର ବି ଦେହ ଅଛି ଫାଦର । ସେଥିରେ ଅନୁଭୂତି ଅଛି, ଆବେଗ ଅଛି, ଭାବପ୍ରବଣତା ଅଛି ; ଆଉରି ଅଛି ସର୍ବୋପରି ପ୍ରବଳ

କାମନାର ଯୋଉ ଅନିର୍ବାଣ ଶିଖାଗି୍ନ ଏଇ ଦେହର ମନ୍ଦିର ଭିତରେ, ତାହା ମଧ୍ୟ ଭଗବାନଙ୍କର ଦାନ, ଯାହାକୁ ଅସ୍ୱୀକାର କରି ହେବନି । ଶମୀ-ବୃକ୍ଷ ଭିତରେ ଯେପରି ନିଆଁ ଲୁଚି ରହିଥାଏ, ସେଇଭଳି ଦେହ ଭିତରେ ସେକ୍ସ ରହିଚି, ପ୍ୟାସନ୍ ରହିଚି, ଅର୍ଜ ରହିଚି ; ସବୁ କିଛି ରହିଚି ।

ସନ୍ନ୍ୟାସୀ ପକ୍ଷରେ ସେଇ ଶମୀ-ବହ୍ନି, ଚିତାଗ୍ନି ଭେଲେଣ୍ଟାଇନ ! ଭଗବାନ ନିଆଁ ଦେଇଚନ୍ତି, ତମେ ଦୀପ ଜଳାଇ ତାଙ୍କୁ ଅର୍ଘ୍ୟ ନିବେଦନ କରିପାରି । ଅନ୍ଧକାର ଦୂର କରି ଧର୍ମ-ଗ୍ରନ୍ଥ ପାଠ କରି ପାରି । ପଥହରା ଶୀତାର୍ତ୍ତ ପଥିକକୁ ପଥର ସନ୍ଧାନ, ଉଷ୍ଣତା ଆଉ ପଥ୍ୟ ମଧ୍ୟ ପ୍ରସ୍ତୁତ କରି ଦେଇ ପାରି ; ସେଇ ନିଆଁରେ ପୁଣି ନିଜକୁ ବା ଅନ୍ୟ କାହାକୁ ପୋଡ଼ି ଜାଳି ଧ୍ୱଂସ ବି କରି ପାରିବ ତମେ । ସନ୍ନ୍ୟାସୀକୁ ଭଗବାନ ଦେହ ଦେଇ ନାହାନ୍ତି କାମନା ଆଉ ପ୍ରବୃତ୍ତିକୁ ଚରିତାର୍ଥ କରିବାପାଇଁ ......

କିନ୍ତୁ ସନ୍ନ୍ୟାସୀ ବି ମଣିଷ । ଈଶ୍ୱର କୋଉଠି କହିନାହାନ୍ତି, ସନ୍ନ୍ୟାସୀ ଅବିବାହିତ ରହିବ । ଏକ ଅପ୍ରାକୃତିକ ପରିବେଶ ସୃଷ୍ଟି କରି କାମନାର ତଥାକଥିତ ବିନାଶ ସମ୍ଭବ ନୁହେଁ, ଏହା ପ୍ରମାଣିତ ହୋଇ ସାରିଚି ମଧ୍ୟଯୁଗୀୟ ଇଉରୋପର ବିଧ୍ୱସ୍ତ ଚର୍ଚ୍ଚ ଭିତରୁ, ପ୍ରତ୍ନତାତ୍ତ୍ୱିକ ଖନନରେ ଆବିଷ୍କୃତ ହୋଇଥିବା ଲୁହା ବାକ୍ସ ଭିତରୁ ଯୋଉ ସବୁ ଶିଶୁ ଶବର ଅବଶିଷ୍ଟାଂଶ ମିଳୁଚି, ସେଇଥିରୁ ; ପ୍ରମାଣିତ ହୋଇଚି ହିନ୍ଦୁ ମନ୍ଦିରର ନର୍ତ୍ତକୀ ତଥାକଥିତ ବ୍ରହ୍ମଚାରିଣୀ ଦେବଦାସୀ-ମାନଙ୍କ ଗର୍ଭପାତ ଜନିତ ମୃତ୍ୟୁ ଘଟଣାରୁ । ଈଶ୍ୱର ଯେଉଁ ସ୍ୱାଭାବିକ ପ୍ରବୃତ୍ତି ଦେଇଚନ୍ତି ତାକୁ ସାବଲୀଳ ଭାବେ ଠିକ୍ ବାଟରେ ଯିବାକୁ ଛାଡ଼ିଦେବା ଉଚିତ୍ । ବିବାହ କରି ସ୍ୱାଭାବିକ ଓ ପ୍ରାକୃତିକ ଜୀବନ

ଯାପନ ଏବଂ ଈଶ୍ବରଙ୍କ ଆରାଧନା ଓ ଜନସେବାରେ ନିଜକୁ ସମର୍ପଣ କରିବାଇ ପ୍ରକୃତ ସନ୍ନ୍ୟାସ ଜୀବନ ।

ତମେ ପାଗଳ ହୋଇ ଯାଇଚ ଭେଲେଣ୍ଟାଇନ୍ ! କାମନାର ମୋହ ତମକୁ ପାଗଳ କରି ଦେଇଚି !

ଈଶ୍ବରଦତ୍ତ ମହାଦାନ, ଦେହ ଭିତରର ସେଇ କାମନାକୁ ଜୋର କରି ଚାପି ରଖିବା ବା ଅସ୍ବୀକାର କରିବାର ପ୍ରାଣାନ୍ତକର ପ୍ରଚେଷ୍ଟାରେ, ତଥାକଥିତ ସନ୍ନ୍ୟାସୀ ଈଶ୍ବର ବିରୋଧୀ କାର୍ଯ୍ୟ କରିଥାଏ । ମୁଁ ତାହା କରିନି, କାରଣ ମୁଁ 'ତଥାକଥିତ' ନୁହେଁ । ଏଇ ଚର୍ଚ୍ଚରେ ରାଜା ସାଙ୍ଗରେ ମୋର ଆଜି ବିବାହ ହେବ, ଆଉ ଆପଣ ସେଥିରେ ପୌରହିତ୍ୟ କରିବେ । ଏଇଆ ମୁଁ ଚାହେଁ ।

ଅସମ୍ଭବ । ଯାଅ, ତମେ ଏଠୁ ଚାଲିଯାଅ, ଏଇ ମୁହୂର୍ତ୍ତରେ । ତୁହେଁ ଯାକ ମୋ ଆଗରୁ ଚାଲିଯାଅ କହୁଚି...

ଫିରୁ ତ ନିଶ୍ଚିନ୍ତ । କିନ୍ତୁ ଚର୍ଚ୍ଚରେଇ ଖ୍ରୀଷ୍ଟାନ୍‌ର ବିବାହ ହେବା କଥା । ଆପଣ ସେଥିରେ ବାଧା ଦେଇ ପାରିବେ କିପରି ?

ମୋତେ ଅଧିକ ଉତ୍ତ୍ୟକ୍ତ କରନାହିଁ ଭେଲେଣ୍ଟାଇନ !

କ୍ରୋଧକୁ ଆପଣ ଜୟ କରି ପାରି ନାହାନ୍ତି ; ସନ୍ନ୍ୟାସୀର ତ ଏସବୁ ପ୍ରଥମେ ଜୟ କରିବା ଉଚିତ !

ତମେ ମୋତେ ଶିକ୍ଷା ଦେବ ?

କ୍ରୋଧକୁ ଜୟ ନ କରି ପାରିଲେ, ଅନ୍ତତଃ କ୍ଷୁଧା ନାମକ ଯୋଉ ପ୍ରବୃତ୍ତିଟି ଅଛି ସେଇଟାକୁ ଜୟ କରିବାର ଚେଷ୍ଟା ସନ୍ନ୍ୟାସୀ କାହିଁକି କରିବେନି ମୁଁ ପଚାରିପାରେ କି ? ତା' ଦ୍ବାରା ତ ପୃଥିବୀରେ ଖାଦ୍ୟାଭାବ ସମସ୍ୟାର କିଛି ସମାଧାନ ହୋଇ ଯାଇ ପାରନ୍ତା ! ଖାଲି ସେକ୍ସ କାହିଁକି, କ୍ଷୁଧା, ତୃଷ୍ଣା, ନିଦ୍ରା, ଏ ସବୁକୁ ମଧ୍ୟ ଜୟ କରିବାର ଚେଷ୍ଟା ହେଉ ଏଠି ।

ଅବାନ୍ତର କଥା କୁହ ନାହିଁ ଉଦ୍ଧତ ଭେଲେଣ୍ଟାଇନ । ଏଠି

ବିବାହ କରିବାକୁ ତୁମ ବୃହିକୁ ମୁଁ ଅନୁମତି ଦେବ ନାହିଁ, ଏଇ ମୋର ଶେଷ କଥା । ଜଣେ ଫାଦର ଆଉ ଜଣେ ନନ୍ ସନ୍ନ୍ୟାସ ବ୍ରତରେ ଜଳାଞ୍ଜଳି ଦେଇ ବିବାହ କରିବେ, ଚର୍ଚ୍ଚ ଏହାକୁ ସମର୍ଥନ କରିପାରେନା । ଏପରି ଏକ ଦୂଷିତ ଉଦାହରଣ ଏଠାରେ ମୁଁ କଦାପି···ନୋ ନେଭର !

ବେଶ୍ । ଆମ ପାଇଁ ରେଜିଷ୍ଟ୍ରେସନ ଅଫିସ ଅଛି । ସିନାକୁ ବାହା ହେବା ପରେ ମୁଁ ସ୍ୱଦେଶକୁ ବି ଫେରି ଯାଉନି ଫାଦର, ଏଇ ଦେଶରେଇ କୋଉଠି ରହିବି । ଯୋଗ୍ୟତା ଅଛି ମୋର, କୌଣସି ଅସୁବିଧା ହେବନି ।

ଏଠୁ ଯିବା ପରେ ତମେମାନେ କ'ଣ କରିବ, ସେ ସମ୍ବନ୍ଧରେ ମୋର ଆଗ୍ରହ ନାହିଁ । ମୁଁ ତମମାନଙ୍କୁ ଏଇ ମୁହୂର୍ତ୍ତରେ ଚର୍ଚ୍ଚ ଛାଡ଼ି ଚାଲି ଯିବାକୁ ଆଦେଶ ଦେଉଚି ।

କିନ୍ତୁ ଏଠାକାର ସମସ୍ତଙ୍କ ଠାରୁ ବିଦାୟ ନେଇ ଯିବାପାଇଁ ଆମକୁ ଅନୁମତି ମିଳିବ ଆଶା କରୁ ।

ଅନୁମତି ଦେଉଛି । ଯାହା କିଛି ନେବାର କଥା ନିଅ ; ମଧ୍ୟାହ୍ନଭୋଜନ ସାରି ଚାଲିଯାଅ । ମୋତେ ଆଉ ସାକ୍ଷାତ କରିବା ଅନାବଶ୍ୟକ । ତମମାନଙ୍କର ମୁହଁ ଚାହିଁଲେଇ ପାପ ।

ମୁହଁ ଚାହିଁଲେଇ ପାପ ! କାହିଁକି, କ'ଣ କଲୁ କି ଆମେ ? ମୋର ଯାହା କୈଫିୟତ୍ତ ଦେବା କଥା ଦେଇଚି, ଆପଣ ତ କାହିଁ ତା'ର କିଛି ସଦୁତ୍ତର ଦେଇ ପାରିଲେନି ! କି ପାପଟାଏ ଆମେ କରି ପକାଇଲୁ ଯେ ଆପଣ ଏତେଦୂର···

କରନି ? ଏଟା ବ୍ରଥେଲ୍ ନୁହେଁ, କ୍ୟାଥେଡ୍ରାଲ୍ ।

ଜାଣେ । ଏଇ ସାରା ପୃଥିବୀଟାଇ ଗୋଟାଏ ବିରାଟ କ୍ୟାଥେଡ୍ରାଲ୍, ଈଶ୍ୱରଙ୍କ ସାମ୍ରାଜ୍ୟ ।

ଏତେ ଜାଣି ମଧ୍ୟ ତମର ଏପରି ଅଧଃପତନ ହେଲା !! ମୋର

ଦୁଃଖ ହୁଏ ତମ ପାଇଁ ଭେଲେଣ୍ଟାଇନ !!! ଆଶ୍ଚର୍ଯ୍ୟ ହେଉଛ, ଈଶ୍ବରଙ୍କଠାରେ ଆତ୍ମ ସମର୍ପଣ କରିବା ପରେ ମଧ୍ୟ···

କହନ୍ତୁ ଫାଦର, କହନ୍ତୁ, କହି ଯାଆନ୍ତୁ, ଆମେ ଶୁଣି ଯାଉ ଯିବା ପୂର୍ବରୁ ; ଆପଣ ଏସବୁ 'ପ୍ରିଚିଂ' ଆମକୁ ଶୁଣାଇବାର ସୁଯୋଗ ଆଉ ପାଇବେନି କି ଆମେ ବି ଆଉ ଆପଣଙ୍କର ବହୁ ମୂଲ୍ୟ ଉପଦେଶ ଶୁଣିବାର ଦୁର୍ଲଭ ସୌଭାଗ୍ୟ ପାଇ ପାରିବୁନି !

ସିରିଅସ୍ ହୁଅ ଭେଲେଣ୍ଟାଇନ ; ଈଶ୍ବରଙ୍କ ସମ୍ବନ୍ଧରେ ଅନ୍ତତଃ ।

ଈଶ୍ବରଙ୍କ ସମ୍ବନ୍ଧରେ ମୁଁ ସବୁବେଳେଇ ସିରିଅସ୍ ।

ତେବେ ? କ'ଣ ତମର ହେଲା ? ବାସ୍ତବିକ ମୁଁ ଭାବି ପାରୁନି, ପ୍ରଭୁଙ୍କ ଠାରେ ଆତ୍ମ ସମର୍ପଣ କରି ମଧ୍ୟ ତମେ···

କ'ଣ ?

ଯୌନାନନ୍ଦ କ'ଣ ଐଶ୍ବରିକ ପ୍ରେମାନନ୍ଦ ଠାରୁ ଅଧିକ ଆକର୍ଷଣୀୟ ? ତମମାନଙ୍କର କ'ଣ ହେଉଛି ? ମୁଁ ଖାଲି ତମ କଥା ଭାବୁନି ଭେଲେଣ୍ଟାଇନ, ଭାବୁଚି ତମ ସମସ୍ତଙ୍କ କଥା, ମାନେ ତମେ ଆଉ ତମ ଆଗରୁ ଯୋଉମାନଙ୍କୁ ଏଇ ପ୍ରକାର ଅପରାଧ ଯୋଗୁ ଏଇ ଭଳି ପାପାଚାର ଯୋଗୁ, କ୍ଷମା ନ ଦେଇ ବିତାଡ଼ିତ କରିଛି, ସମସ୍ତଙ୍କ ମୁହଁ ମନେ ପଡ଼ୁଚି ମୋର ବର୍ତ୍ତମାନ । ତମେ ସମସ୍ତେ ତ ଈଶ୍ବର ବିଶ୍ବାସୀ, ସମସ୍ତେ ତ ଈଶ୍ବରଙ୍କ ଠାରେ ଆତ୍ମ ସମର୍ପଣ କରି ଦେଇ ଏଠିକି ଆସିଥିଲ ; କ'ଣ ପୁଣି ହେଲା, କାହିଁକି ପୁଣି ଏପରି ହେଲା ତମମାନଙ୍କର ? କାହିଁକି ? କ'ଣ ପାଇଁ ? ଏତେ ଦୁର୍ବଳ କାହିଁକି ତମେମାନେ ? ମୋ ଭଳି କାହିଁକି ହୋଇ ପାରୁନ ? ମୋତେ କାହିଁକି ତମମାନଙ୍କର ଆଦର୍ଶ କରି ରଖୁନ ? ତମ ଭଳି ଦୁର୍ବଳ ତରୁଣମାନଙ୍କ ଗହଣରେ ମୁଁ କିପରି ପୁଣ୍ୟବାନ ହୋଇ ରହିଚି ? ମୋତେ ତ କେହି ନନ୍ କେବେ ଦୁର୍ବଳ କରି ପାରିନି ! ମୁଁ ଧାର୍ମିକ ହୋଇ, ବ୍ରହ୍ମଚାରୀ ହୋଇ, ଆଜି ଯାଏ ଯେପରି ରହିଚି,

ଆଜୀବନ ସେହିପରି ରହିଥିବି । ଠିକ୍ କରି କହୁଛି, ତୁମ ପରି ପାପୀମାନଙ୍କ ସଂସ୍ପର୍ଶରେ କାହିଁକି, ନରକରେ ନେଇ ଛାଡ଼ିଦେଲେ ବି ଏହିପରି ରହିଥିବି ଫାଦର ଲିଓନାର୍ଡ । ଏତେ ସଂଯତ, ଏତେ ସୁଦୃଢ଼ ମୁଁ, ସ୍ୱୟଂ ଭଗବାନ ବି ମୋତେ ଯୋଗ-ଭ୍ରଷ୍ଟ କରି ପାରିବେନି ।

ଯାହା ସବୁ କହିଗଲେ ଆପଣ, ତା'ର ଉତ୍ତର ସଂକ୍ଷେପରେ ଏଇ ଯେ, ଈଶ୍ୱର ପାର୍ଥିବ ଜଗତର ଊର୍ଦ୍ଧ୍ୱରେ ; ତାଙ୍କୁ ଆମେ ଭକ୍ତିଦେବା । କିନ୍ତୁ ପ୍ରୀତି, ପ୍ରୀତି ଦେବା କାହାକୁ ? ମଣିଷକୁ ଦେବା ତ ? ସ୍ୱର୍ଗୀୟ ଆନନ୍ଦକୁ ସ୍ୱୀକାର କରିବାକୁ ଯାଇ ପାର୍ଥିବ ଆନନ୍ଦକୁ ଅସ୍ୱୀକାର କରି ପାରିବାନି ଆମେ । ଅସ୍ୱୀକାର କରି ହେବନି ମନୁଷ୍ୟକୁ, ଆଉ ତା'ର ଦେହକୁ । ଫାଦର ଲିଓନାର୍ଡ, ମୋ ମତରେ ଅପ୍ରାକୃତିକ, ଅସ୍ୱାଭାବିକ ଜୀବନ-ଯାପନଇ ମହାପାପ । ମହାପାପ ସ୍ୱାଭାବିକ ପ୍ରବୃତ୍ତିର ନିଷ୍ପେଷଣ । ପ୍ରତ୍ୟେକଟି ଐଶ୍ୱରିକ ନିୟମର ବ୍ୟତିକ୍ରମ, ଗୁରୁତର ଅପରାଧ ! ତେଣୁ ବ୍ରହ୍ମଚାରୀ ରହିବା ମଧ୍ୟ ମହାପାପ । ତା'ଠାରୁ ବି ଆହୁରି ବଡ଼ ପାପ କୌଣସି ବ୍ୟକ୍ତିର ଅପରାଧକୁ ଅକ୍ଷମଣୀୟ ମନେ କରି ଅନୁତାପ ଓ କ୍ଷମା ଭିକ୍ଷା ସତ୍ତ୍ୱେ ତାକୁ ଚର୍ଚ୍ଚରୁ ବହିଷ୍କୃତ କରିବା, ଯାହା ଆପଣ ବହୁ 'ଅପରାଧୀ'ଙ୍କ ତଥାକଥିତ 'ଅପରାଧ'ର ବିଚାରକ ରୂପେ ଏପର୍ଯ୍ୟନ୍ତ କରି ଆସିଛନ୍ତି । ଫାଦର, ସବୁ ଠାରୁ ବଡ଼ ପାପ, ଯୋଉ ପାପର କ୍ଷମା ନାହିଁ, ତାହା ଅହଙ୍କାର । ବ୍ୟର୍ଥ ଆପଣଙ୍କର ସନ୍ନ୍ୟାସ, ଯେତେବେଳେ ଏତେ ଅହଙ୍କାର ଭରି ରହିଛି ଆପଣଙ୍କ ଭିତରେ ! ଆପଣ ଯେ ଚରିତ୍ରବାନ ହୋଇ ରହି ପାରିଛନ୍ତି, ସେଥିପାଇଁ କେବଳ ଈଶ୍ୱରଙ୍କୁ ଧନ୍ୟବାଦ ଦିଅନ୍ତୁ । ତାଙ୍କରି ଦୟାରେଇ ଆପଣଙ୍କ ଚରିତ୍ର ଆଜିଯାଏ ଅମଳିନ ରହିଛି । ସେ ଆଜିଯାଏ ଆପଣଙ୍କ ଚରିତ୍ର କଳଙ୍କିତ ହେବା ଭଳି ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରି ନାହାନ୍ତି । ଆଜି ଯଦି ସେଇ ସ୍ତ୍ରୀହିଁବେ ପଣ୍ଣୁରେ

ପରିଣତ କରି ଦେଇ ପାରିବେ ଆପଣଙ୍କୁ, ପାଗଳ ହୋଇ ଆପଣ ତାଙ୍କ ପଛରେ ଗୋଡ଼ାଇବେ ! ମେନକାଙ୍କୁ ପଠାଇ ଭଗବାନ ଥରେ ତପୋଭଙ୍ଗ କରି ପାରିଥିଲେ ଅହଙ୍କାରୀ ବିଶ୍ୱାମିତ୍ରର । ତାଙ୍କ ଇଚ୍ଛାରେ ଦସ୍ୟୁ ରତ୍ନାକର ଯେପରି ମହର୍ଷି ବାଲ୍ମୀକିରେ ପରିଣତ ହୋଇପାରେ, ସେଇପରି ସେ ଇଚ୍ଛା କଲେ ମହର୍ଷି ବି ନରାଧମରେ ପରିଣତ ହେବା ସମ୍ଭବ ।

ଅନେକ ମହର୍ଷିର ତପୋଭଙ୍ଗ ହୋଇପାରେ ନାରୀର ନୂପୁର ସିଂଞ୍ଜନାରେ, ଲିଓନାର୍ଡ଼ କିନ୍ତୁ ବ୍ୟତିକ୍ରମ ଭେଲେଣ୍ଟାଇନ ; ଅନେକ ଭିତରେ ସେ ଏକ ଏକ୍ସେପ୍‌ସନାଲ୍ !

ତା'ଛଡ଼ା ଅନ୍ୟ ଧର୍ମାବଲମ୍ବୀ ମାନଙ୍କ ସମ୍ବନ୍ଧରେ ଆପଣଙ୍କର ମନୋବୃତ୍ତି ଦେଖି ମୁଁ ଭାବୁଛି, ଭଗବାନଙ୍କୁ ଆପଣ ଗ୍ରେଟ କରି ଦେଉଚନ୍ତି । ସେମାନଙ୍କର ସୃଷ୍ଟି କର୍ତ୍ତା ସେହି, ଯେ ଆପଣଙ୍କୁ ମଧ୍ୟ ସୃଷ୍ଟି କରିଚନ୍ତି, ଏତିକ ମାତ୍ର ବୁଝିବାକୁ ଅକ୍ଷମ ଆପଣ । ଜ୍ଞାନର ଗର୍ବ ତ ସବୁବେଳେ କରନ୍ତି ; ନିଜକୁ ଥରେ ପଚାରିଲେ···ପ୍ରକୃତ ଜ୍ଞାନ ଲାଭ ହୋଇଚି କି ବ୍ରହ୍ମଚର୍ଯ୍ୟ ରହିବାଦ୍ୱାରା ? ଯୋଉ ଜ୍ଞାନ ଅପୂର୍ଣ୍ଣ, ତାହାକୁ 'ଜ୍ଞାନ' କୁହାଯାଇ ପାରେନା । ଶଙ୍କରାଚାର୍ଯ୍ୟ ବିଚଳିତ ହୋଇ ପଡ଼ିଥିଲେ ସୁପଣ୍ଡିତା ଜଣେ ମହିଳାର ପ୍ରଶ୍ନରେ—'ସୃଷ୍ଟି, ସ୍ଥିତି ଆଉ ବିଲୟ'···ଏଇ ତିନୋଟି ଭିତରୁ କେବଳ ଶେଷ ଦୁଇଟିର ରହସ୍ୟ ଜାଣିଛନ୍ତି ଆପଣ ; ତେଣୁ ଆପଣଙ୍କର ଜ୍ଞାନ ଅପୂର୍ଣ୍ଣ ମହାମୂଢ଼ ! ବ୍ରହ୍ମଚାରୀ ଆପଣ ; କାମ-ଶାସ୍ତ୍ର ସମ୍ବନ୍ଧରେ ସମ୍ପୂର୍ଣ୍ଣ ଅଜ୍ଞ ; 'ସୃଷ୍ଟି'ର ରହସ୍ୟ ଜାଣି ନ ଥିବାରୁ ଆପଣଙ୍କର ପାଣ୍ଡିତ୍ୟ ବି ଅପୂର୍ଣ୍ଣ ! ମୁଁ ମଧ୍ୟ ଠିକ୍ ସେହିପରି କହିବି, ଜୀବନର କେବଳ ଗୋଟିଏ ଦିଗ ଆପଣ ଦେଖିଚନ୍ତି । ଅନ୍ୟ ଗୋଟିକ ନୁହେଁ । ମୁଁ କିନ୍ତୁ ଦୁଇପାଖ ଦେଖିଚି ! ଜନସ୍ତର ସହିତ କହିବାକୁ ଚାହେଁ, ଅଭିଜାତ ପରିବାରର ସୁସ୍ଥ-ସୁନ୍ଦର ଯୁବକ ମୁଁ, ଇଉନିଭର୍ସିଟିର କୃତୀଛାତ୍ର ଥିଲି ; ଅନେକ

ସହପାଠିନୀ ମୋ ପ୍ରତି ଲାଳାୟିତ ଥିଲେ···ହତାଶ କରନ୍ତି ସେମାନଙ୍କୁ ଆଉ ବନ୍ଧୁଙ୍କୁ ବି ଅବହେଳା କରନ୍ତି। ସାମାଜିକ ଜୀବନଯାପନ କରିଚି। ସୈନିକ ଭାବେ କରିଚି ନିର୍ବିଚାର-ନରହତ୍ୟା। ଅନୁତାପ ଆସିଲା, ମିଶନାରୀରେ ଯୋଗ ଦେଲି ଜନ-ସେବା କରିବାକୁ। ଈଶ୍ୱର ଦାତା; ତାଙ୍କୁ ମୁଁ ଭକ୍ତି କରେ। ତାଙ୍କର ଦାନ, ସେ ଯାହା ଯାହା ମୋତେ ଦେଇଛନ୍ତି···ସେସବୁକୁ ବି ଉଚିତ୍ ସମ୍ମାନ ଦିଏ। ଆଉ ଫାଦର, କ୍ଷମା କରିବେ, ଆପଣଙ୍କର ଯୋଉ କୁତ୍ସିତ କଦାକାର ରୂପ···କୌଣସି ରୁଚିଶୀଳା ତରୁଣୀ ତ ଭୁଲିରେ ମଧ୍ୟ ଆପଣଙ୍କ ଆଡ଼କୁ ଚାହିଁବନି···ଆପଣ ଚରିତ୍ରବାନ ହେବାକୁ ଇଚ୍ଛାକଲେ ଚରିତ୍ରବାନ ହୋଇ ପାରନ୍ତେ ନାହିଁ! ଅନାଥ ଏକ ଶିଶୁ, ସାମାଜିକ ଜୀବନ କଣ ଜାଣେ ନାହିଁ, ରାସ୍ତାରେ ପଡି କାନ୍ଦୁଥିଲି, ଆଶ୍ରୟ ପାଇଲି ଚର୍ଚ୍ଚରେ, କାଥିଡ୍ରାଲ ଭିତରେଇ ବିତିଗଲା ତା'ର ତାରୁଣ୍ୟର ଅଧିକାଂଶ ବସନ୍ତ; ସେକ୍ସ କଣ ଜଣା ନାହିଁ, ନଗ୍ନ ନାରୀ ଦେହ କେବେ ଦେଖିନି···ତା'ର ପୁଣି ଚରିତ୍ରବାନ ରହିବାରେ ଗୌରବ କୋଉଠି? ଆପଣଙ୍କ ପ୍ରତି ବାସ୍ତବିକ୍ ମୋର ଦୟା ହୁଏ ଫାଦର ଲିଓନାର୍ଡ! ଯାଆନ୍ତୁ ଆପଣ ଦେଖିବେ କୋଣାର୍କ ଓ ଖଜୁରାହୋର ଗାତ୍ରରେ ନରନାରୀର ପବିତ୍ର ଯୌନ-ସମ୍ଭୋଗ ଲୀଳା-କଳା; ଦେବାଳୟର ଅଙ୍ଗରେ ଖୋଦିତ ସୃଷ୍ଟିର ମହିମା। ବୁଝି ପାରିବେ, 'ନିର୍ବୋଧର ସ୍ୱର୍ଗ'ରେ ଏତେଦିନ ଧରି ରହିଥିଲେ!

ରୀନାର ହାତ ଧରିଲେ ଭେଲେଣ୍ଟାଇନ। ଆସ ରୀନା, ଏଠାରୁ ବିଦାୟ ନେବା ପାଇଁ ଆମକୁ ଆହୁରି ପ୍ରସ୍ତୁତ ହେବାକୁ ପଡ଼ିବ। ଫାଦର ଲିଓନାର୍ଡ, ଖୁସି ହୁଅନ୍ତୁ; ଆମେ ଚାଲିଯିବୁ ନିର୍ଦ୍ଦିଷ୍ଟ ସମୟ ଭିତରେ। ତେବେ, ଯିବା ଆଗରୁ ଶେଷ କଥା କହିଗଲି, ଈଶ୍ୱରଙ୍କୁ ସ୍ୱଚକ୍ଷୁରେ ଦେଖିନି, ତେଣୁ ସେ ଅଛନ୍ତି କି ନାହିଁ ଠିକ୍ ଜାଣେନା;

କିନ୍ତୁ ଯଦି ପ୍ରକୃତରେ ଆଆନ୍ତି, ଏଇ ଅହଙ୍କାର ଆପଣଙ୍କର ସେ ଚୂର୍ଣ୍ଣ-ବିଚୂର୍ଣ୍ଣ କରିଦେବେ । ଶୁଣିଛୁ, କାହାରି ଗର୍ବ ଭଗବାନ ସହ୍ୟ କରି ପାରନ୍ତିନ । ଇତିହାସରେ ଗୁରୁତ୍ୱରେ ମୁଁ ଜାଣେ ଯେତେବେଳେ କୌଣସି ଜାତି କିମ୍ବା ବ୍ୟକ୍ତି ଅହଙ୍କାରର ଚରମରେ ପହଞ୍ଚିଛି ; ଧ୍ୱଂସ ପାଇ ଯାଇଛି । ଜୁଲିଅସ ସିଜର୍‌ର ପତନ ହେଇଚ ; ପତନ ହେଇଚ ନେପୋଲିଅନ୍‌ର । ରୋମ୍ ଆଉ ଗ୍ରୀକ୍ ସାମ୍ରାଜ୍ୟର ପ୍ରବଳ ପ୍ରତାପ ଆଜି ନାହିଁ । ନବାପିତ ଏଇ ଦୁଇଟି ଏକଦା-ଶକ୍ତିଶାଳୀ ଜାତି, ଯେଉଁମାନେ ଶାସନ କରୁଥିଲେ ତତ୍କାଳୀନ ପୃଥିବୀର ଅଧିକାଂଶ, ସେଇମାନଙ୍କର ଆଜି ଦୁନିଆଁ ର ବଜାରରେ ଦାମ୍ ନାହିଁ ; ଗୋଟିଏ କୁଖ୍ୟାତ ଚୋର, ଅସାଧୁ ଓ ଇତର ପରିପୂର୍ଣ୍ଣ ଦେଶଭାବେ··· ଆରଟି ବିଖ୍ୟାତ ବଟ୍‌ଲର-ଓ୍ୱେଟର୍‌ର ଜାତି ବୋଲି । ସମଗ୍ର ଇଉରୋପରେ ଦସ୍ୟୁମାନଙ୍କ ସିଜର-ଆଲେକ୍‌ଜାଣ୍ଡରଙ୍କ ବଂଶଧର, ଯୋଉ ମାନଙ୍କର ଦେଶ ତୃତୀୟ ଶ୍ରେଣୀର ଶକ୍ତି ଭାବରେ ବି ପରିଚୟ ଦେଇ ପାରେନା ଆଜି । ଆପଣଙ୍କର ଅହଙ୍କାରୀ ବ୍ୟକ୍ତିତ୍ୱ ବି ନଷ୍ଟସ୍ମୃ ଯେଉଁ ଖର୍ବ ହେବ, ନଷ୍ଟସ୍ମୃ ଯେଉଁ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯିବ । Pride of bad-ness or Pride of good-ness··· ମନ୍ଦ-ପଣର ଗର୍ବ କିମ୍ବା ଭଲ ପଣିଆର ଅହଂକାର କୌଣସିଟି ସହ୍ୟ କରି ପାରିବେନି ଭଗବାନ । ମନେ ରଖିଥିବେ ; ଆପଣ ଆଜି ତାଙ୍କୁ ଚ୍ୟାଲେଞ୍ଜ କରିଚନ୍ତି ; 'ସ୍ୱପ୍ନଂ ସେ ନିଜେ ମଧ୍ୟ ଆପଣଙ୍କୁ ଯୋଗ-ଭ୍ରଷ୍ଟ କରି ପାରିବେନି ! ଫାଦର୍ ଲିଓନାର୍ଡ, ଯୋଉଦିନ ନିଜର ଭୁଲ୍ ବୁଝି ପାରିବେ ସେଦିନ ମୋତେ ଟିକିଏ ମନେ ପକେଇବେ ଆଶା କରେ ; ଆଚ୍ଛା ବିଦାୟ···ଆପଣଙ୍କର ସାଙ୍ଗରେ ତ ଆଉ ଆମର ଦେଖା ହେଉନି ; ଆସ ସୀନା ।

ସେମମାନେ ଚାଲିଗଲେ । ଗ୍ଲାନି ନାହିଁ, ନାହିଁ ଅନୁଶୋଚନା, ଅପରାଧ-ବୋଧ, ଅନୁତାପ କମ୍ବା ଆତ୍ମଗ୍ଲାନି । କ୍ଷମା ମାଗିଲେଣ...
'ଭୁଲ୍ କରିଛୁ' ବୋଲି କହିଲେନି ; ମୁହଁ ତଳକୁ କରି ଗଲେନି, ଭାଙ୍ଗି ପଡ଼ିଲେ ନାହିଁ କି ନଇଁ ପଡ଼ିଲେ ନାହିଁ । ପାପୀ ଭଳି ଚର୍ଚ୍ଚ ଛାଡ଼ି ଗଲେ ନାହିଁ ସେମାନେ, ପୁଣ୍ୟବାନ ଭଳି ଗଲେ ; ଗଲେ ଖୁବ୍ ଗୌରବ ଅନୁଭବ କଲାପରି, ବିଜୟୀ ବୀର ପରି ; ଈଶ୍ବରଙ୍କଠାରେ ଅଟଳ ଭକ୍ତି-ଭାବର ଏକ ଦୃପ୍ତ-ଔଦ୍ଧତ୍ୟ ଦେଖାଇ ସେମାନେ ଚାଲିଗଲେ, ମହାପୁଣ୍ୟବାନ ପରି ଚାଲିଗଲେ ଆନନ୍ଦରେ ; ଯେଉଁପରି ମିଶନ୍ ଛାଡ଼ି ଚାଲିଗଲେ ହେଭେନ୍‌ର ନିକଟକୁ, ମନ୍ଦିର ଛାଡ଼ି ଚାଲିଗଲେ ଦେବତାର ସମୀପକୁ, ମର୍ତ୍ତ୍ୟ-ଭୂମିର ସବୁ ପାପୀଙ୍କୁ ପଛରେ ଛାଡ଼ି ସେମାନେ ଆଗେ ଆଗେ ଚାଲିଗଲେ ସ୍ବର୍ଗ-ସୁଖ ଉପଭୋଗ କରିବା ପାଇଁ ! ଆନା ଆଉ ଭେଲେଣ୍ଟାଇନ...ଭେଲେଣ୍ଟାଇନ ଆଉ ଆନା...ଜଣେ ଫାଦର ଜଣେ ନନ୍ !

ଟିକ୍ ଟିକ୍...ଟିକ୍ ଟିକ୍...

କାନ୍ଥ ଘଣ୍ଟାରେ ରାତି ଦଶଟା ବାଜି ସାରିଚି । ନିସ୍ତବ୍ଧ କୋଠରି ଭିତରେ ଏକାକୀ ପଦଚାରଣା କରୁଛନ୍ତି ଫାଦର ଲିଓନାର୍ଡ । ଚିନ୍ତିତ ମୁହଁ, କୁଞ୍ଚିତ ବଳିରେଖା । ଭାବୁଛନ୍ତି—କାହିଁ, ଅନ୍ୟମାନଙ୍କ ପରି ଭେଲେଣ୍ଟାଇନ ତ ତାଙ୍କର ପାଦ ଧରି କ୍ଷମା-ଭିକ୍ଷା କଲାନି ! ଅତୀତରେ ଅନ୍ୟ କେତେଜଣଙ୍କୁ ବି ଏଇଭଳି ଦୁଷ୍କର୍ମ ଯୋଗୁ ଚର୍ଚ୍ଚରୁ ବହିଷ୍କାର କରିଛନ୍ତି ସେ । କିନ୍ତୁ କେହି ଜଣେହେଲେ ଭେଲେଣ୍ଟାଇନ ପରି ଏତେ କଥା ତାଙ୍କୁ ଶୁଣାଇ ଦେଇ ଯାଇନି !

ଆହତ ହୋଇଛନ୍ତି ଲିଓନାର୍ଡ । ନିଷ୍ଠୁର ଆଘାତ ଦେଇ ଯାଇଚି ତାଙ୍କୁ ଭେଲେଣ୍ଟାଇନ୍ । ବାରମ୍ବାର କାନରେ ତାଙ୍କର ବାଜି ଯାଉଚି ସେଇ ସଂଳାପ ଗୁଡ଼ିକ । 'ତମେ ଜୀବନର ଅନ୍ୟ ଗୋଟିଏ ଦିଗ ଦେଖି ନାହଁ' ! 'ନାରୀର ନଗ୍ନ ଦେହ ଦେଖିନାହଁ' ! 'ତମର ଜ୍ଞାନ ଅପୂର୍ଣ୍ଣ' ! 'ସୃଷ୍ଟିର ରହସ୍ୟ ଜାଣନା' ! 'ନିର୍ବୋଧର ସ୍ୱର୍ଗରେ ରହୁଚ ତମେ ଲିଓନାର୍ଡ' ! ଠିକ୍ କହୁଚି ଭେଲେଣ୍ଟାଇନ୍, 'ତମେ କୁତ୍ସିତ, କଦାକାର, ତେଣୁ କେହି ସୁନ୍ଦରୀ ତରୁଣୀ ତମକୁ ପ୍ରଲୁବ୍ଧ କରିବାକୁ ଚେଷ୍ଟା କରିନି । ତମର ବ୍ରହ୍ମଚର୍ଯ୍ୟ ଓ ଚରିତ୍ରବତ୍ତାରେ କୌଣସି ବାହାଦୂରୀ ନାହିଁ କି ସାର୍ଥକତା ନାହିଁ' । ଭେଲେଣ୍ଟାଇନ୍ଇ ବିଜୟୀ ଲିଓନାର୍ଡ ; ପରାଜିତ ତମେ ।

କେହି ଯେପରି ଅନ୍ତରାଳରେ ଲୁଚି ରହି ଅଲକ୍ଷ୍ୟରେ ଅନେକ ବିଦ୍ରୂପ ବାଣୀ ଶୁଣାଉଛି ତାଙ୍କୁ । ଅସ୍ଥିର ହୋଇ ଉଠିଲେ ସେଣ୍ଟ ଲିଓନାର୍ଡ ! ପ୍ରଭୁ ପ୍ରଭୁ ପ୍ରଭୁ ଯୀଶୁ , ମୋତେ ପଥ ଦେଖାଅ । ଲି'ଡ୍ କାଇଣ୍ଡ୍ଲି ଲାଇଟ୍ !! ଗୋଟାଏ ପାପୀର ବାକ୍ୟାଘାତରେ ମୁଁ ମାନସିକ ସ୍ଥୈର୍ଯ୍ୟ ହରାଇବ ! ମୁଁ , ମୁଁ ସନ୍ନ୍ୟାସୀ ଲିଓନାର୍ଡ ! ସନ୍ଥ ଲିଓନାର୍ଡ !! ପ୍ରଭୁ ମୋତେ ଶାନ୍ତି ଦିଅ, ଶାନ୍ତି ଦିଅ ମୋତେ । କାହିଁ ମୋର ବାଇବ୍ଲ ! କାହିଁ ? ଧାଇଁ ଯାଇ ସେଲ୍‌ଫ ଉପରୁ କମ୍ପିତ ହାତରେ ଗ୍ରନ୍ଥଟିକୁ କାଢ଼ି, କାଢ଼ି ଖସି ପଡ଼ିଲା ସେଇଟି ଟେବୁଲ ଉପରେ ଆଉ ଖୋଲି ଗଲା । ଯୋଡ଼ି ପୃଷ୍ଠା ଦୁଇଟି ମେଲି ହୋଇ ପଡ଼ିଚି ତାଙ୍କ ଆଗରେ । ନିଶ୍ଚୟ ଈଶ୍ୱରଙ୍କର ଇଚ୍ଛା । ଏଇ ପୃଷ୍ଠା ଭିତରେଇ ମୋତେ କୌଣସି ନିର୍ଦ୍ଦେଶ ସେ ଦେଉଛନ୍ତି ବର୍ତ୍ତମାନ ! ଫାଦର୍ ପଢିଲେ, 'ସୃଷ୍ଟିର ଆରମ୍ଭରୁ ଈଶ୍ୱର ସେମାନଙ୍କୁ ପୁରୁଷ ଓ ସ୍ତ୍ରୀ କରି ସୃଷ୍ଟି କଲେ । ସେ ଦୁହେଁ ଏକାଙ୍ଗ ହେବେ । ଏଣୁ ସେମାନେ ଆଉ ଦୁଇ ନୁହନ୍ତି, କିନ୍ତୁ ଏକାଙ୍ଗ ଅଟନ୍ତି । ଅତଏବ

ଈଶ୍ୱର ଯାହା ସଂଯୁକ୍ତ କରିଅଛନ୍ତି, ମନୁଷ୍ୟ ତାହା ବିଭିନ୍ନ ନ କରୁ'……

ତା' ମାନେ ? ତା' ମାନେ, ସନ୍ନ୍ୟାସ ମିଥ୍ୟା ! ବ୍ରହ୍ମଚର୍ଯ୍ୟ ମିଥ୍ୟା !! ନାରୀର ଅଭାବରେ ପୁରୁଷ ଅପୂର୍ଣ୍ଣ !!! ବିଚଳିତ ହୋଇ ଉଠିଲେ ଲିଓନାର୍ଡ ।

ପୁଣି ସେଇ ପୃଷ୍ଠାରେ—'ହେ ସଦ୍‌ଗୁରୁ, ଅନନ୍ତ ଜୀବନର ଅଧିକାରୀ ହେବା ନିମନ୍ତେ ମୁଁ କଅଣ କରିବି ? ସେଥିରେ ଯୀଶୁ ତାହାଙ୍କୁ କହିଲେ, ମୋତେ ସନ୍ତ ବୋଲି କାହିଁକି କହୁଅଛ ? ଜଣଙ୍କ ବିନା ଅର୍ଥାତ୍ ଈଶ୍ୱରଙ୍କ ବିନା ଅନ୍ୟ କେହି ସନ୍ତ ନୁହେଁ' ।

ଆଉ କେଉଁଠି ଅନ୍ୟ କିଛି ଖୋଜି ପାଇବା ଉଦ୍ଦେଶ୍ୟରେ ପାଗଳ ପରି ପୃଷ୍ଠା ଲେଉଟାଇ ଚାଲିଲେ ଉତ୍ତେଜିତ ଲିଓନାର୍ଡ । 'ଯୀଶୁ ପାପୀ ଓ କରଗ୍ରାହୀମାନଙ୍କ ସହିତ ଭୋଜନ କରୁ ଅଛନ୍ତି, ଏହା ଦେଖି ଫାରୁଶୀ ଦଳର ଶାସ୍ତ୍ରୀମାନେ ତାହାଙ୍କ ଶିଷ୍ୟମାନଙ୍କୁ କହିବାକୁ ଲାଗିଲେ, ଏ କଅଣ ? ସେ କରଗ୍ରାହୀ ଓ ପାପୀମାନଙ୍କ ସହିତ ଭୋଜନ କରନ୍ତି ! ଯୀଶୁ ତାହା ଶୁଣି ସେମାନଙ୍କୁ କହିଲେ, ସୁସ୍ଥ ଲୋକମାନଙ୍କର ବୈଦ୍ୟ ଠାରେ ପ୍ରୟୋଜନ ନାହିଁ, ମାତ୍ର ଅସୁସ୍ଥ ଲୋକମାନଙ୍କର ପ୍ରୟୋଜନ ଅଛି ; ମୁଁ ଧାର୍ମିକମାନଙ୍କୁ ଆହ୍ୱାନ କରିବା ନିମନ୍ତେ ଆସିନାହିଁ, କିନ୍ତୁ ପାପୀମାନଙ୍କୁ ଆହ୍ୱାନ କରିବା ନିମନ୍ତେ ଆସିଅଛି' ।

ସଙ୍ଗେ ସଙ୍ଗେ ବାଇବ୍ଲ ବନ୍ଦ କରି ଦେଇ ଘରସାରା ଘୂରିବାକୁ ଲାଗଲେ ସେ । ପାଗଳ ପରି ଘୂରିବାକୁ ଲାଗିଲେ । ପ୍ରଭୁ, ପ୍ରଭୁ, ମୋତେ ପଥ ନିର୍ଦ୍ଦେଶ ଦିଅ, ପଥର ନିର୍ଦ୍ଦେଶ ଦିଅ ମୋତେ । ଲି'ଡ୍ କାଇଣ୍ଡ୍ ଲି ଲାଇଟ୍…ଲି'ଡ୍ କାଇଣ୍ଡ୍ ଲି ଲାଇଟ୍ । ଏ ପର୍ଯ୍ୟନ୍ତ ମୁଁ ତେବେ ବାସ୍ତବିକ ଏକ ନିର୍ବୋଧର ସ୍ୱର୍ଗରେ ରହିଛି !!!

ଅନେକ ଦିନ ବିତି ଯାଇଛି ଏହା ଭିତରେ । ଅନେକ ରାତି ବି ।......

ଆଜି ଏ ଆଉ ଗୋଟିଏ ରାତି । ସମସ୍ତ ସେଇ ଦଶଟା । ସେଣ୍ଟ ଲିଓନାର୍ଡଙ୍କ ଡାଏରୀ ଲେଖିବା ସମୟ ।

ସବୁ ଦିନ ପରି ଆଜି ମଧ୍ୟ ଶୋଇବାକୁ ଯିବା ପୂର୍ବରୁ ଡାଏରୀ ଲେଖି ବସିଛନ୍ତି ସେ । ପ୍ରବେଶ କଲେ ମଦର ସୁପିରିଅର୍ ! ମୁହଁ ତାଙ୍କର ଥମ୍ ଥମ୍ । ଫାଦର୍ !

କିଛି କହିବ ?

ଯାହାକୁ ଆପଣ ଖୁବ ଭଲ ବୋଲି କହନ୍ତି, ଯାହା ସମ୍ବନ୍ଧରେ ଆମ ସମସ୍ତଙ୍କର ଖୁବ୍ ଉଚ୍ଚ ଧାରଣା, ସେଇ ସାବିନା...

କଣ ହେଲା ?

ଜଘନ୍ୟ ବାଳିକା ସେ ।

କ'ଣ ସେ କରିଛି ?

ଲିଓନାର୍ଡଙ୍କ କାନ ପାଖକୁ ମୁହଁ ନେଇ ଫିସ୍ ଫିସ୍ ଗଳାରେ କହିଲେ ମଦର୍ ସୁପିରିଅର୍—ସେ, ସେ ମାଆ ହେବାକୁ ଯାଉଛି ! ଇମ୍ପସିବ୍, ସି ଇଜ୍ ଗୋଇଂ ଟୁ ବିକମ୍ ମଦର୍......

ଗମ୍ଭୀର ହୋଇଗଲେ ଲିଓନାର୍ଡ଼ । ମୁଁ ସେ କଥା ବୁଝିବି ।

ଆଶ୍ଚର୍ଯ୍ୟ ମଦର୍ ସୁପିରିଅର୍ ! ଜଣେ ନନ୍ ମାଆ ହେବାକୁ ଯାଉଛି, ଏ ଭଳି ଘଟଣା ଏଇ ମିଶନ୍‌ର ଇତିହାସରେ ପ୍ରଥମ । ଖବରଟା ଶୁଣିବା ମାତ୍ରେ ରାଗରେ ଫାଟିପଡ଼ିବେ, ଚିତ୍କାର କରି ଉଠିବେ ସେ'ଣ୍ଟ ଲିଓନାର୍ଡ଼ ! କିନ୍ତୁ ଏ କଣ ହେଲା ; ବିସ୍ଫୋରଣ

କାହିଁ ? ଅଗ୍ନି ଉଦ୍‌ଗୀରଣ କାହିଁ ? ବଜ୍ର କାହିଁ ? ବିଦ୍ୟୁତ ସ୍ଫୁଲିଙ୍ଗ କାହିଁ ?

ଲିଓନାର୍ଡ ଯେପରି ଏକ ପଥରର ପ୍ରତିମୂର୍ତ୍ତି ! କୌଣସି ପ୍ରକାର ଭାବର ଏକ୍‌ସପ୍ରେସନ୍, କୌଣସି ଏକ ପ୍ରତିକ୍ରିୟାର ବ୍ୟକ୍ରମ, କିଛି ନାହିଁ ତାଙ୍କ ମୁଖମଣ୍ଡଳରେ । ତାଙ୍କ 'ମୁଡ୍' ଠିକ୍ କିଛି ବୁଝି ପାରୁ ନାହାନ୍ତି ମଦର୍ ସୁପିରିଅର୍ ! ଅଧା ପାଚିଲା ଦାଢି, କପାଳର ବଳିରେଖା, ମୋଟା ଫ୍ରେମ୍ ଚଷମା, ଆଉ ଗମ୍ଭୀର ଗୃହାଣୀ । ସବୁ ମିଶି ଏଇ ମୁହୂର୍ତ୍ତରେ ଯେପରି ଲିଓନାର୍ଡ ଏକ ଅବ୍ୟକ୍ତ, ଅବୋଧ୍ୟ ରହସ୍ୟ !

କିନ୍ତୁ ମୁଁ ବୁଝି ପାରୁ ନାହିଁ, ବିବ୍ରତ ମଦର୍ ସୁପିରିଅର କହିଲେ, ହୁ ଇଜ୍ ଦ' କଲ୍‌ପ୍ରିଟ୍···ଆଇ ମିନ୍, ସେଇ ଅପରାଧିଟି କିଏ ? ତେବେ ମୋର ଅନୁମାନ, ନିଶ୍ଚୟ ଆମର ଫାଦର୍‌ମାନଙ୍କ ଭିତରୁ ହୁଏତ······

ମୁଁ ସେ କଥା ବୁଝିବି । ଡାଏରୀର ପୃଷ୍ଠା ବନ୍ଦ କରି ସେ'ଣ୍ଟ୍ ଲିଓନାର୍ଡ କହିଲେ, ତମେ ବର୍ତ୍ତମାନ ଆସିପାର ।

ତାଙ୍କ ମୁହଁକୁ ଅବାକ୍ ଆଖିରେ ମୁହୂର୍ତ୍ତଟିଏ ଅନାଇ ଫେରି ଚାଲିଗଲେ ମଦର୍ ସୁପିରିଅର୍ ।

ଲିଓନାର୍ଡ ସେଇଠି ସେଇପରି ବସି ରହିଲେ ଗମ୍ଭୀର ହୋଇ । ତାଙ୍କ ଆଗ କାନ୍ଥରେ ଝୁଲୁଥିବା ଭର୍ଜିନ୍ ମେରୀଙ୍କ ଛବି । ଛବି ଉପରେ ଦୃଷ୍ଟି ନିବଦ୍ଧ କରି କଣ ସେ ଭାବୁଥିଲେ ସେଇ କେବଳ ଜାଣନ୍ତି ।

ହଠାତ୍ କିଏ ଜଣେ ଝଡ଼ ଭଳି ପଶି ଆସିଲା ଭିତରକୁ ଆଉ ତାଙ୍କ ଗୋଡ଼ ତଳେ ପଡ଼ିଗଲା ।

ଜଣେ ନନ୍ ।

ତାଙ୍କ ପାଦ ଧରି କାନ୍ଦୁଛି ସେ । କହିଁ କହିଁ ହୋଇ ଗ୍ରେଟ ପିଲାଟିଏ ପରି କାନ୍ଦୁଛି ।

କିଏ ?

ସେ'ଣ୍ଟ, ମୋ ନାଆଁରେ ଯାହା ମଦର୍ ସୁପିରିଅର୍ ରିପୋର୍ଟ କରି ଗଲେ, ସେ ପାଖରେ ଠିଆ ହୋଇ ସବୁ କିଛି ଶୁଣିଛି ମୁଁ ।

ଅଶ୍ରୁ ବନ୍ୟା ସାବାନାର ଆଖିରେ ! କଣ୍ଠ କଣ୍ଠ ବାଷ୍ପରୁଦ୍ଧ ହୋଇ ଯାଉଛି ତା'ର ଗଳା । ଯାହା ସେ କହିଚନ୍ତି, ନଗ୍ନ ସତ୍ୟ । ହଁ, ମାଆ ହେବାକୁ ଯାଉଚି ମୁଁ । କିନ୍ତୁ, କିପରି ଏହା ସମ୍ଭବ ? କିପରି ଏହା ସମ୍ଭବ ? କିପରି ଏହା ହେଲା ? ମୁଁ ତ କେବେ କୌଣସି ପୁରୁଷ ସହିତ ଘନିଷ୍ଠ ହୋଇନି, କେବେ ହେଲେ, ଏଠାକୁ ଆସିବା ପୂର୍ବରୁ କି ପରେ ମଧ୍ୟ ! ମୋତେ ବିଶ୍ୱାସ କରନ୍ତୁ ଆପଣ । ମୁଁ ଈଶ୍ୱରଙ୍କ ନାମରେ ଶପଥ କରି କହିପାରେ । କିପରି ତେବେ ମୋର ଏଭଳି ହେଲା ?

ଏତିକି ମାତ୍ର କୌଣସି ପ୍ରକାରେ କହିସାରି ପୁଣି ଭାଙ୍ଗି ପଡ଼ିଲା ସାବାନା ସନ୍ଥ ଲିଓନାର୍ଡଙ୍କ ପାଦତଳେ !

ସାବାନା ! ଉଠ । ଉଠ ସାବାନା । ଯାଅ, ଶୋଇ ପଡ଼ିବ ; ଅନେକ ଡେରି ହେଲଣି । କାନ୍ଥ ଘଣ୍ଟାକୁ ଫେରି ଚାହିଁଲେ ଫାଦର୍, ଏଗାରଟା ! ଯାଅ ସାବାନା, ଶୋଇପଡ଼ । ଆଃ, କାନ୍ଦୁଚ କାହିଁକି ? ଛାଡ଼ ମୋତେ । ଯାଅ, ମୁଁ କହୁଚି । ଦୁଃଖ କରନା, ନିର୍ଭୟ ହୁଅ ; ଯାଅ ବର୍ତ୍ତମାନ ଶୋଇବ, ଯାଅ......

ପରଦିନ ରବିବାର ।

ସକାଳେ ମା'ସ୍ ପ୍ରଭୃତି ସରିଚି । ପ୍ରତି ରବିବାର ଅପରବେଳା ଲିଓନାର୍ଡ ବାହାରନ୍ତି ଜିପ୍ ନେଇ ଦୂରବର୍ତ୍ତୀ ସ୍ଥାନ ମାନଙ୍କରେ ଅବସ୍ଥିତ, ଏଇ ଚର୍ଚ୍ଚର ନିୟନ୍ତ୍ରଣରେ ଥିବା, ଧର୍ମ ପ୍ରଚାର କେନ୍ଦ୍ର,

ଗୁଡ଼ିକରେ କିପରି କାମ ଚାଲିଛି, ଦେଖି ଆସିବା ପାଇଁ । ଆଜି ମଧ୍ୟ ବାହାରିଲେ । କହିଲେ, ସାବୀନା ତମେ ବି ମୋ ସାଙ୍ଗରେ ଆସ ।

ଜିପ୍ ଛୁଟିଛି । ଡ୍ରାଇଭ୍ କରୁଛନ୍ତି ଲିଓନାର୍ଡ । ଫାଦର୍ ମାନେ ନିଜେଇ ଡ୍ରାଇଭ କରନ୍ତି ; ଭଲ ଜାଣନ୍ତି ଡ୍ରାଇଭିଂ । ଚାରିଟି ଜିପ୍ ଅଛି ମିଶନ୍‌ର ଏବଂ ଆହୁରି କେତେ ଗୁଡ଼ିଏ ମଟରବାଇକ୍ ବି । ସବୁ ଯାକ ତ ରହିଚ, ଫାଦର୍ ମାନେ ସେଥିରେ ଧର୍ମପ୍ରଚାର ପାଇଁ ଗାଁ ଗଣ୍ଡା ବୁଲିବାକୁ ଯାଆନ୍ତି ।

ଧାଇଁ ଚାଲିଛି ଜିପ୍ । ନୀରବ ଦୁହେଁ । ଲିଓନାର୍ଡଙ୍କ ଆଖି ଆଗକୁ ; ସାବୀନା ବସିଚି ତଳକୁ ମୁହଁ ପୋତି । କେହି କାହାରିକି ଅନାଇ ନାହାନ୍ତି । ଉଭୟ ଯେପରି ପରସ୍ପରର ଅଚିହ୍ନା । ଦୁହେଁ ସତେ ଅବା କେହି କାହାର ଉପସ୍ଥିତି ବି ଜାଣନ୍ତି ନାହିଁ !

ପକ୍‌କା ରାସ୍ତା ଛାଡ଼ି ଗାଡ଼ି ବର୍ତ୍ତମାନ କଂକରିଲ ସଡ଼କରେ ଧୂଳି ଉଡ଼େଇ ଛୁଟି ଚାଲିଚି । ଖୁବ୍ ଖରାପ ବାଟଟା । ଜିପ୍ ଡେଉଁଚି ଆଉ ପଡୁଚି । ହଠାତ୍ ଗୋଟାଏ ବଡ଼ ଧରଣର ଝାଙ୍କି...ସାବୀନା ପ୍ରାୟ ଆଉଜି ପଡ଼ିଥିଲା ଲିଓନାର୍ଡଙ୍କ ଉପରେ...କିନ୍ତୁ ଷ୍ଟିଅରିଂ ଧରି ପକାଇ ନିଜକୁ ସେ ସମ୍ଭାଳି ନେଲା, ସେତିକିବେଳେ ଲିଓନାର୍ଡ ଚାହିଁ ଦେଲେ ତାକୁ ଆଉ ସେ ମଧ୍ୟ ଲିଓନାର୍ଡଙ୍କୁ...

ଅନେକ ଗୁଡ଼ିଏ ପ୍ରଚାର କେନ୍ଦ୍ର ଦେଖିବା ପରେ ଫେରୁଛନ୍ତି ସେମାନେ । ଲିଓନାର୍ଡ ଓ ସାବୀନା ।

ସନ୍ଧ୍ୟା ଅନେକବେଳୁ ଅତିକ୍ରାନ୍ତ । କଳା ରଙ୍ଗର ପୁଞ୍ଜିଭୂତ ଅନ୍ଧକାର ଅଧିକରୁ ଅଧିକ ଘନୀଭୂତ ହେଉଛି ମାଲଭୂମିର ଶୈଳମାଳା, ଉପତ୍ୟକା ଓ ନିବିଡ଼ ଅରଣ୍ୟ ଉପରେ । ଆକାଶ ବି ଗାଢ଼-କଳା ।

ତାରାଟିଏ ନାହିଁ । ସାରା ଦିନ ଅବଶ୍ୟ ସୂର୍ଯ୍ୟ କିରଣ ମଧ୍ୟ ନଥିଲା । ଖୁବ୍ ସକାଳୁ ତ ଆକାଶଟା ମେଘାଚ୍ଛନ୍ନ ରହିଛି ଆଜି ।

ଶ୍ରାନ୍ତ ସାବାନା, କ୍ଲାନ୍ତ ଲିଓନାର୍ଡ । ଖୁବ୍ ପରିଶ୍ରମ ହୋଇଛି ସେମାନଙ୍କର । ଶୀଘ୍ର ଯାଇ ମିଶନରେ ପହଞ୍ଚିଲେ ଦେହ ପାଇବ ବିଶ୍ରାମ । ଆଉ ବେଶୀଦୂର ବି ନାହିଁ ; ଘଣ୍ଟାକର ରାସ୍ତା । ପୁରା ସ୍ପିଡ୍‌ରେ ଗାଡ଼ି ଚାଲିଛି···କମ ସମୟ ବି ଲାଗିପାରେ ।

କିନ୍ତୁ ବର୍ଷା ଆରମ୍ଭ ହେଲା ହଠାତ୍ । ଘୋର ବର୍ଷା । ଆକାଶର ସମସ୍ତ ତାରକା ଯେପରି ଖଣ୍ଡ ଖଣ୍ଡ ହୋଇ ଭାଙ୍ଗି ମୂଷଳ ଧାରାରେ ଅଜାଡ଼ି ପଡୁଛି । ଲିଓନାର୍ଡ ଚିନ୍ତିତ ହୋଇ କହୁଲେ, ଚିମ୍‌କା ନାଲ ବଢ଼ିଯିବ ସାବାନା, ବର୍ତ୍ତମାନ ଯାଇ ହେବନି ସେ ପାଖକୁ !

ସାବାନା କହିଲା, ତେବେ ?

ପାହାଡ଼ିଆ ଝରଣା ଓ ଗିରି ନଦୀଗୁଡ଼ିକର ଏହାହିଁ ପ୍ରକୃତି । ବର୍ଷା ହେଲେ ହଠାତ୍ ବଢିଯାଏ । ଭୟଙ୍କର ହୋଇ ଉଠେ ଅଳ୍ପ ସମୟ ଭିତରେ । ପାଣି ଛାଡ଼ିଯିବାର କେତେ ଘଣ୍ଟା ଭିତରେ ପୁଣି କମିଯାଏ ।

ଟର୍ଚ୍ଚ ଟିପି ଘଡ଼ି ଦେଖିଲେ ଲିଓନାର୍ଡ । ଦଶଟା ବାଜିଲାଣି । ନାଲ ପାଖରେ କେତେ ସମୟ ଅପେକ୍ଷା କରିବାକୁ ହେବ କେଜାଣି ? ବର୍ଷା ଛାଡ଼ିଲେ ତ ! ଚିମ୍‌କା ଉପରେ ପୋଲଟିଏ ନାହିଁ । ଜିପ୍ ଭିତରେ ପଶି ଯାଏ । ଅତି ଗ୍ରେଟ୍ ଝରଣା । ଦଶ ଫୁଟ ଓସାରର ପାଣି ଧାର ବହୁଥାଏ ବର୍ଷା ସମୟ ଛଡ଼ା ଅନ୍ୟ ସବୁବେଳେ । ଏ ପାଖରେ କମାମାର ସବୁ କିଛି ଥିବାରୁ ପୋଲଟିଏ ତିଆରି କରିବାର ଆବଶ୍ୟକତା ସେମାନେ ଅନୁଭବ କରି ନାହାନ୍ତି । ଆର ପାଖରେ ତ ଖାଲି ମିଶନାରୀ ବିଲଡିଂସ୍ ; ଆଉ କିଛି ନାହିଁ ।

ଲିଓନାର୍ଡ ଭାବିଲେ, ଏ ପାଖରେ ରହିଗଲେ ବରଂ ଭଲ । ବର୍ଷା ଛାଡ଼ିବାର ଲକ୍ଷଣ ନାହିଁ । ନାଲ ବର୍ତ୍ତମାନ ଭୟଙ୍କର ହୋଇ ଉଠିଥିବ ।

ରହି ଯାଇ ହେବ କମ୍ପାନୀର ଗେଷ୍ଟହାଉସ୍‌ରେ । କିଛି ଅସୁବିଧା ହେବନି । ସାହେବମାନଙ୍କ ସାଙ୍ଗରେ ଭଲ ପରିଚୟ ବି ତାଙ୍କର ଅଛି ।

ଜିପ୍ ବ୍ରେକ୍ କଷିଲା ଗାଡ଼ି-ବାରନ୍ଦା ତଳେ । ହର୍ଣ୍ଣ ଶୁଣି ଚୌକିଦାର ଆସି ପହଞ୍ଚିଲା । ଅସମୟରେ କେହି ହଠାତ୍ ଆସି ଇମିତି ପହଞ୍ଚି ଯାଆନ୍ତି ବେଳେ ବେଳେ । ଡାଲ୍‌ଟନଗଞ୍ଜର ବଡ଼ ବଡ଼ ସରକାରୀ ଅଫିସରମାନେ ଶିକାର ଫିକାର ପାଇଁ କେବେ କେବେ ଏ ଆଡ଼କୁ ଗଡ଼ି ଆସନ୍ତି । ଏପରିକି, ରାତି ଅଧରେ ବି । ସେଇପରି କେହି ଆସିଲେ, ଭାବିଥିଲା ଚୌକିଦାର । ଲିଓନାର୍ଡଙ୍କୁ ଦେଖି ଚିହ୍ନି ପାରି ନମସ୍କାର କଲା ସେ ।

ଫାଦର ଲିଓନାର୍ଡ ହିନ୍ଦୀରେ ତାକୁ କହିଲେ, ବର୍ଷା ମନେହୁଏ ଛାଡ଼ିବନି । ନାଲ ପାରହେବା ବର୍ତ୍ତମାନ ଅସମ୍ଭବ । ଆଜି ରାତିରେ ଏଠି ରହିବା ପାଇଁ ସୁବିଧା ହୋଇ ପାରିବ କି ?

ଦି'ଟାଯାକ ସୁ'ଟ୍ ତ ଖାଲି ଅଛି, ଚୌକିଦାର ଟିକିଏ ଭାବି କହିଲା, ଆପଣମାନେ ଭିତରକୁ ଆସି ବସନ୍ତୁ, ମୁଁ ବାବୁଙ୍କୁ ଡାକିଦିଏ ।

କେଆରଟେକର୍ ଦୀପକ ଚୌଧୁରୀ । ସେ ଆସି ସବୁ ବ୍ୟବସ୍ଥା କରିଦେଲେ । ଶୋଇବା ପାଇଁ ବିଛଣାପତ୍ର । ଦୁଇ ରୁମ୍‌ରେ ଦୁଇଟି । ରାତି ଆହାରର ବ୍ୟବସ୍ଥା ମଧ୍ୟ ଅଳ୍ପ ସମୟ ଭିତରେ ହୋଇଗଲା । କମ୍ପାନୀର ଅତିଥି ନିବାସରେ କୋଉ କଥାର ଅଭାବ ! ତା'ଛଡ଼ା, ଲିଓନାର୍ଡଙ୍କୁ ଖାତିର କରନ୍ତି ଖାଦାନ୍‌ର ବଡ଼ ବଡ଼ ସାହେବମାନେ ; ଆହୁରି ମଧ୍ୟ ଏ ଅଞ୍ଚଳରେ ଖୁବ୍ ପ୍ରଭାବ ଅଛି ତାଙ୍କର । ତେଣୁ ତାଙ୍କ ଭଳି ବ୍ୟକ୍ତିଙ୍କ ପାଇଁ ଆତିଥେୟତାରେ ତ୍ରୁଟି ହେବାର ପ୍ରଶ୍ନ ଉଠେନା ।

କେଆରଟେକର୍ ଖାପକ ଚୌଧୁରୀ ସବୁ ସୁବିଧା କରି ଦେଇ ନିଜ କ୍ୱାର୍ଟରକୁ ଫେରି ଯାଇଥିଲେ ।

ବିଛଣାକୁ ଯିବା ପୂର୍ବରୁ ପ୍ରାର୍ଥନା କରୁଛନ୍ତି ଲିଓନାର୍ଡ । ଶୁଣି ପାରିଲେ, ଆର କୋଠରୀରେ କାନ୍ଦୁଛି ସାବୀନା ।

ଅଭ୍ୟନ୍ତରୀଣ ଭଙ୍ଗ ହେଲା । ଯୋଡ଼ ଡ୍ରେସିଂ ଟେବୁଲ ଆଗରେ ସେ ବସିଥିଲେ, ସେଇ ଦର୍ପଣରେ ତାଙ୍କୁ ଦେଖାଗଲା ନିଜ ଶ୍ମଶ୍ରୁଳ ମୁହଁର ପ୍ରତିବିମ୍ବ । ହଁ, ସନ୍ନ୍ୟାସୀ ସୁଲଭ ବ୍ୟକ୍ତିତ୍ୱ ତାଙ୍କର । ଲୋକେ କହନ୍ତି, 'ସେ'ଣ୍ଟ', 'ସନ୍ଥ ଲିଓନାର୍ଡ !!' କିନ୍ତୁ ସନ୍ନ୍ୟାସୀ ପାଇଁ ଦର୍ପଣ ନିଷିଦ୍ଧ । ମୁହଁ ଫେରେଇଲେ ଫାଦର । ଦୁଇ କୋଠରୀର ମଝି କାନ୍ଥରେ ବନ୍ଦ ଦରଜାର ବିରାଟ କବାଟ ଆଡ଼କୁ ଚାହିଁଲେ ସେ । ଆର ପାଖରେ ସାବୀନା, ଏ ପାଖରେ ଲିଓନାର୍ଡ । ଦୁହେଁ ଦୁଇ କୋଠରୀରେ । ମଝିରେ ବନ୍ଦ ଦରଜା ।

ସାବୀନା କାନ୍ଦୁଛି । ହୁଏତ ବିଛଣାରେ ମୁହଁ ପୋତି କିମ୍ବା ଟେବୁଲ ଉପରେ ମଥା ରଖି ; ଲାଇଟ୍‌ଟା ସେ ଘରେ ଜଳୁଚି ନା ଲିଭିଚି ? ଲିଓନାର୍ଡ ଖାଲି ଏତିକି ଜାଣି ପାରୁଛନ୍ତି ଯେ ଯାହାର କ୍ରନ୍ଦନ ତାଙ୍କୁ ବିଚଳିତ କରି ଦେଉଛି ସେ ସାବୀନା । ତା'ଛଡ଼ା ଆର ଘରେ ଅନ୍ୟ କେହି ନାହିଁ । ହଁ ; ସାବୀନାଇ କାନ୍ଦୁଛି ।

ଲିଓନାର୍ଡ ଜାଣିଛନ୍ତି, ସାବୀନା କାନ୍ଦୁଛି । କିନ୍ତୁ କାହିଁକି ସେ କାନ୍ଦୁଛି, ସେ କଥା ତାଙ୍କୁ ଅଜଣା ? ତେବେ ? କ'ଣ ଏତେ ଚିନ୍ତା କରି ଚାଲିଚନ୍ତି ଫାଦର, ବାରମ୍ବାର କାହିଁକି ଅଧର ଦଂଶନ କରୁଛନ୍ତି, କାହିଁକି ତାଙ୍କର ଦ୍ୱିଧା, କ'ଣ ପାଇଁ ଏତେ ମ୍ରିୟମାଣ ସେ ???

ଠିଆ ହେଲେ ଲିଓନାର୍ଡ । କିଛି ଗୋଟାଏ ସିଦ୍ଧାନ୍ତରେ ପହଞ୍ଚି ଥିବାର ଭଙ୍ଗୀ ତାଙ୍କ ମୁହଁରେ । କବାଟ ପାଖକୁ ଗଲେ । ନକ୍ କଲେ ଧୀରେ ଧୀରେ ।

କାନ୍ଦ ବନ୍ଦ ହେଲା । କ୍ଷୀଣ ସ୍ୱରରେ ପଚାରିଲା ସାବୀନା, କିଏ ?

ମୁଁ ଫାଦର । ଦରଜା ଖୋଲ ସାବୀନା ।

କାହିଁକି ? ଆର ପାଖରୁ ଦ୍ୱିଧା ଜଡ଼ିତ ପ୍ରଶ୍ନ ।

ଖୋଲି ଦିଅ । ଏଥର ଆଉ ଅନୁରୋଧ ନୁହେଁ, ଆଦେଶ ପରି ଶୁଣାଗଲା ଲିଓନାର୍ଡଙ୍କ ଗଳା । ଖୋଲ ।

ମୁଁ କିନ୍ତୁ···ବର୍ତ୍ତମାନ ଶୋଇବାକୁ ଯାଉଥିଲି ।

ଶୋଇବା ପାଇଁ ଖୁବ୍ ଡେରି ହୋଇନି । ଫାଦର କହିଲେ, ତମ ସାଙ୍ଗରେ ମୋର କଥା ଅଛି ।

କିଛିକ୍ଷଣର ନୀରବତା । ତା'ପରେ, ସେ ପାଖରେ ସୁଇଚ୍ ଟିପିବାର ଶବ୍ଦ । ଖୁଟ୍ କରି ଖୋଲିଗଲା ଦରଜା । ସାବୀନା । ଲିଓନାର୍ଡଙ୍କ ମୁହଁକୁ ପଢ଼ିବାର ଚେଷ୍ଟା ତା' ଆଖିର ଚାହାଣୀରେ ।

ଆସ ସାବୀନା, ଗମ୍ଭୀର ଭାବେ ଫାଦର କହିଲେ, ବସ ।

ଯନ୍ତ୍ରଚାଳିତ ପରି ଚେଆରରେ ବସି ପଡ଼ିଲା ସେ ।

ଜାଣ ମୁଁ ତମକୁ କାହିଁକି ଡାକିଲି ? ଘର ଭିତରେ ପଦଚାରଣା କରିବାକୁ ଲାଗିଲେ ଲିଓନାର୍ଡ । ସେ ଉତ୍ତେଜିତ ଓ ବିଚଳିତ ଜଣା ପଡ଼ୁଥିଲେ । ସାବୀନା, ତମେମାନେ ସମସ୍ତେ ଜାଣ, ଫାଦର ଲିଓନାର୍ଡ ଆଜନ୍ମ ବ୍ରହ୍ମଚାରୀ । ନାରୀକୁ ସେ ନରକର ଦ୍ୱାର ମନେକରେ । ନନ୍‌ମାନଙ୍କୁ ଏଇ ମିଶନ୍‌ରେ ପ୍ରଥମେ ସେ ରଖିବାକୁ ବି ଚାହିଁନି । ପରେ ଯଦିଓ ଅନୁମତି ଦେଇଛି ସେଥିପାଇଁ ସେମାନଙ୍କୁ ଖୁବ୍ ଦୂରେଇ ରଖିଚି ଫାଦରମାନଙ୍କ ଠାରୁ, କାଳେ ସେମାନେ ପ୍ରଲୁବ୍ଧ କରି ପକାନ୍ତି ଫାଦରମାନଙ୍କୁ !

ଜାଣେ ।

ଆଉ ସାବୀନା, ନିଜକୁ ମୁଁ ସବୁବେଳେ ମନେ କରି ଆସିଚି ସ୍ୱୟଂ ଈଶ୍ୱର ବୋଲି । ସବୁ ପାପ, ସମସ୍ତ ପ୍ରଲୋଭନ, ସର୍ବ ପ୍ରକାର ଦୁର୍ବଳତାର ଊର୍ଦ୍ଧ୍ୱରେ ମୁଁ । ବଳିଷ୍ଠ ଚରିତ୍ର ସେଣ୍ଟ୍ ଲିଓନାର୍ଡ ଅଷ୍ଟର୍ଫ

ହେଉଛି ଜଣେ ଜଣେ ଫାଦର ଓ ନନ୍‌ଙ୍କର ସ୍ଖଳନ ଦେଖି । ଏମାନେ କାହିଁକି ମୋ ପରି ହୋଇ ପାରୁ ନାହାନ୍ତି ? ସ୍ବର୍ଗୀୟ ଅପରାଧରେ ଅପରାଧୀ କାହାରିକି କେବେହେଲେ କ୍ଷମା ଦେଇନି । ଚକ୍ଷୁ-ଶୂଳ ମୋର ସେମାନେ । ସେମାନଙ୍କୁ ମୁଁ ସହ୍ୟ କରି ପାରିନି, ଦୂର କରି ଦେଇଛି ଚର୍ଚ୍ଚରୁ, ଆବେଦନ, ନିବେଦନ, ଅନୁତାପ, ଅନୁରୋଧ, କାହିଁରେ ବି କର୍ଣ୍ଣପାତ କରିନି । ଚାଲି ଯାଇଛନ୍ତି ନୀରବରେ ଏଠୁ ବିଦାୟ ନେଇ, କଳଙ୍କିତ ମୁହଁ ତଳକୁ କରି ବିନା ପ୍ରତିବାଦରେ ଚାଲି ଯାଇଛନ୍ତି ସେମାନେ, ସେଇ ପାପୀ, ଅପରାଧୀ, ନଷ୍ଟ-ନୀଡ଼, ଭାଗ୍ୟହତଗଣ । ସେମାନଙ୍କ ଭିତରୁ କାହାରି ଆତ୍ମହତ୍ୟାର ସମ୍ବାଦ ବି ପରେ ପାଇଛି । ପ୍ରାର୍ଥନା କରିଛି ପ୍ରଭୁଙ୍କଠାରେ ପାପାତ୍ମାର ସଦ୍‌ଗତି ପାଇଁ ।

ସାବୀନା, ସୁଦୀର୍ଘ ପଚିଶ ବର୍ଷ ଭିତରେ କେତେଜଣ ଏଇ ଭଳି ଗଲେ । ଗ୍ଳାନି ଆଉ ଅନୁଶୋଚନାରେ ବିଦଗ୍ଧ ସେଇ ବିତାଡ଼ିତ-ମାନଙ୍କ ପାଇଁ ଅବଶ୍ୟ ଦୁଃଖ ବି ହେଉଛି ମୋର, ଦୟା ମଧ୍ୟ । ସ୍ୱର୍ଗ ପଥ ବିଚ୍ୟୁତ, ଯୋଗ ଭ୍ରଷ୍ଟ, ହତଭାଗ୍ୟ ଏଇମାନେ, ଈଶ୍ୱରଙ୍କ ପାଖକୁ ଯାଉ ଯାଉ ବାଟ ହୁଡ଼ିଗଲେ, ତତ୍ତ୍ୱ ଭୁଲିଗଲେ, ପାପ ପଙ୍କରେ ବୁଡ଼ିଲେ ବିପଥରେ ପାଦ ଦେଇ ; ସଇତାନ ସେମାନଙ୍କୁ ନେଇଗଲା ନରକର ରାସ୍ତାକୁ । ସେଇ ରାସ୍ତାରେ ଯେ ଥରେ ଗଲା, ତାକୁ ଅସ୍ପୃଶ୍ୟ ପରି ପରିତ୍ୟାଗ କରିବାର କଥା । କ୍ଷମାର ପ୍ରଶ୍ନ ଉଠେନା । ସଇତାନ କଥାରେ ଯେ କାନ ଦେଇଛି ଅପରାଧ ତ ତାହାରି ।

ଦଣ୍ଡିତ କେତେ ଅପରାଧୀ ଇମିଡି ଚର୍ଚ୍ଚରୁ ବିତାଡ଼ିତ ହୋଇ ଚାଲି ଯାଇଛନ୍ତି, ନୀରବରେ, ଅବନତ ମୁହଁରେ, ବିନା ପ୍ରତିବାଦରେ । ବିନୀତ ଭାବେ ଚାଲି ଯାଇଛନ୍ତି ମୋର ଆଦେଶ ମାନି । କିନ୍ତୁ ସାବୀନା, ସେଦିନ ସେଇ ଜଣକ, ଜର୍ମାନ ତରୁଣ ଭେଲେଣ୍ଟାଇନ, ତମେ ତ ନିଶ୍ଚୟ ଜାଣ ସବୁ କିଛି । ହଁ, ସେଇ ଭେଲେଣ୍ଟାଇନ

ମୋତେ ହେଲା ଦାରୁଣ ଏକ ଆଘାତ ! ଘଟଣା ଦିନ ତମେ ସମସ୍ତେଇ ଉପସ୍ଥିତ ଥିଲ, ଅନ୍ୟମାନଙ୍କର ଭିଡ଼ ଭିତରେ ତମକୁ ବି ମୁଁ ଲକ୍ଷ୍ୟ କରିଚ ବାରଣ୍ଡାରେ ଠିଆ ହୋଇଥିବାର, ଯେତେବେଳେ ମୋ ସହିତ ତା'ର ତୀବ୍ର ବଚସା ଚାଲିଥିଲା । ଅତଏବ, ତମେ ସବୁ ଜାଣ, ଅଧିକ ଆଉ କ'ଣ କହିବି !

ମୋ ବ୍ରହ୍ମଚର୍ଯ୍ୟର ମହତ୍ତ୍ୱ ଓ ଅହଙ୍କାରକୁ ପ୍ରଚଣ୍ଡ ଏକ ଆଘାତରେ ଚୂର୍ଣ୍ଣ ବିଚୂର୍ଣ୍ଣ କରି ସେଦିନ ଦମ୍ଭର ସହିତ ଗୁଡି ଫୁଲାଇ ସୀନାର ହାତ ଧରି ଏଠୁ ସଦର୍ପରେ ବିଦାୟ ନେଇ ଚାଲିଗଲା ଉନ୍ନତ ଶିର ଭେଲେଣ୍ଟାଇନ । ସାବୀନା, ମୋତେ ସେ ଅତି ନିର୍ମମ ଭାବେ ଆହତ କରି କ୍ଷତ ବିକ୍ଷତ କରି ଚାଲିଗଲା, ଯୋଉ ଜ୍ୱାଳାର ଯନ୍ତ୍ରଣା ଚିରସ୍ଥାୟୀ ହୋଇ ରହିଗଲା ମୋ ଠାରେ । ଭେଲେଣ୍ଟାଇନ କହିଗଲା, ମୁଁ ଅଜ୍ଞ ; 'ଜୀବନ' କ'ଣ ଜାଣେ ନାହିଁ । ମୁଁ କୁତ୍ସିତ ; କୌଣସି ନାରୀ ମୋତେ କେବେ ଭୁଲ୍‌ରେ ବି ଭଲ ପାଇବନି । ମୁଁ ମୂର୍ଖ ; ପ୍ରକୃତ ଆଧ୍ୟାତ୍ମିକ ଜ୍ଞାନ ମୁଁ ଏପର୍ଯ୍ୟନ୍ତ ଲାଭ କରି ପାରିନି । ଏକ 'ନିର୍ବୋଧର ସ୍ୱର୍ଗ'ରେ ରହିଚି ମୁଁ । ନାରୀ ଦେହର ରହସ୍ୟ, ସୃଷ୍ଟିର ରହସ୍ୟ, ସ୍ରଷ୍ଟା ହେବାର ଆନନ୍ଦ, ଏସବୁ ମୁଁ ଜାଣେ ନାହିଁ । ମୁଁ ଏକ ବଞ୍ଚିତ, ମୁଁ ଏକ ବ୍ୟର୍ଥ ଓ ଅପଦାର୍ଥ । କୌଣସି ତରୁଣୀକୁ ମୁଁ କେବେ ଉପଭୋଗ କରିନି, ପୃଥିବୀରେ ରହି ମଧ୍ୟ ମୁଁ ପାର୍ଥିବ ଆନନ୍ଦ କ'ଣ ଜାଣେ ନାହିଁ !!!

ସବୁ ଅହଙ୍କାରକୁ ମୋର ଭାଙ୍ଗିଦେଇ ଚାଲିଗଲା ଭେଲେଣ୍ଟାଇନ । ଆତ୍ମ ଗ୍ଲାନି ଓ ହୀନମନ୍ୟତା ଆସିଲା ମୋ ଭିତରେ । ଭାବିଲି, ସେଇ ଯଦି ଠିକ୍ ହୁଏ, ମୁଁ ତେବେ କ'ଣ ଭୁଲ୍ ? ଏତେଦିନ ରହିଚି, ଭ୍ରାନ୍ତ ଏକ ଧାରଣା ନେଇ ; ନିର୍ବୋଧର ସ୍ୱର୍ଗରେଇ ରହିଚି ? ମିଥ୍ୟା ତେବେ ମୋର ବ୍ରହ୍ମଚର୍ଯ୍ୟ ? ବ୍ୟର୍ଥ ମୋର ଏତେ ଦିନର କୃଚ୍ଛ୍ର ସାଧନା ? ବାଇବେଲ୍ ଖୋଲି ଦେଖିଲି, ଭେଲେଣ୍ଟାଇନଇ

ଅଭ୍ରାନ୍ତ, ଉଦ୍‌ଭ୍ରାନ୍ତ ମୁଁ ଲିଓନାର୍ଡ ନିଜେ । ବାସ୍ତବିକ, ମନୁଷ୍ୟ ଜୀବନଟି ଅସାର୍ଥକ ଓ ଅପୂର୍ଣ୍ଣ ହୋଇଚି ମୋର ନାରୀ-ବିଦ୍ୱେଷୀ ହୋଇ । ମୋ ଭିତରୁ, ମୋ ବୁଭୁକ୍ଷୁ ଅନ୍ତରାତ୍ମା ଯେପରିକି ଚିତ୍କାର କରି ଉଠିଲା, 'ମୋର ନାରୀ ମାଂସ ଆବଶ୍ୟକ, ନାରୀ ମାଂସ···'

ସନ୍ନ୍ୟାସୀର ଦର୍ପଣ ଦେଖିବା ମନା । ପ୍ରଥମ ଥର ପାଇଁ ସେଇ ନିଷେଧ-ନିୟମ ଭାଙ୍ଗି ନିଜର ପ୍ରତିବିମ୍ବକୁ ନିରୀକ୍ଷଣ କରିଥିଲି ସାବୀନା ! ବାସ୍ତବିକ, ନାରୀକୁ ଆକର୍ଷଣ କରିବାର ରୂପ ମୋର ନାହିଁ । ମୁଁ ବିଶ୍ରୀ, କୁତ୍ସିତ, ଅସୁନ୍ଦର ! ଠିକ୍ କହୁଚି ଭେଲେଣ୍ଟାଇନ୍ । କୌଣସି ନାରୀ ମୋତେ ଭୁଲ୍‌ରେ ବି ଗ୍ରହିବନି, ଭଲ ପାଇବା କଥା ଚିନ୍ତା କରି ପାରିବନି, ଯଦି କୌଣସି ତରୁଣୀକୁ ମୁଁ କେବେ ପ୍ରେମ-ନିବେଦନ କରି ଆଆନ୍ତି ପ୍ରତ୍ୟାଖ୍ୟାତ ହୋଇ ଆଆନ୍ତି ନିଶ୍ଚୟ । ଠିକ୍ କହୁଚି ଭେଲେଣ୍ଟାଇନ୍ ; ମୋର ବ୍ରହ୍ମଚର୍ଯ୍ୟ ରହିବାରେ ଗୌରବ କୋଉଠି ? ମୁଁ ଚାହିଁ ନ ଥିଲେ ବି ମୋତେ ବାଧ୍ୟ ହୋଇ 'ବ୍ରହ୍ମଚାରୀ' ହେବାକୁ ପଡ଼ି ଆଆନ୍ତା ଯେହେତୁକି ମୁଁ ଯେ କୌଣସି ନାରୀର ଅବାଂଛିତ ।

ମୋର ମନେ ହେଲା, ପୃଥିବୀକୁ ଆସି ମଧ୍ୟ ନିଜ ଆଖିରେ ଦେଖି ନ ଥିବା ଏକ ଅପାର୍ଥିବ ନିରାକାରର ପୂଜା-ଉପାସନା ନେଇ ଏତେ ଦିନ ଧରି ରହୁଚି ମୁଁ ; ପାର୍ଥିବ ସବୁ କିଛି ଦୃଶ୍ୟମାନ ସତ୍ୟକୁ ଚରମ ଅବହେଳା କରି ନିଜକୁହିଁ ନିଜେ ବଞ୍ଚିତ କରିଚି ସିନା ! କ'ଣ ଲାଭ ହୋଇଚି ମୋର ଏଇ ଆତ୍ମ-ପ୍ରତାରଣା ଫଳରେ ? କିଛି ତ ମୁଁ ପାଇନାହିଁ, ସବୁକିଛିକୁ ବରଂ ହରାଇ ବସିଚି, ଜୀବନର ସବୁ କିଛି ଉପଭୋଗ୍ୟକୁ । ଜୀବନ ସାୟାହ୍ନରେ ପହଞ୍ଚିବା ପରେ ଭେଲେଣ୍ଟାଇନ୍ ମୋତେ ମନେ ପକାଇ ଦେଇଚି ! ଫାଦର ଲିଓନାର୍ଡ, ତମେ ହାରି ଯାଇଚ, ତମେ ପରାସ୍ତ, ତମେ ବିପର୍ଯ୍ୟସ୍ତ । ନିଜେ ସେ କଥା ତମେ ଅସ୍ୱୀକାର କଲେ ବି ମୁଁ ଦେଖୁଚି ଆଉ ଦୁନିଆଁକୁ ଦେଖାଉଚି, ପରାଜୟର ଚିହ୍ନ ତ ତମର ସର୍ବାଙ୍ଗରେ !

ମୋର ମନେ ହେଲା ସାବିନା, ସାରା ଜୀବନଟା ମୋର ବ୍ୟର୍ଥ, ବେକାର୍ ଆଉ ନିଷ୍ଫଳ ଯଦି ମୁଁ ଗୋଟିଏ ତରୁଣୀର ଦେହକୁ, ଯେ କୌଣସି ପ୍ରକାରେ, ଉପଭୋଗ କରି ନ ପାରିଲି । କ୍ଷିପ୍ତ ପ୍ରାୟ ହୋଇ ଉଠିଲି, ଉନ୍ମତ୍ତ ହୋଇ ଉଠିଲି ମୁଁ ଆଜନ୍ମ ବ୍ରହ୍ମଚର୍ଯ୍ୟ ସନ୍ନ୍ୟାସୀ ଲିଓନାର୍ଡ !!

ଇଟାଲୀର ସେଇ ଚର୍ଚ୍ଚରେ ଯୋଉଠି ଶୈଶବ ଓ କୈଶୋର ମୋର କଟିଛି, ଧର୍ମ ପୁସ୍ତକ ଛଡ଼ା ଆଉ କିଛି ପଢିବାର ଅନୁମତି ନଥିଲା ସେଠି । ଅଥଚ କୌଣସି ପ୍ରକାରେ ମୋ ହାତକୁ ଚାଲି ଆସିଥିଲା ମୋପାଁସାର ଏକ ଗଳ୍ପ-ସଂଗ୍ରହ । ହୁଏତ ବାହାରୁ ଆସିଥିବା କେହି ଛାଡ଼ି ଯାଇଥିଲେ ଭୁଲରେ ।

ପ୍ରଥମ ଗଳ୍ପଟି ପଢ଼ି ବସିଲି ନିରୋଳାରେ । ଜଣେ ଜଜ୍ ଅନେକ ହତ୍ୟା ମକଦ୍ଦମାର ବିଚାର କରିବା ପରେ ହଠାତ୍ ତାଙ୍କ ମନରେ ଏକ ଭାବାନ୍ତର ଆସିଚି —ହତ୍ୟା କରିବାରେ ଏତେ ବିପଦ, ଏତେ ରିସ୍କ୍, ଏତେ ଅସୁବିଧା, ଧରାପଡ଼ିଲେ ଫାଶୀ, ଦ୍ୱୀପାନ୍ତର କିମ୍ବା କଠିନ କାରାଦଣ୍ଡ ! ଏ ସବୁ ଜାଣି ମଧ୍ୟ ମଣିଷ ହତ୍ୟା କରେ କାହିଁକି ?

ତାଙ୍କର ମନେ ହେଲା, ଏହା ଭିତରେ କିଛି ଗୋଟାଏ ରହସ୍ୟ ଅଛି । ନିଶ୍ଚୟ ଏକ ବିଚିତ୍ର ଧରଣର ଆମୋଦ ବା ଆନନ୍ଦ ଅଛି ଏଥିରେ । ଭାରି ଇଚ୍ଛା ହେଲା ତାଙ୍କର, ନିଜେ ଥରେ ପରୀକ୍ଷା କରି ଦେଖନ୍ତେ ! ନିଜେ ଏକ୍ସପେରିମେଣ୍ଟ୍ କରି ସେଇ ରହସ୍ୟ ଜାଣିବା ପାଇଁ, ଅନ୍ତତଃ ଗୋଟିଏ ମାତ୍ର ନରହତ୍ୟା କରିବାକୁ ପାଗଳ-ପ୍ରାୟ ହୋଇ ଉଠିଲେ ଆଉ ସୁଯୋଗ ଖୋଜି ବୁଲିଲେ ସେ ।

ଶେଷରେ ଦିନେ ନିର୍ଜ୍ଜନ ସନ୍ଧ୍ୟାରେ ଏକ ପ୍ରାନ୍ତରରେ ବୁଲୁଥିବା-ବେଳେ, ଏକୁଟିଆ କୁଆଡ଼େ ଯାଉଥିବା ଛୋଟ ପିଲାଟିକୁ ଦେଖି ପାଖକୁ ଡାକିଥିଲେ ; ଆଉ ଆଦର କରିବା ବାହାନାରେ ଗଳା ଚିପି ଧରିଲେ

ଜୋର୍‌ରେ, ଖୁବ୍ ଜୋର୍‌ରେ ! ଲେଟି ପଡ଼ିଲା ଗ୍ରେଟ ସେଇ ଅଚୈତନ୍ୟ ଦେହଟି ଚକ୍କାର କରି ପାରିବା ପୂର୍ବରୁ ! ଏ କି ଆନନ୍ଦ ! ଅବ୍ୟକ୍ତ ! ଭାଷାରେ ଯାହା ପ୍ରକାଶ କରି ହେବନି !! ପ୍ରବୀଣ ବିସ୍ମରକ ଆତ୍ମହରା ହୋଇ ଉଠିଲେ ସେହି ଅନୁଭୂତିର ଉତ୍ତେଜନାରେ !···

ସେତିକବେଳେ ପ୍ରଚଣ୍ଡ ଚପେଟାଘାତ । ବହୁଟା ପଡ଼ିଲି ଦୂରରେ ଆଉ ମୁଁ ଗାଲରେ ହାତ ଦେଇ ଚାହିଁ ଦେଖେ ତ, ମୋ ଆଗରେ ମହାତ୍ମା ସେଣ୍ଟ ମାର୍କୋଭିଚ୍ ! ଲିଓନାର୍ଡ, ନିଷିଦ୍ଧ ବହି ପଢିବାର ଦଣ୍ଡ ସ୍ୱରୂପ ଆଜି ସାରା ରାତି ତମକୁ ଅନାହାରରେ ରହିବାକୁ ପଡ଼ିବ !

ସାବୀନା, ସାରା ରାତିଟା ଘୋର ବୁଭୁକ୍ଷାର ଯନ୍ତ୍ରଣା ମୋତେ ଦେଇଥିଲେ ସେଣ୍ଟ, ତା' ଠାରୁ ବି ଅଧିକ ବୁଭୁକ୍ଷା ମୋତେ ଜୀବନ ବ୍ୟାପୀ ଦେଇଛନ୍ତି ବ୍ରହ୍ମଚର୍ଯ୍ୟ କରାଇ ଏଇଆ ମୋର ମନେ ହେଲା ଭେଲେଣ୍ଟାଇନର କଥା ଗୁଡ଼ିକ ମନେ ମନେ ଅନୁଶୀଳନ କରିବା ପରେ । 'ନାରୀ-ଦେହ' ସନ୍ନ୍ୟାସୀ ପକ୍ଷରେ ନିଷିଦ୍ଧ ବସ୍ତୁ ବୋଲି ଶିଖାଇଥିଲେ ସେହି ସେଣ୍ଟ୍ । ମନେହେଲା ଘୋର ଅନ୍ୟାୟ ସେ କରିଛନ୍ତି ମୋ ପ୍ରତି । କେବଳ ସେଇ ରାତିଟି ନୁହେ, ବର୍ଷ ବର୍ଷ ଧରି ମୋ କୈଶୋର, ଯୌବନ ଆଉ ପରିଣତ ବୟସର ଅନେକ ଅସଂଖ୍ୟ ରାତି ମୁଁ ବୁଭୁକ୍ଷୁ ହୋଇ ରହିଚି ତାଙ୍କର ଅନ୍ୟାୟ ଆଦେଶରେ । ଚୀର କୌମାର୍ଯ୍ୟ ବ୍ରତର ଦୀକ୍ଷା ଦେଇ ସେ ମୋତେ ଧ୍ୱଂସ କରିଛନ୍ତି । ପ୍ରତ୍ୟେକଟି ରାତି ମୋର ନିଃସଙ୍ଗ-ଶଯ୍ୟା ଉପରେ ଏକପ୍ରକାର 'ଅନାହାର-ଅନଶନ'ରେ ହିଁ ବିତିଛି ସେହି ଡେଭିଲ୍ ସେଣ୍ଟ୍ ପାଲ୍ ପାଇଁ !···

ଉନ୍ମାଦ ପ୍ରାପ୍ତ ହୋଇ ଉଠିଲି ମୁଁ ସାବୀନା, ସେଇ ମୋପାସାଁଙ୍କ ଗଳ୍ପର ବିସ୍ମରକ ପରି । ଭାବିବାକୁ ଲାଗିଲି ଅହର୍ନିଶି ସବୁବେଳେ । ହିଂସ୍ର ମହାବଳ ପରି ଉନ୍ମତ୍ତ ହୋଇ ଉଠିଲି ନାରୀ-ମାଂସ ଆସ୍ୱାଦନ

ପାଇଁ ! ଯେଉଁଦିନ ଠାରୁ ଏହି ପାପ-ଚନ୍ଦ୍ରାର ସଇତାନ ଦ୍ୱାରା ମୁଁ haunted ହେଲି, ସେଇ ଦିନ ଠାରୁ ଅନ୍ୟ ମଣିଷରେ ପରିଣତ ହୋଇଗଲି । ହିତାହିତ ଜ୍ଞାନ, ବୁଦ୍ଧି-ବୃତ୍ତି, ସବୁ କିଛି ବିଲୋପ ହୋଇ ଗଲା ! ପଶୁ, ହଁ ଏକ ପଶୁରେ ପରିଣତ ହେଲା ସେ'ଣ୍ଟ ଲିଓନାର୍ଡ ! ଆଉ ଶୁଣ ସାବୀନା, ଧୈର୍ଯ୍ୟ ଧରି ଶୁଣ । ସନ୍ନ୍ୟାସୀର ନୁହେଁ, ଏକ ପାପାତ୍ମାର ସ୍ୱୀକାରୋକ୍ତି । ସାବୀନା, ମୋର ଲୁବ୍ଧ ବୁଭୁକ୍ଷୁ ସନ୍ଧାନୀ-ଦୃଷ୍ଟି ପଡ଼ିଲା ତୁମର ଉପରେ, ତୁମର ଅଚୁମ୍ବିତ ଅନାଘ୍ରାତ, ଅନାବିଷ୍କୃତ ଉଦ୍‌ଭିନ୍ନ ଯୌବନ, ସୁଠାମ ସୁନ୍ଦର ନିତମ୍ବ ଆଉ···ଆଉ···ବିପୁଳ ବକ୍ଷୋଜ···

ଫାଦର ! ଲିଓନାର୍ଡଙ୍କ ହଠାତ୍ ଜ୍ୱଳନ୍ତ ଆଖି ଦ'ଟାକୁ ଅନେଇ ଚିତ୍କାର କରି ଉଠିଲା ସାବୀନା ।

ଠିକ୍ ଏଇ ଭଳି ସେଦିନ ବି ଝଡ଼, ବର୍ଷା । ରାତି ବାରଟା । ମୁଁ ଶୋଇ ପାରୁ ନ ଥିଲି । ନିଦ ଆସୁଥିଲାନି ଆଖିକୁ ମୋର । ଭାବିଲି ହସ୍‌ପିଟାଲ୍ ଭିଜିଟ୍ କରି ଆସେ । ସେଠି ରୋଗୀମାନେ ଠିକ୍‌ଭାବେ ଆଟେଣ୍ଡ୍ କରି ହେଉଛନ୍ତି କି ନା, ତା' ବି ଦେଖିବା ତ ମୋର କର୍ତ୍ତବ୍ୟ । ଅଥଚ ଏଥିରେ ମୁଁ ବହୁଦିନ ଧରି ତ୍ରୁଟି କରି ଆସିଛି ।

ବର୍ଷାତି ପିନ୍ଧି ଟର୍ଚ୍ଚ ଧରି ଚାଲିଗଲି । ତଳ ମହଲା ବୁଲି ଦେଖିଲି, ସମସ୍ତେ କର୍ତ୍ତବ୍ୟରତ । ଉଠିଲି ଉପର ମହଲାକୁ । ସର୍ଜିକାଲ୍ ଓ୍ୱାର୍ଡ । ସେଠାରେ ପାହାଚ ପାଖ ବାରଣ୍ଡାରେ ପହଞ୍ଚି ଦେଖେ ତ ରେଷ୍ଟ ରୁମ୍ ଭିତରେ ତମେ । ବିଛଣାରେ ଶୋଇ ପଡ଼ିଛ । କ୍ଳାନ୍ତ ହୋଇ ପଡ଼ିଥିଲ ବୋଧହୁଏ ଖୁବ୍ ପରିଶ୍ରମ କରି । ବାହାର ଆଡ଼ର ଅଧା ଖୋଲା ଝରକା ଦେଇ ହୁ ହୁ ହାଓ୍ୱା ପଶି ଆସୁଛି ଭିତରକୁ । ବିସ୍ରସ୍ତ ଅଙ୍ଗ-ବାସ ! ପ୍ରାୟ ଅର୍ଦ୍ଧ ନଗ୍ନ ତମର ସେଇ ଦେହ ଦେଖି ମୁଁ ପାଗଳ ହୋଇଗଲି । I went mad

Sabina...ମୁଁ ହିଂସ୍ର ହୋଇ ଉଠିଲି ! ଏଇ ସୁଯୋଗ ଭଗବାନ ମୋତେ ଦେଇଛନ୍ତି ! ନାରୀ-ଦେହ ଆସ୍ୱାଦନ କରିବି ମୁଁ ।

କିନ୍ତୁ କୌଣସି ନାରୀ ଯେ ମୋ ଭଳି କୁତ୍ସିତ ପୁରୁଷକୁ ଦେହ ଦେଇ ନ ପାରେ !

ତେବେ ?

ଅଛି, ଅଛି...ଉପାୟ ଅଛି ସେଥିପାଇଁ ।

ସାବିନା ଯଦି ସଜ୍ଞାନରେ ମୋତେ ଦେହ-ଦାନ କରି ନ ପାରେ, ଅଜ୍ଞାନଇ ହୋଇ ରହୁ ! ହଁ, ମୁଁ ତାକୁ ଅଜ୍ଞାନ କରି ରଖିବି !

ଧାଇଁ ଗଲି ମେଡ଼ିସିନ୍ ରୁମ୍ ଆଡ଼କୁ । ତଳ ମହଲାରେ ତ ସବୁ ଡକ୍‌ଟରମାନଙ୍କର ରେଷ୍ଟରୁମ୍ । ଆଟେଣ୍ଡେଣ୍ଟ ଆଉ ଅନ୍ୟାନ୍ୟ ମାନେ ବି ଓ୍ୱାର୍ଡ ଭିତରେ । ମେଡ଼ିସିନ ରୁମ୍‌ରେ ଯାଇ ଦେଖେ, କ ାଉଣ୍ଡର ବସି ଢୋଳଉଚି । ମୋତେ ଦେଖି ଅବଶ୍ୟ ଉଠି ପଡ଼ିଲା । ପଚାରିଲି, ଓ୍ୱାର୍ଡରେ ସମସ୍ତେ ଅଛନ୍ତି ।

ହଁ । ସମସ୍ତେ ଡ୍ୟୁଟିରେ ଅଛନ୍ତି ଫାଦର ।

ଆଚ୍ଛା, ତମେ ନିଜେ ଯାଇ ଦେଖି ଆସତ କିଏ କିଏ ଅଛନ୍ତି ।

କମ୍ପାଉଣ୍ଡର ଚାଲି ଯାଉଥିଲା ପ୍ରଥମେ ପାହାଚ ପାଖ ରେଷ୍ଟରୁମ୍ ଆଡ଼କୁ—ଉଦ୍ଦେଶ୍ୟ, ତମକୁ ଉଠାଇବା । ତାକୁ ପଛରୁ ଡାକି କହିଲି, ମୁଁ ତମକୁ ଓ୍ୱାର୍ଡକୁ ଯିବାପାଇଁ କହୁଚି, ରେଷ୍ଟରୁମ୍‌କୁ ନୁହେଁ ।

ସେ ଓ୍ୱାର୍ଡ ଆଡ଼କୁ ଗଲା । ଆଉ ମୁଁ ସେଇ ସମୟ ଭିତରେ ଗ୍ଲୁଷ୍ଟ ଗୋଟିଏ ଶିଶିରେ କ୍ଲୋରୋଫର୍ମ ଢ଼ାଳି ରଖି ନେଲି । କମ୍ପାଉଣ୍ଡର ଫେରି ଆସିଲା ଖବର ନେଇ । ତାକୁ ପଚାରିଲି, ସାବିନା ଯେ ଶୋଇ ପଡ଼ିଚି ଦେଖିଲ ; ଖୁବ୍ ବେଶୀ ପରିଶ୍ରମ ହେଉଚି ବୋଧହୁଏ ଆଜି ତା'ର ?

ଆଜ୍ଞା ହଁ । ଅନ୍ୟ ନନ୍ ଜଣକର କ'ଣ ଦେହ ଖରାପ ହେବାରୁ ଡାକ୍ତରଙ୍କୁ ଏକୁଟିଆ ଆଜି ଖୁବ୍ ଖଟଣି ପଡୁଚି ।

ଆଚ୍ଛା, ସେ ଶୁଅନ୍ତୁ । ତାଙ୍କୁ ଡକାଡକି କରିବାର ନାହାଁତି ଦରକାର ନ ପଡ଼ିଲେ ।

ଚାଲି ଆସିଲି ମୁଁ ରେଷ୍ଟରୁମ୍‌କୁ, ସାବୀନା । ଖୁବ୍ ଆସ୍ତେ କବାଟ ଆଉଜାଇ ଦେଲି । ବନ୍ଦ କରିଦେଲି ଭିତର ଆଡୁ । ଝରକା ବି ବନ୍ଦ କଲି । ଯେ ଦେଖିବ, ଭାବିବ, ତମେ ଭିତରୁ କବାଟ ବନ୍ଦ କରି ଶୋଇ ପଡ଼ିଚ ।

କମ୍ପାଉଣ୍ଡରକୁ ବି ବାରଣ କରି ଦେଇ ଆସିଚି ତମକୁ ଯେପରି ଡକାଡ଼କି ନ କରାଯାଏ । ଆଉ କିଛି ଭୟ ନ ଥିଲା । କ୍ଲୋରୋଫର୍ମ ଶିଶି ଖୋଲି ନାକ ପାଖରେ ଧରିଲି ତମର ; ଆଉ···

ଫାଦର ! ତମେ, ତମେହିଁ ତେବେ··· !! ଗର୍ଜି ଉଠିଲା ସାବୀନା । ନୀଚ, ଜଘନ୍ୟ, ଇତର ତମେ ଲିଓନାର୍ଡ !

କିନ୍ତୁ, ତା'ର ବ୍ୟବସ୍ଥା ବି ମୁଁ କରୁଚି ସାବୀନା । ବ୍ୟସ୍ତ ହଉଚ କାହିଁକି ?

କ'ଣ ବ୍ୟବସ୍ଥା···

ଆଃ, କାହିଁକି ପାଟି କରୁଚ ? ଏଇ ଦେଖ, ଏଇ କେତୋଟି ଟ୍ୟାବ୍‌ଲେଟ୍···ଏତିକି ଯଥେଷ୍ଟ ହେବ···

ତା'ମାନେ ? ତମେ ମୋତେ ଭ୍ରୂଣ-ହତ୍ୟା କରିବାକୁ କହୁଚ ? ଛିଃ ! ସେଇ ଲିଓନାର୍ଡ ତମେ ଯେ ଆମକୁ···ଛିଃ, ତମେ ଏଭଳି ପାପକଥା ମୁହଁରେ ଧରି ପାରୁଚ କିପରି ?

କେହି ଜାଣିବେନି । କେହି ଏକଥା ଜାଣି ପାରିବେନି ସାବୀନା । ଆମର ଅବାଂଛିତ ସନ୍ତାନ ସେଇ ଅନ୍ଧକାର କୁକ୍ଷି ଭିତରେ ମିଳେଇ ଯିବ କୁଆଡ଼େ···

କେହି ଜାଣି ପାରିବେନି ? ଲିଓନାର୍ଡ, ତମେ ପରା କହୁଥିଲ

ଅରେ, 'କେହି ଜାଣି ନ ପାରିଲେ ବି ଜଣେ ତ ଆମର ସବୁ କିଛି କାର୍ଯ୍ୟ-କଳାପ ଜାଣିଛନ୍ତି ! ସେ ସର୍ବ-ବ୍ୟାପୀ, ସେ ଅନ୍ତର୍ଯ୍ୟାମୀ । ସବୁବେଳେ ସବୁଠାରେ ରହିଛନ୍ତି ଭଗବାନ !'

ଛାଡ଼ ସେ ସବୁ ବାଜେ କଥା । ଅନ୍ତତଃ ମୋତେ ଈଶ୍ୱର-ତତ୍ତ୍ୱ ଶିଖାଇବାକୁ ଆସନା । ସ୍ୱୟଂ ଯୀଶୁ-ଖ୍ରୀଷ୍ଟ କହିଛନ୍ତି, 'କେବଳ ଈଶ୍ୱରଙ୍କ ଛଡ଼ା ଅନ୍ୟ କେହି ସନ୍ଥ ନୁହେଁ ।' ମୋତେ କାହିଁକି ସେଇ ନିୟମରୁ ବହିର୍ଭୂତ ମନେ କରୁଚ ?

କାହିଁକି ତେବେ ଜଣକ ପରେ ଜଣେ ସେଇସବୁ ଫାଦର ଆଉ ନନ୍...ଚାଲି ଗଲେ ସେମାନଙ୍କ ମିଶନରୁ...ସେମାନେ ବରଂ ପରସ୍ପରକୁ ଭଲ ପାଇ ଯାହା କିଛି କରି ଥିଲେ !! ତମ ଭଳି...

ସାବାନା, ସାମାନ୍ୟ ଜଣେ ନନ୍ ତମେ, ଫାଦର ଲିଓନାର୍ଡଙ୍କୁ ଶିକ୍ଷା ଦେବାକୁ ଆସନା । ମୁଁ ଯାହା କହୁଚି, କର । ନିଅ, ଖାଇଦିଅ ଏ ଟ୍ୟାବ୍‌ଲେଟ ।

ନେଭର । 'ଫାଦର' ନୁହେଁ, 'ତମେ ନରକର କୀଟ ।' ତମର ଏଇ ଅବୈଧ ସନ୍ତାନକୁ କେବେହେଲେ ନଷ୍ଟ ହେବାକୁ ଦେବିନି, କେବେହେଲେ ନୁହେଁ । ମୁଁ ତମକୁ ଏକ୍‌ସପୋଜ୍ କରିବି ଲିଓନାର୍ଡ, ଚିତ୍କାର କରି ଦୁନିଆଁକୁ କହିବି, ସମସ୍ତଙ୍କୁ ଡାକି ଡାକି କହିବି, ଦେଖ ସମସ୍ତେ...ସନ୍ନ୍ୟାସୀ ପରିଚ୍ଛଦ ଭିତରେ ଆତ୍ମ-ଗୋପନ କରିଥିବା ମନୁଷ୍ୟ-ରୂପୀ ପଶୁ, ଦୁଷ୍ଟ, ନଷ୍ଟ ଚରିତ୍ର, ଲିଓନାର୍ଡର ସ୍ୱରୂପ !

ସାବାନା, ତମେ ଭୁଲିଯାଅନି ଗୋଟାଏ ଅବୈଧ ସନ୍ତାନର ଯେ ବଞ୍ଚିବାର ଅଧିକାର ନାହିଁ ଏଇ ଦୁନିଆଁରେ । ତାକୁ...

ଭୁଲି ଯାଅନି, ତମେ ନିଜେ ମଧ୍ୟ ଏକ ଅବୈଧ-ସନ୍ତାନ । ତମର ପିତାର ପରିଚୟ ନାହିଁ କି ମାତାର ପରିଚୟ ବି ନାହିଁ । ଆଉ ଏଇ

ସନ୍ତାନର ମାଆ ମୁଁ, ସମସ୍ତଙ୍କ ଆଗରେ ଏହାର ପିତୃ-ପରିଚୟ ଦେଇ ତମକୁ...

କେହି ବିଶ୍ୱାସ କରିବେନି, କେହି ତୁମ କଥା ଶୁଣିବେନି। ଅସ୍ୱୀକାର କରିବି ମୁଁ ; ଆଉ ଦେଖିବ ତମେ, ମୋତେଇ ବିଶ୍ୱାସ କରିବେ ସମସ୍ତେ। 'ସନ୍ଥ ଲିଓନାର୍ଡ', କେତେ ତା'ର ସୁନାମ... କଠୋର ବ୍ରହ୍ମଚାରୀ ବୋଲି କେତେ ତା'ର ସୁଖ୍ୟାତି। ଲୋକେ କହନ୍ତି, ଯୀଶୁ-ଖ୍ରୀଷ୍ଟଙ୍କର ଅବତାର ସେ ! ତା'ର ଚରିତ୍ରରେ କଳଙ୍କ ଆରୋପ କରିବାକୁ ଯେ ଚେଷ୍ଟା କରିବ, ଲୋକେ ତାକୁ 'ପାଗଳ' ଭାବିବେ। ତା' ଅପେକ୍ଷା...ମୋ କଥା ମାନ...

ବିଜ୍ଞାନ ଆଜି ଅନେକ ଉନ୍ନତ। ତମେ ଭଲ ଭାବେ ଜାଣ, ମେଡ଼ିକାଲ୍ ଟେଷ୍ଟଦ୍ୱାରା ଅତି ସହଜରେ ମୁଁ ପ୍ରମାଣ କରାଇ ପାରିବି ଏଇ ସନ୍ତାନର ପିତୃ-ପରିଚୟ। ସେଥିପାଇଁ ତମର ଏତେ ଭୟ। ନଚେତ୍ ଭ୍ରୂଣ-ହତ୍ୟା କରିବାକୁ ମୋତେ ଜୋର୍ କରନ୍ତ ନାହିଁ। ନିଜେ ସାଧୁ ସାଜି ଗର୍ଭବତୀ ଏଇ ନନ୍‌ଟିକୁ ବହିଷ୍କାର କରି ଦଅନ୍ତ ଚର୍ଚ୍ଚରୁ। କାପୁରୁଷ ତମେ ଲିଓନାର୍ଡ ; ନିର୍ବୋଧ ତମେ।

ବିଜ୍ଞାନ ଯେ କେତେ ଉନ୍ନତ ତା' ସାବିନା ବି ଜାଣେ, ତେଣୁ ଏତେ ସହଜରେ ତମକୁ ଛାଡ଼ୁନି !

କ'ଣ ଭାବୁଛ ? ଖସି ଯିବାର କୌଣସି ଉପାୟ ଆଉ ନାହିଁ ! ଭାବୁଛ କଣ ଲିଓନାର୍ଡ ? ବାହା ହେଇ ପାରିବ ମୋତେ ?

ବିବାହ ! କ'ଣ ଯେ ତମେ କହୁଚ ? ତା' କିପରି ସମ୍ଭବ ହେଇ ପାରେ !

ନା, ସେଇଟା ସମ୍ଭବ ନୁହେଁ ! ସନ୍ନ୍ୟାସୀ ତମେ ! ବିବାହ କରି ପାରନ୍ତ କିପରି ? କିନ୍ତୁ 'ରେପ୍' କରି ପାରିବ ; ରେପ୍ କରିବାରେ ସନ୍ନ୍ୟାସୀ ପାଇଁ କିଛି ବାଧା ନାହିଁ ; ନୁହେଁ ?

ସାବିନା, ତମେ ମୋତେ ବ୍ଲାକ୍‌ମେଲ କରୁଚ !

ବ୍ଲାକ୍‌ମେଲ୍ କରିବାର ଇଚ୍ଛା ଥିଲେ ମୁଁ ନିଜେ ତମକୁ ପ୍ରଲୁବ୍ଧ କରିବାକୁ ଚେଷ୍ଟା କରି ଆଆନ୍ତି ।

ତମେ ଯେତ ଅର୍ଥ ଚାହଁ, ଦେବାକୁ ମୁଁ ରାଜି ଅଛି । କୁହ କେତେ ତମର…

କିନ୍ତୁ ଆଣିବ କେଉଁଠୁ ଶୁଣେ । ମିଶନ୍‌ର କ୍ୟାସ-ବାକ୍‌ସ ଭାଙ୍ଗିବ ନା ହିସାବ ଗୋଳମାଳ କରିବ ? ସେଇ ଦୋଷକୁ ପୁଣି ଆଉ କାହା ମୁଣ୍ଡରେ ଚାପିବ ଠିକ୍ କରି ସାରିଲଣି ତ ? ଗୋଟାଏ ପାପକୁ ଢାଙ୍କିବା ପାଇଁ ପାପ ପରେ ପାପ କରି ଚାଲିବ ଲିଓନାର୍ଡ ! କିନ୍ତୁ ଈଶ୍ୱରଙ୍କ ପାଖରେ କ'ଣ କୈଫିୟତ୍ତ ଦେବ, ଭାବିଛ କି ? ଚୁପ୍ ରହିଲ କାହିଁକି ; କୁହ ଉତ୍ତର ଦିଅ ।

ଏତେ ଜୋର୍‌ରେ ଚିତ୍କାର କରି ନାହିଁ କହୁଚି । ତମେ ବୁଝୁନ କାହିଁକି, ମୁଁ ତମର ଆଉ ମୋର…ଉଭୟଙ୍କ ଭଲ ପାଇଁ…

ଭଲ ପାଇଁ ?

ଆଃ ! ଖାଇଦିଅ ଏ ଟେବ୍‌ଲେଟ୍ । ବିଶ୍ୱାସ କର ମୋତେ ; କିଛି କଷ୍ଟ ହେବନି । ସବୁ ଠିକ୍ ହୋଇଯିବ । ମୋର ମାନ-ମର୍ଯ୍ୟାଦା ରହିବ ; ତମର ବି । ଏ ସବୁ କଥା ଅନ୍ୟ କେହି ଜାଣିଲେ ତମରି ସମ୍ମାନ ତ ଯିଅମେ...

ମୁଁ ଟ୍ୟାବ୍‌ଲେଟ୍ ଖାଇବନି ଲିଓନାର୍ଡ । କୃତ-କର୍ମର ଫଳ ତମକୁହିଁ ଭୋଗ କରିବାକୁ ପଡ଼ିବ ; ମୋତେ ନୁହେଁ ।

ନିଶ୍ଚୟ ଖାଇବ ତମେ, You will have to…

ଛାଡ଼…ଆରେ ଏ କ'ଣ…ଛାଡ଼ ମୋ ହାତ, ଛାଡ଼ିଦିଅ ମୋତେ…

ନୋ, ଆଇ ଓଣ୍ଟ ·ଲିଭ୍ ୟୁ…ଦେଖିବି ତମେ କମିତି ନ ଖାଇବ… ! Mischivious tart ! You will have to swallow it…

ଅସଭ୍ୟ, ଜାନୁଆର··· ! ଗୁଡ଼ ମୋତେ କହୁଚ । ଏ କଣ, ମୋତେ ଜୋର୍ କର···

ୟୁ ବ'ଚ୍, ଖାଇଦଅ କହୁଚ···

ଆଃ···ଆଃ···ଆରେ···

ଜୋର୍ କରି ଗିଳେଇବ···ଦେଖିବି କେତେ ତମରି···

ନୋ, ନେଭର୍···ୟୁ କାଣ୍ଟ୍ ! ଆଃ···ଆଃ ଗୁଡ଼ଦଅ ନଚେତ୍ ମୁଁ ପାଟି କରି ଡାକ ପକେଇବି ଲିଓନାର୍ଡ୍···

ପାଟି କରିବାକୁ ଚେଷ୍ଟା କଲେଇ ମୁଁ ତମ ଗଲା ଚିପି ଦେବି ସାବୀନା । ଆଁ କରି କହୁଚ । କରି······

ଆଁ ଃ···ଆଁ ଃ···କିଏ କୋଉଠି ଅଛ ଧାଇଁ ଆସ, ଧାଇଁ ଆସ । ମୋତେ ଏ······

ଚିତ୍କାର କରନାହିଁ । ସଇତାନ ସବାର୍ ହେଇଚ ମୋତେ, ମୁଁ ତମକୁ ଖୁନ୍ କରିଦେବି ଏଇନେ······

ବଞ୍ଚାଅ, ମୋତେ ବଞ୍ଚାଅ, ଫାଦର ଲିଓନାର୍ଡ୍ ମୋର ଗଲା ଚିପି ମାରି···ଆଁ ଃ···ଆଁ ଃ ଆଁ ଃ···

ଚୁ'ପ୍, ଚୁ'ପ୍ କର ସାବୀନା ; ଚୁପ୍ କର, ଚୁ'ପ୍······

ଶୋଇଛନ୍ତି ସ୍ୱାମୀ ସ୍ତ୍ରୀ, ସଜନସ୍ ଓ ଫ୍ଲ୍ୟୁ ମଣ୍ଡ୍ ।

ବିବାହ ପର ଠାରୁ ସଜନସ୍ କ୍ୱାଟର ଗୁଡ଼ି ଦେଇଚ । ପାହାଡ଼ ତଳର କ୍ୱାଟର ଘରୁ ସେ ଉଠି ଆସିଚ ପାହାଡ଼ ଉପରର କୁଟୀରକୁ । ଏଇ ବିବାହ ତାକୁ ସମାଜ ଓ ଲୋକାଚାରର ସଙ୍କୀର୍ଣ୍ଣ ସମତଳ ଗଣ୍ଡିରୁ ଅନେକ ଉର୍ଦ୍ଧ୍ୱକୁ ଉଠାଇ ଦେଇଚ ବୋଲି ନିଜେ ଅନ୍ତତଃ ମନେକରେ ସେ । ତଳେ ଥିଲା, ଉପରକୁ ଉଠିଚ । ସେଇ ଫ୍ଲ୍ୟୁ ମଣ୍ଡର

ଲୁଡ଼ଆ । ବିବାହ ପରେ ସେଇଠାହିଁ ସଜନୀର ଘର । ଅନ୍ତକା॰
ଆଉ କାମ କରେନା ଫୁଲ୍‌ମଣି । ସେ ଇଂଜିନ ଡ୍ରାଇଭର ସଜନୀର ସ୍ତ୍ରୀ ।

ପ୍ରଥମ ଚିତ୍କାରରେଇ ଚେଇଁ ଉଠିଥିଲା ସଜନୀ । କିଏ ପାଟି କରୁଚି ? ସେଇ ରେଷ୍ଟହାଉସ୍ ଆଡୁ ଶୁଭିଲା ନା ?

ପିଆପିଇ କରି ପାଟିଗୋଳ କରୁଥିବେ କେହି ସାହେବ-ସୁବା !

ନାଁ ନାଁ, ମୋର ସିମିତି ମନେ ହେଲା···

ଆଃ, ଦେହ ଭଲ ଲାଗୁନି କହୁଥିଲ ନା ସେତେବେଳେ, ଶୋଇପଡ଼ ଟିକଏ । ରେଷ୍ଟ ନିଅ ।

ଭାରି ସୁନ୍ଦର ହେଇଗଲାଣି ତୋ କଥା ଗୁଡ଼ା ଫୁଲ୍‌ମଣି !

ଆଉ ; ତମେ ତ ଶିଖେଇଚ ।

ସଜନୀକୁ ସେ ଟାଣିନିଏ କୋଳ ଭିତରକୁ । ସଜନୀ କହେ, 'ବି' ସିଫ୍‌ଟର ଗାଡ଼ି ନେବା ପାଇଁ ଟାଇମ ହେଇଗଲାଣି । ଶୋଇଲେ ତ ଶୋଇଯିବି······

ଟାଇମ୍ ହେଇନି । ମୁଁ ଠିକ୍ ଉଠେଇ ଦେବି । ଶୁଅ ।

ନା ; ନିଦ ଲାଗି ଗଲେ ଆଉ ଉଠି ହବନି ।

ନ ହେଲା ନ ଯିବ, କ'ଣ ଅଛି ? ଦେହ ଆଜି ଭଲ ନାହିଁ ତମର । ଗୋଟେ ଦିନ ନ ଗଲେ···

ବେଶ୍ ଭଲ ଅଛି ମୁଁ । ଖାଲି‌ଟାରେ 'ନାଗା' କରିବି କାହିଁକିରେ, କ'ଣ ଏ ବର୍ଷା-ରାତିରେ ତୋତେ ନେଇ ଶୋଇବା ପାଇଁ ?

ଫୁଲ୍‌ମଣିର କୋଳ ଭିତରେ ରସିକତାର ହସ ହସିଉଠେ ସଜନୀ ।

ଯାଃ, କିହି ହସିଦେଲା ଫୁଲ୍‌ମଣି, ଆଉ ସେତିକିବେଳେ···ପୁଣି ଶୁଭିଚି ରେଷ୍ଟ ହାଉସ୍ ଆଡ଼ୁ ଚିତ୍କାର ଓ ଅସଲଗ୍ନ ସଲାପ ଯାହା

ସଞ୍ଜୟ କାନରେ ବାଜିଲାକ୍ଷଣି ସେ ଉଠି ପଡ଼ିଲା ଫୁଲ୍‌ମଣିକୁ ଠେଲିଦେଇ ।

ନିଶ୍ଚୟ କୌଣସି ସ୍ତ୍ରୀ ଲୋକର ଗଳା ଏ । ଫୁଲ୍‌ମଣି, ଦେଲୁ ମୋ ଥ୍ରି-ସେଲ୍ ଟର୍ଚ୍ଚଟା । କହୁ କହୁ କାନ୍ଥରେ ଝୁଲୁଥିବା ଟାଙ୍ଗିଆଟା ଧରି ସାରିଚି ସଞ୍ଜୟ ।

ଖିଡ଼କୀ ଖୋଲି ବାହାରକୁ ଚାହିଁଲା ସେ ପ୍ରଥମେ, ଗେଷ୍ଟ ହାଉସ୍ ଆଡ଼କୁ । ଭିତରେ ଉଜ୍ଜ୍ୱଳ ଆଲୁଅ, ସେଣ୍ଟ୍ ଗ୍ଲାସ୍‌ର ବଡ଼ବଡ଼ ଝରକା, ଦୁଇଟି ଛାଇ···ଟଣା ଓଟରା ଚାଲିଚି । ଜଣେ ସ୍ତ୍ରୀ-ଲୋକ, ଆଉ ଅନ୍ୟଟି ନିଶ୍ଚୟ ପୁରୁଷ ! ବେଶ୍ ସେଡକ ।

ତା'ପରେ, ଫୁଲ୍‌ମଣି ମନା କରୁ କରୁ ଧାଇଁ ଚାଲି ସଞ୍ଜୟ । ଛୁଟିଗଲା ବାହାରକୁ ଝଡ଼ ବର୍ଷା ନ ମାନି ।

ଭୟରେ କବାଟ ବନ୍ଦ କରି ଦେଲା ଫୁଲ୍‌ମଣି । ମିଣିପିଟା ଆଉ ପୁଣି କାହାକୁ କଣ କରି ଆସିବ କେଜାଣି ? ମାରୁ କି ମରୁ ! ଆଉ ଏଟାକୁ ସୁଧାରି ହବନି, ଯାହାର ଯା' ସ୍ୱଭାବ ! ହ' ମୋଅର କ'ଣ ଅଛି !···

ସଞ୍ଜୟର ଯଦି ବାସ୍ତବିକ୍ କିଛି ହେଇ ବି ଯାଏ, ଆଉ କାହାରିଙ୍କ ସାଥୀ ହେଇ ପଡ଼ିବ ସେ । କଣ ଅଛି ସେଥିରେ । 'ଫୁଲ୍‌ମଣି' ମାନଙ୍କ ଜୀବନରେ ଏମିତି ବାହାଘର କେତେ ହେଇଥାଏ !···

ଖୋଲ, ଖୋଲ କହୁଚି । ନ ହେଲେ I will break it open !

କିଏ, କିଏ ତୁମେ ? କିଏ ଡାକୁଚ ବାହାରେ ?

ଭିତରେ ତମେ କିଏ ?

ମୁଁ…ମୁଁ ଫାଦା…ଫାଦାର୍ ଲିଓନାର୍ଡ…

ମୁଁ ଘୋର ଚିତ୍କାର ଶୁଣି ଧାଇଁ ଆସିଚି, ସେଇ ଗଲା କାଲୁ ସାବୀନାର !…

ତମେ କିଏ ? ସାବୀନା ତମର କିଏ ?

କବାଟ ଖୋଲ, ଚିହ୍ନ ପାରିବ ।

ଚାଲିଯାଅ । ସାବୀନା ଏଠି ନାହିଁ ।

ତାକୁ ମୁଁ ଖୋଜି ବାହାର କରିବି ଲିଓନାର୍ଡ । ଖୋଲିଦିଅ କବାଟ ।

ସାବୀନା ଏଠି ନାହିଁ, ତମେ ଫେରିଯାଅ ।

I say, Open the door…ନ ହେଲେ ମୁଁ ଧକ୍କା ମାରି ଭାଙ୍ଗି ଦେବି !

ଖୁବ୍ ଜୋର୍‌ରେ ଧକ୍କା ମାରିଲା ସେ । ଦେହରେ ତା'ର ଶତ ସିଂହର ବଳ ଆସିଚି ! କବାଟ ଫିଟିଲାନି ତଥାପି । ସମସ୍ତ ଶକ୍ତି ପ୍ରୟୋଗ କରି ପୁଣି ସେଥିରେ ପ୍ରଚଣ୍ଡ ଏକ ଆଘାତ ଦେଲା କ୍ରୋଧାନ୍ଧ ହଜାରୁ, ଆଉ ସେଇ ଆଘାତରେ ହୁକ୍ ଖସି ଯାଇ ଦଡ଼ାମ୍ କରି ଖୋଲିଗଲା ଦରଜା ।

ଝଡ଼ପରି ଭିତରକୁ ପଶି ଯାଇ ପୁଣି କବାଟ୍ ବନ୍ଦ କରି ନେଲା ସେ । ସେଇ ଆଡ଼କୁ ପିଠି କରି ଠିଆ ହେଲା । ବାଟ ଆଗୁଳି ଠିଆ ହେଲା ଲିଓନାର୍ଡର ମୁହାଁମୁହିଁ ।

ଲିଓନାର୍ଡ !

ହଜାରୁ, ତମେ !

ଲିଓନାର୍ଡ ଚାହିଁଲା ହଜାରୁ ମୁହଁକୁ ଥରେ ; ପୁଣି ଫେରି ଚାହିଁଲା ଭୂଲୁଣ୍ଠିତା ସାବୀନାର ବିବସ୍ତ୍ର-ପ୍ରାୟ ଶବ ଦେହ ଆଡ଼କୁ । ସେଇ ଦୃଷ୍ଟି ଅନୁସରଣ କରି ହଜାରୁ ବି ଅନାଇ ରହିଗଲା…ଉଦ୍‌ଭ୍ରାନ୍ତ-

ଯୌବନା ଦ୍ରୌପଦୀର ଦୁଃଶାସନ-ଲାଞ୍ଛିତ ବିବସନ ଦେହ ଅବା ମୂର୍ଚ୍ଛିତ ହୋଇ ଲୋଟି ପଡ଼ିଛୁ ତଳେ, ଛିନ୍ନ ଏକ ମାଳା ପରି ।

ସଜନୀ ନଇଁପଡ଼ି ତା' ନାକ ପାଖରେ ହାତ ରଖିଲା ।...

ମୁଁ କିନ୍ତୁ ତାକୁ ମାରିବାକୁ ଚାହିଁ ନ ଥିଲି । ବିଶ୍ୱାସ କର ସଜନୀ, ଖାଲି......

ତଥାପି ସେ ମରି ଯାଇଚି ଲିଓନାର୍ଡ଼......

ଶବ-ଦେହର ମୁହଁ ପାଖକୁ ମୁହଁ ନେଲା ସଜନୀ । ପ୍ରଗାଢ଼ ଏକ ଚୁମ୍ବନ ଆଙ୍କିଦେଲା ତା' କପୋଳରେ । ହଠାତ୍ ପୁଣି ଉଠି ଠିଆ ହୋଇଗଲା । ହତବାକ୍ ଲିଓନାର୍ଡ ସମ୍ବିତ୍ ଫେରି ପାଇଲା ଯେପରି । କହିଲା, ମୁଁ କିନ୍ତୁ ତାକୁ ମାରିନାହିଁ । ମୁଁ ଦାୟୀ ନୁହେଁ । ବାଟ ଛାଡ଼ ସଜନୀ, ମୁଁ ଯାଏ । ଏତିକି କହିବା ପରେ ଚମକି ଉଠେ ସଜନୀର ଆଖିରେ କ'ଣ ଯେମିତି ଦେଖି । ଆରେ, ମୋ ମୁହଁକୁ ଏମିତି ଅନେଇ ରହିଚ ଯେ ! ଭାରି ଭୟ ଲାଗୁଚି ମୋତେ ! ଏଁ ଏ କଣ ? ଟାଙ୍ଗିଆଟା ଉଠଉଚ କାହିଁକି ? ମୋତେ...ମୋତେ...

କୁଆଡ଼େ ଯିବ ସନ୍ଥ ଲିଓନାର୍ଡ଼ ? ଚର୍ଚ୍ଚକୁ ? ସେଠି ବାଇବେଲ୍ ଆବୃତ୍ତି କରି ତା'ର ଅର୍ଥ ବୁଝାଇବ ଜନତାଙ୍କୁ, ଈଶ୍ୱରଙ୍କ ଦୟା ସମସ୍ତଙ୍କୁ ବିତରଣ କରିବ ; ନୁହେଁ ?

ସଜନୀ, ମୋତେ ଛାଡ଼ିଦିଅ । ମୋର ଆଉ ସନ୍ଥ ହେବା ଦରକାର ନାହିଁ । ଏ ଦେଶରେ ରହିବା ବି ଅନାବଶ୍ୟକ ; ମୁଁ ମୋ ନିଜ ଦେଶକୁ ଫେରି ଯିବି । ମୋ ଭଳି ମହାପାପୀର ଚର୍ଚ୍ଚରେ ସ୍ଥାନ ନାହିଁ ।

ନା ; ସନ୍ନ୍ୟାସୀର ଉପଯୁକ୍ତ କାମଇ ତମେ କରିଚ ; ସ୍ୱର୍ଗକୁ ପଠେଇ ଦେଇଚ ଜନ୍ ସାହାନାକୁ ! ପାଗଳ ଭଳି ହସୁଚି ସଜନୀ । ସନ୍ନ୍ୟାସୀ, ତମର ସ୍ଥାନ ବି ସେଇଠି ; ସେଇଠିକି ଯାଅ ତମେ...

ସଜନୀ, କ୍ଷମା...କ୍ଷମା କର ମୋତେ !

ଅପରାଧ ତମର ଅକ୍ଷମଣୀୟ ଲିଓନାର୍ଡ । ଈଶ୍ୱର ତମକୁ କ୍ଷମା କରି ପାରନ୍ତି, ମୁଁ କିନ୍ତୁ ଛାଡ଼ିବିନି । ଯୋଗ-ଭ୍ରଷ୍ଟ ସନ୍ନ୍ୟାସୀ, ବ୍ୟର୍ଥ ହୋଇଛି ତମର ସନ୍ନ୍ୟାସ, ତମର ବ୍ରହ୍ମଚର୍ଯ୍ୟ, ତମର ତପସ୍ୟା, ତମର ସାଧନା, ତମର ସବୁକିଛି । ତମର ସ୍ଥାନ ଆଜି ନରକରେ, ଆଉ ମୁଁ ତମକୁ ସେଇଠିକି ପଠେଇ ଦେବି ।

ମୋତେ କ୍ଷମା କର । ଏଠୁ ଚାଲିଯିବାକୁ ଦିଅ । ଏଇ ଝଡ଼ ବର୍ଷାର ଅନ୍ଧାର ଭିତରେ ମୁଁ ପଳାଏ ସମାଜ ସଭ୍ୟତା ତଥା ଲୋକ-ଲୋଚନର ଅନ୍ତରାଳକୁ । ମୋତେ ଛାଡ଼ିଦିଅ ସଂଜୟ ତମର ଉପକାର ଆଉ ମହାନୁଭବତା ସବୁଦିନେ ମନେ ରହିବ ମୋର । ତମଠାରେ ଚିର-ଋଣୀ······

ସନ୍ନ୍ୟାସୀର ପୁଣି ପ୍ରାଣ ପ୍ରତି ଏତେ ମମତା ! ଲିଓନାର୍ଡ, ମୁକ୍ତି ଚାହଁ ତମେ ? ହୁଁଃ, ତମପ୍ରତି ମୋର ଦୟା ହୁଏ । ଈଶ୍ୱରଙ୍କର ଦୟା ଯେ ବିତରଣ କରୁଥିଲି, ସେ ଆଜି ମୋ ପାଖରେ ଭିକ୍ଷାର୍ଥି ! ଆଚ୍ଛା ଯାଅ, ମୁଁ ତମକୁ ମୁକ୍ତି ଦେଲି । ଯାଅ ଲିଓନାର୍ଡ···

ତମର ଉପକାର ମୁଁ ଭୁଲି ପାରିବିନି ସଂଜୟ । ଏଇ ଘଟଣାର ତମେଇ ଥିଲ ଏକମାତ୍ର ସାକ୍ଷୀ ।

ନାଁ, ଆଉରି ମଧ୍ୟ ଜଣେ, ଭଗବାନ, ଯେ କୌଣସି ଦିନ କାହାରି ପାଇଁ ସାକ୍ଷ୍ୟ ଦେବାକୁ ଅଦାଲତରେ ଠିଆ ହୁଅନ୍ତିନି ।

ସଂଜୟ···

ଏଠୁ ଖସି ଚାଲିଯିବ, ସେଠାରେ କିନ୍ତୁ କଣ କରିବ ଲିଓନାର୍ଡ ? I mean, ଈଶ୍ୱରଙ୍କ ଦରବାରରେ ?

ବର୍ତ୍ତମାନ ଆଉ କୌଣସି ପ୍ରଶ୍ନର ଉତ୍ତର ଦେବା ଅବସ୍ଥାରେ ମୁଁ ନାହିଁ । ଆଚ୍ଛା ଚାଲିଲି, ବିଦାୟ । ତମ ପାଖରେ ଚିର କୃତଜ୍ଞ ରହିବି ମୁଁ ।

ଶୁଣ । ଅପରାଧ ତମେ କରିଚ ସାବାନା ପ୍ରତି । ମୋ ଠାରେ

କ ଈଶ୍ୱରଙ୍କ ପାଖରେ ମଧ ନୁହେଁ । ଯିବା ଆଗରୁ ତା'ର ପାଦ ତଳେ ଥରେ ମଥା ରଖି କ୍ଷମା ମାଗି ଯାଅ ଲିଓନାର୍ଡ ।

ଅଗତ୍ୟା, ସାବାନାର ପାଦ ତଳେ ଦୁଇ ହାତ ଯୋଡ଼ି ମଥା ରଖିଚ ଲିଓନାର୍ଡ । କ୍ଷମାକର, ମୋତେ କ୍ଷମା କର ଦଅ ସାବାନା···

ଫଜସ୍ତର ହାତ ଉଠିଗଲା ଉପରକୁ, ଖୁବ୍ ଜୋର୍‌ରେ ଟାଙ୍ଗିଆ ପଡ଼ିଲା ଲିଓନାର୍ଡ ବେକରେ, ଦୁଇ ଭାଗ ହୋଇଗଲା ଦେହ, ମଥା ଛିଟିକି ଗଲା ଦୂରକୁ, ରକ୍ତାକ୍ତ କବନ୍ଧର ବିଭତ୍ସ ନୃତ୍ୟ ସାବାନାର ପାଦ ତଳେ, ଉଭୟଙ୍କ ଶବ-ଦେହ ମଝିରେ ଟାଙ୍ଗିଆଟା ଫିଙ୍ଗି ଦେଲା ଫଜସ୍ତୁ । ଏଥର ନିର୍ଭୟରେ ଶୋଇ ରହ ସାବାନା, ଫାଦର ଲିଓନାର୍ଡ ମଲେଚ, ଆଉ କେହି ନାହିଁ ତମ ନିଦରେ ବ୍ୟାଘାତ ଘଟେଇବାକୁ···

ତୃତୀୟ ଘଣ୍ଟା ବାଜି ସାରିଚ କେତେବେଳୁ । ଚିନ୍ତିତ ଷ୍ଟେସନ ମାଷ୍ଟର ଠିଆ ହୋଇଚନ୍ତି ଇଂଜିନ ପାଖରେ । ଅପେକ୍ଷମାଣ ଫାୟାର ମ୍ୟାନ୍ ବେଲଚ୍ଚ ମାରି ଚାଲିଚ । ଧକ୍ ଧକ୍ ଜଳୁଚ ଫର୍ଣ୍ଣେସ । ଫଜସ୍ତୁ ହୁଏତ ଆଜି ଆଉ ଆସିବନି ମନେ କରି, ଆଉ କୋଉ ଡ୍ରାଇଭରକୁ ଡାକବେ, ଭାବୁଥିଲେ ଷ୍ଟେସନ ମାଷ୍ଟର ବାବୁ । ଲୋଡ଼ିଂ ଗାଡ଼ି ଆଉ କେତେବେଳ ପଡ଼ି ରହିବ ? ବର୍ଷାଟା ଛାଡ଼ି ଆସି ଥିଲେ ବି ଅଳ୍ପ ଅଳ୍ପ ପଡୁଥିଲା । ବର୍ଷାତି ପକେଟରେ ହାତ ପୁରାଇ ଏଣିକି ତେଣିକି ଚାହୁଁଥିଲେ ସେ । ସେଁ ସେଁ ଶବ୍ଦ କରୁଚ ଇଂଜିନ । ପ୍ଲାଟଫର୍ମରେ କାଁ ଭାଁ ଜଣେ ଦି'ଜଣ ଷ୍ଟାଫ ।

ଫଜସ୍ତୁ ସେଠାରୁ ଯାଇ ସିଧା ପହଞ୍ଚିଲା ଷ୍ଟେସନରେ । ଆରେ

ଫଜଲୁ ଯେ ! ଷ୍ଟେସନ ମାଷ୍ଟର ମନ ଭିତରର ଶରଙ୍କ ଗୁପି ହସ ଫୁଟେଇଲେ ମୁହଁରେ, ମୁଁ ଭାବିଥିଲି ତମେ ହୁଏତ ଆଜି···

କିଛି ଡେରି ହେଇନ, ଠିକ୍ ମେକ୍‌ଅପ୍ ହେଇଯିବ । ଇଂଜିନ ଭିତରକୁ ଲମ୍ଫ ଦେଇ ଉଠିଗଲା ଫଜଲୁ, ମାର୍ ଶଲା ବେଲ୍‌ଚା, ହୁଁଃ, ଜୋର୍‌ସେ !! ଚେନ୍ ଟାଣବେ···

ଭୁଁ କରି ହୁଇସିଲ ମାରିଲା ଇଂଜିନ । ଷ୍ଟାର୍ଟ ଦେଇଚି ଫଜଲୁ । ଭୁସ୍ ଭୁସ୍ ହେଇ ଇଂଜିନଟା ଛୁଟିଲା ଆଗକୁ, ପ୍ଲାଟଫର୍ମ ଉପରେ ତଳ ପାଇପ୍‌ରୁ ବେଶ୍ ମେଞ୍ଚାଏ ଧୂଆଁ ଛାଡ଼ିଦେଇ । ତା' ପଛକୁ ଧାଡ଼ି ଧାଡ଼ି ୱାଗନ ଝଣ ଝଣ ଶବ୍ଦରେ ଗଡ଼ି ଚାଲିଲେ, ଆଉ ଖୁବ୍ ଅଳ୍ପ ସମୟ ଭିତରେ ଅତିକ୍ରମ କରିଗଲେ ଡିସଷ୍ଟାଣ୍ଟ ସିଗ୍‌ନାଲ୍ । କାବା ହେଇ ଅନେଇଥାନ୍ତି ଷ୍ଟେସନ ମାଷ୍ଟର !!!

ଲାଇନ ଗୁଡ଼ିକ ଡେଇଁ ଡେଇଁ ଆର ପାଖରୁ ଧାଇଁ ଆସୁଛି ପଏଣ୍ଟସ୍‌ମ୍ୟାନ୍ । ଚିତ୍କାର କରୁଚି, ରଙ୍ଗ୍ ଲାଇନ୍, ରଙ୍ଗ୍ ଲାଇନ୍‌ରେ ଗାଡ଼ି ଯାଉଚି ସାହେବ ।

ରଙ୍ଗ୍ ଲାଇନ୍ ! ବିଜୁଳୀର କରେଣ୍ଟ ମାରିଲା ପରି ଚମକି ଉଠିଲେ ଷ୍ଟେସନ ମାଷ୍ଟର । ଚାହିଁ ଦେଖିଲେ, ହଁ, ରଙ୍ଗ୍ ଲାଇନ୍‌ରେଇ ଯାଇଚି । ଦୁଇଟି ଲାଇନ୍‌ରୁ ଗୋଟିକରେ ଆସେ, ଅନ୍ୟଟିରେ ଯାଏ ଗାଡ଼ି ସବୁ । ଡାଉନ୍ ଗାଡ଼ି ଅପ୍ ଲାଇନ୍‌ରେ ଯାଉଛି, ଅ-ନେ-କ ଦୂର ଆଗେଇ ଗଲାଣି, ଚକ୍ ଚକ୍ କରୁଛି ଲାଇନ୍ ଦୁଇଟି ଆଗରେ ପ୍ରଲମ୍ବ ସରୀସୃପ ପରି, ଅପ୍ ଲାଇନ୍ ଉପରେ ଦିଶୁଚି ଶେଷ ଡବାର ଲାଲ ଆଲୋକଟି···

ମୁଁ ପଏଣ୍ଟ ମାରିବା ଆଗରୁ ଗାଡ଼ି ଛାଡ଼ି ଦେଲା ଆଜ୍ଞା । ମୁଁ ତ···

ତା' ସଫେଇ ଶୁଣିବାକୁ ସମୟ ନ ଥିଲା ଷ୍ଟେସନ ମାଷ୍ଟର ବାବୁଙ୍କର । ପାଟି କରି ଡାକିଲେ, ଇଂଜିନ ଟ୍ରଲିଟା ବାହାର କର

ଶୀଘ୍ର, ଦୁସ୍ରା ଲାଇନ୍‌ରେ ତାକୁ କ୍ରସ କରି ଆଗକୁ ଯାଇ ନାଲି ପତାକା ଦେଖାଅ, ଆବେ ଶୀଘ୍ର ବାହାର କରବେ···

ବ୍ୟସ୍ତ ହୋଇ ଉଠିଲେ ସମସ୍ତେ । ଟ୍ରଲି ଅଣାଗଲା । ଷ୍ଟେସନ ମାଷ୍ଟର ଅନ୍ୟମାନଙ୍କ ସାଙ୍ଗରେ ନିଜେ ବି ଯାଇ ବସିଲେ । ଶୀଘ୍ର ଷ୍ଟାର୍ଟମାର । ପୁରା ସ୍ପିଡ୍ ଦିଅ । ଖୁବ୍ ସ୍ପିଡ୍‌ରେ ଯାଉଚି, ତାକୁ କ୍ରସ୍ କରିବାକୁ ହବ । ରୁହ, ରୁହ, ଆବେ ପତ୍ରକା କାହିଁ ? ଅନେଇଚୁ କ'ଣ ବେ ? ଆରେ ଭୁତ, ଧାଁ···ନେଇଆ । ରୁହ, ରୁହ, ଆଣ୍ ବେ ଜଲ୍‌ଦି, ଦଉଡ଼ିଆ' । ଉଠ୍, ଉଠିଆବେ, ଭୁତ କାହାଁକା । ହୁଁ ହୁଁ, ମାର ଷ୍ଟାର୍ଟ । ଛାଡ଼ ଏବେ··

ଷ୍ଟାର୍ଟ ନେଲା, କିନ୍ତୁ ଚାଲିଲା ନାହିଁ ଟ୍ରଲି । ଟେଁ ଫଟ୍ ଫଟ୍ ଆୱାଜ । ଅଟକି ଗଲା ସେଇଠି । ଆଉ ଚାଲିଲାନି । ସେଇଠି ସେତିକିରେ ଶେଷ ହୋଇଗଲା ତା'ର ଭୂମିକା ।

ନାଟକର ଶେଷ ଅଙ୍କର ସର୍ବ ଶେଷ ଦୃଶ୍ୟ ସରିବାକୁ ଆହୁରି କିନ୍ତୁ କିଛି ବାକି ରହିଥିଲା । ଟ୍ରଲି ଛାଡ଼ି ଷ୍ଟେସନ ମାଷ୍ଟର ଧାଇଁଗଲେ ପ୍ଲାଟଫର୍ମକୁ । ଅଫିସ ଭିତରେ ପଶି ଆଗ ଷ୍ଟେସନକୁ ରିସିଭର ଉଠେଇଲେ, ହ୍ୟାଲୋ, ହ୍ୟାଲୋ, ହଁ ମୁଁ କହୁଚି, ଷ୍ଟେସନ ମାଷ୍ଟର ଚମ୍ପକା । ଦେଖ, ରଙ୍ଗ୍ ଲାଇନ୍‌ରେ ଏଠୁ ଆମ ଗାଡ଼ି ଚାଲି ଯାଇଛି । ସେ ଆଡୁ ଆସି ଅପ୍ ଲାଇନ୍‌ରେ ଯଦି ଅନ୍ୟ ଗାଡ଼ିଟା ଥାଏ, ତାକୁ ଛାଡ଼ ନାହିଁ, ବ୍ରେକ ଦିଅ । ଏକ୍‌ସିଡେଣ୍ଟ ହୋଇଯିବ !

କିନ୍ତୁ ଉତ୍ତର ଶୁଣି ଆର୍ତ୍ତନାଦ କରି ଉଠିଲେ ସେ । ରିସିଭର ଖସି ପଡ଼ିଲା ହାତରୁ । ମଥାରେ ହାତ ଦେଇ ଷ୍ଟେସନ ମାଷ୍ଟର ବାବୁ ଧୁମ୍ କରି ବସି ପଡ଼ିଲେ ସେଇଠି !!!

ଫୁଲ୍ ସ୍ପିଡ୍‌ରେ ଗାଡ଼ି ଛୁଟେଇଛି ଫଜଲୁ । ଲାଇନ୍ ଦୁଇପାଖର ଗଛପତ୍ର ଟେଲିଫୋନ୍ ସ୍ତମ୍ଭ, ମାଇଲ ଖୁଣ୍ଟି, ସବୁ କିଛି ଯେପରି ବେଗବାଜୀ ପରି ମିଳାଇ ଯାଉଛି ପ୍ରତିଟି ମୁହୂର୍ତ୍ତ ପରେ । ସରସର

ସବୁ ପ୍ରଲମ୍ବ ଲାଇନ୍ ଉପରେ ଚକ୍ ଚକ୍ କରୁଛି ଉଜ୍ଜ୍ୱଳ ଆଲୋକର ରଶ୍ମି-ରେଖା ।

ଫାୟାର ମ୍ୟାନ୍ କହିଲା ଟିକିଏ ସାବଧାନ ହୋଇ, ଆଜି ଏ ଲାଇନ୍‌ରେ କାହିଁକି ପଏଣ୍ଟ ଦିଆ ହେଲା···

ବେଳେ ବେଳେ ଦିଆଯାଏ । ସେ ଲାଇନ୍ ରିପେୟାର ହେଉଥିବ । ମାର୍, ମାର୍ ତୁ ବେଲ୍ଚା ; ହାତ ଚଲା···

ଇଂଜିନଟା ଭାରି ଢୁଲୁଢୁଳ ବାବୁ ; ଟିକିଏ କମ୍ କରିଦେଲେ···

ଚୁପ୍ ବେ, ବକ୍ ବକ୍ କରନା । ଏଇଥିପାଇଁ ମୁଁ କଲେ ବେଲ୍ଚା ମାରେ ପଛେ, ଏ ଶଳା ଫାୟାର ମ୍ୟାନ୍ ଗୁଡ଼ାକୁ ନିଏ ନାହିଁ !

ନାହିଁ ଆଜ୍ଞା, ମୁଁ···

ତୋତେ କିଏ କହିଲା ବେ ମୋ ଇଂଜିନ୍‌ରେ ଉଠିବାକୁ ? ଶଳା ନୂଆ ଭୁଆ··· ! ତୁ ଜାଣୁ, ମୋର ଫାୟାର ମ୍ୟାନ୍ ଦରକାର ହୁଏନା ।

ମୁଁ ତ ଟ୍ରାନ୍‌ସଫର ହୋଇ ଆସିଚି ଦି'ମାସ ହେଲା ଦୋଓସାଇ ମାଇନ୍‌ସରୁ । ନୂଆ ଲୋକ । ଆଜିଯାଏ ସେ ଆର ଡ୍ରାଇଭର ବାବୁ···ସେଇ ଯେ ରମ୍‌ଜାନ୍ ବାବୁ, ତାଙ୍କ ପାଖରେ ଥିଲି । ସିଏ ଗଲେ ଛୁଟିରେ, ଆପଣଙ୍କ ସିଫ୍‌ଟରେ ଦିଆ ହେଲି ମୋତେ । କ'ଣ କରିବି···

ବେଶ୍ ବେଶ୍, ଚୁପ୍ କର । ଆଉ କେବେ ମୋ ଇଂଜିନ୍‌ରେ ଉଠିବୁନି । ଗାଡ଼ି ଚାଲିଲା ବେଳେ ଡ୍ରାଇଭର ସାଙ୍ଗରେ କଥା କହିବାର ନୁହେଁ ; ଏଟା ଶିଖ୍ !

ଗୋଟାଏ ମସ୍ତବଡ ଟର୍ନିଂ ଅତି ଶିଘ୍ର ଅତିକ୍ରମ କରି ବାଁ ଆଡ଼କୁ ମୁହଁ ମୋଡ଼ିଲା ଇଂଜିନ୍, ଆଉ ଦୂରରେ ଦେଖା ଗଲା, ଆଗେଇ ଆସୁଚି ଆଉ ଗୋଟିଏ ଗାଡ଼ି ! ମୁହୂର୍ମୁହୁ ହୁଇସିଲ ! କିଛି କ୍ଷଣ ପରେ

ଚ଼ିତ୍କାର କରି ଉଠିଲେ ଉଭୟେ, ଫଜଲ୍ଟ ଆଉ ତା' ଫାୟାର ମ୍ୟାନ୍ !
ନାଁ, ଆର ଲାଇନ୍‌ରେ ନୁହେଁ ; ଏଇ ଲାଇନ୍ ଉପରେଇ ମାଡ଼ି ଆସୁଚି
ଗାଡ଼ିଟା । ଦୁରନ୍ତ ବେଗରେ ଧାଇଁ ଆସୁଚି ।

ଏ କଣ ହେଲା ? ଫଜଲ୍ଟ ତା'ର ଭୁଲ୍ ବୁଝି ପାରିଚି ।
ଷଏଣ୍ଟସ୍ ମ୍ୟାନ୍...

ମୁଁ ତ ସେଇଆ କହୁଥିଲି ଆଜ୍ଞା...ଫାୟାର ମ୍ୟାନ୍ ଆତଙ୍କରେ
ଅଣ-ନିଃଶ୍ୱାସୀ ହୋଇ ପଡ଼ିଲାଣି !

ଇମର୍ଜେନ୍‌ସୀ ବ୍ରେକ୍ ମାରିଲା ଫଜଲ୍ଟ । ବାରମ୍ବାର ମାରିଲା ।
କାହିଁ ? ବ୍ରେକ ଫେଲ୍ କରୁଚି । ପାଟି କରି କହିଲା, ତୁ ଡେଇଁପଡ଼ ।
ଡେଇଁବାର କାଇଦା ଜାଣୁ ତ ?

ମାଡ଼ି ଆସୁଚି ମୂର୍ତ୍ତିମାନ୍ ବିଭୀଷିକା ପରି ଆର ଇଂଜିନ୍‌ଟା !

ଜାଣେ ବାବୁ, ହେଲେ ଏତେ ସ୍ପିଡ୍‌ରେ...

ଆବେ ଗୋଡ଼ହାତ ଭାଙ୍ଗୁ ପଛେ, ପ୍ରାଣଟା ତୋର ବଞ୍ଚିଯାଇ
ପାରେ ତ । ମାର୍‌ବେ, ମାର୍ ଶଳା ଟିଲା... । ନ ହେଲେ
ଧକେ ପକେଇବି ଏଇନେ...

ଆଉ ..ଆଉ, ଆପଣ ?

ମୋ କଥା ମୁଁ ଜାଣେ । ମାର୍ ତୁ...

ପ୍ରାଣ ବଳରେ ଡେଇଁ ପଡ଼ିଲା ଫାୟାର ମ୍ୟାନ । ସେତେବେଳକୁ
ଏକ-ଚକ୍ଷୁ ଦୈତ୍ୟ ପରି ଆଗଆଡ଼୍ ଭୟଙ୍କର ବେଗରେ ଛୁଟି ଆସୁଥିବା
ଇଂଜିନ୍‌ଟା ଖୁବ୍ ନିକଟବର୍ତ୍ତୀ... । ସେ ବି ବୋଧହୁଏ ସ୍ପିଡ୍
କଂଟ୍ରୋଲ କରି ପାରୁନି । ମନକୁ ମନ ହସି ଉଠିଲା ଫଜଲ୍ଟ !
ହୁଁ, ମୁଁ ଡେଇଁପଡ଼ି ପଳାଇବି, ଆଉ ଇଂଜିନ୍ ଚୂର୍‌ମାର୍ ହୋଇଯିବ
ମୋ'ରି ଆଗରେ ! କେତେ ମୁର୍‌ଦାର୍ ଇଂଜିନ୍‌କୁ ଜୀବନ୍ୟାସ

ଦେଇଛି, କେତେ ଅଚଳ ଇଂଜିନ୍‌କୁ ଇଏ ଚଳେଇଚି, ଇମିତି କେତେ ଅକର୍ମା ଯନ୍ତ୍ର ଏଇ ହାତର ମନ୍ତ୍ରରେ ଜୀଇ ଉଠିଚନ୍ତି ; ସେଇ ହାତ ଥାଉ ଥାଉ ସଜୟ ଦେଖିବ ତା' ଆଖି ଆଗରେ ଢ' ଢ'ଟା ଇଂଜିନ୍‌ର ଅପମୃତ୍ୟୁ ? ନେଭର୍ ! ମୁଁ ଅଲବତ୍ ଏଇ ଏକ୍‌ସିଡେଣ୍ଟ ରୋକିବି, ଯାନ୍ତ୍ରିକ ସଜୟର ଯନ୍ତ୍ରହିଁ ତ ଜୀବନ । ଯନ୍ତ୍ର ସାଙ୍ଗରେ ମିଶି ମିଶି ନିଜେଇ ଗୋଟାଏ ଯନ୍ତ୍ର ହେଇ ଯାଇଚି ଯେ, ସେ ଦେଖିବ ତା'ରି ଦୁଇଟି ସ୍ୱଜାତିର···ନା ନା ନା, ତା' ହେଇ ପାରେନା, ତା' ମୁଁ କରିବାକୁ ଦେବିନି । ଶରୀରର ସମସ୍ତ ଶକ୍ତି ପ୍ରୟୋଗ କରି ପୁଣି ବ୍ରେକ୍ ମାରିଲା ସଜୟ, ଏଇ ତା'ର ଶେଷ ଚେଷ୍ଟା । ସାମ୍ନା ଗାଡ଼ିର ହେଡ୍ ଲାଇଟ୍ ପଡ଼ୁଚି ମୁହଁରେ । ଫର୍ନେସର ଦାଉ ଦାଉ ନିଆଁ ଧାସରେ ଗମ୍ ଗମ୍ ଝାଳ । ସୁଦୃଢ଼ ବଳିଷ୍ଠ ମାଂସ-ପେଶୀ ଫୁଲି ଫୁଲି ଉଠୁଚି···ପ୍ରାଣ ପଣେ ବ୍ରେକ୍ ମାରୁଚି ଆଉ ହୁଇସିଲ୍ ଦେଇ ଚାଲିଚି ସେ ।

କମି ଆସୁଚି ପ୍ରତିଟି ମୁହୂର୍ତ୍ତରେ ଉଭୟ ଇଂଜିନ୍‌ର ଦୂରତ୍ୱ ? ନାଃ, ହେବନି···ଭ୍ୟାକୁମ୍ ବିଗିଡ଼ିଚି···ବ୍ରେକ୍ ଧରିବ ନାହିଁ···ସ୍ଥିର ଆଉ ଶାନ୍ତ ହେଇଗଲେ ସଜୟ, ନିଶ୍ଚଳ ଏକ ପ୍ରତିମୂର୍ତ୍ତି ପରି ଠିଆ ହେଇ ରହିଲା । ସିଗାରେଟ୍ ବାହାର କରି ଚୁପି ଧରିଲା ଓଠରେ··· ନିଆଁ ଧରେଇ, ଖୁବ୍ ଲମ୍ବା ଟାଣ ଦେଇ ଧୂଆଁ ଛାଡ଼ିବାକୁ ଲାଗିଲା ବାରମ୍ବାର··· । ମୃତ୍ୟୁର ଅପେକ୍ଷାରେ ରହିଥିବା ସୌମ୍ୟ-ସୁଶାନ୍ତ ସେଇ ମୁହଁରେ ଫୁଟି ଉଠିଚି ଅଳ୍ପ ଟିକିଏ ହସ, ଆଉ ତା'ପରେ··· ପ୍ରଚଣ୍ଡ ଏକ ସଂଘର୍ଷ ! କକ୍ଷଚ୍ୟୁତ ଦୁଇଟି ବେଗବାନ ଉଲ୍‌କା ଉଦ୍ଦାମ ଗତିରେ ଧାଇଁ ଆସି ପରସ୍ପରକୁ ଚୂର୍ଣ୍ଣ-ବିଚୂର୍ଣ୍ଣ କରିବା ପାଇଁ ଆଘାତ ଦେଲେ ଯେପରି ! ମନେ ହେଲା, ଏକ ସଙ୍ଗେ ଫୁଟି ଉଠିଲେ ଅନେକ ବିସ୍ଫୋରକ ! ସତେ ଅବା, ଭୂମିକମ୍ପର

ସ୍ଥଳସ୍ଥ-ଦାବାଗ୍ନି ହଠାତ୍ ଏଇଠି ଉପରକୁ ଉତ୍କ୍ଷିପ୍ତ ହୋଇ ଉଠି କଳା ସ୍ଲେଟର ଆକାଶକୁ ଲାଲ୍ କରଦେଲା କିଛି ସମୟ ପାଇଁ !!

* * * *

ଚମକି ପଡ଼ି ନିଦ ଭାଙ୍ଗିଗଲା ଦୀପକ ଚୌଧୁରୀର । ଆଖି ମଳି ଚାହିଁଲା । ସେଇ ଭଙ୍ଗା ଆର୍ମି-ଚେଆର୍‌ରେ ବସିଛି ସେ ଗେଷ୍ଟ୍ ହାଉସ ବାରନ୍ଦାରେ । କେଉଁଠୁ କୁଆଡ଼େ ନାହିଁ । କୃଷ୍ଣ ପକ୍ଷର ଚତୁର୍ଥୀ-ତିଥି ଚନ୍ଦ୍ର ଧୀରେ ଧୀରେ ମଥା ଟେକୁଛି ଅରଣ୍ୟ ଆଉ ଦିଗ୍‌ବଳୟର ଶେଷ ସୀମା-ରେଖାରେ । ଅନେକ ତଳେ ଚକ୍‌ଚକ୍ କରୁଛି ଚମ୍ବଲ୍‌ର ରୂପେଲି ଧାର । ବଣ ଉହାଡ଼ରେ ଭୁଙ୍କି ମାରୁଥିବା ଜନ-ମାନବଶୂନ୍ୟ ଚର୍ଚ୍ଚ ବିଲ୍‌ଡ଼ିଂ ଅସ୍ପଷ୍ଟ ଦିଶୁଛି ଏଠାରୁ । ପାହାଡ଼ୀ ପବନର ସନ୍ ସନ୍ ଶବ୍ଦରେ ମନେ ହେଉଛି ସତେ ଅବା ଏବେ ବି ସେଇଠି ଲୁଚି ରହି ତାକୁ ସେଇ ଆଡ଼କୁ ଯିବାପାଇଁ ହାତଠାରି ଡାକୁଛି ସାବିନାର ବିଦେହୀ ପ୍ରେତାତ୍ମା, ଆସ···ଆସ···ଏଆଡ଼େ ଆସ ଦୀପକ ଚୌଧୁରୀ, ଆହୁରି କିଛି ଅନୁଦ୍‌ଘାଟିତ ରହସ୍ୟ ମୁଁ ଦେଖାଇବି ତୁମକୁ···ଆହୁରି ବି ଅଛି······

## ରଜଶ୍ରୀ ପକେଟ ବୁକ୍‌ସର ପୁସ୍ତକାବଳୀ


୧ – କିଏ କାନ୍ଦେ ?

୨ – ସେଇ ଝିଅଟି

୩ – ବିଚିତ୍ରବର୍ଣ୍ଣା

୪ – ତୃଷ୍ଣାର୍ତ୍ତ ନୟନ


ରଜଶ୍ରୀ ପକେଟ୍ ବୁକ୍‌ସ ର

## ପରବର୍ତ୍ତୀ ଆକର୍ଷଣ

ଶ୍ରୀ କସ୍ତୁରି ଚରଣ ଦାସଙ୍କର

# ଗୋପନଚାରିଣୀ

(ଏକ ଭିନ୍ନ ସ୍ୱାଦର ଉପନ୍ୟାସ)

• • •

ମନେ ପଡ଼ୁଛି ଦୀପକ ?

ସେଦିନ ଅଦାଲତରେ ଉଠିଥିଲା ଗୁଞ୍ଜନ ।

ହତ୍ୟାକାରୀର ମୋଟିଭ୍ ସମ୍ବନ୍ଧରେ ପୋଲିସ ରିପୋର୍ଟ ଅନୁଯାୟୀ ‘ପ୍ରଥମେ ସେ ସାବୀନାପ୍ରତି ପାଶବିକ ଅତ୍ୟାଚାର କରିବାକୁ ଚେଷ୍ଟା କରିଥିଲା, ସାବୀନା ଚିତ୍କାର କରି ଉଠିବା'ରୁ ତା'ର ଗଳା ଚିପି ଧରିଲା, ଯାହା ଫଳରେ କ୍ରିଷ୍ଟିର ମୃତ୍ୟୁ ହୋଇଛି । ଅନ୍ୟ କୋଠରୀରୁ ରେଭେରେଣ୍ଡ ଧାଇଁ ଆସିଥିଲେ ସାବୀନାର ଚିତ୍କାର ଶୁଣି । ଫାଶୀ ସାହାଯ୍ୟରେ ତାଙ୍କୁ ମଧ୍ୟ ହତ୍ୟା କରିଛି ଦୀପକ ଚୌଧୁରୀ ।’

କେହି ତମକୁ ବୁଝିଲେନି, କେହି ତମକୁ ବିଶ୍ୱାସ କରୁନାହାନ୍ତି, ଘୃଣ୍ୟ ଅପରାଧୀ ତମେ, ନରହନ୍ତା ଦୀପକ ଚୌଧୁରୀ !

ଚିତ୍କାର କରି କରି କହୁଥିଲ, ମୁଁ ମାରିନି ! ମୁଁ ସେମାନଙ୍କୁ ମାରିନି ।

କିଏ ତମର ସାକ୍ଷୀ ? କ'ଣ ତମର ଏଲିବି ? କୌଣସି ପ୍ରମାଣ ?

ନା, କେହି ନାହାନ୍ତି, କୌଣସି ପ୍ରମାଣ ନାହିଁ । ଆତ୍ମପକ୍ଷ ସମର୍ଥନ କରି କିଛି କହି ପାରିଲନି ତମେ । ଖାଲି ଚିତ୍କାର କରି ଗଲିଲ ପାଗଲ ପରି, ମାରିନି···ମୁଁ ମାରିନି···ମୁଁ କହୁଚି ମୁଁ ମାରିନି···

ସବୁ ଆସାମୀ ଏହିପରି କୁହନ୍ତି, ଏଇ ପରି କହନ୍ତି ; ଏମିତି ଅଭିନୟ କରନ୍ତି । କିଏ ବିଶ୍ୱାସ କରିବ ତମ କଥା ? ଦର୍ଶକମାନଙ୍କ ବିଦ୍ରୂପ ଆଉ ଧିକ୍କାରର ଗୁଞ୍ଜନକୁ ଶାନ୍ତ କରିଥିଲେ ବିଚାରପତି ଟେବୁଲ ଉପରେ ହାତୁଡ଼ି ବାଡ଼େଇ, ଅର୍ଡର···ଅର୍ଡର···